# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୪/୨୦୨୦ (୨୦ ପୃଷ୍ଠା) | Bhubaneswar, Tuesday, February 4/2020 | ★★★★★★

୪୬ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ଦୌଡ଼ରେ ଦୂତୀ**

ବିବିସିର ସର୍ବପ୍ରଥମ ଭାରତୀୟ 'ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର' ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି ଓଡ଼ିଶାର ଦୂତୀ ଚାନ୍ଦ। ୧୯

୦୨ **ଆୟୁଷ୍ମାନଙ୍କ ଇମୋଶନାଲ ପୋଷ୍ଟ**

ସମଲିଙ୍ଗୀ ସମ୍ପର୍କିତ ଫିଲ୍ମ 'ଶୁଭ ମଙ୍ଗଳ ଜ୍ୟାଦା ସାବଧାନ'ର ଟ୍ରେଲର୍ ରିଲିଜ୍ ହେବା ପରେ ଅଭିନେତା ଆୟୁଷ୍ମାନ ଖୁରାନା ଏକ ଇମୋଶନାଲ ନୋଟ୍ ଶେୟାର କରିଛନ୍ତି।



# ଜୈବିକ ଯୁଦ୍ଧାସ୍ତ୍ରରୁ 'କରୋନା'

**ନୂଆଦିଲ୍ଲୀ,୩।୨(ଆଇଏଏନ୍ଏସ୍)**

ପ୍ରାଣୀଠାରୁ ସୃଷ୍ଟ ବୋଲି କୁହାଯାଉଥିବା ମାରାତ୍ମକ କରୋନା ଭୂତାଣୁ ସାରା ବିଶ୍ୱରେ ଆତଙ୍କ ଖେଳାଇ ଦେଇଛି। ଏହାର କେନ୍ଦ୍ରସ୍ଥଳ କୁହାଯାଉଥିବା ଚାଇନାର ଉହାନ ସହରକୁ ନେଇ ଏବେ ଏକ ନୂଆ ତଥ୍ୟ ପଦାକୁ ଆସିଛି। ଯେଉଁଠାରୁ ଏହି ଭୂତାଣୁ ବ୍ୟାପିଛି, ସେଠାରେ ଗୋପନରେ ଚାଇନା ଜୈବିକ ଯୁଦ୍ଧାସ୍ତ୍ର କାର୍ଯ୍ୟକ୍ରମ ଚଳାଇଥିଲା। ସେହି ଗବେଷଣାଗାରରୁ ଉକ୍ତ ଭୂତାଣୁ ବାହାରି ଆସିଥିବା ସନ୍ଦେହ କରାଯାଉଛି। ଇସ୍ରାଏଲ୍‌ର ଜଣେ ଜୈବଅସ୍ତ୍ର ବିଶେଷଜ୍ଞଙ୍କ ସୂଚନାକୁ ଆଧାର କରି ଏକ ବୈଦେଶିକ ଗଣମାଧ୍ୟମ ଏହା ପ୍ରକାଶ କରିଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ରେଡିଓ ଫ୍ରି ଏସିଆ ଗତ ସପ୍ତାହରେ ଉହାନ ଟେଲିଭିଜନର ୨୦୧୫ ରିପୋର୍ଟକୁ ପୁନଃପ୍ରସାରଣ କରିଥିଲା। ଚାଇନାର ଅତ୍ୟାଧୁନିକ ଭୂତାଣୁ ଗବେଷଣା ଲାବରେଟୋରୀ 'ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି' ଏଥିରେ ପ୍ରଦର୍ଶିତ ହୋଇଥିଲା। ଚାଇନାରେ ମାରାତ୍ମକ ଭୂତାଣୁ ଉପରେ କାର୍ଯ୍ୟ କରିବା ପାଇଁ ଏହା ଏକମାତ୍ର ସକ୍ଷମ ଗବେଷଣାଗାର ଘୋଷିତ ହୋଇଛି। ସେଠାର ଜୈବିକ ଯୁଦ୍ଧାସ୍ତ୍ର ସମ୍ପର୍କରେ ଅଧ୍ୟୟନ କରିଥିବା ଇସ୍ରାଏଲ ସୈନ୍ୟବାହିନୀର ପୂର୍ବତନ ଗୋଇନ୍ଦା ଅଧିକାରୀ ଡାନି ଶୋହମ୍‌ଙ୍କ କହିବା ଅନୁଯାୟୀ, ଉକ୍ତ ଅନୁଷ୍ଠାନ ସହ ବେଜିଂର ଗୋପନ ଜୈବିକ ଯୁଦ୍ଧାସ୍ତ୍ର କାର୍ଯ୍ୟକ୍ରମର ସମ୍ପର୍କ ରହିଛି। ଉକ୍ତ ଅନୁଷ୍ଠାନର କେତେକ ଲାବ୍‌ରେ ଜୈବିକ ଯୁଦ୍ଧାସ୍ତ୍ରର ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ଚାଲିଥିଲା ବୋଲି ଶୋହମ୍ ୱାଶିଂଟନ ଟାଇମ୍ସକୁ କହିଛନ୍ତି। ଇସ୍ରାଏଲ ସୈନ୍ୟବାହିନୀରେ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପାହ୍ୟା ପଦବୀରେ ଥିବା ଶୋହମ୍ ୧୯୭୦ରୁ ୧୯୯୧ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ବିଶ୍ୱରେ ଜୈବ ଓ ରସାୟନ ଯୁଦ୍ଧାସ୍ତ୍ର ସମ୍ପର୍କରେ ଗୋଇନ୍ଦା ଅନୁଧ୍ୟାନ ଚଳାଇଥିଲେ। ଚାଇନା ଜୈବିକ ଯୁଦ୍ଧାସ୍ତ୍ର ଖବରକୁ ଅସ୍ୱୀକାର କରିଆସିଛି। ତେବେ ବେଜିଂ ଗୋପନ ଜୈବଅସ୍ତ୍ର କାର୍ଯ୍ୟରେ ସମ୍ପୃକ୍ତ ଥିବା ଗତବର୍ଷ ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଥିଲା।

ଚାଇନାର ହୁବେଇ ପ୍ରଦେଶରୁ କରୋନା ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଥିଲାବେଳେ ଏହା କେଉଁଠୁ ସୃଷ୍ଟି ହେଲା ତାହା ଜଣାପଡି ନ ଥିବା ବେଜିଂ କହିଆସୁଛି। ଉହାନର ଏକ ସାମୁଦ୍ରିକ ଖାଦ୍ୟ ବଜାରରେ ବିକ୍ରି ହେଉଥିବା ବନ୍ୟପ୍ରାଣୀଠାରୁ ଏହି ଭୂତାଣୁ ସୃଷ୍ଟି ହୋଇଥିବା ପ୍ରାଥମିକ ସୂଚନା ମିଳିଛି ବୋଲି ଚାଇନାର ରୋଗ ନିୟନ୍ତ୍ରଣ ଓ ପ୍ରତିକାର କେନ୍ଦ୍ରର ନିର୍ଦ୍ଦେଶକ ଗାଓ ଫୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଜୈବିକ ଯୁଦ୍ଧାସ୍ତ୍ର ପ୍ରସାରଣ ପାଇଁ ଏହା ଆମେରିକା ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ଚାଇନା ଇଣ୍ଟରନେଟ ମାଧ୍ୟମରେ ମିଥ୍ୟା ଗୁଜବ ପ୍ରସାର କରୁଥିବାରୁ ଏହା ସନ୍ଦେହ ଘେରକୁ ଆସିଛି ବୋଲି ଆମେରିକାର ଜଣେ ଅଧିକାରୀ କହିଛନ୍ତି। ଉହାନ ଲାବରେଟୋରିରୁ କରୋନା ଭୂତାଣୁ ସଂକ୍ରମିତ ହୋଇଥିବା ଅଭିଯୋଗ ଆସିଲେ, ତାକୁ ପ୍ରତିହତ କରିବା ଲାଗି ଏହା ଚାଇନାର ଯୋଜନାବଦ୍ଧ ପ୍ରସ୍ତୁତି ବୋଲି ସେ କହିଛନ୍ତି।

ଚାଇନାରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୩୬୧ରେ ପହଞ୍ଚିଥିବାବେଳେ ୧୭,୨୦୫ ଜଣ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁ ଭାରତ ସମେତ ୨୫ଟି ଦେଶକୁ ବ୍ୟାପିଲାଣି। ଆମେରିକା ସେଠାକୁ ଯାତାୟାତରେ କଟକଣା ଲଗାଇବା ସହ ନିଜ ନାଗରିକ ଓ କୂଟନୀତିଜ୍ଞମାନଙ୍କୁ ନେଇଯାଇଛି। ଆମେରିକା କରୋନାକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି କରୁଥିବା ବେଜିଂ ସୋମବାର ଅଭିଯୋଗ କରିଛି।



ଚାଇନାର ଜିଆଙ୍ଗସୁ ପ୍ରଦେଶ ଅନ୍ତର୍ଗତ ନାନଜିଆଙ୍ଗ ରେଳ ଷ୍ଟେଶନ ପ୍ରତୀକ୍ଷାଳୟକୁ ବିଶୋଧନ କରାଯାଉଛି।

- **ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ଚାଲିଥିଲା ଗବେଷଣା**
- **ବେଜିଂର ଅଭିଯୋଗ: ଆତଙ୍କ ସୃଷ୍ଟି କରୁଛି ଆମେରିକା**

## ନିଜ ଗାତରେ ଚାଇନା

ଚାଇନାରେ କରୋନା ଭୂତାଣୁ ଅଦ୍ୟାବଧି ୩୬୧ ଜଣଙ୍କ ପ୍ରାଣ ନେଇସାରିଲାଣି। ଆଜିଯାଏ ଜଣାପଡ଼ିଥିବା ପରିସ୍ଥିତିରୁ ପ୍ରାୟ ୧୭,୦୦୦ ଲୋକଙ୍କଠାରେ କରୋନା ଭାଇରସ୍ ଠାବ ହୋଇସାରିଲାଣି। ଏହାକୁ ଥର୍ମୋ ନ୍ୟୁକ୍ଲିୟର ପାଣ୍ଡେମିକ୍ ସହ ବୈଜ୍ଞାନିକମାନେ ତୁଳନା କରୁଛନ୍ତି। ଏହି ଭୂତାଣୁକୁ ନିୟନ୍ତ୍ରଣକୁ ଆଣିବା ଲାଗି ଚାଇନା ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା କହୁଛି। ଏଭଳି ଦୃଢ଼ୋକ୍ତି ପ୍ରକାଶ କରୁଥିବା ଚାଇନା ନିଜକୁ ଏକ ସନ୍ଦେହରେ ପକାଉଛି। ବିଶ୍ୱବ୍ୟାପୀ ଆଲୋଚନା ହେଲାଣି ଯେ, ଏହି ସଂକ୍ରାମକ ଭୂତାଣୁ ହୁଏତ ଏକ ମିଲିଟାରୀ ଗବେଷଣା ଅନ୍ତର୍ଭୁକ୍ତ ଥିଲା। ଆମେରିକା ଗଣମାଧ୍ୟମ କହିବା ଅନୁଯାୟୀ, ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ ଜୈବିକ ଯୁଦ୍ଧାସ୍ତ୍ର ବା ବାୟୋଲୋଜିକାଲ ୱେପନ୍ ପ୍ରସ୍ତୁତ କରାଯାଉଥିଲା। ସମ୍ଭବତଃ କୌଣସି ଏକ ଦୁର୍ଘଟଣା କ୍ରମେ ଏହି ଗବେଷଣାଗାରରୁ ଭୂତାଣୁ ପଦାକୁ ବାହାରି ଆସିଛି। ପ୍ରଥମେ ଚାଇନାର ବିଭିନ୍ନ ଗଣମାଧ୍ୟମ ଦ୍ୱାରା ପ୍ରଚାର କରାଗଲା ଯେ, ସବୁପ୍ରକାର ଜୀବଜନ୍ତୁ ଖାଉଥିବା ଚାଇନାବାସୀ ହୁଏତ ସେଥିମଧ୍ୟରୁ କାହାଠାରୁ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ। ମଣିଷ ଦେହରେ ସେହି ଭୂତାଣୁ ସକ୍ରିୟ ହେବା ପରେ ତାହା କରୋନା ଭାଇରସ୍ ରୂପ ଧାରଣ କରିଥିଲା। ଏବେ ଚାଇନାର ସେହି କାହାଣୀ ବିଶ୍ୱବ୍ୟାପୀ କାହାରି ବିଶ୍ୱାସଯୋଗ୍ୟ ହେଲାନାହିଁ। ବିଭିନ୍ନ ଦେଶ ଏବେ ଚାଇନାକୁ ଓ ଚାଇନାଠାରୁ ବିମାନସେବା ବନ୍ଦ କରିବା ସହିତ କୌଣସି ଚାଇନା ସାମଗ୍ରୀ ଆମଦାନୀ ବନ୍ଦ କରିଦେବା ଫଳରେ ତା'ର ଅର୍ଥନୈତିକ ସ୍ଥିତି ପ୍ରଭାବିତ ହୋଇଛି। ସେହି ଭୟରେ ଚାଇନା ଏବେ କହୁଛି, କରୋନା ଭୂତାଣୁ ରୋକିବାରେ ନିଜେ ଦାୟିତ୍ୱ ନେବ। ଏଥିରୁ ସ୍ପଷ୍ଟ ବୁଝାପଡୁଛି, ପରୀକ୍ଷାଗାରରେ ଦୁର୍ଘଟଣା ଘଟିଲେ ଚାଇନା ପାଖରେ ତାହାର ଗଦ ବା ପ୍ରତିଷେଧକ ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ୧୦ ଦିନ ମଧ୍ୟରେ କରୋନା ଭାଇରସ୍ ରୋକିବା ପାଇଁ ହସ୍ପିଟାଲ ନିର୍ମାଣ ହୋଇଥାଇପାରେ, କିନ୍ତୁ ରୋଗୀ ପାଇଁ ଆଜି ପର୍ଯ୍ୟନ୍ତ ଔଷଧ ବାହାରିପାରି ନାହିଁ। ଏଇ ଖିଅରୁ ଆଉ ପାଦେ ଆଗକୁ ଗଲେ ବୁଝାପଡିବ ଯେ, ଜୈବିକ ଯୁଦ୍ଧାସ୍ତ୍ର ଗବେଷଣା ଓ ବିକଶିତ କରୁଥିବା ଦେଶଗୁଡ଼ିକ ସମଗ୍ର ମାନବଜାତି ପାଇଁ ବିପଦ।

ଭାରତରେ ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ଗୋଟିଏ ପଟେ ପାକିସ୍ତାନ ଭଳି ପିମ୍ପୁଡ଼ି ଦେଶକୁ ଶତ୍ରୁ ଭାବେ ଚିତ୍ରଣ କରୁଥିବା ବେଳେ ଅନ୍ୟପଟେ ଏକଚ୍ଛତ୍ରବାଦୀ ଚାଇନାର ସବୁ କାର୍ଯ୍ୟକୁ ଉଦାହରଣ ଭାବେ ଦର୍ଶାଇଥାଆନ୍ତି। ଚାଇନାକୁ ହୃଦୟରୁ ପ୍ରଶଂସା କରୁଥିବା ଏହି ଗୋଷ୍ଠୀ ସବୁବେଳେ ସେହି ସରକାରର ଅଗଣତାନ୍ତ୍ରିକ ପଦ୍ଧତିରେ କେଉଁଭଳି ଦେଶ ଉନ୍ନତ ହେଉଛି ତାହା ଉଲ୍ଲେଖ କରିଥାଆନ୍ତି।

ଶେଷରେ ଏତିକି କହିହେବ ଯେ, ଚାଇନା ଭଳି ମହାବଳିଆ ଦେଶକୁ ଏକ ଅଦୃଶ୍ୟ ଭୂତାଣୁ ଦ୍ୱାରା ଆଣ୍ଠେଇ ଦିଆଯାଇଛି।

**ତଥାଗତ ସତପଥୀ**


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ ପୃଷ୍ଠା - ୧୧**


# ବଢ଼ିପାରେ ବିଦ୍ୟୁତ୍ ଶୁଳ୍କ

- **ଓଇଆର୍‌ସିରେ ଆରମ୍ଭ ହେଲା ଶୁଣାଣି**
- **୮୮ରୁ ୯୫ ପଇସା ବଢ଼ାଇବାକୁ ଓଏଚ୍‌ପିସିର ଦାବି**

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ରାଜ୍ୟରେ ଚଳିତ ବର୍ଷ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଯଦି ଏହାର ଉତ୍ପାଦନ ଓ ବଣ୍ଟନ କମ୍ପାନୀଙ୍କ ଦାବିକୁ ଗ୍ରହଣ କରନ୍ତି, ତେବେ ଆସନ୍ତା ମାର୍ଚ୍ଚ ମାସରେ ଦର ବୃଦ୍ଧି ନେଇ ଘୋଷଣା କରାଯିବ। ବିଦ୍ୟୁତ୍ ଦର ବୃଦ୍ଧି ଲାଗି ସୋମବାର ଠାରୁ ଓଇଆର୍‌ସିଙ୍କ ନିକଟରେ ଶୁଣାଣି ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି)ର ଦାବି ଶୁଣାଣି କରାଯାଇଥିଲା। ଦିନକୁ ଦିନ ଉତ୍ପାଦନ ଓ ଆନୁଷଙ୍ଗିକ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ୟୁନିଟ୍ ପିଛା ୯୫.୮୦ ପଇସା କରାଯାଉ ବୋଲି ଓଏଚ୍‌ପିସି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ବର୍ତ୍ତମାନ ଓଏଚ୍‌ପିସି ଗ୍ରୀଡ୍‌କୋକୁ ୟୁନିଟ୍ ପିଛା ୮୮ ପଇସାରେ ବିକ୍ରି କରୁଛି। ଚଳିତ ବର୍ଷ ଓଏଚ୍‌ପିସି ମାଛକୁଣ୍ଡ ପ୍ରକଳ୍ପକୁ ଛାଡ଼ି ଅନ୍ୟ ସମସ୍ତ ଉତ୍ପାଦନ କେନ୍ଦ୍ରରୁ ୫୬୦୨.୬୦ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରି ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ହାରାହାରି ୫୩୬.୭୩୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାକୁ ବିଚାରକୁ ନେଇ ଦର ବୃଦ୍ଧି କରିବାକୁ ଓଏଚ୍‌ପିସି ଆୟୋଗଙ୍କ ନିକଟରେ ଦାବି କରିଛି। ☞ପୃଷ୍ଠା–୪

# ଆର୍ସେଲର ମିତ୍ତଲକୁ ଠାକୁରାଣୀ ଖଣି

**ଭୁବନେଶ୍ୱର,୩।୨(ବ୍ୟୁରୋ)**

କେନ୍ଦୁଝର ଜିଲାରେ ଥିବା ଠାକୁରାଣୀ ଲୁହାପଥର ଖଣିକୁ ହାତେଇବାରେ ଆର୍ସେଲର ମିତ୍ତଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସଫଳ ହୋଇଛି। ଖଣିର ଲୁହାପଥର ବିକ୍ରି ମୂଲ୍ୟର ୧୦୭.୫୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ସର୍ତ୍ତରେ ଏହି ଖଣି ଆର୍ସେଲର ମିତ୍ତଲକୁ ମିଳିଛି। ଏହାଛଡ଼ା ଟିକସ ପଇଠ କରିବା ସହ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍ଏଫ୍) ଏବଂ ଖଣି ସମ୍ପର୍କିତ ଅନ୍ୟାନ୍ୟ ଦେୟ ଦେବାକୁ କମ୍ପାନୀ ରାଜି ହୋଇଛି। ଠାକୁରାଣୀ ଲୁହାପଥର ବ୍ଲକରେ ୧୭୯ ନିୟୁତ ଟନ୍ ଲୁହାପଥର ଥିବା ଆକଳନ କରାଯାଇଛି। ଏହି ନିଲାମ ପ୍ରକ୍ରିୟାରେ ୧୦ଟି କମ୍ପାନୀ ଅଂଶଗ୍ରହଣ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଆମଲ୍‌ଗାମ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍, ଜେଏସ୍‌ପିଏଲ, ବିଆରପିଏଲ୍, କେଜେଏସ୍ ଆଲୁୱାଲିଆ, ଆର୍ସେଲର ମିତ୍ତଲ ଏବଂ ଓଡ଼ିଶା ମେଟାଲିକ୍ସ ନିଲାମର ବେସ୍ ପ୍ରାଇସ୍ ୭୨.୪ ପ୍ରତିଶତ ଭିତରେ ରହିଥିଲା। ଏହା ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ନୂଆଗାଁ ଓ ନାରାୟଣପୋଷି ଲୁହାପଥର ଖଣି ହାତେଇଛି। ଏହି ଦୁଇଟି ଖଣିରେ ମୋଟ୍ ୯୮୦ ନିୟୁତ ଟନ୍ ଲୁହାପଥର ଥିବା କୁହାଯାଇଛି। ନୂଆଗାଁ ଲୁହାପଥର ଖଣିରେ ପ୍ରାୟ ୭୯୦ ନିୟୁତ ଟନ୍ ଲୁହାପଥର ଗଚ୍ଛିତ ଥିବାବେଳେ ନାରାୟଣପୋଷି ଲୁହାପଥର ବ୍ଲକରେ ୧୯୦ ନିୟୁତ ଟନ୍ ରହିଥିବା ଆକଳନ କରାଯାଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟା ଫେବୃୟାରୀ ୧୮ ସୁଦ୍ଧା ଶେଷ ହେବା ପରେ ନିଲାମଧାରୀଙ୍କୁ ଲେଟର ଅଫ ଇଣ୍ଟେଣ୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସବୁ ନିଲାମ ହେଉଥିବାରୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଲାଭବାନ୍ ହେଉଛନ୍ତି। ରାଜ୍ୟ ରାଜକୋଷକୁ ରୟାଲ୍‌ଟି ଆକାରରେ ଯେତିକି ପ୍ରତିଶତ ପୂର୍ବରୁ ମିଳୁଥିଲା, ତାହାଠାରୁ ଯଥେଷ୍ଟ ଅଧିକ ଏବେ ମିଳିବ। ଅନ୍ୟପଟେ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଭାବର ଅନୁକମ୍ପା ହେତୁ ୨ ଖଣି ମାଲିକ ଓଡ଼ିଶାର ରକ୍ତ ଶୋଷି ଅତ୍ୟନ୍ତ ଲାଭବାନ ହେଉଛନ୍ତି। ପ୍ରଥମଟି ହେଲା ଟାଟା ଏବଂ ୨ୟଟି ହେଲା ପଟ୍ଟନାୟକ ଖଣି କମ୍ପାନୀ। ଏହି ଦୁହିଁଙ୍କ ପାଖରେ ଲାଭ ଦାୟକ ଖଣି ରହିଥିବା ସତ୍ତ୍ୱେ ସେମାନଙ୍କୁ ବର୍ଦ୍ଧିତ ରୟାଲଟି ଦେବାକୁ ପଡୁ ନାହିଁ। ଏହା ଦ୍ୱାରା ରାଜ୍ୟବାସୀଙ୍କ କ୍ଷତି ଘଟୁଛି। ଓଡ଼ିଶାର ଜଙ୍ଗଲ ହାନୀ ସହିତ ପ୍ରାକୃତିକ ସମ୍ପଦ ହରିଲୁଟ ମଧ୍ୟ ହେଉଛି। ପୂର୍ବରୁ ନିଲାମ ପ୍ରକ୍ରିୟାକୁ ବାତିଲ କରିଦେଇପାରୁଥିବା ରାଜ୍ୟ ସରକାର ଏହି ଟାଟା ଏବଂ ପଟ୍ଟନାୟକ ୨କମ୍ପାନୀଙ୍କୁ କାହିଁକି ସାହାଯ୍ୟ କରୁଛନ୍ତି ତାହା ପରବର୍ତ୍ତୀ ସମୟରେ ବୁଝାପଡ଼ିବ।

**୧୮ ସୁଦ୍ଧା ୧୯ ଖଣିର ନିଲାମ ଶେଷ ଲକ୍ଷ୍ୟ**








Vencobb Fresh Chicken — Taste the difference!

03.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 74 | 124 | 134 |
| ANG | 72 | 122 | 132 |
| BHM | 68 | 116 | 126 |

*Conditions Apply

Issued in the Interest of Consumers





"ଜୟାଲଳିଥା ବଲିଉଡ୍ ନୀଳନୟନା ଐଶ୍ୱର୍ଯ୍ୟାଙ୍କ ଭଳି ଜଣେ ଗ୍ଲାମରସ୍ ଷ୍ଟାର ଥିଲେ।। ମୋ ପାଖରେ ଗ୍ଲାମର ନାହିଁ ହେଲେ ତାଙ୍କ ସହ ମୋର ଗୋଟିଏ ସାମଞ୍ଜସ୍ୟ ଅଛି। ମୁଁ ଅଭିନେତ୍ରୀ ନୁହେଁ ବରଂ ନିର୍ଦ୍ଦେଶିକା ହେବାକୁ ଚାହୁଁଥିଲି। ସେମିତି ଜୟାଲଳିଥା ଅଭିନେତ୍ରୀ ହେବାକୁ ଯାଉଥିବା ବେଳେ ରାଜନୀତିରେ ପାଦ ରଖିଲେ। ତାଙ୍କ ବାୟୋପିକରେ କାମ କରିବା ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା।। - **କଙ୍ଗନା ରାଣାୱତ୍, ବଲିଉଡ୍ ଅଭିନେତ୍ରୀ**

# ମୁଁ ଅଛି ଓ ମୁଁ ବଞ୍ଚିବି

## ବିଶ୍ୱ କ୍ୟାନ୍‌ସର ଦିବସ




କ୍ୟାନ୍‌ସର ବା କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟିକରିବା ତଥା ଏହାର ନିରାକରଣ, ନିରୂପଣ ଓ ଚିକିତ୍ସା ପଦ୍ଧତିରେ ଉନ୍ନତି ଆଣିବା ପାଇଁ ପ୍ରତିବର୍ଷ ୪ ଫେବୃୟାରୀରେ ଜାତିସଂଘ ଦ୍ୱାରା ପାଳନ କରାଯାଉଛି ବିଶ୍ୱ କର୍କଟ/କ୍ୟାନ୍‌ସର ଦିବସ। ବ୍ୟକ୍ତିଗତ, ସରକାରୀ ତଥା ଆନ୍ତର୍ଜାତିକ ସ୍ତରରେ ଥିବା କ୍ୟାନ୍‌ସର ସଂଗଠନଗୁଡ଼ିକ ଏହି ଦିବସ ପାଳନ କରିଥାନ୍ତି। ୬୦ ଟି ଦେଶରେ ସରକାରୀ ଭାବେ ଏହା ପାଳନ କରାଯାଉଛି। ନୂଆ ସହସ୍ରାବ୍ଦ ପାଇଁ କ୍ୟାନ୍‌ସର ବିରୋଧରେ ପ୍ୟାରିସ୍‌ରେ ଅନୁଷ୍ଠିତ ବିଶ୍ୱ କ୍ୟାନ୍‌ସର ସମ୍ମିଳନୀରେ ୪ ଫେବୃୟାରୀ ୨୦୦୦ରେ ଏହି ଦିବସ ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିଲା। କ୍ୟାନ୍‌ସର ଗବେଷଣାକୁ ପ୍ରୋତ୍ସାହନ, ଏହାର ନିରାକରଣ ଓ ପୀଡ଼ିତଙ୍କ ସେବାର ଉନ୍ନତି ପ୍ୟାରିସ ଘୋଷଣାପତ୍ରର ମୁଖ୍ୟ ବିଷୟ ରହିଥିଲା। ସମ୍ମିଳନୀରେ ଉପସ୍ଥିତ ସେତେବେଳର ୟୁନେସ୍କୋର ମହାନିର୍ଦ୍ଦେଶକ କୋଇଚିରୋ ମାତ୍‌ସୁରା ଓ ଫ୍ରାନ୍ସର ରାଷ୍ଟ୍ରପତି ଜ୍ୟାକ୍ ସିରାକ ଏଥିରେ ସ୍ୱାକ୍ଷର କରିଥିଲେ। ଏହାପରେ ୨୦୦୮ରେ ବିଶ୍ୱ କ୍ୟାନ୍‌ସର ଘୋଷଣାପତ୍ରର ସ୍ଥିରୀକୃତ ଲକ୍ଷ୍ୟକୁ ସମର୍ଥନ ଜଣାଇ ତାହା ହାସଲ କରିବା ପାଇଁ ୟୁନିୟନ୍ ଫର୍ ଇଣ୍ଟରନ୍ୟାଶ୍‌ନାଲ କ୍ୟାନ୍‌ସର କଣ୍ଟ୍ରୋଲ(ୟୁଆଇସିସି)ବା ଆନ୍ତର୍ଜାତିକ କ୍ୟାନ୍‌ସର ନିୟନ୍ତ୍ରଣ ସଂଘ ନେତୃତ୍ୱରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ କ୍ୟାନ୍‌ସରକୁ ଆୟତ୍ତ କରି ମୃତ୍ୟୁସଂଖ୍ୟା ହ୍ରାସ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ରୋଗରୁ ଆରୋଗ୍ୟଲାଭ କରିବାଯୋଗ୍ୟ ବ୍ୟକ୍ତିମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ଏକାଠିହେବା ପାଇଁ ଏହା ଏକ ସୁଯୋଗ ଆଣିଥାଏ। ଉକ୍ତ ଦିବସରେ କ୍ୟାନ୍‌ସର ପୀଡିତଙ୍କୁ ସମର୍ଥନ ଜଣାଇବା ଲାଗି ଶହ ଶହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏଥିମଧ୍ୟରୁ 'ହାସ୍‌ଟାକ ନୋ ହେୟାର ସେଲଫି' ଅଭିଯାନରେ ଅନେକେ ଭାଗ ନେଇ ଲଣ୍ଡା ହୋଇ ସେମାନଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର କରି ଚିକିତ୍ସାଧୀନ କ୍ୟାନ୍‌ସର ପୀଡିତଙ୍କ ମନୋବଳ ବୃଦ୍ଧି କରିଥାନ୍ତି। ୨୦୧୦-୨୦୧୧ରେ 'କ୍ୟାନସର ଭଲ ହୋଇପାରିବ' ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଇଥିଲା ଓ ସେବେଠାରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ସ୍ଲୋଗାନ୍ ସହ ପାଳନ କରାଯାଉଛି। କିନ୍ତୁ ୨୦୧୬ରେ କ୍ୟାନ୍‌ସର ଦିବସ ତିନି ବର୍ଷ ଲାଗି ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ' ଆମେ ପାରିବୁ, ମୁଁ ବି ପାରିବି'କୁ ନେଇ ପାଳନ କରିବା ଆରମ୍ଭ କରାଯାଇଥିଲା। ଏହାପରେ ୨୦୧୯ରୁ୨୦୨୧ ଯାଏ କ୍ୟାନ୍‌ସର ବିରୋଧ ଲଢେଇରେ ପୀଡିତଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଲାଗି ଏହି ଦିବସର ସ୍ଲୋଗାନ୍ ରଖାଯାଇଛି 'ମୁଁ ଅଛି ଓ ମୁଁ ବଞ୍ଚିବି'।

ବିଶ୍ୱ କ୍ୟାନସର ଦିବସ ଅବସରରେ ୧୦୦ଟିରୁ ଊର୍ଦ୍ଧ୍ୱ ଦେଶରେ ୯୦୦ରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏବେ ବିଭିନ୍ନ ସହରରେ ମୁଖ୍ୟସ୍ଥାନଗୁଡ଼ିକୁ ନୀଳ ଓ କମଳା ରଙ୍ଗରେ ସଜାଯାଉଛି। ୨୦୧୯ରେ ୩୭ଟି ସହରରେ ୫୫ଟି ସ୍ଥାନକୁ ସଜାଯାଇଥିଲା। ସାମ୍ପ୍ରତିକ ସମୟରେ ବିଶ୍ୱରେ ପ୍ରତିବର୍ଷ କ୍ୟାନ୍‌ସରରେ ୭୬ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ଏମାନଙ୍କ ମଧ୍ୟରେ ୩୦-୬୦ ବୟସ ମଧ୍ୟରେ ରହିଛନ୍ତି ୪୦ ଲକ୍ଷ। ଇଣ୍ଡିଆ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ନ୍ୟାଶନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ ଅନୁସାରେ ଭାରତରେ ପ୍ରତିଦିନ ଏହି ରୋଗରେ ୧୩୦୦ରୁ ଊର୍ଦ୍ଧ୍ୱ ଲେକଙ୍କ ମୃତ୍ୟୁ ଘଟୁଛି । ୨୦୧୨ରୁ ୨୦୧୪ ମଧ୍ୟରେ କ୍ୟାନସର ଜନିତ ମୃତ୍ୟୁହାର ୬ ପ୍ରତିଶତ ବୃଦ୍ଧି ପାଇଥିଲା ଓ ଏହା ବୃଦ୍ଧିପାଇଚାଲିଛି। ଏଣୁ ଏହି ରୋଗ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏଥିରୁ ରକ୍ଷା ପାଇବାର ଯୋଜନା ପ୍ରସ୍ତୁତ କରିବାର ସମୟ ଉପନୀତ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ୨୦୨୫ ସୁଦ୍ଧା ପ୍ରାଥମିକସ୍ତରରେଘଟୁଥିବାମୃତ୍ୟୁ ୨୫ପ୍ରତିଶତକମାଇବା ପାଇଁ ଲକ୍ଷ୍ୟ ରଖିଛି। ଏହା ପୂରଣ ହୋଇପାରିଲେ ପ୍ରତିବର୍ଷ ୧୫ ଲକ୍ଷ ପୀଡ଼ିତଙ୍କ ଜୀବନ ବଞ୍ଚାଯାଇପାରିବ।

# ଆୟୁଷ୍ମାନଙ୍କ ଇମୋଶନାଲ ପୋଷ୍ଟ



**ମୁମ୍ବାଇ:** ଅଭିନେତା ଆୟୁଷ୍ମାନ ଖୁରାନା ଆଜିକାଲି ସମସ୍ତଙ୍କ ପସନ୍ଦର ହିରୋ ପାଲଟିଛନ୍ତି। ତାଙ୍କର ପ୍ରତ୍ୟେକଟି ଫିଲ୍ମ ବକ୍ସ ଅଫିସ୍‌ରେ ସଫଳ ହେବା ସହ ସିନେ ସମୀକ୍ଷକ ଓ ଦର୍ଶକଙ୍କ ପ୍ରଶଂସା ମଧ୍ୟ ସାଉଁଟୁଛି। ଏହା ପଛର କାରଣ ହେଲା, ଆୟୁଷ୍ମାନ ସବୁବେଳେ ଭଲ ବିଷୟ ବା କଣ୍ଟେଣ୍ଟ ଥିବା ଫିଲ୍ମ ଚୟନ କରିଥାନ୍ତି। ତେବେ ପୁଣି ଏକ ଦମ୍‌ଦାର୍ ଫିଲ୍ମ ସହ ସେ ଦର୍ଶକଙ୍କ ହୃଦୟ ଜିତିବାକୁ ପ୍ରସ୍ତୁତ ଅଛନ୍ତି। ଅପକମିଂ ଫିଲ୍ମ 'ଶୁଭ ମଙ୍ଗଳ ଜ୍ୟାଦା ସାବଧାନ'ର ଟ୍ରେଲର୍ ରିଲିଜ୍ ସରିଥିବାବେଳେ ଏହାକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି। ସମଲିଙ୍ଗୀ ସମ୍ପର୍କ ଉପରେ ଆଧାରିତ ଏହି ଫିଲ୍ମକୁ ଆୟୁଷ୍ମାନଙ୍କ ଫ୍ୟାନ୍‌ମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହାରି ଭିତରେ ସେ ସୋସିଆଲ ମିଡିଆରେ ଏକ ଇମୋଶନାଲ ନୋଟ୍ ନିଜ ଫ୍ୟାନ୍‌ମାନଙ୍କ ସହ ଶେୟାର କରିଛନ୍ତି।

ନିଜ ଅଫିସିଆଲ୍ ଟୁଇଟର୍ ହ୍ୟାଣ୍ଡେଲ୍‌ରେ ଆୟୁଷ୍ମାନ ନିଜର ଏକ ଫଟୋ ଶେୟାର କରି ଲେଖିଛନ୍ତି, "ଦିନ ଥିଲା ମାଇକ୍ ସାମ୍ନାରେ ଠିଆ ହେବା ମଧ୍ୟ ସ୍ୱପ୍ନ ଥିଲା। ଆଉ ଆଜି ପ୍ରାୟ ସବୁ ଫିଲ୍ମରେ ଗୋଟିଏ ଗୀତ ଗାଇପାରୁଛି। ଆସନ୍ତା କାଲି ଶୁଭ ମଙ୍ଗଳ ଜ୍ୟାଦା ସାବଧାନ ଫିଲ୍ମରୁ ଏକ ଭିନ୍ନ ଧରଣର ଗୀତ ଆସୁଛି।" କିଛି ଏପରି ଇମୋଶନାଲ୍ ପୋଷ୍ଟ ସହ ମଙ୍ଗଳବାର ଫିଲ୍ମରେ ଆୟୁଷ୍ମାନ୍ ଗାଇଥିବା 'ମେରେ ଲିୟେ ତୁମ୍ କାଫି ହୋ' ଗୀତଟି ରିଲିଜ୍ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଗୀତଟି ସହ ଆୟୁଷ୍ମାନଙ୍କ ଭାବନାତ୍ମକ ସମ୍ପର୍କ ରହିଛି। ପୁଣି ଏହାକୁ ସେ ନିଜେ ମଧ୍ୟ ଗାଇଛନ୍ତି। ସେ ଜଣେ ଦକ୍ଷ ଅଭିନେତା ସହ ଉଚ୍ଚକୋଟୀର ଗାୟକ ମଧ୍ୟ। ତାଙ୍କ ସ୍ୱରରେ ଯାଦୁ ରହିଛି। ଆୟୁଷ୍ମାନଙ୍କ ପ୍ରତିଟି ଗୀତ ହିଟ୍ ହୋଇଛି। ଅନ୍ୟପଟେ 'ଶୁଭ ମଙ୍ଗଳ ଜ୍ୟାଦା ସାବଧାନ'କୁ ନେଇ ମଧ୍ୟ ଆୟୁଷ୍ମାନ ଟିକେ ଭାବୁକ ଅଛନ୍ତି। ପ୍ରଥମ ଥର ପାଇଁ ସେ ଫିଲ୍ମରେ ସମଲିଙ୍ଗୀ ବା ଗେ' ଭୂମିକାରେ ନଜରକୁ ଆସିବେ। ଜିତେନ୍ଦ୍ର କୁମାର ଫିଲ୍ମରେ ଆୟୁଷ୍ମାନଙ୍କ ପାର୍ଟନର ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ହିତେଶ କେୱଲ୍ୟ ଦେଇଥିବାବେଳେ ୨୧ ଫେବୃୟାରୀରେ ଏହା ରିଲିଜ୍ ହେବ।

ଫଟୋ ଭାଇରାଲ



# ୨ସନ୍ତାନଙ୍କ ସହ ଅର୍ପିତା

ମୁମ୍ବାଇ: ବଲିଉଡ୍ ଦବଙ୍ଗ ଖାଁଙ୍କ ଭଉଣୀ ଅର୍ପିତା ଖାଁ ଶର୍ମା ନିକଟରେ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି। ଭାଇ ସଲ୍‌ମାନଙ୍କ ଜନ୍ମଦିନ ଅବସରରେ ଅର୍ଥାତ୍ ଡିସେମ୍ବର ୨୭ରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଜନ୍ମ ପରଠାରୁ ହିଁ ଅର୍ପିତା ଓ ସଲ୍‌ମାନଙ୍କ ସହ ଆୟାତଙ୍କ କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆୟାତଙ୍କ ଜନ୍ମ ହେବାର ମାସକ ପରେ ପୁଣି ଏକ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ମା' ଅର୍ପିତା ଆୟାତ ଓ ଆହିଲଙ୍କୁ ନିଜ କୋଳରେ ଧରିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଆହିଲ ଅର୍ପିତାଙ୍କୁ ଚୁମ୍ବନ ଦେଉଥିବା ବେଳେ ଅନ୍ୟପଟେ ଆୟାତ୍ ମଧ୍ୟ ଏଭଳି ପୋଜ୍ ଦେଇଥିବା ଦେଖିବାକୁ ମିଳିଛି। ଏଥିରେ ସେମାନେ ବେଶ୍ କ୍ୟୁଟ୍ ନଜର ଆସିଛନ୍ତି। ଏହି ଫଟୋକୁ ଅର୍ପିତାଙ୍କ ଭିଣୋଇ ଅତୁଲ ଅଗ୍ନିହୋତ୍ରି ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଉକ୍ତ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ପ୍ରଶଂସକ ଏହାକୁ ବେଶ୍ ପସନ୍ଦ କରିଛନ୍ତି। ଜଣେ ୟୁଜର୍ସ ଆୟାତଙ୍କୁ ପରି ବୋଲି ସମ୍ବୋଧନ କରି ଲେଖିଛନ୍ତି।

# କରୋନା ଆତଙ୍କ

# ଚାଇନା ଯୁବତୀଙ୍କୁ ବାହାହେଲେ ଭାରତୀୟ ଯୁବକ

**ଭୋପାଳ:** କଥାରେ ଅଛି ପ୍ରେମ କି ଜାଣେ ବାଧା ବନ୍ଧନ। ଏହି ଉକ୍ତିଟିର ସଫଳ ରୂପାୟନ ଦେଖିବାକୁ ମିଳିଛି ମଧ୍ୟପ୍ରଦେଶରେ। ମଧ୍ୟପ୍ରଦେଶ ମନ୍ଦସୌର ଜିଲାରେ ରହୁଥିବା ଜଣେ ଯୁବକ ଧର୍ମ ଓ ଦେଶର ସୀମାକୁ ଡେ଼ଇଁ ଚାଇନା ଯୁବତୀଙ୍କୁ ବିବାହ କରିଛନ୍ତି। ଗୋଟିଏ ପଟେ ଚାଇନାରେ କରୋନା ଭାଇରସ୍ ଆତଙ୍କ ଖେଳିଯାଇଥିବା ବେଳେ ଏହାରି ଭିତରେ ଉକ୍ତ ଯୁବକ ସବୁ ବାଧାବିଘ୍ନକୁ ଏଡାଇ ତାଙ୍କୁ ସାତଜନମର ସାଥି କରିଛନ୍ତି। କରୋନା ଭାଇରସ୍ ଆତଙ୍କକୁ ସେ ଖାତିର କରିନାହାନ୍ତି। ଚାଇନାର ଯୁବତୀ ଜି ହାଓ ଓ ମଧ୍ୟପ୍ରଦେଶର ଯୁବକ ସତ୍ୟାର୍ଥ ମିଶ୍ର ରବିବାର ପରିବାରଙ୍କ ଉପସ୍ଥିତିରେ ବିବାହ କରିଛନ୍ତି। ତାଙ୍କର ଏହି ବିବାହ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସୂଚନା ମୁତାବକ ହାଓ ଓ ସତ୍ୟାର୍ଥଙ୍କ ସାକ୍ଷାତକାର ୫ବର୍ଷ ପୂର୍ବରୁ କାନାଡାରେ ହୋଇଥିଲା। ଏହାପରେ ତାଙ୍କ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। କିଛି ଦିନ ଧରି ଦୁହେଁ ଦୁହିଁଙ୍କୁ ଡେଟିଂ କରିବା ପରେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦୁଇ ପରିବାରବର୍ଗଙ୍କ ସହମତି ପରେ ବିବାହ ପାଇଁ ଚାଇନା ଯୁବତୀ ନିଜ ପରିବାରଙ୍କ ସହ ଭାରତ ଆସିଥିଲେ। ଭାରତ ଆସିବା ପରେ ଡାକ୍ତରୀ ଦଳର ଏକ ଟିମ୍ ତାଙ୍କୁ ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟା ପରୀକ୍ଷା କରିଥିଲେ। ଉକ୍ତ ଯାଞ୍ଚ୍ ପରେ ସେମାନଙ୍କୁ ଡାକ୍ତର ସୁସ୍ଥ ଘୋଷଣା କରିଥିଲେ। ଏହାପରେ ଭାରତୀୟ ପରମ୍ପରା ଅନୁସାରେ ରବିବାର ଦୁହିଁଙ୍କ ବିବାହ ହୋଇଥିଲା।

**କରୋନା ଭାଇରସ୍‌କୁ ଫୁ**



# 'ନୋ ଚାଇନିଜ୍, ଉଇ ସରି'

**ସିଓଲ/ହଂକଂ/ଭିଏତନାମ:** ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି 'କରୋନା'। ଚାଇନାରୁ ଆରମ୍ଭ ହୋଇଥିବା ଏହି ମାରାତ୍ମକ ଭୂତାଣୁଜନିତ ରୋଗ ସାରା ବିଶ୍ୱବାସୀଙ୍କ ମନରେ ଡ୍ରାଗନ ବିରୋଧୀ ମନୋଭାବ ସୃଷ୍ଟି କରିଛି। ସଂକ୍ରମଣ ଭୟରେ ଅନେକ ଦେଶ ଚାଇନାର ନାଗରିକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇ ସାରିଲେଣି। କେବଳ ଏତିକି ନୁହେଁ, ଚାଇନାବାସୀଙ୍କଠାରୁ ଦୂରତ୍ୱ ବଜାୟ ରଖିବାକୁ ଦକ୍ଷିଣ କୋରିଆ, ଜାପାନ, ହଂକଂ, ଭିଏତନାମ ଭଳି ଦେଶର ରେଷ୍ଟୁରାଣ୍ଟରେ ଅଜବ ବୋର୍ଡ ଲଗାଯାଇଛି, ଯେଉଁଥିରେ ସ୍ପଷ୍ଟ ଭାବେ ଲେଖାଯାଇଛି 'ନୋ ଚାଇନିଜ୍ ଉଇ ସରି'। ଏଥିରୁ 'କରୋନା' ଭାଇରସ୍‌କୁ ନେଇ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷଙ୍କ ଭୟ ସ୍ପଷ୍ଟ ବାରି ହୋଇପଡ଼ିଛି।

ଇଣ୍ଡୋନେସିଆରେ ଚାଇନାର ନାଗରିକଙ୍କୁ ନେଇ ଭିନ୍ନ ଧରଣର ପ୍ରତିବାଦ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ହୋଟେଲ ଯାଏ ପଦଯାତ୍ରା କରି ଚାଇନିଜ୍‌ଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ଅପିଲ୍ କରିଛନ୍ତି। କେବଳ ଏତିକି ନୁହେଁ, ଫ୍ରାନ୍ସ, ଅଷ୍ଟ୍ରେଲିଆ ସମେତ ଏସୀୟ ଦେଶରେ କାର୍ଯ୍ୟ କରୁଥିବା ଚାଇନିଜଙ୍କୁ ଅପମାନିତ ହେବାକୁ ପଡୁଛି। ଏହା ପଛର ପ୍ରମୁଖ କାରଣ ହେଉଛି 'କରୋନା ଭାଇରସ୍' ଭୟ।

ଏକ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, କରୋନା ପାଇଁ ସୋସିଆଲ ମିଡିଆରେ ବିଭିନ୍ନ ଦେଶର ଲୋକେ ଚାଇନା ବିରୋଧୀ ଟିପ୍ପଣୀ ଦେଉଛନ୍ତି। ନିଜ ଦେଶରେ ସୁରକ୍ଷିତ ବାତାବରଣ ପାଇଁ ଚାଇନା ନାଗରିକଙ୍କୁ ତୁରନ୍ତ ବାହାରିଯିବାକୁ ଏବେ ସେମାନଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବାକୁ ଅପିଲ କରୁଛନ୍ତି। ସିଓଲର ଏକ ସି-ଫୁଡ୍ ରେଷ୍ଟୁରାଣ୍ଟରେ 'ଚାଇନା ନାଗରିକ ପ୍ରବେଶ ନିଷିଦ୍ଧ' ଲେଖାଯାଇଥିବା ଏକ ବୋର୍ଡ ଲଗାଯାଇଥିଲା। ହେଲେ ବିରୋଧ ପରେ ଏହାକୁ ହଟାଇ ନିଆଯାଇଛି। ଆମେରିକା ମଧ୍ୟ କରୋନା ଭୟରୁ ମୁକୁଳିପାରିନି। ସେଠାକାର ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟିରେ ଜଣେ ଚାଇନା-ଆମେରିକୀୟ ନାଗରିକଙ୍କୁ ନେଇ କେହି ଜଣେ କରୋନା ସଂକ୍ରମିତ ବୋଲି ଗୁଜବ ପ୍ରଚାର କରିଦେଇଥିଲେ। ଏହାପରେ ପରିସ୍ଥିତି ଏପରି ହେଲା ଯେ, ତାଙ୍କୁ ନିଜ ଆସବାବପତ୍ର ସହ ୟୁନିଭର୍ସିଟି ଛାଡ଼ିବାକୁ ପଡ଼ିଛି। ହଂକଂରେ ଥିବା ଜାପାନୀ ରେଷ୍ଟୁରାଣ୍ଟରେ ଚାଇନିଜ ଗ୍ରାହକଙ୍କୁ ଭୋଜନ ପରଷିବା ଲାଗି କର୍ମଚାରୀମାନେ ମନା କରିଦେଉଛନ୍ତି। ଫ୍ରାନ୍ସରେ ମଧ୍ୟ ସମାନ ପରିସ୍ଥିତି ଉପୁଜିଛି। ଏସିଆର ନାଗରିକଙ୍କୁ ଦେଖିବାକ୍ଷଣି ଫ୍ରାନ୍ସବାସୀ ବାଟ କାଟୁଛନ୍ତି।




# ୧୦ ଦିନରେ ନିର୍ମାଣ ହେଲା ହସ୍ପିଟାଲ

**ବେଜିଂ:** କରୋନା ଭୁତାଣୁ ସଂକ୍ରମଣ ଯୋଗୁ ଇତିମଧ୍ୟରେ ଚାଇନାରେ ୩୬୧ ଜଣଙ୍କ ମୃତ୍ୟୁ ଘଟିଲାଣି। ସର୍ବାଧିକ ମୃତ୍ୟୁ ଘଟଣା କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶରେ ଘଟିଛି। ସେହିପରି ୧୬ ହଜାର ୬ଶହରୁ ଅଧିକ ଲୋକ ଏହାଦ୍ୱାରା ସଂକ୍ରମିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚାଇନା ସରକାର ଉହାନ୍ ପ୍ରଦେଶରେ ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ମାତ୍ର ୧୦ ଦିନରେ ଶେଷ କରିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଜାନୁୟାରୀ ୨୪ରୁ ଆରମ୍ଭ ହୋଇଥିଲା। ରବିବାର ହସ୍ପିଟାଲ ନିର୍ମାଣ ଶେଷ ହୋଇଛି। ସୋମବାରଠାରୁ ହସ୍ପିଟାଲରେ ଚିକିତ୍ସା କାର୍ଯ୍ୟ ଆରମ୍ଭ ହୋଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଚାଇନାର ୧୪୦୦ ସୈନ୍ୟ ହସ୍ପିଟାଲର ପରିଚାଳନା କରିବେ। ୬୯ ହଜାର ବର୍ଗଫୁଟ ଅଞ୍ଚଳରେ ହସ୍ପିଟାଲ ନିର୍ମାଣ କରାଯାଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ୨୦୦୩ରେ ସ୍ୱର୍ସ ଭୁତାଣୁ ସଂକ୍ରମଣକାରୀଙ୍କ ଚିକିତ୍ସା ପାଇଁ ଚାଇନା ସରକାର ୭ ଦିନ ମଧ୍ୟରେ ବେଜିଂରେ ଏକ ହସ୍ପିଟାଲ ନିର୍ମାଣ କରିଥିଲେ।



**ମେୟର ପଦବୀ**

# ନିର୍ବାଚନ ଲଢୁଛନ୍ତି ୨ କୁକୁର ଏବଂ ଛେଳି

ୱର୍ମାଣ୍ଟୋ: ମଣିଷ ନିର୍ବାଚନ ଲଢ଼ିଥାନ୍ତି। ତେବେ କୌଣସି ପ୍ରାଣୀ ନିର୍ବାଚନ ଲଢ଼ିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଆମେରିକାର ଉତ୍ତର ପୂର୍ବରେ ଥିବା ୱର୍ମାଣ୍ଟୋ ସହରରେ ମେୟର ପଦବୀ ପାଇଁ ୩ ପ୍ରାଣୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେଥିମଧ୍ୟରେ ୨ଟି କୁକୁର ଥିବା ବେଳେ ଗୋଟିଏ ଛେଳି ରହିଛି। ସେଥିମଧ୍ୟରୁ ଗୋଟିଏ କୁକୁର ଜର୍ମାନ ଶେଫର୍ଡ ପ୍ରଜାତିର ଥିବାବେଳେ ଅନ୍ୟଟି ମଫି ପ୍ରଜାତିର। ସେହିପରି ଛେଳିଟି ନ୍ୟୁବିୟନ୍ ଲିଙ୍କନ ପ୍ରଜାତିର। ନିର୍ବାଚନ ମାର୍ଚ୍ଚ ୩ରେ ହେବ। ଏଥିପାଇଁ ଭୋଟରମାନଙ୍କୁ ମତଦାନ କରିବା ସହିତ ଏକ ଡଲାର ମଧ୍ୟ ଦେବାକୁ ପଡ଼ିବ। ସଂଗ୍ରହ ହୋଇଥିବା ଅର୍ଥରେ ଛୋଟ ପିଲାଙ୍କ ପାଇଁ ଏକ ଖେଳ ପଡ଼ିଆ ନିର୍ମାଣ କରାଯିବ। ଖେଳ ପଡ଼ିଆ ନିର୍ମାଣ ପାଇଁ ୫୭ ଲକ୍ଷ ଟଙ୍କା ଆବଶ୍ୟକ। ଇତିମଧ୍ୟରେ ଲୋକେ ୭ ଲକ୍ଷ ଟଙ୍କା ସଂଗ୍ରହ କରିଛନ୍ତି।










# ନଦୀରେ ଲାଗିଛି ନିଆଁ

**ପାଇପ୍ ଲାଇନରୁ ତେଲ ଲିକ୍**



**ଗୁଆହାଟୀ,୩।୨:** ଆସାମର ଏକ ଛୋଟ ନଦୀ ଦୁଇଦିନ ହେଲା ହୁତ୍‌ହୁତ ହୋଇ ଜଳୁଛି ଓ ପ୍ରବଳ ମାତ୍ରାରେ କଳାଧୂଆଁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଆଚ୍ଛାଦିତ କରି ରଖିଛି। ରାଜଧାନୀ ଗୁଆହାଟୀଠାରୁ ୪୦୦ କିଲୋମିଟର ଦୂର ଡିବ୍ରୁଗଡ଼ ଜିଲାର ନହରକାଟିଆ ସହର ନିକଟବର୍ତ୍ତୀ ବୁର୍‌ହୀ ଡିହିଙ୍ଗ୍ ନଦୀର ଏକ ଶାଖାରେ ଏହି ନିଆଁ ଲାଗିଛି। ଅଶୋଧିତ ତୈଳ ପାଇପ୍‌ଲାଇନ ଫାଟିଯିବାରୁ ଏଭଳି ନିଆଁ ଲାଗିଥିବା ଜଣାପଡିଛି। ତେବେ ମୁଖ୍ୟ ଟ୍ୟାଙ୍କ୍ ପମ୍ପ୍‌ରେ ବିରଳ ଯାନ୍ତ୍ରିକ ତ୍ରୁଟି ପାଇଁ ତେଲ ଲିକ୍ ହେଉଥିବା ଅଏଲ୍ ଇଣ୍ଡିଆ କର୍ତ୍ତୃପକ୍ଷ କହିଛନ୍ତି। ଉପର ଆସାମ ଅଞ୍ଚଳରେ ଥିବା ତୈଳଖଣିରୁ ସଂଗୃହୀତ ଅଶୋଧିତ ତୈଳ ଏହି ଟ୍ୟାଙ୍କରେ ରହିଥାଏ। ନିଆଁ ଲିଭାଇବାକୁ ବିଶେଷଜ୍ଞମାନଙ୍କର ଏକ ଟିମ୍ ପହଞ୍ଚିଛନ୍ତି। ନିଆଁକୁ ଆୟତ୍ତ କରାଯାଇଥିବା ଅଏଲ୍ ଇଣ୍ଡିଆ କର୍ତ୍ତୃପକ୍ଷ ଦାବି କରିଛନ୍ତି। ନଦୀରେ ତେଲ ଲିକ୍ ହେବା ପରେ କେହି ସେଥିରେ ନିଆଁ ଲଗାଇଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଯଦିଓ ଏହି ଅଗ୍ନିକାଣ୍ଡ ଯୋଗୁ କେହି ମୃତାହତ ହୋଇନାହାନ୍ତି ତେବେ ସ୍ଥାନୀୟ ପରିବେଶ ପାଇଁ ଏହା ଗୁରୁତର କ୍ଷତି ପହଞ୍ଚାଇଛି। ଜାନୁୟାରୀ ୩୧ ରାତିରେ ପାଇପ୍‌ଲାଇନ ଫାଟିଥିଲା ଏବଂ ତା ପରଦିନ ନିଆଁ ଲାଗିଥିଲା ବୋଲି ଅଏଲ ଇଣ୍ଡିଆର ବରିଷ୍ଠ ପରିଚାଳକ ତ୍ରିଦିଭ ହଜାରିକା କହିଛନ୍ତି।

# ୫,୬୦,୮୯୧ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

**ଭୁବନେଶ୍ୱର, ୩।୨(ବ୍ୟୁରୋ):** ଚଳିତବର୍ଷ ୫, ୬୦, ୮୯୧ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବେ। ମୋଟ ୨,୮୮୮ କେନ୍ଦ୍ରରେ ପରୀକ୍ଷା ହେବ। ଏଥିପାଇଁ ୩୦୭ ନୋଡାଲ ସେଣ୍ଟର କରାଯାଇଛି। ୨୨ ପୋଲିସ୍ ଷ୍ଟେଶନକୁ ନୋଡାଲ ସେଣ୍ଟର କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ବେଦନଶୀଳ ୧ ହଜାର କେନ୍ଦ୍ରରେ ସିସିଟିଭି ଲଗାଇବା କାର୍ଯ୍ୟ ଜାରି ରହିଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ନୋଡାଲ ସେଣ୍ଟରଗୁଡ଼ିକରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ପରୀକ୍ଷା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ନେଇ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ବର୍ତ୍ତମାନ ପ୍ରଶ୍ନପତ୍ର ଛପା ଓ ପ୍ୟାକିଂ କାର୍ଯ୍ୟ ଚାଲିଛି। ଆସନ୍ତା ୮ତାରିଖରେ ଓଏମ୍ଆର୍ ଉପସ୍ଥାନ ଶିଟ୍ ଓ ଆଡମିଟ୍ କାର୍ଡ ସ୍କୁଲକୁ ପଠାଯିବ। ତେବେ ଏହାର ପୂର୍ବଦିନ ଅର୍ଥାତ୍ ୭ ତାରିଖରେ ୱେବ୍‌ସାଇଟରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପରୀକ୍ଷା ସୁପରିଚାଳନା ପାଇଁ ବୋର୍ଡ ପକ୍ଷରୁ ପୋଲିସ ଡିଜି, ଆର୍‌ଡିସି, ସମସ୍ତ ଜିଲାପାଳ ତଥା ଏସ୍‌ପିଙ୍କ ସହାୟତା ମଗାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହେବ।

# ୬ ଜିଲାରେ ଘନ କୁହୁଡି

**୯ ଯାଏ ବର୍ଷା**

**ଭୁବନେଶ୍ୱର,୩।୨(ବ୍ୟୁରୋ):** ବଙ୍ଗୋପସାଗରରେ ଏକ ଗୁରୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୯ ତାରିଖ ଯାଏ ରାଜ୍ୟର ଅଧିକାଂଶ ଭାଗରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହେବାର ସମ୍ଭାବନା ରହିଛି। ୮ ଓ ୯ ତାରିଖରେ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉତ୍ତର ଓଡିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ,ରାୟଗଡା, ବୌଦ୍ଧ, ସୋନପୁର, ବରଗଡ, ସମ୍ବଲପୁର, ଅନୁଗୋଳ, କୋରାପୁଟ, ବଲାଙ୍ଗୀର, ନୂଆପଡା, କନ୍ଧମାଳ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହିସମୟ ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର ଆଦି ଜିଲାର କେତେକ ସ୍ଥାନରେ ଘନ କୁହୁଡି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୮ ତାରିଖରେ ସୁନ୍ଦରଗଡ, ମୟୂରଭଞ୍ଜ, ସମ୍ବଲପୁର. ଦେବଗଡ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ , ଯାଜପୁର, ଝାରସୁଗୁଡା, କେନ୍ଦୁଝର ଜିଲାର ଅଧିକାଂଶ ସ୍ଥାନରେ ଏବଂ କଟକ, ଖୋର୍ଦ୍ଧା, ପୁରୀ, ବୌଦ୍ଧ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଫେବୃୟାରୀ ୯ ତାରିଖରେ ମଧ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଗ ମେଘୁଆ ରହୁଥିବାରୁ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଘଟୁ ନାହିଁ। ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଝାରସୁଗୁଡାରେ ୧୧.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବିଜୟ କେତନଙ୍କୁ ଜାମିନ

**ନିମ୍ନ ଅଦାଲତ ସର୍ତ୍ତ ନିର୍ଦ୍ଧାରଣ କରିବେ: ହାଇକୋର୍ଟ**

**କଟକ ଅଫିସ, ୩।୨:** ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ହେଲେ ନିମ୍ନ ଅଦାଲତ ସର୍ତ୍ତ ନିର୍ଦ୍ଧାରଣ କରିବେ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିବାବେଳେ ଏକ ବିଲ୍ ପାସ୍ କରିବା ପାଇଁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ବିଜୟଙ୍କୁ ଭିଜିଲାନ୍ସ ଡିସେମ୍ବର ୩୦ରେ ଗିରଫ କରିଥିଲା। ସେ ଜଣେ ସହଯୋଗୀଙ୍କ ଜରିଆରେ ଏକ ଘରୋଇ ସଂସ୍ଥାର ପ୍ରତିନିଧିଙ୍କଠାରୁ ଉକ୍ତ ଟଙ୍କା ନେଉଥିବା ଭିଜିଲାନ୍ସ ଦର୍ଶାଇଥିଲା। ଭିଜିଲାନ୍ସ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ବିଜୟଙ୍କ ୨ ଥର ଜାମିନ ଆବେଦନକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାନୁୟାରୀ ୮ ଓ ୧୩ ତାରିଖରେ ଖାରଜ କରିଦେଇଥିଲେ। ଫଳରେ ସେ ତାହାକୁ ଚ୍ୟାଲେଞ୍ଜ କରି ଜାନୁୟାରୀ ୧୪ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଅନୁଭବ ପରୋକ୍ଷରେ ଅଭିଯୋଗକୁ ସ୍ୱୀକାର କରିଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୩।୨(ବ୍ୟୁରୋ):** କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ୨୦୧୪ ରାଜ୍ୟ ସଭା ନିର୍ବାଚନ ସମୟରେ ନିଜର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଭୁଲ୍ ତଥ୍ୟ ଦେଇଥିବା ରବିବାର କଂଗ୍ରେସ ଅଭିଯୋଗ କରିଥିଲା। ଏହି ଅଭିଯୋଗକୁ ଏମ୍‌ପି ମହାନ୍ତି ଖଣ୍ଡନ କରିବା ସହିତ କଂଗ୍ରେସକୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମାଲୋଚନା କରିଥିଲେ। ଏହିଘଟଣାରେ ସୋମବାର କଂଗ୍ରେସ ନେତା ନିଶିକାନ୍ତ ମିଶ୍ର କହିଛନ୍ତି ଯେ, ଅନୁଭବଙ୍କ ଉକ୍ତ ପ୍ରେସ୍ ବିଜ୍ଞପ୍ତି ପରୋକ୍ଷରେ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଆଶା କରାଯାଉଥିଲା ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିବା ପରେ ଏମ୍‌ପି ସମସ୍ତ ଦସ୍ତାବିଜ୍ ସହ ତାଙ୍କର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ପ୍ରମାଣପତ୍ର ଦେଖାଇ ପ୍ରତିପକ୍ଷଙ୍କୁ ଚୁପ୍ କରିବା ପାଇଁ ଚେଷ୍ଟା କରିବେ। କିନ୍ତୁ ତାହା ନ କରି ନିଜର ପୁରୁଣା ଶୈଳୀରେ ଆଇନକାନୁନ୍‌କୁ ବାଏଁ ବାଏଁ ଉଡ଼ାଇ ଦେବା ପାଇଁ ଚେଷ୍ଟା କରିଛନ୍ତି। କଂଗ୍ରେସ ଯେଉଁ ତିନୋଟି କଥାକୁ ନେଇ ତାଙ୍କୁ ଚ୍ୟାଲେଞ୍ଜ କରିଛି ତାହା– ଏମ୍‌ପିଙ୍କ ବି.ଏ ସାର୍ଟିଫିକେଟ୍ ବୈଧ କି ନୁହେଁ। ବିନା ମାଇଗ୍ରେଶନ୍ ସାର୍ଟିଫିକେଟ୍‌ରେ ଏକ ରାଜ୍ୟ ବାହାରର ବିଶ୍ୱ ବିଦ୍ୟାଳୟରେ ନାମ ଲେଖାଇଲେ କେମିତି। ରେଜିଷ୍ଟ୍ରେଶନ ନଂ. ୧୪୧୦୮/୨୦୦୩ରେ ଅନୁଭବ ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କନ୍ଦରପୁର କଲେଜର ଛାତ୍ର କି ନୁହେଁ ଏବଂ ଅଦ୍ୟାବଧି ପାସ୍ କରିନ ଥିବା କଥା ସତ କି ମିଛ ତା'ର ଉତ୍ତର ଦିଅନ୍ତୁ ବୋଲି ନିଶିକାନ୍ତ କହିଛନ୍ତି। ଯଦି କଂଗ୍ରେସ ଅଭିଯୋଗ ଉଦ୍ଦେଶ୍ୟ ପ୍ରଣୋଦିତ ତେବେ ସେ ଆଇନର ଆଶ୍ରୟ ନ ନେଇ କ'ଣ ପାଇଁ ଖସିଯିବାକୁ ଚେଷ୍ଟା କରୁଛନ୍ତି ବୋଲି ନିଶିକାନ୍ତ ପ୍ରଶ୍ନ କରିଛନ୍ତି।


# ସାହାରା ଇଣ୍ଡିଆ ପରିବାରର 42 ବର୍ଷ

## ବର୍ତ୍ତମାନର ପରିସ୍ଥିତି




**ମୋର ସମ୍ମାନୀୟ ନିବେଶକର୍ତ୍ତା ସାଥୀଗଣ,**

ନିଜର ଏହି 42 ବର୍ଷରେ ଏହି ପରିବାର ନିଜର ସେବା ପକ୍ଷରେ କୋଟି କୋଟି ସମ୍ମାନିତ ଜମାକର୍ତ୍ତା/ନିବେଶକର୍ତ୍ତାଙ୍କର ଭରପୂର ସ୍ନେହ ଏବଂ ବିଶ୍ୱାସ ଅର୍ଜିତ କରିଛନ୍ତି ଏବଂ ଏହି ବିଶ୍ୱାସ ପାଇଁ ମୁଁ, ସାହାରା ଇଣ୍ଡିଆ ପ୍ରମୁଖ ହେବା କାରଣରୁ ନିଜ ପରିବାର ତରଫରୁ ବଡମାନଙ୍କୁ ନମସ୍କାର, ସମକକ୍ଷମାନଙ୍କୁ ଶୁଭେଚ୍ଛା ଏବଂ ସାନମାନଙ୍କୁ ହୃଦୟ ସହ ସ୍ନେହ ଜ୍ଞାପନ କରୁଛି ।

### ପରିଶୋଧରେ ବିଳମ୍ବ:

ସାହାରା ଇଣ୍ଡିଆ ପରିବାର ସମ୍ମାନିତ ନିବେଶକର୍ତ୍ତାମାନଙ୍କୁ ସଠିକ୍ ସମୟରେ ପରିଶୋଧ କରିବା ଏବଂ ନିଜର ସେବାପକ୍ଷକୁ ଉତ୍କୃଷ୍ଟ କରି ରଖିବାର ନିଜର ସ୍ଥାପିତ ପରଂପରାର ସର୍ବଦା ନିର୍ବାହ କରି ଆସୁଅଛି । କିନ୍ତୁ ବିଗତ 7 ବର୍ଷରୁ କିଛି ଅପ୍ରିତିକର ପରିସ୍ଥିତି ଯୋଗୁଁ ସାହାରାର ସ୍ଥାପିତ ପରଂପରାର ବିପକ୍ଷରେ କିଛି ଜାଗାରେ ପରିଶୋଧ କରିବାରେ ବିଳମ୍ବ ହେଉଅଛି । ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିବନ୍ଧ (ଏମ୍ବାର୍ଗୋ)ର ଫଳସ୍ୱରପ ଆମେ ନିଜର ପରିସଂପତ୍ତିକୁ ବିକ୍ରି କରି, ବନ୍ଧା ଦେଇ, କିମ୍ବା ଜଏଣ୍ଟ୍ ଭେଞ୍ଚରରୁ ଧନ ଏକାଠି କଲେ ମାନନୀୟ ସୁପ୍ରିମ୍ କୋର୍ଟର ଆଦେଶ ଅନୁସାରେ ସମସ୍ତ ଟଙ୍କା ସାହାରା-ସେବୀ ଖାତାରେ ଜମା ହୋଇଯିବ, ସେଥିରୁ ଏକ ଟଙ୍କା ମଧ୍ୟ ସଂସ୍ଥାଗତ କାର୍ଯ୍ୟରେ ଉପଯୋଗ କରିପାରିବୁ ନାହିଁ, ଏପରି କି ସମ୍ମାନିତ ନିବେଶକଙ୍କ ପରିଶୋଧ ପାଇଁ ମଧ୍ୟ ନୁହେଁ ।

**ଯେତେବେଳେ କି ସାହାରାର ପରିସଂପତ୍ତି ଏହାର ସମଗ୍ର ଦେଣଦାରୀ ତୁଳନାରେ ତିନି ଗୁଣ ଅଧିକ ଅଟେ ।**

### ତିନି ଗୁଣ ପରିସଂପତ୍ତି ଥାଇ ମଧ୍ୟ ଅସୁବିଧାର କାରଣ :

ଏବେ କଥା ଏହିଠାରେ ପହଞ୍ଚିଲାଣି କି ଯେ ସାହାରା ପାଖରେ ଯଦି ଏତିକି ପରିସଂପତ୍ତି ଅଛି ତେବେ ସେ ତାକୁ ବିକ୍ରି କରି ସଂକଟ ଭିତରୁ କାହିଁକି ବାହାରକୁ ଆସିଯାଉ ନାହିଁ । ଏହି ସମୟରେ ଆମେ ଏହି ଘଡିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛୁ କି ସବୁ କିଛି ଆମ ଅଧିକାର ଭିତରେ ଅଛି କିନ୍ତୁ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିବନ୍ଧ କାରଣରୁ ଆମେ ଅଧିକାରର ବାହାରେ ଅଛି । ଯଦି ଏହି ସମୟରେ ଆମକୁ ଭବନ ନିର୍ମାଣ କରିବାର ବ୍ୟବସାୟ କରିବା ପାଇଁ ଟିକିଏ ଛାଡ ମିଳନ୍ତା ତେବେ ସବୁ କିଛି କେବେଠାରୁ ଠିକ୍ ହୋଇ ସାରନ୍ତାଣି ।

ପ୍ରକୃତରେ, ପୁରା ହିନ୍ଦୁସ୍ଥାନରେ ଆମର ହଜାର ହଜାର ଏକର ଜମି ଶହ ଶହ ଭୂଖଣ୍ଡ ରୂପରେ ବିସ୍ତାରିତ ହୋଇପଡିଛି କିନ୍ତୁ ସାରା ଭୁଖଣ୍ଡ ବଡ କ୍ଷେତ୍ରଫଳ ଥିବା ଅର୍ଥାତ୍ 100-200-300 ଏକରର ଅଟେ । ଏକା ଆମ୍ବିଭେଲିର କ୍ଷେତ୍ରଫଳ 9000 ଏକର ଅଟେ । ଏବେ କଷ୍ଟ ଏହା କି ଯେ ଏତେ ବଡ ଭୂଖଣ୍ଡକୁ କିଣିବା ଲୋକ ହିନ୍ଦୁସ୍ଥାନରେ ନାହିଁ । କାରଣ ଭୂ-ବଜାରରେ (Real Estate) ଏବେ ମାନ୍ଦାବସ୍ଥା ଅଛି । ଏହିପରି ପରିସ୍ଥିତିରେ ଯେଉଁ ଗୋଟେ ଦୁଇଟା କିଣିବାବାଲା ମିଳନ୍ତି ସେମାନେ ଗୋଟିଏ ଜମିକୁ ତାର ବାସ୍ତବିକ ମୂଲ୍ୟର ଏକ ଚତୁର୍ଥାଂଶରୁ କମ୍ ମୂଲ୍ୟରେ ନେବାକୁ ଚାହୁଁଛନ୍ତି । ମାନନୀୟ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଏହି ପ୍ରକାରର କମ୍ ମୂଲ୍ୟରେ କିଣାବିକା ଆମ ପକ୍ଷରେ ସଂଭବ ନୁହେଁ କାରଣ ଆମକୁ ସରକାରୀ ସାର୍କିଲ୍ ରେଟ୍‌ର 90 ଶତକଡା କମ୍‌ରେ ବିକ୍ରି କରିବାର ଅନୁମତି ନାହିଁ ।

ବଡ ଭୂଖଣ୍ଡ ଉପରେ ଯଦି ଟାଉନ୍‌ସିପ୍ (କଲୋନୀ) ବିକସିତ କରିବାର କଥା ଭାବୁ ତେବେ ଦୁଇଟି ପରିସ୍ଥିତି ଦେଖାଦେବ । ପ୍ରଥମରେ ଭୂଖଣ୍ଡର ଆନ୍ତରିକ ବିକାଶ ଏବଂ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଯେପରିକି ସଡକ କିମ୍ବା ଅନ୍ୟ ସୁବିଧାଗୁଡିକର ନିର୍ମାଣ ହେତୁ ଫଣ୍ଡର ଅଭାବ, ଅନ୍ୟ ପକ୍ଷରେ ଯଦି ଆମେ ଆବାସ ଡେଭେଲପ୍‌ମେଣ୍ଟ୍ କରିବା ପାଇଁ ଆବାସକଙ୍କଠାରୁ ବୁକିଙ୍ଗ୍ ଅଗ୍ରୀମ ନେଇଥାଉ ତେବେ ଏଥିରୁ ଯେଉଁ ପଇସା ଆସିବ ତାହା ଏହି ଅଦ୍‌ଭୁତ ବିଷମ ପରିସ୍ଥିତିରେ ମାନନୀୟ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସାହାରା-ସେବି ଆକାଉଣ୍ଟ୍‌ରେ ଜମା କରିବାକୁ ପଡିବ, ତେବେ ପୁଣି ହାଉସିଂ ଡେଭେଲପ୍‌ମେଣ୍ଟ୍‌ର ବ୍ୟବସାୟର ଗାଡି ଆଗକୁ କିପରି ଚାଲିବ ? ଜମି ତ ଅଛି ମାତ୍ର ଏଥିରେ ବିକାଶ ପାଇଁ ବ୍ୟବସାୟ କରାଯାଇପାରିବ ନାହିଁ । ଯେଉଁ ପ୍ରୋଜେକ୍ଟ୍ ଚାଲୁଥିଲା ଆଜି ସେ ବି ଅଟକି ପଡିଛି । କାରଣ ଧନରାଶିର ସ୍ରୋତ ବନ୍ଦ ହୋଇ ଯାଇଛି ।

### ଖୁସିର କଥା:

ଖୁସିର କଥା ଏହିକି ଯେ, ଦୁଇଜଣ ସମ୍ମାନିତ ବିଦେଶୀ ନିବେଶକ ସଂସ୍ଥା, ବହୁତ ବଡ ରାଶି ନେଇ ଆମ ସାଥିରେ ରିଅଲ୍ ଇଷ୍ଟେଟ୍ ଏବଂ ସିଟି ବିକାଶର ବ୍ୟବସାୟରେ ଆସୁଛନ୍ତି ସମ୍ମାନୀୟ ସୁପ୍ରିମ୍ କୋର୍ଟର ନିର୍ଦ୍ଦେଶକୁ ଧ୍ୟାନରେ ରଖି ଏପରି କିଛି କାଗଜରେ ଦସ୍ତଖତ ହୋଇଛି ଯେ, ଯେଉଁଥିରେ ଏହିବର୍ଷ 2020 ଭିତରେ ସାହାର ଅସୁବିଧାର ସମାଧାନ ହୋଇଯିବ ।

ଏହି ପୃଷ୍ଠଭୂମିରେ ଆମକୁ ବିନା ଭ୍ରମ ଏବଂ ଭ୍ରାନ୍ତିରେ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ । ଆପଣମାନେ ସବୁବେଳେ ଆମର ସାଥିରେ ଅଛନ୍ତି ଏବଂ ମୋର ପୂର୍ଣ୍ଣ ବିଶ୍ୱାସ କି ଆମେ ଆପଣଙ୍କର ଏହି ବହୁମୂଲ୍ୟ ଆପଣାପଣ ଏହି ବର୍ଷ ଅର୍ଥାତ୍ 2020 ରେ ମଧ୍ୟ ଅବଶ୍ୟ ପ୍ରାପ୍ତ ହେବ ।

### ସାହାରାର ₹22,000 କୋଟି :

ଏ ପର୍ଯ୍ୟନ୍ତ ସାହାରା-ସେବି ଖାତାରେ ସୁଧ ସହ ପ୍ରାୟ **₹22,000 କୋଟି** ଜମା ହୋଇସାରିଲାଣି । ସେତେବେଳେ ସେବି 4 ଥର 154 ସମ୍ବାଦପତ୍ର ଜରିଆରେ ସାରା ଦେଶରେ ବିଜ୍ଞାପନ ଦେବା ସତ୍ତ୍ୱେ **₹106.10 କୋଟି** ହିଁ ସମ୍ମାନିତ ନିବେଶକମାନଙ୍କୁ ପରିଶୋଧ ସ୍ୱରୂପ ଦେଇପାରିଛି । ଚତୁର୍ଥ ବିଜ୍ଞାପନରେ ସେବୀ ପରିଷ୍କାର ଭାବରେ ଲେଖିଛି କି ଏହା ପରେ ସେ କୌଣସି ଦାବୀ ଉପରେ ବିଚାର କରିବ ନାହିଁ । ଏଠାରେ ଶେଷ ବିଜ୍ଞାପନ ପାଖାପାଖି ଗୋଟିଏ ବର୍ଷ ପୂର୍ବରୁ ଆସିଥିଲା, ଅର୍ଥାତ୍ ଏବେ କୌଣସି ପରିଶୋଧ ବାକି ରହିଯାଇନାହିଁ । ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶାନୁସାରେ ଯାଞ୍ଚ୍ ପରେ **₹22,000 କୋଟିର** ଏହି ରକମ ସାହାରାକୁ ହିଁ ଫେରି ଆସିବ ।

### ଆମେ ଦୃଢୀଭୂତ :

ଏହି କଥା ବିଲ୍‌କୁଲ୍ ଠିକ୍ କି ବିଗତ କିଛି ବର୍ଷରୁ ଆମେ ପ୍ରତିକୂଳ ପରିସ୍ଥିତି କାରଣରୁ କିଛି ଜାଗାରେ ନିଜର ସମୟବଦ୍ଧ ପରିଶୋଧର ସ୍ଥାପିତ ପରଂପରାକୁ ପୂର୍ଣ୍ଣ ଭାବରେ ଚାଲୁ ରଖିବାର ସେହି ସ୍ତର ପର୍ଯ୍ୟନ୍ତ ସଫଳ ହୋଇପାରିଲୁ ନାହିଁ, କିନ୍ତୁ ପରିଶୋଧର ବଚନବଦ୍ଧତା ପ୍ରତି ଆମେ ଆଜି ମଧ୍ୟ ଦୃଢ ଅଛୁ ଏବଂ ଯଦି ଗୋଟିଏ ଦିନ ମଧ୍ୟ ବିଳମ୍ବ ହୋଇଥାଏ ତେବେ ବିଳମ୍ବିତ ଅବଧିର ସୁଧ ସହିତ ନିଜର ନିବେଶକର୍ତ୍ତାମାନଙ୍କୁ ପୂର୍ଣ୍ଣ ପରିଶୋଧ କରୁଅଛୁ ।

ଆପଣ ନିବେଶକର୍ତ୍ତା ସାଥୀମାନଙ୍କ ହିତ ଆମ ପାଇଁ ସବୁବେଳେ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ସର୍ବଦା ରହିବ ।

### ଭ୍ରାମକ ପ୍ରଚାରଠାରୁ ରକ୍ଷା ପାଆନ୍ତୁ :

ଆପଣଙ୍କଠାରେ ଆମର ଏତିକି ଅନୁରୋଧ କି ଭ୍ରମରେ ପକାଉଥିବା କଥା ଯୋଗୁଁ ଆପଣ କେବେହେଲେ ବିଚଳିତ ହୁଅନ୍ତୁ ନାହିଁ ଏବଂ ଧୈର୍ଯ୍ୟ ରଖନ୍ତୁ । ଆପଣଙ୍କୁ ଆପଣଙ୍କ ନିବେଶିତ ଧନ ପୂରା ସୁଧ ସହ ପ୍ରାପ୍ତ ହେବ । ଯେଉଁ ବିଳମ୍ବ ହେଉଅଛି ତାହାକୁ ଆପଣମାନେ ଏହା ଭାବିକି ଚାଲନ୍ତୁ କି ଆପଣ ଆପଣଙ୍କ ଧନ ଟିକିଏ ଅଧିକ ସମୟ ପାଇଁ ନିବେଶିତ କରି ରଖିଛନ୍ତି ଯାହା ଉପରେ ମୂଳଧନ ସହିତ ଅଧିକ ସୁଧ ମଧ୍ୟ ଅର୍ଜିତ ହେଉଅଛି । ଆଗକୁ ଆପଣ ଦେଖିବେ କି ଆମେ ଏହି ପ୍ରତିକୂଳ ପରିସ୍ଥିତିରୁ ବାହାରି ଏହି ବର୍ଷ ଭିତରେ ସମସ୍ତଙ୍କୁ ପୂର୍ବ ପରି ଏବଂ ତାହାଠାରୁ ମଧ୍ୟ ଅଧିକ ଲାଭ ଏବଂ ସେବା ପ୍ରଦାନ କରିବା ଆରମ୍ଭ କରିଦେବୁ ।

### ଆପଣ ସଂପୂର୍ଣ୍ଣ ଭାବରେ ସୁରକ୍ଷିତ ଅଟନ୍ତି:

ମୁଁ ପୁଣି ଥରେ ଆପଣଙ୍କୁ ଆଶ୍ୱାସନା ଦେଉଅଛି କି ଆପଣମାନଙ୍କ ଧନ ସଂପୂର୍ଣ୍ଣ ଭାବରେ ସୁରକ୍ଷିତ ଅଛି ଏବଂ ଆପଣମାନଙ୍କୁ କୌଣସି ପ୍ରକାରର କ୍ଷତି ହେବ ନାହିଁ । ଆପଣମାନେ ସର୍ବଦା ଆମର ସାଥିରେ ଅଛନ୍ତି ଏବଂ ଆଜି ମଧ୍ୟ ଆପଣଙ୍କ ସହଯୋଗ ମଧ୍ୟ ଆମର ଆବଶ୍ୟକ । ଆପଣମାନଙ୍କୁ ଅନୁରୋଧ କି ଆପଣ ସର୍ବଦା ଆମ ଉପରେ ବିଶ୍ୱାସ ରଖନ୍ତୁ ।

ସମ୍ମାନ ଏବଂ ଶୁଭକାମନା ସହିତ
ଆପଣଙ୍କ ଭାବନାତ୍ମକ ସହଯୋଗର ଆକାଂକ୍ଷୀ
ସର୍ବଦା ଆପଣଙ୍କର

SaharaSri

ସୁବ୍ରତ ରାୟ ସାହାରା

SAHARA INDIA PARIWAR

CHHABI202001-11/CORP-Or

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କ୍ରୀଷ୍ଟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜଧାନୀରେ ଶତାଧିକ ଚାଷୀ ଗିରଫ

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ନୟାଗଡ଼ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ ଓ ଚାଷୀଙ୍କ ବକେୟା ପ୍ରଦାନ ଦାବିରେ ଗତ ୩୦ତାରିଖରୁ ଆରମ୍ଭ ହୋଇଥିବା ବିଶାଳ ପଦଯାତ୍ରା ସୋମବାର ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଥିଲା। ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ ବହୁ ଚାଷୀ ତଥା ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ପଦଯାତ୍ରାରେ ପୂର୍ବାହ୍ନରେ ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ପୋଲିସ ଶିଶୁଭବନ ନିକଟରେ ଅଟକାଇଥିଲା। କ୍ରିୟାନୁଷ୍ଠାନ କମିଟିର ୬ ଜଣିଆ ସଦସ୍ୟଙ୍କୁ ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆଲୋଚନା ପାଇଁ ଡ଼କାଯାଇଥିଲା। ହେଲେ ଦୀର୍ଘ ସମୟ ସେଠାରେ ଅପେକ୍ଷା କରିବା ସତ୍ତ୍ୱେ କୌଣସି ପଦାଧିକାରୀ ସେମାନଙ୍କ ସହ ଆଲୋଚନା ପାଇଁ ଆସି ନ ଥିଲେ। ଫଳରେ କମିଟିର ଆବାହକ ବିଶ୍ୱନାଥ ମହାପାତ୍ର ଓ ସଭାପତି ଯୋଗେନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଆଇନ୍ ଅମାନ୍ୟ ଆନ୍ଦୋଳନ ନାରା ଦିଆଯାଇ ଲୋକସେବା ଭବନକୁ ଧସେଇ ପଶିବାକୁ ଉଦ୍ୟମ କରାଯାଇଥିଲା। ଫଳରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ୧୦୦ଜଣଙ୍କୁ ଗିରଫ କରି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଛି।



**ନୟାଗଡ଼ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବି**

- ୩୦ରୁ ଚାଲିଛି ପଦଯାତ୍ରା
- ନବୀନ ନିବାସ ଯିବାବେଳେ ଅଟକାଇଲା ପୋଲିସ
- ଲୋକସେବା ଭବନ ସମ୍ମୁଖରେ ପୋଲିସ ସହ ଧସ୍ତାଧସ୍ତି

ଉଲ୍ଲେଖଯୋଗ୍ୟ, ୧୯୮୮ରେ ନୟାଗଡ଼ ପାଣିପୋଇଲାଠାରେ ରାଜ୍ୟର ତୃତୀୟ ଚିନିକଳ ଆରମ୍ଭ ହୋଇଥିଲା। ସମୟାନୁକ୍ରମେ ସରକାର ନୟାଗଡ଼ ସୁଗାର କମ୍ପ୍ଲେକ୍ସ ହାତରେ ଚିନିକଳର ପରିଚାଳନା ଦାୟିତ୍ୱ ଦେଇଥିଲେ। ଏହାର ପରିଚାଳନା କରିବାରେ ସୁଗାର କମ୍ପ୍ଲେକ୍ସ କର୍ତ୍ତୃପକ୍ଷ ବିଫଳ ହେବା ସହ ହଜାର ହଜାର ଆଖୁଚାଷୀଙ୍କ ୭କୋଟି ଟଙ୍କା ଦେଇ ନ ପାରି ଚିନିକଳକୁ ବନ୍ଦ କରିଦେଇଥିଲେ। ଫଳରେ ନୟାଗଡ଼ ଜିଲାରେ ଏବେ ଆଖୁଚାଷୀ ଆର୍ଥିକ ଦୁରବସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏବେ ଉକ୍ତ ଚିନିକଳ ବ୍ୟାଙ୍କ ଋଣରେ ଫସି ରହିଛି। ଋଣ ସୁଝି ନ ହେବା କାରଣରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଚିନିକଳକୁ ନିଲାମ କରିବା ପାଇଁ ମଧ୍ୟ ପ୍ରୟାସ କରିଲେଣି। ତେଣୁ ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚିନିକଳ ପୁନଃ ଖୋଲିବା ସହ ଚାଷୀଙ୍କ ବକେୟା ଦେବା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବା ପାଇଁ ପଦଯାତ୍ରା କରାଯାଇଥିଲା। ନୟାଗଡ଼ରୁ ହଜାର ହଜାର ଚାଷୀ ପଦଯାତ୍ରା କରି ସୋମବାର ଭୁବନେଶ୍ୱରରେ ପହଞ୍ଚିଥିଲେ।

## ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ: ପିନାକୀ

ନୂଆଦିଲ୍ଲୀ, ୩।୨: ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ ବୋଲି ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ସୋମବାର ଲୋକ ସଭାରେ ଦାବି କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ବେଳେ ଓଡ଼ିଶା ଗତ ୮ ବର୍ଷରେ ୫ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେଲାଣି। ପ୍ରତ୍ୟେକ ବାତ୍ୟା ଓଡ଼ିଶାକୁ ୨୦ ବର୍ଷ ତଳକୁ ଠେଲିଦେଇଛି। ଭିତ୍ତିଭୂମି କ୍ଷେତ୍ର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଦେବା ଲାଗି ଦାବି କରିଆସୁଛନ୍ତି। ତେଣୁ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ପୁରୀ ସହରକୁ ଦେଶର ସାଂସ୍କୃତିକ ରାଜଧାନୀ କରିବା ଲାଗି କେନ୍ଦ୍ର ସରକାର ଅଧିକ ଅନୁଦାନ ପ୍ରଦାନ କରିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।



## ଜିଲା ଚିଠି
### କେନ୍ଦ୍ରାପଡ଼ା

## ଐତିହ୍ୟ ଅଳିଆ

କେନ୍ଦ୍ରାପଡା ଜିଲାର ୧୨ଟି ସ୍ଥାନ ମଧ୍ୟରୁ ମହାକାଳପଡା ବ୍ଲକର ହୁକିଟୋଲା ଓ ବତୀଘରକୁ ଐତିହ୍ୟ ଭିତ୍ତିରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ତେବେ ଏହି କ୍ଷେତ୍ରକୁ ଯିବା ପାଇଁ ଖରିନାସୀ ସେତୁ ନିର୍ମାଣ ହୋଇ ପାରିନାହିଁ। ଏଥିପାଇଁ ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହେଉଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ଥିବା ଐତିହ୍ୟ ସ୍ଥଳ ଏବେ ପ୍ରଶାସକ ଓ ରାଜନେତାଙ୍କ ପାଇଁ ଅଳିଆ ପାଲଟିଛି। ନାରୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟର ସର୍ବପ୍ରଥମ ଫ୍ରେଜର ବାଳିକା ବିଦ୍ୟାଳୟ କୋଠାକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ସେହିପରି ଗତ ଡିସେମ୍ବର ମାସରେ ଐତିହ୍ୟ ସମ୍ପନ୍ନ କନିକା ତହସିଲକୁ ନବୀକରଣ ନାମରେ କାଗଜପତ୍ର ସ୍ଥାନାନ୍ତରୀକରଣ ସମୟରେ ବହୁ ପୁରାତନ ନଥିପତ୍ର ପୋଡାଯାଇଛି। ଏହାକୁ ନେଇ କନିକାବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ପ୍ରଶାସକ ଓ ରାଜନେତାଙ୍କୁ କୌଣସି ଫରକ ପଡିନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩୦ ମିଟର ଦୂରରେ ୧୮୮୭ରେ ଇଂରେଜ ସରକାରଙ୍କ ଦ୍ୱାରା ନିର୍ମିତ ୪ ଫୁଟ ଉଚ୍ଚ ଓ ୧୦ ଫୁଟ ବ୍ୟାସ ବିଶିଷ୍ଟ ଏକ ଗୋଲାକାର ସୂର୍ଯ୍ୟଘଡି ଅଛି। ମାତ୍ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡା ପୌର ପାଳିକାର ଏଥିପ୍ରତି ନଜର ନାହିଁ। ବ୍ରିଟିଶ ସାମ୍ରାଜ୍ଞୀ ମହାରାଣୀ ଭିକ୍ଟୋରିଆଙ୍କ ଶାସନର ଡାଇମଣ୍ଡ ଜୁବୁଲିର ଏହା ସ୍ମାରକୀ ହୋଇଥିଲେ ମଧ ଏବେ ଅଳିଆଗଦାରେ ପରିଣତ ହୋଇଛି। ନାଥ ଧର୍ମର ବହୁ ପ୍ରଚାରକଙ୍କ ପ୍ରତିମୂର୍ତ୍ତି ଡେରାବିଶ ଓ ରାଜନଗର ବ୍ଲକ ଅଞ୍ଚଳରେ ରହିଛି। ମତ୍ସ୍ୟେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛାନାଥ ସମାଧିସ୍ଥଳ ସହିତ ଜିଲାରେ ବୌଦ୍ଧ ଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିର ଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ହେଉନାହିଁ। ଏଥିସହିତ ରାଜ୍ୟର ସର୍ବପ୍ରଥମ ଡାଇମଣ୍ଡ ଜୁବିଲି ପାଠାଗାରର ଉନ୍ନତୀକରଣ ହେଉନାହିଁ। ଏଠାରେ ବ୍ୟାସକବି ଫକୀରମୋହନ ସେନାପତି ଛ ମାଣ ଆଠଗୁଣ୍ଠ ଉପନ୍ୟାସ ରଚନା କରିଥିବା ଐତିହାସିକମାନେ ସୂଚନା ଦେଇଛନ୍ତି। ଆଳି ରାଜାଙ୍କ ଡେରାବିଶ ବ୍ଲକରେ ଥିବା ନୋଳସାହି ରାଜନଅର, ଆଳି ନଅର, ଜମ୍ବୁ ଦ୍ୱୀପ ନଅର ଜିଲାରେ ଥିଲା ବେଳେ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଅବହେଳା କରି ଚାଲିଛି। ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ହେଉଛନ୍ତି ଇଚ୍ଛାପୁରର ଶ୍ରୀ ବଳଦେବଜୀଉ। ୧୭ଶହ ଶତାବ୍ଦୀରେ ଶ୍ରୀବଳଦେବଜୀଉ କେନ୍ଦ୍ରାପଡା ସହର ମଧ୍ୟସ୍ଥ କଚେରି ପଡିଆର ପୁରୁଣା ମନ୍ଦିରରେ ପୂଜା ପାଉଥିଲେ। ଏଠାରେ ଥିବା ଏକ ଗରୁଡ ମୂର୍ତ୍ତି ଏବେ ନିକଟସ୍ଥ ବବକରପୁର ଗ୍ରାମର କାଳିଦାସ ମନ୍ଦିରରେ ପୂଜା ପାଉଥିଲେ ହେଁ ଏହା ଲୋକଲୋଚନର ଅନ୍ତରାଳରେ ରହିଯାଇଛି।। କଚେରି ପଡିଆରେ ଥିବା ପ୍ରାଚୀନ ମନ୍ଦିର ଭଙ୍ଗାଯିବା ପରେ ମରହଟ୍ଟା ଶାସନ କାଳରେ ଶ୍ରୀଜୀଉଙ୍କ ମନ୍ଦିର ଇଚ୍ଛାପୁରଠାରେ ନିର୍ମାଣ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମନ୍ଦିରର ବିକାଶ ପାଇଁ ସାଢେ ଦଶ କୋଟି ଟଙ୍କା ଅନୁଦାନ ଘୋଷଣାକୁ ଇତିମଧ୍ୟରେ ୪ ମାସ ବିତିଛି। ତେବେ ଅନୁଦାନ ଟଙ୍କା ଖର୍ଚ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ରେଳ ଓ କଳ ନ ଥିବା ଏହି ଜିଲାରେ ଐତିହ୍ୟକୁ ଅଳିଆ ଗଦାରେ ନ ଫିଙ୍ଗି ଏହାର ସଂରକ୍ଷଣ କରାଯାଇ ପାରିଲେ ଜିଲା ଅର୍ଥନୀତିରେ ନିଶ୍ଚିତ ଉନ୍ନତି ଆସିପାରିବ।

– ଜଗନ୍ନାଥ ଧଳ

# କୁଳପତିଙ୍କ ବ୍ୟଙ୍ଗ ଫଟୋ, ଭିଡିଓ ଭାଇରାଲ

**କଟକ ଅଫିସ,୩।୨**

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

- ଟିକ୍‌ଟକ୍ ଭିଡିଓକୁ ନେଇ ଚର୍ଚ୍ଚା
- ସାଇବର ସେଲ୍‌ରେ ହେବ ଅଭିଯୋଗ

ସୋସିଆଲ ମିଡିଆ ଟିକ୍‌ଟକ୍ ଓ ଫେସ୍‌ବୁକ୍‌ରେ ଭାଇରାଲ ହୋଇଛି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କ ବ୍ୟଙ୍ଗ ଫଟୋ ଓ ଭିଡିଓ। ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ର ଓ ପୂର୍ବତନ ଛାତ୍ର ଏଭଳି କାର୍ଯ୍ୟ କରିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, କୁଳପତି ସମୂହ ପୂଜା ପାଳନକୁ ସମର୍ଥନ କରି ଭିନ୍ନଭିନ୍ନ ହଷ୍ଟେଲରେ ବ୍ୟକ୍ତିଗତ ଭାବେ ନ କରିବାକୁ ନୋଟିସ ଜାରି କରିଥିଲେ। ବିଶ୍ୱବିଦ୍ୟାଳୟର ଗୋଟିଏ ସ୍ଥାନରେ ହିଁ ସମୂହ ପୂଜା ହେବ ବୋଲି କୁହାଯାଇଥିଲା। ଗତ ଗଣେଶ ପୂଜାରେ ଏହି ନୋଟିସ କାର୍ଯ୍ୟକାରୀ କରାଯାଇଥିବାବେଳେ ଏହାକୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସମର୍ଥନ କରିଥିଲେ। ହେଲେ ସରସ୍ୱତୀ ପୂଜାରେ ନିୟମକୁ କେହି ମାନି ନ ଥିଲେ। ସମସ୍ତ ହଷ୍ଟେଲରେ ପୃଥକ ଭାବେ ପାଳନ ହୋଇଥିଲା ସରସ୍ୱତୀ ପୂଜା। ଏହି ପ୍ରସଙ୍ଗକୁ ଆଧାରକରି ବ୍ୟଙ୍ଗ ଭିଡିଓ ଓ ଫଟୋ ଭାଇରାଲ ହୋଇଛି। ‘କୁଳପତି ପଦରେ ରହିବାକୁ ଯୋଗ୍ୟ ନୁହନ୍ତି, ତାଙ୍କ ବାରଣ ସତ୍ତ୍ୱେ ଛାତ୍ରୀଛାତ୍ର ନିଜ ଅଧିକାର ଜାହିର କରିଛନ୍ତି’ ବୋଲି ବ୍ୟଙ୍ଗାତ୍ମକ ଫଟୋରେ କ୍ୟାପସନ ଦିଆଯାଇଥିବା ଦେଖିବାକୁ ମିଳିଛି। ଏହାଛଡ଼ା ଭାରତୀୟ ଦଳର ଓପନିଂ ବ୍ୟାଟ୍ସମ୍ୟାନ କେ.ଏଲ. ରାହୁଲ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପରବର୍ତ୍ତୀ କୁଳପତି ହେବେ ବୋଲି ବ୍ୟଙ୍ଗ ଫଟୋରେ ଉଲ୍ଲେଖ କରାଯାଇଛି। ଏ ନେଇ କୁଳପତି ପ୍ରଫେସର ପାତ୍ର କୁହନ୍ତି, କୁଳପତି ପଦବୀକୁ ସମ୍ମାନ ଦିଆଯିବା ଉଚିତ। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ସାଇବର ସେଲ୍‌ରେ ଅଭିଯୋଗ କରାଯିବ। ଯେଉଁମାନେ ଏଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବଢ଼ିପାରେ...

ପ୍ରଥମ ପୃଷ୍ଠାରୁ...

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗତ ଦୁଇ ବର୍ଷ ହେବ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇନାହିଁ। ତେବେ ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନକାରୀ ଓ ବିତରଣକାରୀ କମ୍ପାନୀ ପକ୍ଷରୁ ବିଜୁଳି ଦର ବଢ଼ାଇବା ନେଇ ଦାବି କରାଯାଉଥିବାରୁ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିଲ୍ ବୋଝ ବୋହିବାକୁ ପଡ଼ିପାରେ। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଶୁଣାଣି ଫେବୃୟାରୀ ୧୪ ତାରିଖ ଯାଏ ଚାଲିବ। ପ୍ରଥମଥର ପାଇଁ ଓଇଆର୍‌ସି ମୁଖ୍ୟ କାର୍ଯ୍ୟାଳୟ ବ୍ୟତୀତ ଅନ୍ୟ ୩ଟି ସ୍ଥାନରେ ଏହି ଶୁଣାଣି କରାଯାଉଛି। ବାଲେଶ୍ୱରରେ ନେସ୍‌କୋ, ସମ୍ବଲପୁରରେ ୱେସ୍‌କୋ ଏବଂ କୋରାପୁଟରେ ସାଉଥ୍‌କୋର ଶୁଣାଣି କରାଯାଉଛି। ଓଏଚ୍‌ପିସି ନିଜର ଦାବି ରଖିସାରିଥିବା ବେଳେ ଓପିଜିସି, ଓପିଟିସିଏଲ, ଗ୍ରୀଡ୍‌କୋ ଏବଂ ବିତରଣ କମ୍ପାନୀଗୁଡ଼ିକ ନିଜର ଦାବି ଉପସ୍ଥାପନ କରିବେ। ଶୁଣାଣି ଶେଷ ହେବାପରେ ଦାବିଗୁଡ଼ିକ ତର୍ଜମା କରାଯିବ। ଫେବୃୟାରୀ ୨୬ରେ ରାଜ୍ୟ ଉପଦେଷ୍ଟା ପରିଷଦ ବୈଠକ ବସିବ ଏବଂ ମାର୍ଚ୍ଚ ମାସରେ ବିଦ୍ୟୁତ୍ ଦର ବୃଦ୍ଧି ନେଇ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୭ରେ ଶେଷଥର ପାଇଁ ବିଦ୍ୟୁତ୍ ୟୁନିଟ୍ ପିଛା ୧୦ ପଇସା ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ ଉପଭୋକ୍ତାଙ୍କୁ ୧ରୁ ୫୦ ୟୁନିଟ୍ ପାଇଁ ୧ଟଙ୍କା ୫୦ ପଇସା, ୫୦ରୁ ୨୦୦ ୟୁନିଟ୍ ପାଇଁ ୪ଟଙ୍କା ୩୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ପାଇଁ ୫ଟଙ୍କା ୩୦ ପଇସା ଏବଂ ୪୦୦ରୁ ଅଧିକ ୟୁନିଟ୍ ପାଇଁ ୫ଟଙ୍କା ୭୦ ପଇସା ହିସାବରେ ଦେବାକୁ ପଡୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ପରିଜନ ସହ ବନ୍ଧୁମିଳନର ମଜା ଉଠାଇବେ। ଦୀର୍ଘଦିନର ଆଶା ପୂରଣ ହେବା ସଙ୍ଗକୁ ଅର୍ଥଲାଭ ଓ ସମ୍ମାନ ପାଇ ଖୁସି ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେବାର ଆଶଙ୍କା ରହିଛି। ଦୂରଯାତ୍ରା ପରିସ୍ଥିତିରେ ଅନିଦ୍ରା ଓ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

**ବୃଷ** କ୍ରନିକ୍ ରୋଗର ପ୍ରଭାବରେ ଭାଙ୍ଗିପଡିଥିବା ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇବା ସହ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** ଆଜିର ଚନ୍ଦ୍ରଙ୍କୁ ମଙ୍ଗଳଙ୍କ ଦୃଷ୍ଟି ଆକସ୍ମିକ କଳହର କାରଣ ହୋଇପାରେ। ବିଭିନ୍ନ ସମସ୍ୟାମୂଳକ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ତଥାପି ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ବନ୍ଧୁମାନଙ୍କ ଶୁଭକାର୍ଯ୍ୟରେ ଯୋଗଦେଇ ମନରେ କ୍ଷୋଭ ଭରି ରହିଥିଲେ ମଧ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ** ଆଜି ଶନିପ୍ରଭାବରେ ଅପେକ୍ଷାକୃତ ଅସୁବିଧା ଭୋଗିଲେ ମଧ ଅର୍ଥଲାଭ ସହ କାମ ଅଟକିବ ନାହିଁ। ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ ଦୋଷୀ ସାବସ୍ତ ହୋଇପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ସିଂହ** ଷଷ୍ଠଭାବସ୍ଥ ରବି ଓ ଶନିଙ୍କ ଯୋଗୁ କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ମାନସିକ ଅସ୍ଥିରତା କାରଣରୁ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନା ପ୍ରୀତିପ୍ରଦ ରହିବ। କୌଣସି ସାଧାରଣ ଭୁଲ୍ କାରଣରୁ ଉପର ପଦାଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି।

**କନ୍ୟା** ଶୁକ୍ରଙ୍କ ଦୃଷ୍ଟି ଅର୍ଥଲାଭ, ମନୋରଞ୍ଜନ, ସମ୍ପର୍କ ସ୍ଥାପନ,ବସ୍ତ୍ରାଳଙ୍କାର ପ୍ରାପ୍ତି କରାଇପାରେ। ବୁଧଙ୍କ ଅଶୁଭତ୍ୱ କାରଣରୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରିଚିକା ପଛରେ ଦୌଡିପାରନ୍ତି। ନିଜ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ହସ୍ତା ନକ୍ଷତ୍ରର ଟେନ୍‌ସନ ଦୂର ହେବା ସଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ତୁଳା** ଶୁଭଭାବସ୍ଥ କର୍ମାଧିପ ଯୋଗୁ ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ପରିବାର କିମ୍ବା ପାଖ,ପଡୋଶୀଙ୍କ ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ଚନ୍ଦ୍ରଙ୍କ ରାଶି ପ୍ରତି ସମଦୃଷ୍ଟିରୁ ଦୀର୍ଘ ଦିନରୁ ସ୍ଥଗିତ କାମକୁ ପୂରାଦମ୍‌ରେ କରିଚାଲିବେ। ବୁଝାମଣା ଅଭାବରୁ ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବା ସହ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାର ସହ ଯାତ୍ରା, ଆନୁଷ୍ଠାନିକ କାମ, ବନ୍ଧୁସମ୍ପର୍କ କ୍ଷେତ୍ରରେ ମନ ଖୁସୀ ରହିବ।

**ଧନୁ** କର୍ମସ୍ଥାନକୁ ଶୁକ୍ର ଦେଖୁଥିବାରୁ କାମ ହାସଲ କରିବା ସକାଶେ ବିଶେଷ ଅସୁବିଧା ହେବ ନାହିଁ। ରାଶ୍ୟାଧିପତି ପାପପ୍ରଭାବସ୍ଥ ଯୋଗୁ ବାରମ୍ବାର କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ଫଳରେ ମାନସିକ ସୁସ୍ଥତା ବ୍ୟାହତ ହେବ। ଭ୍ରାତୃ ସମ୍ପର୍କ, ସହକର୍ମୀଙ୍କ ସହଯୋଗ, ପଡୋଶୀଙ୍କ ସାହାଯ୍ୟ, ଆପଣଙ୍କ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ମକର** ସମ୍ପର୍କର ନ୍ୟୂନତା, ମନର ଆବିଳତାକୁ ବୃଦ୍ଧି କରି ମାନସିକ ଅସ୍ଥିରତା ସୃଷ୍ଟି କରିବେ। ଉପର ମନରେ ଭଲ କଥା କହି ପଛରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ପଡୋଶୀଙ୍କ ସହାୟତାରେ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଶୁଭକାର୍ଯ୍ୟରେ ଯୋଗ ଦେବା ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** କର୍ମଭାବରେ ସ୍ୱଗୃହୀ ମଙ୍ଗଳ ଯୋଗୁ ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରିବେ। ବନ୍ଧୁମାନଙ୍କ ପରାମର୍ଶକ୍ରମେ ବ୍ୟବସାୟରେ ନୂତନ ଦିଗନ୍ତ ସୃଷ୍ଟି ହେବାର ଆଶା ରହିଛି। କର୍ମକ୍ଷେତ୍ର କିମ୍ବା ପାରିବାରିକ ସ୍ତରରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ସରକାରୀ ସାହାଯ୍ୟର ଦୃଢ ପ୍ରତିଶ୍ରୁତି ପାଇବେ କିନ୍ତୁ ନିର୍ଦ୍ଦିଷ୍ଟତା ଅଭାବରୁ ଅସ୍ଥିରତା ବଢିବ।

**ମୀନ** ସାମାଜିକ ସ୍ତରରେ ବହୁଲୋକ ଗହଣରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି ମନ ଭଲ ରହିଥିବା କାରଣରୁ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀ ହେବେ। ଅପରାହ୍ନେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଜିର ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ମାଘ ଶୁକ୍ଳ ଦଶମୀ ମଙ୍ଗଳବାର, ଫେବୃୟାରୀ ୪ ତାରିଖ, ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ରୋହିଣୀ/ବୃଷ,ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର,ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୮।୩୯ମି. ଗତେ ଘ.୧୦।୫୪ମି. ମଧ୍ୟେ, ଘ.୧।୦୭ମି. ଗତେ ଘ.୨।୩୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୩୫ମି. ଗତେ ଘ.୧୨।୦୦ମି. ମଧ୍ୟେ, ଘ.୨।୪୮ମି. ଗତେ ଘ.୪।୧୩ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302

**real estate**

**SALE**

Bhubaneswar Patia KIIT University ନିକଟରେ BDA yellowzone plot 30’road, electricity boundary ଥାଇ sqft.-850/-,1000/- (installment/outrightରେ) ମିଳୁଅଛି। 9937025614, 9556219281. D-68480

ନୂଆଗାଁ Petrolpumpରୁ 3km.ରେ ଘରବାରି ପ୍ଲଟ୍ ମିଳୁଛି। 8249776268, 8327774136. D-68571

ଭୁବନେଶ୍ୱର କଟଣ1ଗେଟ୍‌ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର Tamando ଥାନାଠାରୁ 1k.m ଦୂରତାରେ yellowzone plot ମିଳୁଅଛି। 8594954102. D-68485

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର କଟଣ1ଗେଟ୍‌ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912. D-68476

Boundarywall, 30ft. road well demarcated plot near Gudia pokhari, Bilipada, Bhubaneswar. 9937518482, 8908805482. D-68656

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30’ ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

30’road boundary, gharabari fully developed plot Gudiapokhari (KEC) 9937166932. D-68570

ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି plot/ AMRI Hospital 30’ ରାସ୍ତାକୁ ଲାଗି କିଣନ୍ତୁ। 9348767829. D-68482

ଭୁବନେଶ୍ୱର AIIMS Medical ଠାରେ 30’ ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possesion/ registration- 9937819395. D-68481

4600sqft. homestead land for sale Unit-9 area, Saheed Nagar, Bhubaneswar. Contact: 9437462688, 9337110909. D-67284

ଭୁବନେଶ୍ୱର ହଂସପାଳଛକରୁ 1.2km. ଦୂରତାରେ ଘରବାରି yellowzone plot 1750sqftକୁ 30,00,000/- ମୌଜା– ହରିଦାସପୁର 9937025111. D-68484

ଭୁବନେଶ୍ୱର Sumhospitalରୁ 4k.m 100’ ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829. D-68486

**healthcare**

Ayurvedic full body massage ladies and gents. Contact: 9861064981. D-68769

Kasturi massage club, fully relaxed by expert lady, home service: 9178845612. D-68771

Newly open full body massage by ladies, gents therapist. 8018656899 D-60868

Ayurvedic full body massage ladies/gents smart experts therapist:- 8480939300. D-68772

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Ayurvedic full body massage by ladies, gents therapist. 7008773793 D-60869

Refresh your mind and soul with best therapy at Orchid Salon/Spa. 9937287222. D-68775

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Herbal full body massage by smart / expert therapist. Contact: 8338067247. D-68985

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

**AFFIDAVIT**

By virtue an affidavit before Executive Magistrate, Dhenkanal, I have changed my name from Soumya Ranjan Dhir, S/o- Sanatan Dhir, Village-Balaramprasad, PS- Motanga, Dist- Dhenkanal to (after the adoption) Soumya Ranjan Mahapatra, S/o- Nishakar Mahapatra, Village/ PO- Govindprasad, PS- Sadar, Dist- Dhenkanal for all purposes. D-66848

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହାରିଯାଇଛି କ୍ୟାନ୍‌ସର

ଭୁବନେଶ୍ୱର, ୩।୨(ବ୍ୟୁରୋ): କ୍ୟାନ୍‌ସର ନାଁ ଶୁଣିଲେ ଲୋକେ ଡରିଯାଆନ୍ତି। ଜୀବନ ସରିଗଲା, ମୃତ୍ୟୁ ସୁନିଶ୍ଚିତ ବୋଲି ଭାବନ୍ତି। କ୍ୟାନ୍‌ସର ଆକ୍ରାନ୍ତଙ୍କୁ ଛୁଇଁବାକୁ ବି ଭୟ କରନ୍ତି। ମା', ବାପା ଓ ପରିବାର ଲୋକେ ପୂରା ଭାଙ୍ଗିପଡ଼ନ୍ତି। କିନ୍ତୁ କ୍ୟାନ୍‌ସର ସହ ଲଢ଼ି ଜିତିଥିବା ସ୍ୱାଗତିକା, ଦୁର୍ଲଭି ଓ ଗୁଲାପି ଏଭଳି ସାମାଜିକ ଚିନ୍ତାଧାରାକୁ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି। ସେମାନଙ୍କ ନିକଟରେ ହାରିଯାଇଛି କ୍ୟାନ୍‌ସର। ଏହା ଏକ ଦୁରାରୋଗ୍ୟ ବ୍ୟାଧି ନୁହଁ, ଠିକ୍ ସମୟରେ ଚିକିତ୍ସା ଓ ସଚେତନତା ଦ୍ୱାରା ଅନ୍ୟ ରୋଗ ଭଳି ଭଲ ହୋଇପାରିବ। ପରିବାରର ସହଯୋଗ ମିଳିଲେ ଓ ନିଜେ ଭାଙ୍ଗି ନ ପଡ଼ି ଦୃଢ଼ମନା ରହିଲେ; ମୃତ୍ୟୁ ନୁହେଁ, ନୂଆ ଜୀବନ ମିଳିବ ବୋଲି ସେମାନେ ସମାଜକୁ ବାର୍ତ୍ତା ଦେଇଛନ୍ତି। ମଙ୍ଗଳବାର ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ ଏହି କ୍ୟାନ୍‌ସର ବିଜୟିନୀଙ୍କ ଜୀବନକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ : ଅସମାପିକା ସାହୁ



## ଭାଙ୍ଗି ପଡ଼ି ନ ଥିଲି, ପଜିଟିଭ୍ ଥିଲି

ସ୍ୱାଗତିକା ଆଚାର୍ଯ୍ୟ। ଘର କଟକ ବିଡ଼ାନାସୀରେ। ୨୨ବର୍ଷ ବୟସ୍କା ସ୍ୱାଗତିକା ସୋଆର ଚତୁର୍ଥ ବର୍ଷ ଲ' ଛାତ୍ରୀ। ଦିନଥିଲା ସେ କ୍ୟାନ୍‌ସରର ଶିକାର ହୋଇଥିଲେ। କିନ୍ତୁ ବର୍ତ୍ତମାନ ସେ କର୍କଟ ରୋଗୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୭ ଅକ୍ଟୋବରରେ ସ୍ୱାଗତିକାଙ୍କ ବାମପଟ କାନ ତଳକୁ ଯନ୍ତ୍ରଣା ଆରମ୍ଭ ହେଲା। ଥଣ୍ଡା ଯୋଗୁ ଏପରି ହେଉଥିବା ଡାକ୍ତର କହି କିଛି ଔଷଧ ଲେଖିଥିଲେ। କିନ୍ତୁ ଦିନକୁ ଦିନ ସେହି ସ୍ଥାନଟି ଫୁଲିବା ସହ ଯନ୍ତ୍ରଣା ବଢ଼ିବାକୁ ଲାଗିଥିଲା। ଡାକ୍ତରଙ୍କୁ ପୁଣି ଦେଖାଇବା ପରେ ଟିବି ହୋଇଥିବା ସନ୍ଦେହ କରି ପରୀକ୍ଷା ପାଇଁ ଲେଖିଥିଲେ ମଧ୍ୟ ରିପୋର୍ଟ ନେଗେଟିଭ୍ ଆସିଥିଲା। ଏମିତି ୪ମାସ ଔଷଧ ଖିଆ ଚାଲିଥିଲାବେଳେ ବେକ ପୂରା ଫୁଲିଯାଇଥିଲା। ୨୦୧୮ ଫେବୃୟାରୀ ୨୨ରେ ହଠାତ୍ ସେ ଅଚେତ୍ ହୋଇପଡ଼ିଥିଲେ। ଏହାପରେ ମଧ୍ୟ ଡାକ୍ତର ଟିଭିର ଲକ୍ଷଣ ବୋଲି ପୁଣି ଦୋହରାଇଥିଲେ। ପରିବାର ଲୋକଙ୍କର କିନ୍ତୁ ସନ୍ଦେହ ବଢ଼ିଥିଲା। ତାଙ୍କ ବାପାଙ୍କର ଜଣେ ସମ୍ପର୍କୀୟ ଡାକ୍ତରଙ୍କ ପରାମର୍ଶକ୍ରମେ ବାୟୋପ୍ସି ପରେ କ୍ୟାନ୍‌ସର ହୋଇଥିବା ଜଣାପଡିଥିଲା। ମାର୍ଚ୍ଚ ୨୨ରେ ବମ୍ବେ ଟାଟା ମେମୋରିଆଲ ହସ୍ପିଟାଲକୁ ଯାଇ ବିଭିନ୍ନ ପରୀକ୍ଷା କରାଯିବା ପରେ ନାଜୋଫାରିଞ୍ଜେଲ୍ କାର୍‌ସିନୋମା କ୍ୟାନ୍‌ସର ହୋଇଥିବା ସ୍ପଷ୍ଟ ହୋଇଥିଲା। ତାହା ପ୍ରାଥମିକ ଅବସ୍ଥା ଥିଲା। ଏପ୍ରିଲ ୨୨ରେ ସ୍ୱାଗତିକା ପ୍ରଥମେ କେମୋ ନେଇଥିଲେ। ଜୁନ୍‌ରେ କେମୋ ଚିକିତ୍ସା ସରିବା ପରେ ରେଡିଏଶନ ଚିକିତ୍ସା କରାଯାଇଥିଲା। ଚିକିତ୍ସା ଶେଷ ହେବାର ୩ମାସ ପରେ ହିଁ ସ୍ୱାଗତିକା କ୍ୟାନ୍‌ସର ଉପରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିଲେ।

ସ୍ୱାଗତିକ କୁହନ୍ତି, ମୋର ବାୟୋପ୍ସି ରିପୋର୍ଟ ଦେଖିବା ପରେ ପରିବାର ଲୋକେ ପୂରା ଭାଙ୍ଗି ପଡିଥିଲେ। ମୁଁ କିନ୍ତୁ ଏହାକୁ ପଜିଟିଭ୍ ୱେରେ ଧରିନେଇ ନିଜ ମନକୁ ଦୃଢ଼ କରିଥିଲି। ମୋତେ କ୍ୟାନ୍‌ସର ହୋଇଥିବା ସମସ୍ତଙ୍କୁ କହୁଥିଲି। ଅନେକେ ଭଲରେ ଗ୍ରହଣ କରିଥିବାବେଳେ ଆଉ କେହି ମୋତେ ଛୁଇଁବାକୁ ମନା କରୁଥିଲେ। ତେବେ ମୁଁ ନିଜକୁ କେବେ ବି ଭାଙ୍ଗିବାକୁ ଦେଇ ନ ଥିଲି। କେମୋ ନେଲାବେଳେ ମୁଁ ଖୁସିରେ ଥାଏ, ବେଡ୍‌ରେ ଫଟୋ ମଧ୍ୟ ଉଠାଏ। କିନ୍ତୁ ମୋ ପାଖ ବେଡ୍‌ରେ ଚିକିତ୍ସିତ ହେଉଥିବା କ୍ୟାନ୍‌ସର ରୋଗୀଙ୍କୁ ଦେଖିଲେ ଦୁଃଖ ଲାଗେ। କାରଣ ସେମାନେ ସବୁବେଳେ ମନ ଦୁଃଖରେ ରହିଥାନ୍ତି ଓ ଏହି ରୋଗ ଯେମିତି କେବେ ଭଲ ହେବନି ବୋଲି ଭାବିଥାନ୍ତି। ସଚେତନତାର ଅଭାବ ଯୋଗୁ ଲୋକେ ଏହି ରୋଗର ଅର୍ଥ ମୃତ୍ୟୁ ବୋଲି ମନେକରନ୍ତି। ଏହାଛଡ଼ା ଛୁଇଁଦେଲେ ଏହି ରୋଗ ହୋଇଯିବ ବୋଲି ଭାବନ୍ତି। ତେଣୁ ସମାଜରେ କଳଙ୍କ ପରି ମାଡ଼ି ରହିଥିବା ଏଭଳି ଭୁଲ୍ ଭାବନାକୁ ଦୂର କରିବା ପାଇଁ ମୁଁ କିଛି କରିବାକୁ ଚାହିଁଲି। ପୂର୍ବରୁ ମୁଁ ସାମାଜିକ କାର୍ଯ୍ୟରେ ସାମିଲ୍ ଥିବାରୁ କ୍ୟାନ୍‌ସର ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରି ଆସୁଛି। ମୁଁ ଆଗରୁ ଯେମିତି ଥିଲି ଏବେ ମଧ୍ୟ ସେମିତି ରହିଛି। ଓଡ଼ିଶୀନୃତ୍ୟ କରୁଛି, ସାଙ୍ଗସାଥୀଙ୍କ ସହିତ ବୁଲିବାକୁ ଯାଉଛି। ଏଥିସହ ଅନେକ ଉଦାହରଣ ଦେଇ ସାଧାରଣ ଲୋକ ଓ କ୍ୟାନ୍‌ସର ଆକ୍ରାନ୍ତଙ୍କୁ ବୁଝାଉଛି। ଯେତେବେଳେ ସେମାନେ ମୋ କଥାକୁ ଗ୍ରହଣ କରନ୍ତି, ସେତେବେଳେ ମୋତେ ଭାରି ଖୁସି ଲାଗେ।

## ଜୀବନ ଶେଷ ହୋଇଗଲା ଭାବିଥିଲି



ଦୁର୍ଲଭୀ ବିଶ୍ୱାଳ। ବରଗଡ଼ ଜିଲା ଭେଡେନ ବ୍ଲକ ଶାନ୍ତିପିପିଲିପାଲି ଗ୍ରାମର ଝିଅ ଦୁର୍ଲଭୀ ଏବେ ସେଠାରେ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଗତବର୍ଷ ସରକାରୀ ସିଟି କଲେଜରେ ପଢୁଥିବାବେଳେ ତିନିମାସ ଧରି ଥଣ୍ଡା, କାଶ ଲାଗି ରହିଲା। ଅନେକ ପ୍ରକାର ଔଷଧ ଖାଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିଲା। ଏହାପରେ ସେ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରେ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ବାୟୋପ୍ସି ପରେ ସେ କ୍ୟାନ୍‌ସରରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ତାଙ୍କୁ ସେଲ୍ ଲିମ୍ଫୋମା(ବ୍ଲଡ୍ କ୍ୟାନସର) ହୋଇଥିଲା। ତାହା ପୁଣି ତୃତୀୟ ଷ୍ଟେଜ୍‌ରେ ଥିବା ଡାକ୍ତରଙ୍କଠାରୁ ଶୁଣିବା ପରେ ଦୁର୍ଲଭୀ ପୂରା ଭାଙ୍ଗି ପଡ଼ିଥିଲେ। ଏହି ରୋଗ କେବେ ଭଲ ହେବ ନାହିଁ ଧରିନେଇଥିଲେ। ମା' ବାପା ପୂରା ଚିନ୍ତାରେ ରହୁଥିଲେ। କିନ୍ତୁ ଡାକ୍ତରଙ୍କ ପ୍ରେରଣା ତାଙ୍କୁ ସାହାସ ଦେଇଥିଲା। ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଆରମ୍ଭ ହୋଇଥିଲା। ପ୍ରଥମେ ୬ଟି କେମୋ ପରେ ହୋଇଥିବା ପରୀକ୍ଷାରୁ ଆଉ ଅଳ୍ପ ଜୀବାଣୁ ରହିଯାଇଥିବା ଦେଖାଯାଇଥିଲା। ତେଣୁ ୭ ନମ୍ବର କେମୋ ନେବା ପରେ ତାଙ୍କର ୧୫ଥର ରେଡିଏଶନ ଚିକିତ୍ସା ହୋଇଥିଲା। ଏହାପରଠାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏବେ ସେ କ୍ୟାନ୍‌ସରଠାରୁ ଜିତିଯାଇଛନ୍ତି। ଆଉ ନିଜକୁ ଦୃଢ଼ କରି ଅନ୍ୟମାନଙ୍କୁ ସଚେତନ କରାଉଛନ୍ତି। ବରଗଡ଼ ଜିଲା କ୍ୟାନ୍‌ସର ସଚେତନତା କେନ୍ଦ୍ରରେ ଜଣେ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ ୨୦୦ଜଣ କ୍ୟାନ୍‌ସର ରୋଗୀଙ୍କୁ ସଚେତନ କରାଇସାରିଲେଣି। ଦୁର୍ଲଭୀ କୁହନ୍ତି, ଯେତେବେଳେ ମୁଁ ଅନ୍ୟମାନଙ୍କୁ ବୁଝାଇବାକୁ ଚେଷ୍ଟା କରେ ସେମାନଙ୍କ ମଧ୍ୟରୁ କେତେଜଣ ପଜିଟିଭ୍ ନଜରରେ ଦେଖନ୍ତି। ଆଉ କେତେଜଣ ଏହି ରୋଗ କେବେ ଭଲ ହେବ ନାହିଁ ବୋଲି କୁହନ୍ତି। ତେଣୁ ଏଭଳି ଚିନ୍ତାଧାରାକୁ ଦୂର କରିବାକୁ ଚେଷ୍ଟା ଜାରି ରହିଛି। ମନ ଯଦି ଦୃଢ଼ ରହିବ, କ୍ୟାନ୍‌ସରା ନିଶ୍ଚିତ ପରାଜିତ ହେବ।

## ପରିବାର, ପଡ଼ୋଶୀଙ୍କ ସାହସ ଓ ସହଯୋଗ ଥିଲା



ଗୁଲାପୀ ପଟେଲ। ବୟସ ୪୯ ଛୁଇଁବ। ଗୁଲାପି ବରଗଡ଼ର ଭାଙ୍ଗୁର ଅଙ୍ଗନୱାଡିରେ ପାଠ ପଢ଼ାଉଛନ୍ତି। ୨୦୦୯ରେ ତାଙ୍କୁ କ୍ୟାନ୍‌ସର ହୋଇଥିଲା। ଏହାର ପ୍ରାୟ ୨ବର୍ଷ ପୂର୍ବରୁ ତାଙ୍କ ବ୍ରେଷ୍ଟରେ ଏକ ଘା' ହୋଇଥିଲା। ରାଜ୍ୟ ତଥା ବାହାରେ ଏକାଧିକ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଔଷଧ ଖାଇଥିଲେ। କିନ୍ତୁ ଘା' ଆଦୌ ଶୁଖି ନ ଥିଲା। ପରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଡାକ୍ତର ତାଙ୍କୁ ବାୟୋପ୍ସି କରିବାକୁ କହିଥିଲେ। ବାୟୋପ୍ସି ରିପୋର୍ଟରୁ କ୍ୟାନ୍‌ସର ହୋଇଥିବା ଜାଣିବାକୁ ପାଇଥିଲେ। କିନ୍ତୁ ଏଥିରେ ଗୁଲାପୀ ଭାଙ୍ଗି ପଡ଼ି ନ ଥିଲେ। ସେ ମନକୁ ଦୃଢ଼ କରି ଚିକିତ୍ସା ଆରମ୍ଭ କରିଦେଇଥିଲେ। ୬ କେମୋ ସହିତ ୨୦ ରେଡିଏଶନ ଚିକିତ୍ସା ହୋଇଥିଲା। ଗୁଲାପୀ କୁହନ୍ତି, ମୋତେ ଯେତେବେଳେ କ୍ୟାନ୍‌ସର ହୋଇଥିଲା ମୋ ଘର ଲୋକ ସହିତ ପଡୋଶୀ ମୋତେ ସହଯୋଗ କରିଥିଲେ। ନାନା ଉଦାହରଣ ଦେଇ ସାହସ ଦେଇଥିଲେ। କୌଣସି ସାମାଜିକ ପରିସ୍ଥିତିର ମୁଁ ଶିକାର ହୋଇ ନ ଥିଲି। ତେବେ ଅନେକ ଲୋକଙ୍କର ଚିନ୍ତାଧାରା ଥାଏ ଯେ ଏହି ରୋଗର ଅର୍ଥ ମୃତ୍ୟୁ। ଜୀବନଧାରା ପରିବର୍ତ୍ତନ ହୋଇଯାଏ ବୋଲି ଭାବନ୍ତି। କିନ୍ତୁ ମୁଁ ଆଗରୁ ଯେଉଁଭଳି କାମ କରୁଥିଲି ଏବେ ମଧ୍ୟ ସେହିଭଳି କାମ କରୁଛି। ମୋର ଜୀବନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଲୋକେ ଏହା ବୁଝିବା ଉଚିତ୍। ପ୍ରଥମେ ଏହି ରୋଗର ଲକ୍ଷଣ ଜାଣିବା ଆବଶ୍ୟକ। ଲୋକଙ୍କ ମନରୁ ଭୁଲ୍ ଚିନ୍ତାଧାରାକୁ ବଦଳାଇବା ପାଇଁ ମୁଁ ଚେଷ୍ଟା କରୁଛି। ଅଙ୍ଗନୱାଡ଼ିରେ ପାଠ ପଢ଼ାଇବା ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରୁଛି।

## ଆକ୍ରାନ୍ତ ସଂଖ୍ୟାରେ ଦେଶରେ ବରଗଡ଼ ୨ୟ

ଓଡ଼ିଶା ଏପର୍ଯ୍ୟନ୍ତ ନ୍ୟାଶନାଲ୍ କ୍ୟାନସର ରେଜିଷ୍ଟ୍ରିର ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଓଡ଼ିଶାରେ କର୍କଟ ରୋଗୀଙ୍କ ସ୍ଥିତି ନେଇ ସ୍ପଷ୍ଟ ହୋଇନାହିଁ। ତେବେ ସାମାଜିକ ଅନୁଷ୍ଠାନ 'ଉମିଦେଁ'ର ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ୫୦ ହଜାର ଲୋକ କ୍ୟାନସରର ଶିକାର ହେଉଛନ୍ତି। ଓଡ଼ିଶାର ବରଗଡ଼ ଜିଲାରେ ସବୁଠାରୁ ଅଧିକ କ୍ୟାନସର ରୋଗୀ ଚିହ୍ନଟ ହୋଇଥିବାବେଳେ ଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ଅଧିକ ପେଷ୍ଟିସାଇଡ୍ ଓ ଫର୍ଟିଲାଇଜର ବ୍ୟବହାର ଦ୍ୱାରା ସେଠାରେ ଅଧିକ ଲୋକ କ୍ୟାନ୍‌ସରରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ସରକାର ଏବେ ସେଠାରେ କ୍ୟାନ୍‌ସର ହସ୍ପିଟାଲ ଖୋଲିବାକୁ ଘୋଷଣା କରିଛନ୍ତି। କିନ୍ତୁ ଏହା ସମାଧାନର ବାଟ ନୁହେଁ। ପେଷ୍ଟିସାଇଡ୍ ଓ ଫର୍ଟିଲାଇଜର ପାଇଁ ସେଠାକାର ସହରଠାରୁ ଆରମ୍ଭ କରି ଗାଁଗହଳିରେ ଶରୀର ପୋଡ଼ିଗଲା ଭଳି ଲାଗିବା ସହ ଆଖିରେ ଯନ୍ତ୍ରଣା ହୋଇଥାଏ। ଏହାକୁ ନେଇ ଉଠୁଥିବା ଅଭିଯୋଗ ଉପରେ ଅନୁଧ୍ୟାନ ଓ ଗବେଷଣା କରାଯିବାର ଆବଶ୍ୟକତା ରହିଛି ବୋଲି 'ଉମିଦେଁ'ର ପ୍ରତିଷ୍ଠାତା ନିତାଇ ପାଣିଗ୍ରାହୀ କହିଛନ୍ତି।



ରୋଗୀଙ୍କୁ ପ୍ରଥମରୁ ଠିକ୍ ଡାଇଗ୍ନୋସିସ୍ କଲେ କ୍ୟାନ୍‌ସରକୁ ମୁକାବିଲା କରିପାରିବା। କ୍ୟାନ୍‌ସରକୁ ନେଇ ରହୁଥିବା ଭୟ ଛଡ଼ାଇବାକୁ ପଡ଼ିବ। 'କ୍ୟାନସରକୁ ଜାଣିବା, କ୍ୟାନସରକୁ ଜିଣିବା' ହେଉଛି ଏ ବର୍ଷର ସ୍ଲୋଗାନ। କ୍ୟାନସରକୁ ଜାଣିଲେ ହିଁ ଆମେ ଜିଣିପାରିବା। ଅନେକ ଲୋକ ରୋଗ ବିଷୟରେ ଜାଣିବା ପୂର୍ବରୁ ଆଖି ବୁଜୁଛନ୍ତି। ତେଣୁ ସଚେତନତା ନିହାତି ଆବଶ୍ୟକ। ସଚେତନତା ବିନା କ୍ୟାନସର ରୋକାଯାଇପାରିବ ନାହିଁ।

**– ଲିଲି ଜେନାମଣି, ରୋଟାରିଆନ**



ଓଡ଼ିଶାରେ ପ୍ରତିବର୍ଷ କ୍ୟାନ୍‌ସରରେ ଶିକାର ହେଉଥିବା। ପାଖାପଖି ୪୦ରୁ ୫୦ ହଜାର ଲୋକଙ୍କ ମଧ୍ୟରୁ ୪୦-୫୦ ପ୍ରତିଶତ ମୁଖଗହ୍ୱର କ୍ୟାନ୍‌ସରରେ ଆକ୍ରାନ୍ତ। ତମାଖୁ ସେବନ ଦ୍ୱାରା ଏହି କ୍ୟାନ୍‌ସର ହେଉଛି। ବର୍ତ୍ତମାନ ସ୍ଥିତିରେ ତମାଖୁ ବ୍ୟବହାର ଉପରେ କଟକଣା ଲଗାଇବା ଓ ଖାଦ୍ୟଶସ୍ୟରେ ରାସାୟନିକ ସାର ପ୍ରୟୋଗ କମାଇବା ଜରୁରୀ।

**–ମହମ୍ମଦ ଇମ୍ରାନ ଅଲ୍ଲି, ଆବାହକ, ମିଶନ ଆନ୍‌ସର ଟୁ କ୍ୟାନସର**



ଠିକ୍ ସମୟରେ କ୍ୟାନ୍‌ସର ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ରୋଗ ଦୂର କରିପାରିବ। ପରିବାର ଲୋକ, ପଡୋଶୀ, ବନ୍ଧୁବାନ୍ଧବ ଓ ସାମାଜିକ କର୍ମୀଙ୍କ ପକ୍ଷରୁ ଆକ୍ରାନ୍ତଙ୍କୁ ସହଯୋଗ ମିଳିବା ଉଚିତ। ଆମେ ସମସ୍ତେ ମିଶି ଏହି ରୋଗର ମୁକାବିଲା କରିପାରିବା। କ୍ୟାନସର ରୋଗୀଙ୍କୁ ସୁସ୍ଥ ଜୀବନ ଜିଇଁବାକୁ ସୁଯୋଗ ଦେଇପାରିବା। ଅର୍ଗାନିକ୍ ଭେଜିଟେବଲ୍ ଖାଇବା, ପ୍ରତିଦିନ ଶାରୀରିକ ବ୍ୟାୟାମ ଏବଂ ପର୍ଯ୍ୟାୟକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା ରୋଗର ପ୍ରତିକାର ଭାବେ ସହଯୋଗ କରିବ।

**– ଡା. ମାଧବାନନ୍ଦ କର, ସର୍ଜିକାଲ ଅଙ୍କୋଲୋଜି ବିଭାଗ ମୁଖ୍ୟ, ଏମ୍‌ସ, ଭୁବନେଶ୍ୱର**

# ଜର୍ଜିଆରେ ଚମକିଲେ ଓଡ଼ିଆ କୁନିଝିଅ

ପୁରୀ ଅଫିସ, ୩।୨: ପୁଣି ଜଣେ ଓଡ଼ିଆ ଅନ୍ତର୍ଜାତୀୟସ୍ତରରେ ସଫଳତା ସାଉଣ୍ଟିଛନ୍ତି। ଜର୍ଜିଆରେ ଅନୁଷ୍ଠିତ ୱାର୍ଲ୍ଡ ରାଇଜିଂ ଷ୍ଟାର-୨୦୨୦ରେ ୧୨ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ ଏବଂ ଟପ୍ ମଡେଲର ମୁକୁଟ ପିନ୍ଧିଛନ୍ତି ପୁରୀର ୫ବର୍ଷୀୟା ଝିଅ ଦିବ୍ୟଶ୍ରୀ। ଆଉ ସବୁଠୁ ଖୁସିର କଥା ହେଉଛି, ଦିବ୍ୟଶ୍ରୀଙ୍କ ପାଇଁ ଭାରତ ପ୍ରଥମଥର ଲାଗି ଏହି ଅନ୍ତର୍ଜାତୀୟ ପୁରସ୍କାର ପାଇଛି। ର୍‌ୟାମ୍ପ ଶୋ'ରେ ଅନ୍ତର୍ଜାତୀୟସ୍ତରରେ ରେକର୍ଡ ହାସଲ ପାଇଁ ଆଶା ବାନ୍ଧିଥିବା ଦିବ୍ୟଶ୍ରୀଙ୍କ ପରିବାର ଝିଅର ଏହି ସଫଳତାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ପୁରୀ ମାର୍କଣ୍ଡେଶ୍ୱର ସାହିର ଦେବାଶିଷ ବେହେରା ଓ ଦେବୀ ଗୁହାଙ୍କ ୫ବର୍ଷର ଝିଅ ଦିବ୍ୟଶ୍ରୀ। ମା' ଓ ବାପାଙ୍କ ନାମକୁ ନେଇ ତାଙ୍କ ନାମ ରହିଛି ଦିବ୍ୟଶ୍ରୀ ଦେବାଶିଷ ବେହେରା। ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଦିବ୍ୟଶ୍ରୀଙ୍କର ମାତ୍ର ଅଢେଇ ବର୍ଷ ବୟସରୁ ମଡେଲିଂ ଏବଂ ଫ୍ୟାଶନ ଶୋ' ପ୍ରତି ଦୁର୍ବଳତା ଥିଲା। ଝିଅର ଆଗ୍ରହକୁ ଦେଖି ପରିବାର ମଧ୍ୟ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଲେ। ଭାରତର ବିଭିନ୍ନ ସ୍ଥାନରେ ହେଉଥିବା ଜାତୀୟସ୍ତରୀୟ ଫ୍ୟାଶନ ଶୋ'ରେ ଭାଗ ନେଇ ବେଶ୍ ସଫଳତା ପାଇଥିଲେ ଦିବ୍ୟଶ୍ରୀ। ବିଶାଖାପାଟଣା ଓ ବାଙ୍ଗାଲୋରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫ୍ୟାଶନ ଶୋ'ରେ ତାଙ୍କ ସଫଳତା ଜର୍ଜିଆ ପାଇଁ ବାଟ ଫିଟାଇଥିଲା। ପରିବାରର ଅନିଚ୍ଛା ସତ୍ତ୍ୱେ ଝିଅର ପ୍ରତିଭାକୁ ବିକଶିତ କରିବା ଲାଗି ସେମାନେ ଜର୍ଜିଆର ଟିବିଲ୍‌ସେ ସହରରେ ପହଞ୍ଚିଥିଲେ। ଜାନୁୟାରୀ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସେଠାରେ ଆୟୋଜିତ ୱାର୍ଲ୍ଡରାଇଜିଂ ଷ୍ଟାର-୨୦୨୦ କଣ୍ଟେଷ୍ଟାଣ୍ଟରେ ଭାରତ ପକ୍ଷରୁ ୪ରୁ ୭ବର୍ଷ ବର୍ଗରେ ଭାଗନେଇ ଦେଶପାଇଁ ଗୌରବ ଆଣିଥିଲେ ଦିବ୍ୟଶ୍ରୀ। ଏହି ବର୍ଗରେ ୧୨ଟି ଦେଶର ପ୍ରତିଯୋଗୀଙ୍କୁ ସେ ପଛରେ ପକାଇ ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ୍ ସହିତ ଟପ୍ ମଡେଲର କ୍ରାଉନ ହାତେଇଥିଲେ। ଦିବ୍ୟଶ୍ରୀ ଏହି ଟ୍ୟାଲେଣ୍ଟ ଶୋ'ରେ ତାଙ୍କ କାଟେଗୋରିରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ୱାକ୍‌ଫର ଇଣ୍ଟରନ୍ୟାଶନାଲ ଡିଜାଇନର୍ସ ବ୍ରାଣ୍ଡ ପକ୍ଷରୁ ଫାଇଭ୍ ଷ୍ଟାର ହୋଟେଲ ହିଲ୍ ଷ୍ଟେଶନରେ ରହିବା ପାଇଁ ତାଙ୍କ ପରିବାରକୁ ମିଳିଥିଲା ସ୍ୱତନ୍ତ୍ର ଗିଫ୍ଟ ଭାଉଚର। ଦିବ୍ୟଶ୍ରୀଙ୍କ ମା, ବାପା ଉଭୟେ ବାଙ୍ଗାଲୋରରେ ଆଇଟି ସେକ୍ଟରରେ କାମ କରୁଥିବାବେଳେ ଝିଅକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ଛୋଟ ବୟସରୁ ମଡେଲିଂ ଏବଂ ଫ୍ୟାଶନ ଶୋ'ରେ ଭାଗ ନେବାକୁ ଝିଅ ବି ଆଗ୍ରହ ଦେଖାଇଛି। ତେଣୁ ଏହି ବାଟରେ ଝିଅକୁ ନେଇ ସେମାନେ ଦେଖିଥିବା ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମା' ବାପା ଆଶା କରିଛନ୍ତି।




- ଟପ୍ ମଡେଲ୍ ମୁକୁଟ ପିନ୍ଧିଲେ ପୁରୀର ୫ ବର୍ଷୀୟା ଦିବ୍ୟଶ୍ରୀ
- ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ ବିବେଚିତ ହେଲେ

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡର www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2019-20/77,ତା.29.01.2020ରିଖ
(01) ଟେଣ୍ଡର ସଂ.: 81205034, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଫ୍ ଟ୍ରାକ୍ (Off Track) ଟାମ୍ପିଙ୍ଗ୍ ମେସିନ। ପରିମାଣ- 04 ସେଟ୍।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.24.02.2020 ରିଖ 1500 ଘଟିକାରେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-692/K/19-20

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
● ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ।
● ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

FORM NO. 13
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014 (Orissa)
O.A. No. 506/2019

State Bank of India, SARB, Cuttack ...Applicant
Versus
Santosh Harichandan ...Defendant

To,
Defendant
**Santosh Harichandan,** S/o: Sarat Harichandan, At- P.C Sarkar Lane, P.O.- Arundoya Market, P.S.- Madhupatna, Dist.- Cuttack, Odisha, PIN-753012

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. NO. 506/19** in the Court of Debts Recovery Tribunal for recovery of **Rs.22,71,744/- (Twenty Two Lakh Seventy One Thousand Seven Hundred Forty Four)** only together with current and future interest, costs and other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the date of publication or on **20.03.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **16th day of January 2020.**

Sd/- REGISTRAR
(Manoj Kumar Patnaik)

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭାସ୍କର ମିଶ୍ର**
ବଉଳମଠ ଲେନ୍, ପୁରୀ-୨
ଆବିର୍ଭାବ: ୦୫।୦୪।୧୯୪୪
ତିରୋଧାନ: ୨୬।୦୧।୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୬୫୩୧

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବେଣୁଧର ମଲ୍ଲିକ୍**
ସରିଆବର ପାଟଣା, ନୂଆଗାଁ, ନାଉଗାଁ, ଜଗତ୍‌ସିଂହପୁର
ଆଜି ଏହି ପଞ୍ଚମ ଶ୍ରାଦ୍ଧବାର୍ଷିକରେ ଆପଣଙ୍କର ମହାନ୍ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୫୩୨

# ୭ଦିନ ଧରି ପାଳନ ହେବ ବିଜୁ ଜୟନ୍ତୀ

ଭୁବନେଶ୍ୱର,୩।୨(ବ୍ୟୁରୋ)

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ଚଳିତ ବର୍ଷ ବିଜେଡି ସପ୍ତାହବ୍ୟାପୀ ପାଳନ କରିବ ବୋଲି ନିଷ୍ପତ୍ତି ନେଇଛି। ଆସନ୍ତା ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମ ତାଙ୍କ ଜନ୍ମସ୍ଥାନ କଟକରୁ ଆରମ୍ଭ କରାଯିବ। ଚଳିତ ବର୍ଷ ବିଜେଡି ରାଜ୍ୟରେ ସରକାର କରିବାର ୨୦ବର୍ଷ ପୂରଣ ହେଉଛି। ତେଣୁ ସରକାରଙ୍କ ୨୦ବର୍ଷ ପୂର୍ତ୍ତି ମଧ୍ୟ ଏହି ଅବସରରେ ବଡ଼ ଧରଣର ପାଳନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏନେଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ବସିଥିବା ପ୍ରଥମ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବାକୁ ଥିବାବେଳେ ରାଜ୍ୟର ସମସ୍ତ ନେତା ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣାପଡିଛି। ୫ମ ଥର ଲାଗି ରାଜ୍ୟରେ ବିଜେଡି ଶାସନ କ୍ଷମତାକୁ ଆସିଥିବାବେଳେ ଗତ ୨୦ବର୍ଷ ସରକାରରେ ରହିବା ମଧ୍ୟରେ ଯେଉଁସବୁ ସଫଳ ଜନକଲ୍ୟାଣକାରୀ ଯୋଜନା କରାଯାଇଛି ତା'ର ରାଜ୍ୟବ୍ୟାପୀ ପ୍ରଚାର ମଧ୍ୟ କରାଯିବ।

ଏମ୍‌ପି ଅନଙ୍ଗ ଉଦୟ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ବରିଷ୍ଠ ନେତା ସାମିଲ ହୋଇ ବିଜୁ ଜୟନ୍ତୀ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକ ଶେଷରେ ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ଏଥର ବିଜୁ ଜୟନ୍ତୀ ରାଜ୍ୟରୁ ଆରମ୍ଭ କରି ବ୍ଲକ ଏବଂ ୱାର୍ଡସ୍ତର ପର୍ଯ୍ୟନ୍ତ ପାଳନ କରାଯିବ। କଟକରେ ପ୍ରଥମ ଦିନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯିବ। ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନ ମଧ୍ୟ ଏଥିରେ ସାମିଲ ହୋଇ ନିଜସ୍ୱ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବେ ବୋଲି ସେ କହିଛନ୍ତି।



### କଟକରେ ଉଦ୍‌ଘାଟନ, ପଶ୍ଚିମଓଡ଼ିଶାରେ ଉଦ୍‌ଯାପନ

ଅନ୍ୟପଟେ ବୈଠକରେ ଉପସ୍ଥିତ ଅନ୍ୟ ଜଣେ ନେତା କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ବୈଠକ ଆଜି ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମ ଦିନ କାର୍ଯ୍ୟକ୍ରମ କଟକର କେଉଁଠାରେ ଅନୁଷ୍ଠିତ ହେବ ସେନେଇ ନିର୍ଦ୍ଦିଷ୍ଟଭାବେ ଏ ପର୍ଯ୍ୟନ୍ତ କୌଣସି ସ୍ଥାନ ଚୂଡ଼ାନ୍ତ ହୋଇନାହିଁ। ଉଦ୍‌ଯାପନୀ ଉତ୍ସବ କିନ୍ତୁ ପଶ୍ଚିମ ଓଡ଼ିଶାରେ ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ରାଜ୍ୟସ୍ତରୀୟ ନେତାମାନେ ସାମିଲ ହେବେ। ଏହି କାର୍ଯ୍ୟକ୍ରମ ସବୁଥର ଭଳି ଜିଲାସ୍ତରରେ ମଧ୍ୟ ପାଳନ ହେବ। ଯୁବ ଏବଂ ଛାତ୍ର ସଙ୍ଗଠନ ପକ୍ଷରୁ ରାଜ୍ୟର ସବୁ ଜିଲାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ପୂରା ବର୍ଷେ ପର୍ଯ୍ୟନ୍ତ ଚାଲିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଝାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ।
– ଶ୍ରୀମା



# ବିଜୁଳି ସଙ୍କଟରେ ଓଡ଼ିଶା



ଅନିଲ ବିଶ୍ୱାଳ

ରାଜ୍ୟ ସରକାର ସେସୁର ଘରୋଇକରଣ କରିବା ପାଇଁ ଯାଉଛନ୍ତି। ବିଜୁଳି ବିରତଣ ନେଇ ଏକ ଘରୋଇ କମ୍ପାନୀ ସହିତ ରାଜ୍ୟ ସରକାରଙ୍କର ବୁଝାମଣା ଚୂଡାନ୍ତ ହୋଇଛି। ବିଜୁଳି ବ୍ୟବସ୍ଥା ପରିଚାଳନାରେ ଘରୋଇକରଣ କିଛି ନୂଆକଥା ନୁହେଁ। ହେଲେ ଯେଉଁ ସାଧାରଣ ଖାଉଟିମାନେ ବିଜୁଳି ବିଲ୍ ଦେଇନାହାନ୍ତି ସେମାନଙ୍କର ଲାଇନ କାଟିଦିଆଯିବ ବୋଲି ସେସୁ କର୍ତ୍ତୃପକ୍ଷଙ୍କର ନିଷ୍ପତ୍ତି ଏବେ ବିତର୍କ ସୃଷ୍ଟି କରିଛି। ଯାହାର ବିଜୁଳି ବିଲ୍ ବାକି ଅଛି ସେ ବିଜୁଳି ବିଲ୍ ଦେବା ପାଇଁ ବାଧ୍ୟ ଏଥିରେ କିଛି ଅସଙ୍ଗତ କଥା ନାହିଁ। ହେଲେ ଏହି ନିୟମ କେବଳ ସାଧାରଣ ଖାଉଟିଙ୍କ ପାଇଁ କାହିଁକି? ରାଜ୍ୟରେ ବିଭିନ୍ନ ଶିଳ୍ପକାରଖାନା ଉପରେ ୭ ହଜାର କୋଟିରୁ ଅଧିକ ଟଙ୍କାର ବିଜୁଳି ବିଲ୍ ବାକି ପଡ଼ିଛି। ସେମାନଙ୍କ ପାଇଁ ସରକାର ଏହି ନିୟମ ଲାଗୁକରିପାରିବେ କି? ଏହି ବକେୟା ବିଜୁଳି ବିଲ୍‌କୁ ନେଇ ସେହି କଳକାରଖାନାଗୁଡ଼ିକ ଅଦାଲତରେ ସରକାରଙ୍କ ବିରୋଧରେ ମାମଲା କରିଛନ୍ତି। ସରକାର ସେହି ମାମଲାକୁ କିପରି ପରିଚାଳନା କରୁଛନ୍ତି ତାହା ଦେଖିବାର କଥା। ଅତୀତରେ ବହୁତ ଥର ଦେଖାଯାଇଛି ଯେ କିପରି ଅଦାଲତରେ ଠିକ୍ ମାମଲା ପରିଚାଳନା ଅଭାବରୁ ସରକାର କ୍ଷତି ସହିଛନ୍ତି। ଆଇନର ଗଳାବାଟରେ ସେହି କଳକାରଖାନାଗୁଡ଼ିକ ଖସିଯିବେନି ତ? ଆଉ ଗୋଟିଏ କଥା ହେଉଛି ସେସୁର ଯେଉଁ ବିଜୁଳି ବିଲ୍ ସାଧାରଣ ଖାଉଟିମାନଙ୍କ ଉପରେ ବାକି ପଡ଼ିଛି ତାହା ଗୋଟିଏ ଦିନରେ କି ଗୋଟିଏ ମାସରେ ହୋଇନାହିଁ। ତାହା ଏକ ଲମ୍ବା ସମୟର ବକେୟା। ସେସୁ କର୍ତ୍ତୃପକ୍ଷ କାହିଁକି ଯେଉଁ ମାସର ବିଜୁଳି ବିଲ୍ ସେହି ମାସରେ ଆଦାୟ କରିପାରିଲେ ନାହିଁ ତାହା ଉପରେ ବି ପ୍ରଶ୍ନ ଉଠିବା ସ୍ୱାଭାବିକ। ଶିକ୍ଷା, ସ୍ୱାସ୍ଥ୍ୟ ଓ ପାଣି ଭଳି ବିଜୁଳି ବି ଆଜିର ଦିନରେ ଏକ ନିତ୍ୟବ୍ୟବହାର୍ଯ୍ୟ ଆବଶ୍ୟକତା। ଏକ ସମାଜମଙ୍ଗଳ ରାଷ୍ଟ୍ରରେ ସରକାରଙ୍କର ଦାୟିତ୍ୱ ହେଉଛି ବିଜୁଳି ଯୋଗାଇବା ଓ ସେଥିପାଇଁ ଧାର୍ଯ୍ୟ ଶୁଳ୍କ ବି ଆଦାୟ କରିବା। ପଇସା ପାଇଁ ବିଜୁଳି କାଟିବା ଠିକ୍ ନୁହେଁ। ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀଗୁଡ଼ିକୁ ବିଶ୍ୱବ୍ୟାଙ୍କ ଓ ଅନ୍ୟ ସୂତ୍ରରୁ ୫,୩୭୭ କୋଟି ଟଙ୍କାର ଋଣ ଦେବାର ବ୍ୟବସ୍ଥା ସରକାର କରିଥିଲେ। ସେହି ପଇସା ବୁଡିଗଲା। ଯେଉଁମାନେ ଋଣ ନେଇଥିଲେ ସେମାନଙ୍କ ସହିତ ହୋଇଥିବା ଚୁକ୍ତି ରଦ୍ଦ ହୋଇସାରିଲାଣି। ଏବେ ଯେଉଁ ନୂଆ କମ୍ପାନୀଗୁଡ଼ିକ ବିଜୁଳି ଯୋଗାଇବା ପାଇଁ ଆଗେଇ ଆସିଛନ୍ତି, ସେମାନେ ସେହି ଋଣ ଶୁଝିବାରେ ଭାଗୀଦାର ହେବେ ନାହିଁ ବୋଲି ସ୍ପଷ୍ଟ କରିସାରିଲେଣି। ଶେଷରେ ସେହି ଋଣ ସାଧାରଣ ଲୋକଙ୍କ ଟିକସରୁ ହିଁ ଶୁଝାଯିବ।

ଓଡ଼ିଶା ଏକ ବିଜୁଳି-ବଳକା ରାଜ୍ୟ ବୋଲି ଆମେ ଡିଣ୍ଡିମ ପିଟୁଛେ। କିନ୍ତୁ ବାସ୍ତବରେ ଆମେ ଘୋର ବିଜୁଳି ନିଅଣ୍ଟ ଦେଇ ଗତି କରୁଛେ। ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଥିଲେ, ଖରାଦିନେ ପିକ୍ ଆୱାରରେ ରାଜ୍ୟର ସର୍ବୋଚ୍ଚ ବିଜୁଳି ଚାହିଦା ଦୈନିକ ୪,୧୦୦ ମେଗାୱାଟ୍। କିନ୍ତୁ ସେତିକିବେଳେ ରାଜ୍ୟରେ ବିଜୁଳି ଉପଲବ୍ଧ ହେଉଥିଲା ଦୈନିକ ୩,୩୫୦ ମେଗାୱାଟ୍। ଏଥିରୁ କେବଳ ୨,୩୫୦ ମେଗାୱାଟ୍ ବିଜୁଳି ରାଜ୍ୟ ଭିତରେ ଉତ୍ପାଦନ ହେଉଥିଲା। ବଳକା ୧,୦୦୦ ମେଗାୱାଟ୍‌କୁ ରାଜ୍ୟ ବାହାରୁ ବିଭିନ୍ନ ଉତ୍ସରୁ ଆମଦାନି କରାଯାଉଥିଲା। ତେଣୁ ପିକ୍ ଆୱାରରେ ଓଡ଼ିଶା ଏବେ ୭୫୦ ମେଗାୱାଟ୍ ବିଜୁଳି ନିଅଣ୍ଟର ସମ୍ମୁଖୀନ ହେଉଛି, ଏକଥା ସରକାର ମାନିସାରିଲେଣି। ଆଉ ଗୋଟିଏ କଥା ହେଉଛି, ଏବେ ରାଜ୍ୟରେ ସବୁ ପରିବାରକୁ ବିଜୁଳି ମିଳିନାହିଁ। ରାଜ୍ୟର ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ପାହାଡିଆ ଜିଲାଗୁଡ଼ିକରେ ଥିବା ଅନେକ ପଡା ଗାଁକୁ ବିଜୁଳି ଖୁଣ୍ଟ ପଡିନି। ଯେବେ ସବୁ ପଡା ଗାଁ ଓ ସବୁ ପରିବାରକୁ ବିଜୁଳି ସଂଯୋଗ ଦିଆଯିବ, ସେତେବେଳେ ବିଜୁଳି ଚାହିଦା ବଢିଯିବ। ସେ ବର୍ଦ୍ଧିତ ଚାହିଦା କିପରି ପୂରଣ ହେବ ତାହା ଚିନ୍ତାଜନକ। ମେକ୍ ଇନ୍ ଓଡିଶାରେ ଯେଉଁ ଶିଳ୍ପ କାରଖାନାମାନ ଆସୁଛନ୍ତି ବା ଆସିବେ ସେମାନଙ୍କ ଆବଶ୍ୟକତା କେମିତି ମେଣ୍ଟିବ ତାହା ବି ଦେଖିବା ଆବଶ୍ୟକ।

ରାଜ୍ୟ ସରକାର ଗରିବଙ୍କୁ ଶସ୍ତାରେ ବିଜୁଳି ଦେବା କଥା ବିଜ୍ଞାପନରେ କହୁଛନ୍ତି। ହେଲେ ବାସ୍ତବରେ ଏହା କେତେ ସତ। ଗରିବ ଲୋକଙ୍କ ପାଇଁ ମାସକୁ ୩୦ ୟୁନିଟ ପର୍ଯ୍ୟନ୍ତ ରାଜ୍ୟ ସରକାର ୮୦ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ଅର୍ଥାତ୍ ଯାହାର ବ୍ୟବହାର ମାସିକ ୩୦ ୟୁନିଟ୍‌ରୁ କମ୍ ସେମାନେ ୟୁନିଟ୍ ପିଛା ୨ଟଙ୍କା ୬୭ ପଇସା ଦେବେ। ଆନ୍ଧ୍ର ପ୍ରଦେଶରେ ଏହା ହେଉଛି ୧ ଟଙ୍କା ୪୫ ପଇସା। ସେହିପରି ଜଣେ ଖାଉଟି ଯଦି ମାସକୁ କୌଣସି କାରଣବଶତଃ ୩୦ ୟୁନିଟ୍‌ରୁ ଅଧିକ ହୋଇଯାଏ, ତା'ହେଲେ ଏହି ଦର ବଢି ୩ ଟଙ୍କା ୭୮ ପଇସା ହୋଇଯାଉଛି। ସେ ଆଉ ଗରିବ ନୁହେଁ। ମାସକୁ ୩୦ ୟୁନିଟ୍‌ର ଅର୍ଥ କେବଳ ଗୋଟିଏ ସିଏଫ୍‌ଏଲ ବଲ୍ ଜାଳିବା। ଯଦି ଦୁଇଟା ବଲ୍ ଜଳିଲା ତା'ହେଲେ ସେ ସରକାରଙ୍କ ଶସ୍ତା ବିଜୁଳିରୁ ବଞ୍ଚିତ।

ଓଡିଶାରେ ଏବେ ହାରାହାରି ୧୯ ଘଣ୍ଟାର ବିଜୁଳି ମିଳୁଛି। ହୁଏତ ଭୁବନେଶ୍ୱର ଓ କଟକରେ ରହୁଥିବା ଲୋକଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ଏହା ହେଉଛି ବାସ୍ତବତା। ୨୪ ଘଣ୍ଟିଆ ବିଜୁଳି ପାଇଁ ଆବଶ୍ୟକ ଭିତ୍ତିଭୂମି ଓଡିଶାରେ ନାହିଁ। ଓଡିଶାରେ ୪୦୦ କେଭି ପାୱାରଷ୍ଟେଶନ୍ ସଂଖ୍ୟା ମାତ୍ର ୨ଟି ଥିବାବେଳେ ଏହି ସଂଖ୍ୟା ଗୁଜରାଟରେ ୧୭ ଓ ତେଲଙ୍ଗାନାରେ ୧୧। ୨୪ ଘଣ୍ଟା ବିଜୁଳି ଯୋଗାଇବାକୁ ହେଲେ ୪୦୦ କେଭି ପାୱାରଷ୍ଟେଶନ ସଂଖ୍ୟା ବଢାଇବାକୁ ପଡିବ। ଚାଷୀର ଅର୍ଥନୀତିକୁ ମଜଭୁତ କରିବା ପାଇଁ କୃଷିଭିତ୍ତିକ ଶିଳ୍ପର ବିକାଶ ଜରୁରୀ। ହେଲେ ଓଡିଶାରେ ଶୀତଳ ଭଣ୍ଡାର ଓ କୃଷି ପ୍ରକ୍ରିୟାକରଣ ଶିଳ୍ପ ପାଇଁ ମଧ୍ୟ ବିଜୁଳି ମୂଲ୍ୟରେ ରିହାତି ନାହିଁ।

୧୯୯୮ରେ ରାଜ୍ୟ ସରକାର ବିଦ୍ୟୁତ୍ ବିଭାଗକୁ ଘରୋଇକରଣ କରିଥିଲେ। ୪ଟି ବିଦ୍ୟୁତ୍ ଯୋଗାଣ ସଂସ୍ଥାରୁ ୩ଟି ସଂସ୍ଥାକୁ ବିଏସ୍‌ଇଏସ୍ ନେବା ବେଳେ ୧ଟି ସଂସ୍ଥାକୁ ଆମେରିକାନ୍ କମ୍ପାନୀ ଏଇଏସ୍‌କୁ ଦିଆଯାଇଥିଲା। ଏହା ଫଳପ୍ରଦ ହେଲାନାହିଁ। ୨୦୦୫ରେ କୌଣସି କମ୍ପାନୀ ଓଡିଶାରେ ବିଦ୍ୟୁତ୍ ବିତରଣ କରିବା ପାଇଁ ରାଜି ନ ହେବାରୁ ରାଜ୍ୟ ସରକାର ୨ୟ ଥର ପାଇଁ ବିଦ୍ୟୁତ୍ ବିଭାଗକୁ ଘରୋଇକରଣ କରିବା ପାଇଁ ଚେଷ୍ଟା କରିଥିଲେ। ତାହାବି ବିଫଳ ହୋଇଥିଲା। ୨୦୧୬ରେ ପୁଣି ୩ୟ ଥର ପାଇଁ ଘରୋଇକରଣ କରିବାର ସରକାର ଚେଷ୍ଟା କରିଛନ୍ତି। ବିଦ୍ୟୁତ୍ ବିଭାଗରେ ସୁଧାର ଆଣିବା ପାଇଁ ୨୦୦୨ ମସିହାରେ ଶୋଭନ କାନୁନ୍‌ଗୋ ଏକ ରିପୋର୍ଟ ଦେଇଥିଲେ, ଯାହାକୁ ରାଜ୍ୟ ସରକାର ଲାଗୁ କରିପାରିଲେ ନାହିଁ। ସେହିପରି ଏଇଏସ୍ ଉପରେ ଥିବା ୪୦୦ କୋଟି ଟଙ୍କା ବକେୟା ରାଶି ରାଜ୍ୟ ସରକାର ଏପର୍ଯ୍ୟନ୍ତ ଆଦାୟ କରିପାରିଲେ ନାହିଁ। ବିଦ୍ୟୁତ୍ ଯୋଗାଣରେ ବିଫଳ ହୋଇଥିବା ବିଏସଇଏସ୍‌ର ଲାଇସେନ୍ସ ରଦ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ୧୦ ବର୍ଷ ଲାଗିଥିଲା। ଓଡିଶାର ଏଟି ଏଣ୍ଡ ସି ଲସ୍ (ଏଗ୍ରିଗ୍ରେଟ ଟେକ୍‌ନିକାଲ ଆଣ୍ଡ କମର୍ସିଆଲ ଲସ୍) ହେଉଛି ସବୁଠୁ ଅଧିକ। ୨୦୦୦ ମସିହାରେ ପଡୋଶୀ ଆନ୍ଧ୍ରପ୍ରଦେଶର ଏଟି ଏଣ୍ଡ ସି ଲସ୍ ଥିଲା ୨୭%, ଯାହା ୨୦୧୭-୧୮ରେ କମି ୮.୫%ରେ ରହିଛି। ଦିଲ୍ଲୀରେ ଏହା ୫୨% ଥିବାବେଳେ ୨୦୧୮ରେ ୧୨%ରେ ପହଞ୍ଚିଛି। ଗୁଜରାଟ ୩୧%ରୁ ୧୨.୪%କୁ କମିଛି। ତାମିଲନାଡୁରେ ୪୧%ରୁ କମି ୧୪.୬% ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ ରାଜ୍ୟରେ ୨୦୧୮ରେ ଏଟିଏଣ୍ଡ୍‌ସିଲସ୍ ୪୦% ରହୁଛି।

ରାଜ୍ୟରେ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ ଯେଉଁହାରରେ ବଢିବା କଥା ବଢିପାରିନାହିଁ। ଏବେ ଗୁଜରାଟର ମୋଟ ପାୱାର ଉତ୍ପାଦନ ୧୯,୮୦୦ ମେଗାୱାଟ୍ ହୋଇଥିବାବେଳେ ଓଡିଶାରେ ଏହା ହେଉଛି ମାତ୍ର ୩୫୦୦ ମେଗାୱାଟ୍। ଯଦି ଆମେ ବିଗତ ୨୦ ବର୍ଷରେ ଦେଶରେ ଥିବା ବିଦ୍ୟୁତ୍ ଉତ୍ପାଦନର ରିପୋର୍ଟକୁ ତୁଳନାତ୍ମକ ଭାବେ ତର୍ଜମା କରିବା, ତା'ହେଲେ ଗୁଜରାଟରେ ନିଜସ୍ୱ ତାପଜ ବିଜୁଳି ଉତ୍ପାଦନ ୩୬୦୦ ମେଗାୱାଟ୍‌ରୁ ବଢି ୮୦୦୦ ମେଗାୱାଟ୍‌ରେ ପହଞ୍ଚିଥିବାବେଳେ ଥିବାବେଳେ ଓଡିଶାରେ ଏହା ଯେଉଁ ୪୨୦ ମେଗାୱାଟ୍‌ରେ ଥିଲା, ତାହା ଆଜିବି ସେତିକିରେ ରହିଛି। ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ୨୭ ଗୋଟି ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ରୋଜେକ୍ଟ ସ୍ଥାପନ ପାଇଁ ସରକାର ବିଗତ ବର୍ଷଗୁଡ଼ିକରେ ଏମ୍ଓୟୁ କରିଥିବା ବେଳେ ସେଥିରୁ ମାତ୍ର ଚାରିଟି କାର୍ଯ୍ୟକ୍ଷମ ହୋଇପାରିଲା। ୨୦ଟିର କାମ ଆରମ୍ଭ ହୋଇପାରିଲା ନାହିଁ। ଆମ କୋଇଲାରେ ଆନ୍ଧ୍ରପ୍ରଦେଶ ଆଉ ଗୁଜରାଟ ଭଳି ରାଜ୍ୟରେ ବିଜୁଳି ଉତ୍ପାଦନ ହେବ। ଅମାପ କୋଇଲା ସମ୍ପଦ ଥିବା ସତ୍ତ୍ୱେ ଆମେ ନିଜସ୍ୱ ତାପଜ ବିଦ୍ୟୁତ୍ ଉତ୍ପାଦନରେ ପଛୁଆ କାହିଁକି?

ଚାଲୁଥିବା ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକର ଉତ୍ପାଦନ କ୍ଷମତା ବି ଦିନକୁ ଦିନ କମୁଛି। ଜଳଭଣ୍ଡାରଗୁଡିକ ପୋତିହେବା ସ୍ୱାଭାବିକ ଓ ଜଳଧାରଣ କ୍ଷମତା ବି କମିବ। ହୀରାକୁଦରୁ ୧୯୯୮ରେ ୯୨୬ ଏମ୍‌ୟୁ ବିଜୁଳି ଉତ୍ପାଦନ ହେଉଥିଲା। ଏହା ବିଗତ ଶେଷ ୫ ବର୍ଷରେ ୬୦୦ ଛୁଇଁପାରୁନାହିଁ। ବଢୁଥିବା ଚାହିଦାକୁ ପୂରଣ କରିବାକୁ ହେଲେ ଆମକୁ ଆହୁରି ଜଳବିଦ୍ୟୁତ୍ କେନ୍ଦ୍ର ସ୍ଥାପନର ଆବଶ୍ୟକତା ଅଛି। ବିଗତ ବର୍ଷଗୁଡ଼ିକରେ କୌଣସି ବୃହତ୍ ଜଳବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ସ୍ଥାପିତ ହୋଇନାହିଁ। ବେସରକାରୀ ଭାବେ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ୨୯ଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ସେଥି ମଧ୍ୟରୁ ମାତ୍ର ତିନୋଟି କାର୍ଯ୍ୟକ୍ଷମ ହୋଇ ମାତ୍ର ୫୭ ମେଗାୱାଟ୍ ବିଜୁଳି ଉତ୍ପାଦନ ହେଉଛି। ସୌର ଶକ୍ତି ଉତ୍ପାଦନରେ ବି ଆମେ ପଛୁଆ। ଆମ ପାଖରେ ଜଳସମ୍ପଦ, କୋଇଲା, ସୂର୍ଯ୍ୟ ଶକ୍ତି, ପବନ ଶକ୍ତି ସବୁ ବ୍ୟାପକ ମାତ୍ରାରେ ଅଛି। ଏବେଠୁ ସୁବିନିଯୋଗର ଚିନ୍ତା କରିବାର ଆବଶ୍ୟକତା ଅଛି। ନ ହେଲେ ଭବିଷ୍ୟତରେ ବିଜୁଳି ପାଇଁ ଆଉ କାହାକୁ ହାତ ପାତିବାକୁ ପଡିବ।

ହରିରାଜପୁର, ପୁରୀ, ମୋ- ୮୨୪୯୮୬୮୯୬୧

# ଶ୍ରୋତା ବଶୀକରଣ ମନ୍ତ୍ର



ମାଧବ ଚନ୍ଦ୍ର ସ୍ୱାଇଁ

ନିକଟରେ ବ୍ୟଙ୍ଗ କବି ହୁଙ୍କାପିଟାଙ୍କର ବ୍ୟଙ୍ଗ କବିତା ପୁସ୍ତକ 'ଅବଲୋକରା' ସାହିତ୍ୟ ଭବନରେ ଉନ୍ମୋଚନ ହୋଇଯାଇଛି। ଆଗକୁ କବି ଶୁଣ୍ଠା ଦାସଙ୍କର ପୁସ୍ତକ 'ମାଟିହାଣ୍ଡି' ଓ 'କାଠଚୁଲି' କବିତା ପୁସ୍ତକ ଉନ୍ମୋଚିତ ହେବ।

ଚା ଖଟିରେ ବସି ହୁଙ୍କାପିଟା ଶୁଣ୍ଠା ଦାସଙ୍କୁ ତାଙ୍କ ଉନ୍ମୋଚନ ଉତ୍ସବର କାହାଣୀ ବର୍ଣ୍ଣନା କରୁ କରୁ କହିଲେ-ହେ ! ଆଗକୁ ଏ ପୁସ୍ତକ ଉନ୍ମୋଚନକୁ ଲକ୍ଷେ ଜୁହାର। କବିତା ବହି ଉପରେ ବକ୍ତାମାନେ ଭାଷଣ ଦେଇ ଚାଲିଲା ବେଳେ ଶ୍ରୋତା ମହଲରେ ଶୁଖୁଆ ହାଟର ଆଦି ପର୍ବ। ଅନେକ ଗପଟପରେ ବ୍ୟସ୍ତ ଥିବାବେଳେ, ଆଉ କେତେକ ମୋବାଇଲରେ ଟିପ ଚାଳନାରେ ବ୍ୟସ୍ତ। ପ୍ୟାକେଟ ଲୋଭରେ ସାହିତ୍ୟ ସଦନ ଭିତରକୁ ଅନୁପ୍ରବେଶ କରିଥିବା କେତେକ ବ୍ୟକ୍ତି ପଛରୁ ଖାଲି ପ୍ୟାକେଟ ପ୍ୟାକେଟ ବୋଲି ପାଟି କରୁଥାନ୍ତି। ଧନ୍ୟବାଦ ଅର୍ପଣ ଯାଏ ତର ସହିଲା ନାହିଁ। ବାଧ ହୋଇ ପ୍ୟାକେଟ ବଣ୍ଟାଗଲା। ଶେଷ ବକ୍ତା ଜଣକ ରକ୍ତଚାଉଳ ଚୋବାଉଥିଲେ। ପ୍ୟାକେଟ ନେଇ ଯିଏ ଯୁଆଡେ ପାର। ବିଚରା ଧନ୍ୟବାଦ ଅର୍ପଣ କରିବାକୁ ଥିବା ବ୍ୟକ୍ତିଟି କେବଳ ଧନ୍ୟବାଦ କହି ଆସନ ତ୍ୟାଗ କଲେ।

ଶୁଣ୍ଠା ଦାସ ଏମନ୍ତ କଥା ଶୁଣି କହିଲେ- ଏ ବ୍ୟବସ୍ଥାର ପରିବର୍ତ୍ତନ କରିବାକୁ ପଡିବ। ଘଟଣା ଏମିତି ଘଟିଯାଉଛି ଯେ ନିମନ୍ତ୍ରଣପତ୍ରରେ ମଧ୍ୟାହ୍ନଭୋଜନ କିମ୍ବା ସନ୍ଧ୍ୟାରେ ଜଳଖିଆ ପ୍ୟାକେଟର ମେନୁ ନ ଦେଲେ ଶ୍ରୋତା ଆସୁନାହାନ୍ତି। ମଞ୍ଚରେ କେତେଜଣ ଅତିଥି ଶ୍ରୋତା ମହଲରେ ହାତଗଣତି କେତେଜଣ ଶ୍ରୋତା। ବାକି ଚଉକି ସବୁ ଶ୍ରୋତାଙ୍କ ଓଜନ ଭାରରୁ ରକ୍ଷା ପାଇ ନିଜକୁ ପରମ ସୌଭାଗ୍ୟ ମନେ କରୁଥାନ୍ତି। ମୋ ନାଁ ଶୁଣ୍ଠା ଦାସ। ମୋ ନାମର ଯଥାର୍ଥତା ମୁଁ ନିଶ୍ଚୟ ମାଟିହାଣ୍ଡି କାଠଚୁଲି ଲୋକାର୍ପଣରେ ପ୍ରମାଣିତ କରିବି।

ଦୁଇ ବନ୍ଧୁ ଖଟିରୁ ବିଦାୟ ନେଲେ। ଶୁଣ୍ଠା ଦାସ ଉନ୍ମୋଚନ ଉତ୍ସବର ନିମନ୍ତ୍ରଣ ପତ୍ର ବାଣ୍ଟି ସେହି ସୁଦିନକୁ ଅପେକ୍ଷା କରି ରହିଲେ।

ଶୁଣ୍ଠା ଦାସଙ୍କ ମାଟି ହାଣ୍ଡି ଓ କାଠଚୁଲି ପୁସ୍ତକ ଉନ୍ମୋଚନର ସମସ୍ତ ଅତିଥି ଠିକଣା ସମୟରେ ଉପସ୍ଥିତ ଥିଲେ। ନିମନ୍ତ୍ରଣ ପତ୍ରରେ ରାଜାମାର୍କା ଜଳଖିଆ ପ୍ୟାକେଟ କଥା ଉଲ୍ଲେଖ ଥିବାରୁ ସଦନରେ ଶ୍ରୋତା ଭରପୂର। କେବଳ ପ୍ୟାକେଟ ପାଇଁ ଆସୁଥିବା ଦର୍ଶକମାନଙ୍କ ସଂଖ୍ୟା ସେଦିନ ବି ଅଧିକ ଥିଲା।

ଶୁଣ୍ଠା ଦାସଙ୍କ ମାଟିହାଣ୍ଡି ଓ କାଠଚୁଲି ପୁସ୍ତକ ଉନ୍ମୋଚନ ଏକ ଅଭିନବ ଢଙ୍ଗରେ ହୋଇଥିଲା। ଗୋଟିଏ ମାଟି ହାଣ୍ଡିରେ ବହିଗୁଡିକ ରଖାଯାଇ ଶିକାରେ ଲଟକାଇ ଦିଆଯାଇଥିଲା। ଉନ୍ମୋଚନ ବେଳେ ଉନ୍ମୋଚକ ସର୍ବଗିଳା ଶେଷ୍ଠି କାଠଫାଳିଆଟାଏ ଧରି ସେ ହାଣ୍ଡିକୁ ଏମିତି ପାହାରେ ଦେଲେ ହାଣ୍ଡି ନବଖଣ୍ଡ। ପୁସ୍ତକଗୁଡିକ ତଳେ ପଡି ଏକଠାବେ ହୋଇଗଲେ ଗୁଣ୍ଡ। ସେ ବହିକୁ ଅତିଥିମାନେ ହାତରେ ଧରି ପୋଜ୍ ନେଲେ। ଫଟୋ ଉଠିଲା।

ଏତିକିବେଳେ ଦୁଇଟି ବଡ ବଡ କାଗଜ କାର୍ଟୁନ ପେଟି ମଞ୍ଚ ତଳେ ଟେବୁଲ ପାଖରେ ଲଗାଇ ରଖାଯାଇଥିଲା। ପ୍ୟାକେଟ ବିକିଳିଆ ଶ୍ରୋତା ଓ ଦର୍ଶକ ସେହି କାର୍ଟୁନକୁ ଦେଖି ଦେଖି ସମୟ ଅତିବାହିତ କରୁଥାନ୍ତି। ମଝିରେ ପ୍ୟାକେଟ ପ୍ୟାକେଟ ପାଟି ହେବାରୁ ଶୁଣ୍ଠା ଦାସ ମାଇକିରେ ଟିପାମାରି ହ୍ୟାଲୋ ହ୍ୟାଲୋ କରି କହିଲେ, ସଭାଶେଷରେ ପ୍ୟାକେଟ ଦିଆଯିବ। ଯେଉଁମାନେ ବ୍ୟସ୍ତ ଓ ବିବ୍ରତ ସେମାନେ ସ୍ଥାନ ଛାଡି ଚାଲିଯାଇପାରନ୍ତି। କେହି ସ୍ଥାନ ଛାଡିଲେ ନାହିଁ। ଶେଷରେ ଶୁଣ୍ଠା ଦାସ ଘୋଷଣା କଲେ ଅତି ଦୁଃଖର ସହିତ ମୋତେ କହିବାକୁ ପଡୁଛି-ଗତକାଲିର ବଳି ପଡିଥିବା ବାସି ଜଳଖିଆକୁ ଦୋକାନୀ ଦେଇ ମୋତେ ଚିଟା କାଟିଛି। ମୁଁ କାହାର ସ୍ୱାସ୍ଥ୍ୟ ବିଗାଡିବାକୁ ଦେବି ନାହିଁ। ଚାଲନ୍ତୁ ସେ ଜଳଖିଆ ଦୋକାନ ଆଗରେ ଧାରଣା ଦେବା। ଏହା ଶୁଣି ଶୁଣ୍ଠାଠାରୁ ଆଉ କ'ଣ ଆଶା କରାଯାଇପାରେ ବୋଲି କହି ଲୋକେ ସ୍ଥାନ ଛାଡିଲେ। ବାସ୍ତବିକ ସେଥିରେ ଜଳଖିଆ ପ୍ୟାକେଟ ନ ଥିଲା। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଥିଲା କେତେଖଣ୍ଡ ଇଟା।

ଶୈଳ ନିବାସ, ଏଫ-୧୮୦, ସେକ୍ଟର-୭, ସିଡିଏ, କଟକ,
ମୋ-୯୪୩୭୧୪୬୩୬୮

## ଏଇ ଭାରତରେ

ସଂଘବଦ୍ଧ ସକାରାତ୍ମକ ବିଚାର ଆଗରେ ସବୁକିଛି ସମ୍ଭବ। ଆଉ ଏହାକୁ ପ୍ରମାଣ ମଧ୍ୟ କରି ଦେଖାଇଛନ୍ତି ମଧ୍ୟପ୍ରଦେଶର ଆଦିବାସୀମାନେ। ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ପିଲାମାନଙ୍କୁ ନିୟମିତ ସ୍କୁଲ ପଠାଇବା ଲାଗି ନିଜ ଉପରକୁ ଏକ ଗୁରୁଦାୟିତ୍ୱ ନେଇ ତାହାକୁ ପୂରଣ କରିବାରେ ଲାଗିଛନ୍ତି ଅଞ୍ଜନୱାଡା ଗାଁର ଆଦିବାସୀ। ଆଲିରାଜପୁର ଜିଲା ଅନ୍ତର୍ଗତ ଏହି ଗାଁର ଗୋଟିଏ ପାଖରେ ପାହାଡ଼ ଓ ଆର ପାଖରେ ରହିଛି ନର୍ମଦା ନଦୀ। ଗାଁ ପ୍ରାଥମିକ ବିଦ୍ୟାଳୟରେ ପଢିବା ପରେ ପିଲାଙ୍କୁ ମଥବାଡ଼ରେ ଥିବା ସ୍କୁଲକୁ ଯିବାକୁ ପଡେ। ପିଲାମାନେ ଏହି ସ୍କୁଲରେ ପହଞ୍ଚିବା ଲାଗି ଦୁଇଟି ରାସ୍ତା ରହିଛି। ନର୍ମଦାରେ ୧୫ କି.ମି.ଡଙ୍ଗାରେ ପାରହୋଇ ପାହାଡି ରାସ୍ତାରେ ୨୫ କି.ମି. ଚାଲନ୍ତି କିମ୍ବା ପାହାଡ଼ିଆ ରାସ୍ତାରେ ୩୫ କି.ମି. ଚାଲି ଚାଲି ସ୍କୁଲରେ ପହଞ୍ଚନ୍ତି। ଏଥିପାଇଁ ସେମାନଙ୍କୁ ଲାଗେ ୬ ଘଣ୍ଟା। ଏହି ସମସ୍ୟା ଦୂର କରିବା ପାଇଁ ଆଦିବାସୀମାନେ ପାହାଡ଼ କାଟି ରାସ୍ତା ନିର୍ମାଣ କରୁଛନ୍ତି। ଗ୍ରାମବାସୀ ପାଳି କରି ପାହାଡ଼ କାଟୁଛନ୍ତି ଓ ଏଥିରେ ପିଲାମାନେ ବି ସହଯୋଗ କରୁଛନ୍ତି। ସକାଳ ହେବା କ୍ଷଣି ସେମାନେ ପାହାଡ଼ କାଟିବା ଲାଗି ବାହାରି ପଡୁଛନ୍ତି। ଏଥିପାଇଁ ଗ୍ରାମବାସୀ ଏକ ସମିତି ଗଠନ କରିଛନ୍ତି। କିଏ କେଉଁ ଦିନ କାମ କରିବେ ତାହା ଏହା ମାଧ୍ୟମରେ ସ୍ଥିର କରାଯାଉଛି। ଏହି ରାସ୍ତା ସଫରଜା ସଡ଼କକୁ ଯୋଡିବ ଓ ସେଠାରୁ ବସ୍ ଯୋଗେ ସହଜରେ ସ୍କୁଲ୍‌ରେ ପିଲାମାନେ ପହଞ୍ଚିପାରିବେ ବୋଲି କହିଛନ୍ତି ଗ୍ରାମବାସୀ।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଫେବୃୟାରୀ ୧୯୯୫**

- ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଧମକ ଦିଆଯାଇଥିବା ସମ୍ପର୍କରେ କେତେକ ଆବଶ୍ୟକୀୟ ଦଲିଲ ତୁରନ୍ତ ପଠାଇବା ପାଇଁ ଜୈନ କମିଶନ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।
- ଦେଶରେ ଥିବା ୧୯୬ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡିକର କ୍ଷତିର ପରିମାଣ ୯୦୬ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ନେଇ ସୂଚନା।

# ବିଚକ୍ଷଣ ଜନନାୟକ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୮୬ତମ ପୁଣ୍ୟ ତିଥି। ଇତିମଧ୍ୟରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ପ୍ରାୟ ୮୩ ବର୍ଷ ଅତିକ୍ରାନ୍ତ ହେଲାଣି। ସମଗ୍ର ପୂର୍ବଭାରତରେ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଏପରି ଅନେକ କିଛି ଘଟଣା ଘଟିଯାଇଛି। କିନ୍ତୁ ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କାୟମନୋବାକ୍ୟରେ ନିଜକୁ ହଜାଇ ଦେଇଥିବା ମଧୁବାବୁଙ୍କର ଅନେକ ସ୍ୱପ୍ନ ଅଧୁରା ହୋଇ ରହିଯାଇଛି। ଷଢ଼େଇକଳା-ଖରସୁଆଁ, ମେଦିନୀପୁର, ବାଙ୍କୁଡ଼ା, ସିଂହଭୂମି, ଚକ୍ରଧରପୁର ଇତ୍ୟାଦି ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏବେ ବିଚ୍ଛିନ୍ନାଞ୍ଚଳ ହୋଇ ରହିଛି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଚିନ୍ତାମଣି ଆଚାର୍ଯ୍ୟ କହନ୍ତି- "ମୁଁ କଲିକତାରେ ଆଇନ କଲେଜରେ ପଢ଼ିଲା ବେଳେ ସମୟେ ସମୟେ ସାର୍ ଆଶୁତୋଷ ମୁଖୋପାଧ୍ୟାୟଙ୍କ ଘରକୁ ଯାଉଥିଲି। ଆଇନ କଲେଜ ଛାତ୍ରଙ୍କ ପାଇଁ ସାର୍ ଆଶୁତୋଷଙ୍କ ଦ୍ୱାର ଉନ୍ମୁକ୍ତ ଥିଲା। ଯଦି ଜାଣୁଥିଲେ କୌଣସି ଛାତ୍ର ଓଡ଼ିଶାରୁ ମଧୁବାବୁଙ୍କ ପ୍ରଦେଶରୁ ଆସି ଆଇନ କଲେଜରେ ପଢୁଛନ୍ତି, ତେବେ ସେ ନାନା କୌତୂହଳମୟ ପ୍ରଶ୍ନ କରୁଥିଲେ। ସାର୍ ଆଶୁତୋଷ ଦିନେ ମତେ ପଚାରିଲେ ତୁମେ କେଉଁଠାରେ ଓକିଲାତି କରିବ? ଯେତେବେଳେ ସେ ଶୁଣିଲେ ମୁଁ କଟକରେ ଓକିଲାତି କରିବି, ମୋତେ ଉପଦେଶ ଛଳରେ କହିଲେ ତା' ହେଲେ ମୋର ଗୁରୁଦେବ ମଧୁସୂଦନ ଦାସଙ୍କ ପାଖରେ ସହକାରୀ ହୋଇ କାମ ଶିଖିବ।" ତାଙ୍କ ଉପଦେଶ ମାନି ଚିନ୍ତାମଣି ଆଚାର୍ଯ୍ୟ ମଧୁବାବୁଙ୍କର ଜୁନିୟର ଥିଲେ। ପ୍ରାଚୀନ କାଳରେ ଗୁରୁ ଗୃହରେ ଛାତ୍ର ରହି ଶିକ୍ଷା କଳାପରି ମଧୁବାବୁ ଛାତ୍ରର ନିଷ୍ଠା ପରୀକ୍ଷା କରୁଥିଲେ। ସାମାନ୍ୟ କୌଣସି କଥାରେ ଗୋଟିଏ ଭୁଲ୍ ଭ୍ରାନ୍ତି ଘଟିଗଲେ ଆଉ ରକ୍ଷା ମିଳେ ନାହିଁ। ଖୁବ୍ ଗାଳିଦିଅନ୍ତି। କିନ୍ତୁ ଉଦାର ହୃଦୟର ମଧୁବାବୁ ତହିଁ ପରଦିନ ଜୁନିୟର ଘରେ ପ୍ରତ୍ୟୁଷରୁ ହାଜର ହୁଅନ୍ତି ଏବଂ କୁହନ୍ତି କାଲି ତତେ ଗୁଡ଼ାଏ ଗାଳିଦେଲି, ତୋର ମନରେ ଭାରି କଷ୍ଟ ହୋଇଥିବ। ମୁଁ ଯାହାଙ୍କୁ ବେଶି ସ୍ନେହକରେ, ତାଙ୍କର ସାମାନ୍ୟ ଦୋଷ ଦେଖିପାରେ ନାହିଁ। ସେ ଏପରି କଥା ସ୍ନେହପୂର୍ଣ୍ଣ ଭାଷାରେ କହନ୍ତି ଯେ, ମନରୁ ସମସ୍ତ ଦୁଃଖ, ଅଭିମାନ ଓ ରାଗ ସାଙ୍ଗେ ସାଙ୍ଗେ କୁଆଡ଼େ ଉଭେଇଯାଏ।

ଚିନ୍ତା, ଚେତନା ତଥା ଆଭିମୁଖ୍ୟ ଦୃଷ୍ଟିରୁ ସେ ମହାତ୍ମା ଗାନ୍ଧୀଙ୍କଠାରୁ ଆଗୁଆ ଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ଗ୍ରାମୋଦ୍ୟୋଗ ସଂଘ ପ୍ରତିଷ୍ଠା ହେବା ପୂର୍ବରୁ ମଧୁସୂଦନ ଗ୍ରାମ୍ୟ ଶିଳ୍ପର ବିକାଶ କାର୍ଯ୍ୟ ହାତକୁ ନେଇଥିଲେ। ୧୯୦୫ରେ ଲୋକମାନଙ୍କ ବିନା ଅର୍ଥ ବ୍ୟୟରେ ମଧୁସୂଦନ କଟକଠାରେ ଲୁଗାବୁଣା ଶିକ୍ଷାର ବନ୍ଦୋବସ୍ତ କରିଥିଲେ। ସେହିପରି ମହାତ୍ମା ଗାନ୍ଧୀଙ୍କ ବହୁ ପୂର୍ବରୁ ସେ ଲୁଣମରା ଅଭିଯାନ ଉପରେ ନିଜର ମତବ୍ୟକ୍ତ କରିଥିଲେ। ପରିସ୍ଥିତି ଚାପରେ ପଡ଼ି ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ଧର୍ମୀୟ ସଂକୀର୍ଣ୍ଣତାରୁ ସେ ଊର୍ଦ୍ଧ୍ୱରେ ଥିଲେ। ତା' ନ ହୋଇଥିଲେ ଇଂରେଜ ଶାସନ କବଳରୁ ପୁରୀର ଶ୍ରୀମନ୍ଦିରକୁ ଉଦ୍ଧାର କରି ଗଜପତି ମହାରାଜାଙ୍କ ପରିବାର ହାତରେ ମନ୍ଦିରର ପ୍ରଶାସନିକ ଦାୟିତ୍ୱ ପୁନଃଅର୍ପଣ କରିବା ପାଇଁ ସେ ମୋକଦ୍ଦମା ଲଢ଼ି ନ ଥାନ୍ତେ।

ବି.ଏ. ପଢ଼ିବାବେଳେ ଗୋଟିଏ ଘଟଣା ତାଙ୍କୁ ଲୋକଲୋଚନକୁ ଆଣିଥିଲା। ସଂସ୍କୃତ ପରୀକ୍ଷାରେ ଉତ୍ତର ଦେବନାଗରୀ ନଚେତ୍ ନିଜ ମାତୃଭାଷା ଲିପିରେ ଲେଖିବାକୁ କଲିକତା ବିଶ୍ୱବିଦ୍ୟାଳୟର ନିୟମ ଥିଲେ ମଧ୍ୟ ସେତେବେଳେ ସଂସ୍କୃତ ପରୀକ୍ଷା ନିରୀକ୍ଷକ କେବଳ ବଙ୍ଗଳା ଭାଷା ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣି ନ ଥିବାରୁ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଲେଖିବାକୁ ଅନୁମତି ମିଳୁ ନ ଥିଲା। ମଧୁସୂଦନ ସଂସ୍କୃତ ପରୀକ୍ଷାରେ ଓଡ଼ିଆ ଲିପିରେ ଉତ୍ତର ଲେଖିବେ ବୋଲି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଜଣାଇଲେ। ମାତ୍ର ଏହି ଦାବି ଅଗ୍ରାହ୍ୟ ହୋଇଗଲା। ପରିଶେଷରେ ମଧୁବାବୁ ବଙ୍ଗ ବିହାର ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ନର ସାର୍ ୱିଲିୟମ ଗ୍ରେଙ୍କ ନିକଟକୁ ଏକ ଆବେଦନପତ୍ର ପଠାଇ ଜଣାଇଲେ ଯେ, ବହୁ ଭାଷାଭାଷୀ ଅଞ୍ଚଳକୁ ନେଇ କଲିକତା ବିଶ୍ୱବିଦ୍ୟାଳୟ ଗଠିତ ହୋଇଥିବାରୁ ସବୁଭାଷାର ଜନନୀ ଭାବେ ବିଚାର କରାଯାଉଥିବା ସଂସ୍କୃତ ପରୀକ୍ଷାର ଉତ୍ତର ମଧ୍ୟ ନିଜ ମାତୃଭାଷା ଲିପିରେ ଲେଖିବା ପାଇଁ ଅନୁମତି ଦିଆଯିବା ଉଚିତ। ମଧୁସୂଦନଙ୍କ ଅକାଟ୍ୟ ଯୁକ୍ତି ଆଗରେ ଲ୍ୟୁଟନାଣ୍ଟ ଗଭର୍ନର ମୁଣ୍ଡ ନୁଆଁଇଥିଲେ। ଏହା ସେତେବେଳେ ବିଶ୍ୱବିଦ୍ୟାଳୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା।

ମଧୁବାବୁଙ୍କର ସାକ୍ଷୀମାନଙ୍କୁ ଜେରା କରିବାର କୌଶଳ ଏବେ ମଧ୍ୟ ଓଡ଼ିଶାର ଓକିଲମାନଙ୍କ ମଧ୍ୟରେ ଆଲୋଚିତ ହେଉଥିବା ଶୁଣାଯାଏ। ସାକ୍ଷୀ ଯେତେ ଦମ୍ଭକରି ମିଛ କହିବାକୁ ଆସିଥିବ, ମଧୁବାବୁଙ୍କ ଆଗରେ ତା' ପାଟିରୁ ସତକଥା ବାହାରିଯିବ। ମଧୁସୂଦନ ଦିନେ ଗୋଟିଏ ଦୋହରା ମୋକଦ୍ଦମାରେ ଜଜ୍‌ଙ୍କ ଅଦାଲତରେ ଜେରା କରୁଥାନ୍ତି। ମୋକଦ୍ଦମାଟିର ଘଟଣା ଥିଲା ଏହିପରି- ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ପିଟାପିଟି ହୋଇ ଜଣେ ମୁସଲମାନ ମରିଯାଇଥାଏ। ମଧୁବାବୁ ପ୍ରମାଣ କରିବାକୁ ଚାହୁଁଥାନ୍ତି ଯେ, ମୁସଲମାନମାନେ ଆଗେ ହିନ୍ଦୁ ପକ୍ଷର ଲୋକଙ୍କୁ ମାରିବାରୁ ଆତ୍ମରକ୍ଷା ଉଦ୍ଦେଶ୍ୟରେ ହିନ୍ଦୁପକ୍ଷ ମୁସଲମାନଙ୍କୁ ମାରିଛନ୍ତି। ଜଣେ ମୁସଲମାନ ସାକ୍ଷୀ ଆସିଲେ। ଜମାନବନ୍ଦୀ ଦେଲେ, ଜେରା ବେଳେ ମଧୁବାବୁ ନବାବ ଜାତି, ଅମିର ଜାତି, ବାଦଶାହଙ୍କ ବଂଶଧର ଇତ୍ୟାଦି ଅନେକ କଥା କହି ପ୍ରଥମ କେଇ ମିନିଟ୍‌ରେ ଏପରି ଟେକିଦେଲେ ଯେ ବିଚରା ମୁସଲମାନ ଭଦ୍ରବ୍ୟକ୍ତି ଜଣକ ନିଜର ସ୍ଥିତି ଭୁଲିଯାଇ ନିଜକୁ ବାଦଶାହ ବୋଲି ମନେକଲେ। ସେତିକିବେଳେ ମଧୁବାବୁ କହିଲେ, ଏ କାଫେର ହିନ୍ଦୁ ଆପଣଙ୍କୁ ଶାଳା ବୋଲି ଗାଳିଦେଲା, ଆପଣ ବରଦାସ୍ତ କଲେ କିପରି? ସାକ୍ଷୀ ସଙ୍ଗେ ସଙ୍ଗେ କହିଲା, ବରଦାସ୍ତ କାହିଁକି କରନ୍ତି, ମୁଁ ସଙ୍ଗେ ସଙ୍ଗେ ଲାଠିରେ ମାଡ଼ ଲଗାଇଲି। ମଧୁବାବୁ ଯେଉଁ ଉତ୍ତର ପାଇବାକୁ ଚାହୁଁଥିଲେ, କୌଶଳରେ ସେସବୁ ଉତ୍ତର ସାକ୍ଷୀ ମୁହଁରୁ ପାଇଗଲେ।

ଭୁବନେଶ୍ୱର, ମୋ- ୯୪୩୮୦୭୨୮୫୦

## ଚିରନ୍ତନୀ

ଅଛି ସେ କେଉଁ ଦେଶେ ନୁହଇ ଜାଣି
ବିରଚି ମାୟାମୟ ରୂପର ଠାଣି
ବିଶ୍ୱମାନସରେ ବିକାର ସୃଜି
କି ସୁରା ଢାଳିଦିଏ, ନୁହଇ ବୁଝି।
ପାତ୍ର ପୂରି ମୋର ଉଛୁଳେ
ଗାତ୍ର ଜଳିଉଠେ ଆକୁଳେ
କଣ୍ଠେ ବଢ଼େ ତୃଷ୍ଣା ଶିର ମୋ ଯାଏ ତାତି
ତୃପତ ନୁହେଁ ଆଶା, ବଥାଏ ବେଶି ଛାତି।
ଶୁଷ୍କ ଏ ରସନା ସୁରାର ରସ ଚାଖି
ଦୁଇଟି ଆଖି ତାହା ଦୁଇଟି କଳା ଆଖି!
(ଦୁଇଟି କଳା ଆଖି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | 8 | D | | 9 | | 5 | | | | | 1 | |
| E | | | B | 1 | | 6 | | | | | 8 | A | | |
| | 1 | B | | | | | | | C | | | | | 8 |
| | 0 | | | | 7 | | | 4 | | | | | 3 | 2 |
| 8 | A | | | | 9 | B | E | | | | | 4 | 7 | |
| | | 5 | E | | | | 0 | | | | 7 | | 6 | |
| | C | | 9 | | | | | | 4 | 1 | | 3 | | |
| | | | | | | | | B | | | D | 0 | 2 | C |
| 2 | | 8 | | | | | | | | 3 | | | 9 | E |
| | 4 | 3 | D | | | | | | | C | 2 | | B | |
| | 9 | | 4 | | | | | | | | | | | |
| 0 | 5 | D | | | | | | C | 9 | 4 | | 2 | | |
| 3 | 2 | | | | | | 4 | A | | 0 | | 8 | | B |
| | | | 7 | | | | 3 | | A | 6 | | | | |
| 1 | | | 5 | C | 6 | | | | 7 | | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 2 | 3 | 4 | 8 | 0 | C | 9 | 5 | D | B | 7 | E | 1 | 6 |
| 0 | 6 | C | 9 | 1 | 7 | 4 | B | 3 | A | E | 5 | 2 | D | 8 |
| 8 | 4 | 5 | B | D | A | 1 | 2 | E | 6 | 3 | 0 | 7 | C | 9 |
| D | B | 9 | C | E | 3 | 6 | 8 | 7 | 2 | 1 | 4 | A | 0 | 5 |
| 7 | E | 1 | 6 | 5 | 2 | 0 | D | A | 8 | 9 | C | B | 3 | 4 |
| 9 | 3 | E | 5 | 2 | 8 | D | 6 | 0 | C | A | 1 | 4 | 7 | B |
| 1 | 0 | 6 | 7 | B | D | 5 | A | 8 | 3 | 4 | 9 | C | E | 2 |
| C | 8 | A | 3 | 4 | 9 | E | 1 | B | 7 | 0 | 2 | 6 | 5 | D |
| 2 | 7 | 4 | A | 6 | E | 3 | C | 9 | B | 5 | D | 1 | 8 | 0 |
| 5 | D | B | 0 | C | 1 | 7 | 4 | 2 | E | 6 | 8 | 3 | 9 | A |
| B | C | D | 8 | 7 | 6 | A | 5 | 1 | 9 | 2 | 3 | 0 | 4 | E |
| 3 | A | 2 | 1 | 0 | 4 | 9 | E | D | 5 | C | 6 | 8 | B | 7 |
| E | 1 | 8 | D | 3 | 5 | B | 0 | 6 | 4 | 7 | A | 9 | 2 | C |
| 4 | 9 | 0 | 2 | A | B | 8 | 7 | C | 1 | D | E | 5 | 6 | 3 |
| 6 | 5 | 7 | E | 9 | C | 2 | 3 | 4 | 0 | 8 | B | D | A | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଧାନ ପରିଷଦର ଅନାବଶ୍ୟକତା

ମହାଶୟ,

ଷୋଡ଼ଶ ବିଧାନସଭାର ଶୀତକାଳୀନ ଅଧିବେଶନକୁ ରାଜ୍ୟ ସରକାର ଅବଧିର ୧୭ କାର୍ଯ୍ୟଦିବସ ପୂର୍ବରୁ ବନ୍ଦ କରିଦେଇଥିଲେ। ବିଧାନସଭାରେ ଆଉ କିଛି ସରକାରୀ କାର୍ଯ୍ୟ ସମ୍ପାଦିତ ହେବାକୁ ନ ଥିବାରୁ ଅଧିବେଶନକୁ ଶେଷ କରାଗଲା ବୋଲି ସରକାର ଯୁକ୍ତି ରଖିଥିଲେ। ଅତୀତରେ ଏହିପରି ଅନେକଥର ଅଧିବେଶନକୁ ଯଥେଷ୍ଟ ପୂର୍ବରୁ ବନ୍ଦ କରାଯାଇଛି। ଆବଶ୍ୟକ କାର୍ଯ୍ୟ ନ ଥିବାରୁ ବାରମ୍ବାର ଅବଧି ପୂର୍ବରୁ ଅଧିବେଶନକୁ ବନ୍ଦ କରାଯାଉଥିବା ସରକାରଙ୍କ ଯୁକ୍ତିକୁ ଯଦି ଯଥାର୍ଥ ବୋଲି ଧରିନିଆଯାଏ ତେବେ ପ୍ରସ୍ତାବିତ ବିଧାନ ପରିଷଦରେ କେଉଁ କାର୍ଯ୍ୟ ସମ୍ପାଦିତ ହେବ? ଏହାଦ୍ୱାରା ବିଧାନ

ପରିଷଦ ଗଠନର ଅନାବଶ୍ୟକତା ପ୍ରମାଣିତ ହେଉ ନାହିଁ କି?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ସାମାଜିକ ଗଣମାଧ୍ୟମ

ଆମ ରାଜ୍ୟରେ ବିଭିନ୍ନ ସମୟରେ ଫେସବୁକ, ହ୍ୱାଟ୍‌ସଆପ ପ୍ରଭୃତିର ବହୁଳମାତ୍ରାରେ ବ୍ୟବହାରକାରୀ ପ୍ରତାରଣା, ବଳାତ୍କାର, ଠକାମିରେ ପଡୁଛନ୍ତି। କେହି ଜୀବନ ହାରିଦେଉଛି ତ କେହି ହତ୍ୟା କରୁଛି। ଯୁବପିଢି, କର୍ମଜୀବୀ ମହିଳା ଯଦି ସାମାଜିକ ଗଣମାଧ୍ୟମକୁ ସୀମା ଭିତରେ ବ୍ୟବହାର କରନ୍ତି ତେବେ ଏଭଳି ସମସ୍ୟା ଆସିବ ନାହିଁ। ସରକାରୀ କାର୍ଯ୍ୟାଳୟ (ପଞ୍ଚାୟତଠାରୁ ସଚିବାଳୟ ପର୍ଯ୍ୟନ୍ତ) କର୍ମଚାରୀ, ଅଫିସର ଘଣ୍ଟା ଘଣ୍ଟା ମୋବାଇଲରେ ଲିପ୍ତ ରହୁଛନ୍ତି। ଏହାଦ୍ୱାରା ସରକାରୀ କାମ ହୋଇପାରୁ ନାହିଁ। ଏ ସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି।

କେ. ରବି, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ମନ୍ତ୍ରୀଙ୍କୁ ପ୍ରସ୍ତାବ

**ଭୁବନେଶ୍ୱର,୩।୨(ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧକ୍ଷତାରେ ସୋମବାର ଲୋକ ସେବା ଭବନଠାରେ ଓଡ଼ିଶା ପୌର କର୍ମଚାରୀ ମହାସଂଘର ଅସ୍ଥାୟୀ କର୍ମଚାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପସ୍ଥିତ ଥିବା ଅସ୍ଥାୟୀ ପୌର କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଛି। ଓଡ଼ିଶା ପୌର କର୍ମଚାରୀ ମହାସଂଘର ସଭାପତି ପ୍ରଭାତ ତ୍ରିପାଠୀ ଏହି ଅବସରରେ ରାଜ୍ୟର ୩ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସମ୍ପର୍କରେ ମନ୍ତ୍ରୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ରାଜ୍ୟର ଅସ୍ଥାୟୀ ପୌର କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବା ସମ୍ପର୍କରେ ଲିଖିତ ଆବେଦନପତ୍ର ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକା ଡଙ୍ଗାବୁଡ଼ି ଘଟଣାରେ ୪ ଗିରଫ

### ଗଠନ ହେଲା ଟାସ୍କଫୋର୍ସ, କଡ଼ାକଡ଼ି ହେବ ଯାଞ୍ଚ ପ୍ରକ୍ରିୟା

**ବାଲୁଗାଁ,୩।୨(ଡି.ଏନ୍.ଏ.)**

ରବିବାର ସନ୍ଧ୍ୟାରେ ଚିଲିକା ଡଙ୍ଗା ବୁଡ଼ି ଘଟଣାରେ ସମ୍ପୃକ୍ତ ଡଙ୍ଗା ମାଲିକଙ୍କ ସମେତ ୪ ଜଣଙ୍କୁ ବାଲୁଗାଁ ଥାନା ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ଚିଲିକାରେ ବିନା ଲାଇସେନ୍ସରେ ଚଳାଚଳ କରୁଥିବା ଯାତ୍ରୀବାହୀ ଓ ମାଛଧରା ଡଙ୍ଗା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୋମବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ମଙ୍ଗଳବାରଠାରୁ ସମଗ୍ର ଚିଲିକାରେ ଚଢ଼ାଉ କରାଯାଇ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ ବୋଲି ସୂଚନା ମିଳିଛି।

ଦୁର୍ଘଟଣାର ଶିକାର ହୋଇଥିବା ଡଙ୍ଗାର ରେଜିଷ୍ଟ୍ରେଶନ ନଂ.ଆଇଏନ୍‌ଡି-ଓଆ।ର-୦୬-ଏମ୍‌ଓ-୧୦୫୩୪ ଏବଂ ମାଲିକ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ନବଘନ ଜାଲି ବୋଲି ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ କ୍ଷେତ୍ରବାସୀ ବେହେରା ସୂଚନା ଦେଇଛନ୍ତି। ବାଲୁଗାଁ ପୋଲିସ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଏ ସଂକ୍ରାନ୍ତରେ ଦଫା ୨୮୦,୩୩୭,୩୩୮,ଆଇପିସି ୩୪ ଧାରା ଅନୁଯାୟୀ ନଂ. ୧୮/୨୦ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଡଙ୍ଗା ମାଲିକଙ୍କ ସମେତ ୩ କର୍ମଚାରୀ ଅଶୋକ ଜାଲି, ବିଶେଖ ଜାଲି ଓ ସୁଦର୍ଶନ ଜାଲିଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ, ରବିବାର ସକାଳେ ବାଲୁଗାଁ ନିକଟସ୍ଥ ବଡ଼କୂଳ, କୋରିଆସାହି, କାଳୁମାଳ, ଆଙ୍କୁଲା ଓ ଚନ୍ଦ୍ରାପୁଟ ଗ୍ରାମର ୪୫ଜଣ ମହିଳା ଓ ପୁରୁଷ ଚିଲିକା ମଧ୍ୟସ୍ଥ କାଳିଜାଈ ପୀଠକୁ ଦର୍ଶନ ଏବଂ ବଣଭୋଜି ପାଇଁ ୩ଟି ମାଛଧରା ଡଙ୍ଗା ଯୋଗେ ଯାଇଥିଲେ। ସେଠାରେ ଭୋଜିସାରି ସନ୍ଧ୍ୟାରେ ଫେରୁଥିବା ବେଳେ ପ୍ରତିକୂଳ ପାଗ ସହ ବର୍ଷାପବନ ହୋଇଥିଲା। ୩ଟି ଡଙ୍ଗା ମଧ୍ୟରୁ ଗୋଟିଏ ଡଙ୍ଗାରେ ଭୋଜିସାମଗ୍ରୀ ସହ କିଛି ଯାତ୍ରୀ ଥିଲେ ଏବଂ ଅନ୍ୟ ଏକ ଡଙ୍ଗାରେ ୧୫ ଜଣ ଯାତ୍ରୀ ଥିବାବେଳେ ତୃତୀୟ ଡଙ୍ଗାରେ ୨୫ ଯାତ୍ରୀଙ୍କ ସମେତ ମାଛଧରା ସରଞ୍ଜାମ ମହଜୁଦ ଥିଲା। ପ୍ରଥମ ଦୁଇଟି ଡଙ୍ଗା ସୁରକ୍ଷିତ ଭାବେ ଆସୁଥିବା ବେଳେ ତୃତୀୟ ଡଙ୍ଗାଟି କାଳିଜାଈ ଗଣ୍ଡଠାରୁ ଅନତି ଦୂରରେ ପହଞ୍ଚିଥିବା ବେଳେ ଏହି ସମୟରେ ପବନ ବହିବା ଯୋଗୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ତେବେ ସୌଭାଗ୍ୟବଶତଃ ନିକଟରେ ଥିବା ଅନ୍ୟ ମାଛଧରା ଡଙ୍ଗା ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ବେଳେ ୭ ଜଣ ଗୁରୁତର ହୋଇଥିଲେ। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନେ ଚିକିତ୍ସାଧୀନ ଅଛନ୍ତି।


ଟାସ୍କଫୋର୍ସ ବୈଠକରେ ବିଭାଗୀୟ ଅଧିକାରୀମାନେ।

ଏହି ପରିପ୍ରେକ୍ଷୀରେ ସୋମବାର ବାଲୁଗାଁ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ପୋଲିସ, ସିଡିଏ, ମତ୍ସ୍ୟ ବିଭାଗ, ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ଓ ଚିଲିକା ତହସିଲର ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଥିବା ବେଳେ ମଙ୍ଗଳବାରଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଲାଇସେନ୍ସ ନ ଥିବା ଉଭୟ ମାଛଧରା ଓ ଯାତ୍ରୀବାହୀ ଡଙ୍ଗା ଚଳାଚଳକୁ ନିଷିଦ୍ଧ କରାଯିବ ଏବଂ ଖିଲାପ କଲେ ସମ୍ପୃକ୍ତ ଡଙ୍ଗା ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୮ ଜୁନ୍ ୧୬ ତାରିଖରେ ଅନୁରୂପ ଭାବେ କାଳିଜାଈ ଦର୍ଶନ ସାରି ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା କାଳବୈଶାଖୀ ଯୋଗୁ ବୁଡ଼ିଯିବାରୁ ୬ ଜଣ ପ୍ରାଣ ହରାଇଥିଲେ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଚିଲିକାରେ ବେଆଇନ ଯାତ୍ରୀବାହୀ ଡଙ୍ଗା ଚଳାଚଳକୁ ନିଷିଦ୍ଧ କରାଯାଇଥିଲା। ସେତେବେଳେ ଦୀର୍ଘ ୩ ମାସ ଧରି ଚିଲିକାରେ ଯାତ୍ରୀ ପରିବହନ ଠପ୍ ହୋଇପଡ଼ିଥିଲା।

## ଏମ୍‌ପି ଜୁଏଲ ଓରାମଙ୍କ ଝିଅ ବାହାଘରରେ ଯୋଗଦେଲେ ଦୁଇ ରାଜ୍ୟପାଳ

**ଲହୁଣୀପଡ଼ା,୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଜ୍ୟେଷ୍ଠା କନ୍ୟା ଇନ୍ଦୁମତୀଙ୍କ ସହ ବନ୍ଧମୁଣ୍ଡା ନିବାସୀ ସନ୍ତୋଷ ବାରୁଆଙ୍କ ସୋମବାର ପାରମ୍ପାରିକ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଯାଇଛି। ଏନେଇ ଜୁଏଲଙ୍କ ପୈତୃକ ଗ୍ରାମ କେନ୍ଦୁଡିହି ଚଳଚଞ୍ଚଳ ହୋଇଉଠିଥିଲା। ଏହି ବିବାହ ଉତ୍ସବକୁ ବହୁ ନେତାଙ୍କ ଆଗମନ ହୋଇଥିଲା। ବିଶେଷକରି ୨ ରାଜ୍ୟପାଳଙ୍କ ଆଗମନ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏପରି କି ୪ଟି ସ୍ୱତନ୍ତ୍ର ହେଲିପ୍ୟାଡ ନିର୍ମାଣ କରାଯାଇଥିଲା। ପ୍ରଶାସନ ଅଧିକାରୀଙ୍କ ସହିତ କେଉଁ ନେତା ରାଜ୍ୟପାଳଙ୍କୁ ସ୍ୱାଗତ କରିବେ ସେ ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଛତିଶଗଡ଼ ରାଜ୍ୟପାଳ ଅନସୂୟା ଉଇକେ ହେଲିକପ୍ଟର ଯୋଗେ ଆସି କେନ୍ଦୁଡିହି ଗ୍ରାମରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ଥିଲେ। ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ଶୋଭାଯାତ୍ରାରେ ବିବାହ ସ୍ଥଳକୁ ପାଛୋଟି ନିଆଯାଇଥିଲା। ସେହିପରି ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁବକ୍ସି ପାତ୍ର ମଧ୍ୟ ହେଲିକପ୍ଟର ଯୋଗେ କେନ୍ଦୁଡିହି ଗ୍ରାମରେ ପହଞ୍ଚିଥିଲେ । ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, କେନ୍ଦ୍ରୀୟ ସଂଗଠନ ସମ୍ପାଦକ ରାମଲାଲ ଜୀ, ଏମ୍‌ପି ନୀତେଶ ଗଙ୍ଗଦେବ, ସୁରେଶ ପୂଜାରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦଳା ଠାକୁର ପ୍ରଧାନ, ଏମ୍‌ପି ମହେଶ ସାହୁ, କଂଗ୍ରେସ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ପୂର୍ବତନ ଏମ୍‌ପି ରୁଦ୍ର ପାଣି, ପୂର୍ବତନ ଜିଲାପାଳ ସୁରେନ୍ଦ୍ର କୁମାର ମିର୍ଦ୍ଧା, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ସାରଦା ପ୍ରସାଦ ନାଏକ, ବିରୋଧୀ ଦଳ ନେତା ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୨ଜଣ ଆଡିସିନାଲ ଏସ୍‌ପି, ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର, ୧୦ଜଣ ସବ୍‌ଇନ୍ସପେକ୍ଟର, ରିଜର୍ଭ ପୋଲିସ ବାହିନୀର ୫ ପ୍ଲାଟୁନ ଫୋର୍ସ, ୮୦ଜଣ ଗୃହରକ୍ଷୀଙ୍କୁ ମୁତୟନ କରାଯାଇଥିଲା। ବିବାହ ଉତ୍ସବ ପୂର୍ବଦିନ ନବୀନ ଜିନ୍ଦଲ ଯୋଗ ଦେଇଥିଲେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିବାହ ଉତ୍ସବରେ ଯୋଗଦେଇଥିବା ଜଣାପଡ଼ିଛି।


ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଛତିଶଗଡ଼ ରାଜ୍ୟପାଳ ଅନସୂୟା ଉଇକେଙ୍କୁ ପାଛୋଟି ନେଉଛନ୍ତି।

## ଇସ୍କନ ବିରୋଧରେ ପଦକ୍ଷେପ ନିଆଯିବ: ସଂସ୍କୃତି ମନ୍ତ୍ରୀ

**ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

**ଭୁବନେଶ୍ୱର (ବ୍ୟୁରୋ)/ପୁରୀ ଅଫିସ, ୩।୨**

ମୁମ୍ବାଇରେ ଅନୁଷ୍ଠିତ ଅଦିନିଆ ରଥଯାତ୍ରାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ମହାପ୍ରଭୁଙ୍କ ଲୀଳାସ୍ଥଳ ଶ୍ରୀକ୍ଷେତ୍ରରେ ଏହାର ଘୋର ବିରୋଧ କରାଯାଇଛି। ବାରମ୍ବାର ଇସ୍କନ ଏଭଳି ଆଚରଣ ଦେଖାଇ ବିଧି ପରମ୍ପରାକୁ ବେଖାତିର କରୁଥିବାରୁ ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକଙ୍କ ସମେତ ଏହାର ନିନ୍ଦା କରିଛନ୍ତି। ସୋମବାର ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ସେ କହିଛନ୍ତି ଯେ, ଏହି ପ୍ରସଙ୍ଗ ରାଜ୍ୟ ସରକାରଙ୍କ ଜ୍ଞାତସାରରେ ରହିଛି। ଏହା ଜଗନ୍ନାଥ ସଂସ୍କୃତି ପ୍ରତି କୁଠାରାଘାତ। ତେବେ ବାହାର ରାଜ୍ୟରେ କିମ୍ବା ବାହାର ଦେଶରେ ସରକାର ଆଇନ ଭିତରେ ବନ୍ଧା ନୁହନ୍ତି। ତଥାପି ଏ ନେଇ ଇସ୍କନ ବିରୋଧରେ ପଦକ୍ଷେପ ନିଆଯିବ। ସେହିପରି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଏଭଳି ଘଟଣାକୁ ସମସ୍ତ ଜଗନ୍ନାଥପ୍ରେମୀ ବିରୋଧ କରୁଛନ୍ତି। ଏହିବିରୋଧ ଆଗକୁ ଆହୁରି ଅଧିକ ହେବା ଉଚିତ। ବର୍ତ୍ତମାନ ଇସ୍କନକୁ ତାଗିଦ କରିବାର ସମୟ ଆସିଛି। ଶ୍ରୀମନ୍ଦିର ପ୍ରଶାସନ ଏହି ତାଗିଦ କରିବା କଥା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦିଆଯିବ।

## ଗତବର୍ଷ ଅପେକ୍ଷା ବଢ଼ିଛି ଧାନ ସଂଗ୍ରହ

### ଧାର୍ଯ୍ୟ ଲକ୍ଷ୍ୟର ୭୯% ଧାନ ସଂଗ୍ରହ ସରିଛି

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ସାରା ରାଜ୍ୟରେ ଚଳିତ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଚାଲିଛି। ଫେବୃୟାରୀ ୩ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ୩୯ ଲକ୍ଷ ୫୦ ହଜାର ୭୮୫ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି। ଯାହା ଧାର୍ଯ୍ୟ ଲକ୍ଷ୍ୟର ୭୯ପ୍ରତିଶତରୁ ଅଧିକ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ରାଜ୍ୟ ସରକାର ଖରିଫରେ ୫୦ ଲକ୍ଷ ଟନ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସମସ୍ତ ୩୦ ଜିଲାରେ ୩୫୪୨ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କ ପି-ପାସ୍ ଓ ଆଗୁଆ ଟୋକନ୍ ପ୍ରଦାନ ମାଧ୍ୟମରେ ଚଳିତ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି। ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ସମୁଦାୟ ୯,୫୪,୮୭୦ଟି ଆଗୁଆ ଟୋକନ୍ ପ୍ରଦାନ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୬,୮୦,୧୦୧ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଏହି ସମୟ ସୁଦ୍ଧା ମୋଟ ୩୯,୪୫,୬୦୬ ଟନ ଧାନ ସଂଗ୍ରହ ହୋଇଥିଲା। ୨୦୨୦ ଫେବୃୟାରୀ ୩ ସୁଦ୍ଧା ୩୯,୫୦,୭୮୫ ଟନ ଧାନ ସଂଗ୍ରହ ହୋଇଛି। ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବରଗଡ଼ରୁ ୬,୨୧,୬୭୦ ଟନ, ବଲାଙ୍ଗୀରରୁ ୨,୭୫,୨୩ ଟନ, ଗଞ୍ଜାମ ଜିଲାରୁ ୨,୩୭,୬୫୬ ଟନ, କଳାହାଣ୍ଡିରୁ ୪,୨୩,୫୬୮ ଟନ, କୋରାପୁଟରୁ ୧,୯୮,୮୧୯ ଟନ, ନବରଙ୍ଗପୁର ୧,୨୪,୧୬୭ ଟନ, ନୂଆପଡ଼ା ଜିଲାରୁ ୧,୧୪,୧୦୪ ଟନ, ସମ୍ବଲପୁରରୁ ୨,୯୦,୫୯୧ ଟନ ଧାନ ସଂଗ୍ରହ କରାଯାଇଛି। ଧାନ ସଂଗ୍ରହ ଅର୍ଥ ବାବଦକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୫୫୩ କୋଟି ୭୧ ଲକ୍ଷ ଟଙ୍କା ହସ୍ତାନ୍ତର କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୩।୨(ବ୍ୟୁରୋ):** ରାଜ୍ୟ ସରକାର ସୋମବାର ଓଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଅଭୟ କୁମାର ନାୟକଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ କମିଶନର ଭାବେ ଦାୟିତ୍ୱ ମିଳିଛି। ଏଥିସହ ତାଙ୍କଠାରୁ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ପଦ ପ୍ରତ୍ୟାହାର କରିନିଆଯାଇଛି। ସେହିପରି ଇଡ୍‌କୋର ଜେନେରାଲ ମ୍ୟାନେଜର ତଥା ଷ୍ଟିଲ୍ ମାଇନ୍ସ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ବରିଷ୍ଠ ଅଧିକାରୀ ଗଣେଶ୍ୱର ଜେନା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କେବଳ ଇଡ୍‌କୋର ଜେନେରାଲ ମ୍ୟାନେଜର ଦାୟିତ୍ୱରେ ରହିବେ। ତାଙ୍କଠାରୁ ଷ୍ଟିଲ ଓ ମାଇନ୍ସ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱକୁ ସରକାର ପତ୍ୟାହାର କରିନେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ନିର୍ଦ୍ଦେଶକ ଏବଂ ଓପେପା ଅତିରିକ୍ତ ନିର୍ଦ୍ଦେଶକ ରଘୁରାମ ଆୟାରଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି। ଏହାସହିତ ତାଙ୍କୁ ଓପେପା ଅତିରିକ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ତାଙ୍କୁ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ନିର୍ଦ୍ଦେଶକ ପଦରୁ ତାଙ୍କୁ ହଟାଇ ଦିଆଯାଇଛି। ଖଇରାର ପୂର୍ବତନ ବିଡିଓ ଏବଂ ବର୍ତ୍ତମାନ ଚନ୍ଦାହାଣ୍ଡି ବ୍ଲକ ବିଡିଓ ମହେଶ କୁମାର ଚୌଧୁରୀଙ୍କୁ ପାରାଦୀପ ମ୍ୟୁନିସିପାଲିଟିର ବିଦେଶ ଚାକିରି ନୀତି ଓ ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ୭ ଦିନ ମଧ୍ୟରେ ବଦଳି ହୋଇଥିବା ସମସ୍ତ ଅଫିସରଙ୍କୁ ନିଜ ନୂଆ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଜାତୀୟସ୍ତରରେ ପ୍ରଦର୍ଶିତ ହେବ ଓଡ଼ିଶା ଆଦିବାସୀଙ୍କ ବୀରତ୍ୱ

**ଭୁବନେଶ୍ୱର,୩।୨(ବ୍ୟୁରୋ):** ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ଲଢ଼େଇ କରି ନିଜ ସାହସିକତାର ପରିଚୟ ଦେଇଥିବା ଓଡ଼ିଆ ଆଦିବାସୀଙ୍କ ବୀରତ୍ୱ ସମ୍ପର୍କରେ ଜାତୀୟସ୍ତରରେ ପ୍ରଦର୍ଶିତ କରାଯିବ। ଗୁଜରାଟର ନର୍ମଦା ଜିଲାସ୍ଥିତ ଗରୁଡ଼େଶ୍ୱର ଗାଁରେ ସ୍ଥାପନ ହେବାକୁ ଥିବା ଜାତୀୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ମ୍ୟୁଜିୟମରେ ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ଆଦିବାସୀଙ୍କ ୫ଟି ବୀରତ୍ୱର ଗାଥାକୁ ଥ୍ରୀ-ଡି ଓ ସେଭେନ-ଡି ଟେକ୍ନୋଲୋଜି ମାଧ୍ୟମରେ ପ୍ରଦର୍ଶିତ କରାଯିବ। ଲୋକ ସଭାରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଦିବାସୀ ରାଷ୍ଟ୍ରମନ୍ତ୍ରୀ ରେଣୁକା ସିଂ ସରୁତା କହିଛନ୍ତି, ଦେଶର ପ୍ରମୁଖ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ଓ ସଂଘର୍ଷର କାହାଣୀକୁ ୧୬ଟି ପ୍ରମୁଖ ଗ୍ୟାଲେରିରେ ପ୍ରଦର୍ଶିତ କରାଯିବ। ସ୍ୱାଧୀନତା ସଂଗ୍ରାମର ଅନ୍ୟାନ୍ୟ ବିଦ୍ରୋହର ଗାଥାକୁ ୯୩ଟି ଜୋନଦ୍ୱାରି ପ୍ରଦର୍ଶିତ କରାଯିବ। ଓଡ଼ିଶାର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, କୋରାପୁଟ ବିଦ୍ରୋହରେ ଲକ୍ଷ୍ମଣ ନାଏକ, ଗଞ୍ଜାମ ବିଦ୍ରୋହ, ଘୁମୁସର ବିଦ୍ରୋହ, ଖୋଣ୍ଡ ବିଦ୍ରୋହର କାହାଣୀ ଜାତୀୟ ମ୍ୟୁଜିୟମରେ ପ୍ରଦର୍ଶିତ କରାଯିବ।

UTKAL UNIVERSITY
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA
Advertisement for the post of ASSISTANT PROFESSOR
Advt. No. Estt.I/1041/3633/2020 Dated: 03/02/2020
Online applications are invited in the prescribed Application Form from eligible candidates for appointment to the post of **ASSISTANT PROFESSOR** in various Departments under Utkal University in the Academic Pay Matrix Level-10 of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.
For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.
Sd/-
REGISTRAR

UTKAL UNIVERSITY
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA
Advertisement for the post of ASSOCIATE PROFESSOR
Advt. No. Estt.I/1041/3618/2020 Dated: 03/02/2020
Online applications are invited in the prescribed Application Form from eligible candidates for appointment to the post of **ASSOCIATE PROFESSOR** in various Departments under Utkal University in the Academic Pay Matrix Level-13A of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.
For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.
Sd/-
REGISTRAR

UTKAL UNIVERSITY
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA
Advertisement for the post of PROFESSOR
Advt. No. Estt.I/1041/3603/2020 Dated: 03/02/2020
Online applications are invited in the prescribed Application Form from eligible candidates for appointment to the post of **PROFESSOR** in various Departments under Utkal University in the Academic Pay Matrix Level-14 of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.
For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.
Sd/-
REGISTRAR

Health in Your Hand
World Cancer Day 4 February
NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
ଓଡ଼ିଶା ଶାସନ
ବିଶ୍ୱ କର୍କଟ ଦିବସ
୪ ଫେବୃଆରୀ ୨୦୨୦
 କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ ଗୁଡିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ସୁସ୍ଥ ଜୀବନଶୈଳୀ ଓ ଖାଦ୍ୟପେୟରେ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଆସନ୍ତୁ, ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରି ରଖି କ୍ୟାନ୍‌ସର ମୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିଜ୍ଞା କରିବା ।
କ୍ୟାନ୍‌ସର ପ୍ରତିରୋଧର ଉପାୟ
- କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା ।
- ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା ।
- ନିୟମିତ ସ୍ତନ୍ୟପାନ କରାଇବା ।
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସ ଆପଣାଇବା ।
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା ।
- ସୁସ୍ଥ ଜୀବନ ଶୈଳୀ ଆପଣେଇବା ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ।
- ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ।
ମନେରଖନ୍ତୁ, କ୍ୟାନ୍‌ସର ରୋଗ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟସାଧ୍ୟ ।
ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡେ-କେୟାର କେମୋଥେରାପି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
DSPL-257
OIPR-10003/13/0069/1920
facebook.com/HFWOdisha http://www.health.odisha.gov.in/ @HFWOdisha



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ, ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ। -ଭଗବତୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୨ ପୋଲିସ କର୍ମଚାରୀ ଆହତ

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ପୋଖରୀଗାଁ ଗ୍ରାମର ଫେରାର ଅଭିଯୁକ୍ତ ପ୍ରଶାନ୍ତ କୁମାର ବସ୍ତିଆଙ୍କୁ ଧରିବାକୁ ଆସି ସୋମବାର ଦୁଇ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଏସ୍ଆଇ କେ.ଲାକ୍ରା ଓ କନେଷ୍ଟବଳ ଏସ୍.କେ ଜେନା। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲାରେ ପ୍ରଶାନ୍ତଙ୍କ ନାମରେ ବହୁ ଆପରାଧିକ ମାମଲା ରହିଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଏହା ସହିତ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ନିଆଳି ଥାନା ଏସ୍ଆଇ ଲାକ୍ରା, ଏଏସ୍ଆଇ ଏସ୍.ପି.ମହାନ୍ତି, କନେଷ୍ଟବଳ ଜେନା ପ୍ରମୁଖ ସୋମବାର ପ୍ରଶାନ୍ତଙ୍କୁ ଧରିବା ବେଳେ ପାଲଟା ଆକ୍ରମଣରେ ଦୁଇ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏସ୍ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୬/୨୦) ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ଜାଗର ପ୍ରସ୍ତୁତି ବୈଠକ

**ବାଲିଅନ୍ତା,୩।୨(ଡି.ଏନ୍.ଏ.):** ନଖରାସ୍ଥିତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ବଂଶୀଧର ଭୋଳ ଅଧକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ଅମୂଲ୍ୟ ମହାନ୍ତିଙ୍କ ସମେତ ୨୩ଜଣ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରେ ଠାକୁରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ। ରାତ୍ର ୧୧ଟାରେ ମହାଦୀପ ଉଠିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସନ୍ଧ୍ୟାରେ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ସମାରୋହ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିସରରେ ବାଲୁକା କଳା ପ୍ରଦର୍ଶନ ସହ ମୀନା ବଜାରର ବ୍ୟବସ୍ଥା କରାଯିବ ବୋଲି ଗୌରୀଶ୍ୟାମ ପଟ୍ଟନାୟକ କହିଛନ୍ତି। ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ଜଣାପଡିଛି।

### ଓଏଚ୍ଆର୍ସିଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

**କଟକ ଅଫିସ, ୩।୨-** ଥଇଥାନ ବ୍ୟବସ୍ଥା ନ କରାଯାଇ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଉଛି ବୋଲି କଟକ ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ମଞ୍ଚର ସଦସ୍ୟମାନେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ମାନବାଧିକାରୀ କର୍ମୀ ବିଶ୍ୱପ୍ରିୟ କାନୁନ୍ଗୋ ଓଚ୍ଆରସି ଅଧକ୍ଷ ବି.ପି. ଦାସଙ୍କୁ ପତ୍ର ଦେଇଛନ୍ତି। ବାସଚ୍ୟୁତ ହିତାଧିକାରୀଙ୍କ ଚିହ୍ନଟ ତାଲିକା ସାର୍ବଜନୀନ କରିବା, ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ ବନ୍ଦ କରିବା, ମୌଳିକ ଅଧିକାରକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ପାଇଁ ଉକ୍ତ ପତ୍ରରେ ପ୍ରାର୍ଥନା କରାଯାଇଛି।

# ସର୍ବକ୍ଷମା ଅବଧି ବୃଦ୍ଧି ଦାବି

## ୫ରେ ସରୁଛି : ବିଡିଏ, ସିଡିଏରେ ପ୍ରବଳ ଭିଡ

ଭୁବନେଶ୍ୱର,୩।୨(ବ୍ୟୁରୋ)

ଯେଉଁମାନେ ସହରାଞ୍ଚଳରେ କୋଠାବାଡ଼ି ନିର୍ମାଣ ପାଇଁ ପ୍ଲାନ୍ ନେଇ ମଞ୍ଜୁରୀଠାରୁ ଅଧିକ ନିର୍ମାଣ କରିଛନ୍ତି କିମ୍ବା ନ ନେଇ ଘର ତିଆରି କରିଛନ୍ତି, ସେମାନେ ଜରିମାନା ଦେଇ ବେଆଇନ ନିର୍ମାଣକୁ ଆଇନସିଦ୍ଧ କରିପାରିବେ। ଏଥିପାଇଁ ୨୦୧୮ ଜୁନ୍‌ରୁ ରାଜ୍ୟ ସରକାର ଆରମ୍ଭ କରିଥିବା ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍)ର ଅବଧି ଆସନ୍ତା ୫ ତାରିଖରେ ଶେଷ ହେବ। ଏହାପରେ ଆଉ କୌଣସି କ୍ଷମା ନାହିଁ। ତେଣୁ ସବୁ ବେଆଇନ ନିର୍ମାଣ ଭଙ୍ଗାଯିବ ବୋଲି ବିଡିଏ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ଘର ମାଲିକମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମେତ ଅନ୍ୟାନ୍ୟ ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ବେଆଇନ ନିର୍ମାଣକୁ ନିୟମିତ(ରେଗୁଲାରାଇଜ୍) କରିବା ପାଇଁ ଭିଡ଼ ଜମାଇଛନ୍ତି। ତେବେ ଏହି ଯୋଜନାରେ ଆବେଦନ କରିବାକୁ ହେଲେ ମାଲିକମାନଙ୍କୁ ପଞ୍ଜିକୃତ ଆର୍କିଟେକ୍ଟଙ୍କର ସହାୟତା ନେବାକୁ ପଡୁଛି। ଅବଧି ଶେଷ ହୋଇ ଆସୁଥିବାରୁ ପ୍ରବଳ ଭିଡ଼



ଯୋଗୁ ଲୋକମାନେ ଆର୍କିଟେକ୍ଟ ପାଇ ପାରୁନାହାନ୍ତି। ଏଥିଯୋଗୁ ଜନଅସନ୍ତୋଷ ଦେଖାଦେଇଛି। ଏହି ସର୍ବକ୍ଷମା ଯୋଜନା ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ରାଜସ୍ୱ ବୃଦ୍ଧି ହେଉଥିବା ବେଳେ ଏହି ଯୋଜନାକୁ କାହିଁକି ସରକାର ବନ୍ଦ କରୁଛନ୍ତି ବୋଲି ସୋମବାର ବିଡିଏକୁ ଆବେଦନ ପାଇଁ ଆସିଥିବା ଘରମାଲିକ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ଯୋଜନାର ଅବଧି ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି।

ରାଜ୍ୟ ସରକାର ୨୦୧୮ ଜୁନ୍ ୨୦ ତାରିଖରେ ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍) ଆରମ୍ଭ କରିଥିଲେ। ରାଜ୍ୟରେ ଥିବା ୯ଟି ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ଏହାକୁ ଲାଗୁ କରାଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀ ଏହି ସୁବିଧା ପାଇବେ। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା।

ବେଆଇନ ଘର, ପାର୍କିଂକୁ ନିୟମିତ କରିବାକୁ ହେଲେ ଆବେଦନକାରୀଙ୍କୁ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳର ରେଗୁଲେଶନରେ ଥିବା କମ୍ପାଉଣ୍ଡିଂର ୪୦ ପ୍ରତିଶତ ଅଧିକ ଦେବାକୁ କୁହାଯାଇଥିଲା। ମହାନଗର ନିଗମ ଅଞ୍ଚଳ ପାଇଁ ଘରର ଚାରିପାଖ ଅଧିକ ନିର୍ମାଣ କରିଥିଲେ ପ୍ରତି ବର୍ଗମିଟରକୁ କମ୍ପାଉଣ୍ଡିଂ ମୂଲ୍ୟର ୧.୪ ଗୁଣ, ମ୍ୟୁନିସିପାଲିଟି ପାଇଁ ୧.୩, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ପାଇଁ ୧.୨ ଏବଂ ଗ୍ରାମାଞ୍ଚଳ ଲାଗି ୧.୧ଗୁଣ ଜରିମାନା ଦେବାକୁ ଘୋଷଣା କରାଯାଇଥିଲା। ଦୁଇଥର ଏହାର ଅବଧି ବୃଦ୍ଧି କରାଯାଇଥିଲେ ମଧ୍ୟ ଜରିମାନା ରାଶି ଅଧିକ ହେବାରୁ ତାହା ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟରକୁ ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଏହାର ଅବଧିକୁ ମଧ୍ୟ ଆଉ ୬ ମାସ ପାଇଁ ବଢ଼ାଯାଇଥିଲା। ସଂଶୋଧିତ ବିଜ୍ଞପ୍ତି ୨୦୧୯ ଅଗଷ୍ଟ ୬ ତାରିଖରେ ପ୍ରକାଶ କରାଗଲା। ତେବେ ଏହି ଅବଧିକୁ ଆଉ ୬ ମାସ ବଢ଼ାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜନସାଧାରଣଙ୍କ ଆଗ୍ରହକୁ ଦେଖି ଅବଧି ବଢ଼ାଇବାର ଆବଶ୍ୟକତା ରହିଛି। ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।




ସୋମବାର ଭୁବନେଶ୍ୱର ପଟିଆସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ଆଶୀର୍ବାଦ ଦିବସ ପାଳନ ଅବସରରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ ।

# ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

## ଥାନା ସୀମା ନିର୍ଦ୍ଧାରଣ ନ ହେବାରୁ ଅସାମାଜିକଙ୍କ ଉତ୍ପାତ ବଢୁଛି

ଭୁବନେଶ୍ୱର,୩।୨(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ସାଇ ମନ୍ଦିର ନିକଟରେ ଜଣେ ଦୋକାନୀଙ୍କୁ ସୋମବାର ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ପୀଡ଼ିତ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଥାନା ସୀମା ନିର୍ଦ୍ଧାରଣ ନ ହେବା ଯୋଗୁ ଅନେକ ସମସ୍ୟା ଭୋଗୁଥିବା ପୀଡ଼ିତ ଜଣକ ଜଣାଇଛନ୍ତି।

ସୂଚନା ମୁତାବକ, ପୁରୀ ଚନ୍ଦନପୁର ଅଞ୍ଚଳର ମେରୁ ବେହେରା ସାଇ ମନ୍ଦିର ନିକଟରେ ଏକ ଚା' ପାନ ଦୋକାନ କରିଛନ୍ତି। ସୋମବାର ଅପରାହ୍ନରେ କେତେଜଣ ଯୁବକ ନିଜର ଦବ୍‌ଦବା ଦେଖାଇବାକୁ ଯାଇ ତାଙ୍କ ଦୋକାନ ନିକଟରେ ବାଇକ ଓ ସାଇକେଲ ପାର୍କିଂ କରିଥିଲେ। ମେରୁ ଏହାର ପ୍ରତିବାଦ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ରକ୍ତାକ୍ତ କରିଥିଲେ। ଏନେଇ ସେ ପୁଅ ଓ ସ୍ତ୍ରୀଙ୍କୁ ଧରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନା ନିର୍ଦ୍ଧାରଣକୁ ନେଇ ସାଇ ମନ୍ଦିର କେଶୁରା ଓ ବାଙ୍କୁଆଳ ଅଞ୍ଚଳର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସେ ଗଣମାଧ୍ୟମକୁ କହିଛନ୍ତି। ଥାନା ଅନେକ ଦୂର ହୋଇଥିବାରୁ ଆକ୍ରମଣ ପରେ ଥାନାକୁ ଆସିବାରେ ଅନେକ ବାଧା ଉପୁଜୁଛି। ଆକ୍ରମକାରୀମାନେ ଥାନାକୁ ଆସିବା ରାସ୍ତାରେ ଅଟକାଇ ଧମକଚମକ ଦେଉଛନ୍ତି। ଅସାମାଜିକଙ୍କ ଦାଉ ଅସହ୍ୟ ହେଉଛି। ତେଣୁ ପୋଲିସ ପାଟ୍ରୋଲିଂ ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଛନ୍ତି।

## ସିଆରସିସିଙ୍କୁ ଅଟକ ରଖିଲେ ସ୍ୱୟଂ ସହାୟକ ଗୋଷ୍ଠୀ

କଣ୍ଟାପଡ଼ା,୩।୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ କମାରସାହି ପ୍ରାଥମିକ ବିଦ୍ୟାଳୟ ଓ ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପରେ ଉଭୟ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରସ୍ତୁତ ନେଇ ସୋମବାର ବିବାଦ ଦେଖାଦେଇଥିଲା। ଫଳରେ କମାରସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ରୋଷେଇ କରୁଥିବା ବିଶ୍ୱକର୍ମା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ନ ମିଳିବାରୁ ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ବୁଝାଶୁଝା କରିବାକୁ ଆସିଥିବା ସିଆରସିସି ହରେକୃଷ୍ଣ ଭୋଇଙ୍କୁ ଅଟକ ରଖିବା ସହ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ, ଏବିଇଓ ଅରୁଣ ମହାପାତ୍ର, ସରପଞ୍ଚ ସୁବାସ ଚନ୍ଦ୍ର ବିଶ୍ୱାଳ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରୋଷେଇ ଦାୟିତ୍ୱ ପରିଚାଳନା କମିଟିକୁ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ସିଆରସିସିଙ୍କୁ ଛାଡିଥିଲେ। ୨୦୧୮ ଡିସେମ୍ବରରେ କମାରସାହି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ କମାରସାହି ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ହୋଇଥିଲା। ଉକ୍ତ ୨ବିଦ୍ୟାଳୟର ୮୭ ଛାତ୍ରୀଛାତ୍ର ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଖାଦ୍ୟ ପ୍ରସ୍ତୁତ ବନ୍ଦକରି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ଦେଇଥିଲେ।

## ସଞ୍ଜୀବ ସିଂ ବିଏମ୍‌ସିର ମୁଖ୍ୟ ବିତ୍ତ ଅଧିକାରୀ

ଭୁବନେଶ୍ୱର,୩।୨(ବ୍ୟୁରୋ)- ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୁଖ୍ୟ ବିତ୍ତ ଅଧିକାରୀଙ୍କ ଲବଣ୍ୟ ଶବରଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ କଳାହାଣ୍ଡିର ଏନ୍‌ଫୋର୍ସମେଣ୍ଟ ରେଞ୍ଜରେ ଥିବା ଜଏଣ୍ଟ କମିଶନର ସଞ୍ଜୀବ କୁମାର ସିଂଙ୍କୁ ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଏ ନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶଥାଉ କି ବିଏମ୍‌ସିର ପୂର୍ବତନ ମୁଖ୍ୟ ବିତ୍ତ ଅଧିକାରୀ ଲବଣ୍ୟ ବହୁବାର ବଦଳି ହେବା ପରେ ବି ନିଜ ଗାଦି ଛାଡୁନାହାନ୍ତି। ଗତ ମାସେ ହେବ ତାଙ୍କ ବଦଳି ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ତାଙ୍କ ବଦଳି ସ୍ଥାନକୁ ନ ଯାଇ ସେ ଏବେ ମଧ୍ୟ ବିଏମ୍‌ସିରେ କାର୍ଯ୍ୟରତ ଅଛନ୍ତି।

## ନୂତନ ସରକାରୀ ବାସଗୃହ କଲୋନୀ ଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ ।

ଭୁବନେଶ୍ୱର,୩।୨(ବ୍ୟୁରୋ)

ନୂତନ ସରକାରୀ ବାସଗୃହ କଲୋନୀ ଯୋଗ ସାଧନା କେନ୍ଦ୍ର(ସକାଳ) ଓ ମହିଳା ଯୋଗ ସାଧନା କେନ୍ଦ୍ର(ସନ୍ଧ୍ୟା)ର ବର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସାଧାରଣ ପ୍ରଶାସନ ବିଭାଗର ମାହଲ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ବ୍ରହ୍ମକୁମାରୀ ଗୀତାଜୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଆସନ, ପ୍ରାଣାୟମ ମାଧ୍ୟମରେ ମଣିଷ କିପରି ନିଜକୁ ସୁସ୍ଥ ଓ ସୁନ୍ଦର ରଖିପାରିବ ସେ ନେଇ ଆଲୋକପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନର ଓଡିଶା ପ୍ରାନ୍ତ ପ୍ରଧାନ ସୁରେଶଜୀ, ମଞ୍ଚେଶ୍ୱର ଯୋଗ ଜିଲାର ଜିଲା ପ୍ରଭାରୀ ରଘୁନାଥ ଜୀ ଏବଂ ମଞ୍ଚେଶ୍ୱର ଯୋଗ ଜିଲାର ଜଲା ପ୍ରଧାନ ପ୍ରତାପଜୀ ମଞ୍ଚାସୀନ ହୋଇଥିଲେ। ଓଡିଶା ପ୍ରାନ୍ତର ସମସ୍ତ ପ୍ରାନ୍ତ ଅଧିକାରୀ, ଜିଲା ଅଧିକାରୀ, କ୍ଷେତ୍ର ଅଧିକାରୀ , କେନ୍ଦ୍ର ପ୍ରମୁଖ ଏବଂ ବିଭିନ୍ନ ଯୋଗ କେନ୍ଦ୍ରରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ସାଧିକା ଓ ସାଧକମାନେ ଯୋଗ ଦେଇ ଯୋଗାଭ୍ୟାସ କରିବା ସହ ବାର୍ଷିକୋତ୍ସବକୁ ସଫଳ କରିଥିଲେ। କେନ୍ଦ୍ର ପ୍ରଭୁଖ କେଶିରାମ ହୋ ଏବଂ ମନୋରମା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଭଗବାନ ବେହେରା ଧନ୍ୟବାଦ ଦେଇଥିଲେ।

# ଡିଜିପିଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ପୋଲିସବାବୁ

## ଅନ୍ୟର ଜାଗାରେ ଚଳାଇଛନ୍ତି ଘର ନିର୍ମାଣ

ଭୁବନେଶ୍ୱର, ୩।୨(ବ୍ୟୁରୋ)



ଅଭିଯୋଗ କରିବାକୁ ଆସିଥିବା ଅନ୍ତର୍ଯ୍ୟାମୀ ।

ଅନ୍ୟକୁ ନ୍ୟାୟ ଦେବା ପାଇଁ ପୋଲିସ ପୋଷାକ ପିନ୍ଧିଥିବା ଜଣେ ଅଧିକାରୀ ନିଜେ ଅନ୍ୟାୟର ରାସ୍ତା ଧରିଛନ୍ତି। ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅନ୍ତର୍ଗତ ନଖରା ଗ୍ରାମରେ ଅନ୍ୟର ୨୦୦ ବର୍ଗଫୁଟ ଜମି ଜବରଦସ୍ତ ଦଖଲ କରି ଘର ନିର୍ମାଣ କରୁଛନ୍ତି। ଏଭଳି ଅନ୍ୟାୟର ଶିକାର ଜମିମାଲିକ ଅନ୍ତର୍ଯ୍ୟାମୀ ସାହୁ ଏବଂ ଯଶୋବନ୍ତ ସାହୁ ଥାନା ସମେତ ଡିସିପି, ସିପି ଓ ଡିଜିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିଜିପି ନିର୍ମାଣ କାମ ବନ୍ଦ କରିବାକୁ ବାଲିଆନ୍ତା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡିସିପିଙ୍କ କୋର୍ଟ ଉକ୍ତ ଜାଗା ଉପରେ ୧୪୪ ଧାରା ଜାରି କରି କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ ବାବୁଜଣକ ତାହାକୁ ଖାତିର ନ କରି ନିର୍ମାଣ କାମ ଚଳାଇଛନ୍ତି। ଏନେଇ ଅନ୍ତର୍ଯ୍ୟାମୀ ପୁଣି ସୋମବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାମ ବନ୍ଦ କରିବାକୁ ଡିସିପି ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଅନ୍ତର୍ଯ୍ୟାମୀ କହିଛନ୍ତି। ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ୍ତ କୁମାର ରାଉତ କହିଛନ୍ତି ଯେ, ଆମେ କାମ ବନ୍ଦ କରାଇଥିଲୁ। ତଥାପି ସେ ଏହାକୁ ମାନୁନାହାନ୍ତି। ଆମର ଯେତିକି କ୍ଷମତା ତାହା ଲଗାଇ ସାରିଛୁ ବୋଲି ରାଉତ କହିଛନ୍ତି।

# ବିକାଶ ଧାରା ତ୍ୱରିତ କରିବ ବଜେଟ




ଭୁବନେଶ୍ୱର,୩।୨

ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଥିବା ସାଧାରଣ ବଜେଟରେ ସାମାଜିକ କ୍ଷେତ୍ର ବିକାଶ, ରପ୍ତାନି, ଭିତ୍ତିଭୂମି ଉନ୍ନତୀକରଣ, ଦକ୍ଷତା ବିକାଶ ସହ ଉତ୍ତମ ପ୍ରଶାସନ ଭଳି ବିଭିନ୍ନ କ୍ଷେତ୍ରକୁ ଅଗ୍ରାଧିକାର ଦେଇଛନ୍ତି। ବଜେଟରେ ଘୋଷଣା ହୋଇଥିବା ଏଭଳି ବିଭିନ୍ନ ପ୍ରସ୍ତାବ ଜନକଲ୍ୟାଣକାରୀ ହେବ। ବଜେଟର ବିଭିନ୍ନ ପ୍ରସ୍ତାବ ଦେଶର ଅର୍ଥନୈତିକ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଦିଗରେ ଯୋଗଦାନ ରଖିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏଠାରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ପକ୍ଷରୁ ଅନୁଷ୍ଠିତ ବଜେଟ ଆଲୋଚନାରେ ବିଶେଷଜ୍ଞମାନେ ସାଧାରଣ ବଜେଟର ବିଭିନ୍ନ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ଆଇସିସି ଓଡିଶା ରାଜ୍ୟ ପରିଷଦର ସହଅଧକ୍ଷ ଜେ.ବି.ପାଣି କହିଛନ୍ତି ଯେ, ବର୍ତ୍ତମାନର ଜଟିଳ ସ୍ଥିତିରେ ଅଧିକ ପଦକ୍ଷେପ ନେବା ଲାଗି ଅର୍ଥମନ୍ତ୍ରୀ ସୀତାରାମନଙ୍କ ନିକଟରେ ସୁଯୋଗ ନ ଥିବା ସତ୍ତ୍ୱେ ମଧ୍ୟ ସେ ଅଭିବୃଦ୍ଧିକୁ ଯୋଗଦାନ ରଖିବା ଭଳି ବଜେଟ ଆଣିଛନ୍ତି। ମେଡିକାଲ ଉପକରଣ ଉପରେ ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଟିକସ ଦେଶ ଲାଗି ମଙ୍ଗଳକାରୀ ହେବ। ଏହାବାଦ ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ହୋଇଥିବାରୁ ଏହା ଉତ୍ତମ ନିବେଶ ବାତାବରଣ ସୃଷ୍ଟି ଦିଗରେ ସହାୟକ ହେବ ବୋଲି ସେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଜିଏସ୍‌ଟି କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କର ପ୍ରିନ୍ସିପାଲ ଚିଫ୍ କମିଶନର ବିଜୟ କୁମାର କର ଜିଏସ୍‌ଟି ସଂସ୍କାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଷଦର ଆଡଭାଇଜରି ସଦସ୍ୟ ରାଜେନ ପାଢ଼ୀ ସଡକ, ରେଳ, ପରିବହନ କ୍ଷେତ୍ର ଲାଗି ଘୋଷଣା ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଟିକସ କମିଟିର ସଂଯୋଜକ ଏ.କେ.ସାବତ ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ଉପରେ ମତ ରଖିଥିଲେ। ଆୟୁଷ୍ମାନ ଭାରତରେ ଛୋଟ ସହରରେ ହସ୍ପିଟାଲ ସ୍ଥାପନ, ଏମ୍ଏସ୍ଏମ୍ଇର ଅଡିଟ ସୀମା ବୃଦ୍ଧି, କୃଷି ଜଳସେଚନ ଲାଗି ଆବଣ୍ଟନ, ବ୍ୟାଙ୍କ ଜମା ବୀମା, ସୁଲଭ ବାସଗୃହ, ଲଜିଷ୍ଟିକ କ୍ଷେତ୍ର ଲାଗି ଆସିଥିବା ଘୋଷଣାକୁ ବିଶେଷଜ୍ଞ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଇମ୍ପାର କର୍ପୋରେଟ ବ୍ୟାପାର ଉପସଭାପତି ଅଶୋକ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଓଏସ୍ ମେଶିନ ବାଣ୍ଟିଲା ବିଏମ୍‌ସି

## ଟ୍ରେଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟ୍ୟାକ୍ସ କଲେକ୍ସନ ହେବ ସହଜ



ଭୁବନେଶ୍ୱର,୩।୨(ବ୍ୟୁରୋ)

ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତରଫରୁ ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ସୋମବାର ଅପରାହ୍ନରେ ରାଜ୍ୟ ପୌର ପ୍ରଶାସକ ତଥା ବିଏମ୍‌ସି ପ୍ରଶାସକ ସଂଗ୍ରାମଜିତ୍ ନାୟକ ୨୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଏବଂ ୬୭ ୱାର୍ଡ଼ ଅଫିସରଙ୍କୁ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେଶିନ ପ୍ରଦାନ କରିଛନ୍ତି। ବିଏମ୍‌ସି ଅଞ୍ଚଳରେ ନୂତନ ଧାରାରେ ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ୍ ଲାଇସେନ୍ସ ଆଦି ଆଦାୟ କରିବା ଲାଗି ଏସ୍ଏଚ୍‌ଜି ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପିଓଏସ୍ ମେଶିନ ଅନ୍‌ଲାଇନ୍‌ରେ ଟିକସ ଆଦାୟ କରିବାରେ ସହାୟକ ହେବ। ଏହାର ପରିଚାଳନା ନେଇ ବିଗତ ଦିନରେ ସେମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି। ଏହା ତାଙ୍କୁ କାର୍ଯ୍ୟରେ ନିଶ୍ଚୟ ସହଯୋଗ କରିବ ବୋଲି ବିଏମ୍‌ସି ପ୍ରଶାସକ ନାୟକ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗରେ ମହିଳାଙ୍କୁ ବିଭିନ୍ନ ସ୍ତରରେ ତଥା ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ଦେଇ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ଉନ୍ନତ କରିବା ଦିଗରେ ବିଏମ୍‌ସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛି। ଟ୍ୟାକ୍ସ ଆଦାୟରେ କୌଣସି ସାଲିସ ନାହିଁ, ଏହା ନିଶ୍ଚିତ ଭାବେ ଆଦାୟ ହେବ ଏବଂ ଏହାକୁ ଆଦାୟ କରିବାର ଦାୟିତ୍ୱ ନିର୍ଦ୍ଦିଷ୍ଟ କର୍ମଚାରୀ ଏବଂ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ଯଦି ଏହା ନ ହୁଏ ତେବେ ବିଏମ୍‌ସି ଅଞ୍ଚଳରେ କୌଣସି ପ୍ରକାରର ବିକାଶମୂଳକ କାର୍ଯ୍ୟ ହେବା ଅସମ୍ଭବ ହୋଇପଡ଼ିବ ବୋଲି ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଟ୍ୟାକ୍ସ କଲେକ୍ଟର, ୱାର୍ଡ଼ ଅଫିସର ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି।

ଅନ୍ୟପକ୍ଷରେ ଏହି କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ନିୟମିତ ସମୀକ୍ଷା ହେବ। ଉତ୍ତମ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ଠିକ୍‌ରେ କାର୍ଯ୍ୟ କରୁ ନ ଥିବା କର୍ମଚାରୀଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ତେଣୁ ସମସ୍ତେ ଟ୍ୟାକ୍ସ ଆଦାୟକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବାବେଳେ ଡେପୁଟି କମିଶନର (ରାଜସ୍ୱ) ଶ୍ରୀମନ୍ତ ମିଶ୍ର ଉପସ୍ଥିତ ଥିଲେ। ବିଏମ୍‌ସି ତିନୋଟି ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି(ଉତ୍ତର), ରବୀନ୍ଦ୍ର କୁମାର ଜେଠୀ(ଦକ୍ଷିଣ-ପଶ୍ଚିମ) ଏବଂ ରୂପକ କୁମାର ପଟ୍ଟନାୟକ(ଦକ୍ଷିଣ-ପୂର୍ବ) କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



"ଜାମିଆ ମିଲିଆ, ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନକୁ ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି ଦେଶ ବିରୋଧରେ ଲଗାଇ ବିଷାକ୍ତ କରୁଛନ୍ତି। ଏଇଭଳି ଲୋକଙ୍କ ଲାଗି ପାକିସ୍ତାନ ଗଠନ ହୋଇଥିଲା।
- ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ



# ସିଏଏ, ଏନ୍‌ଆର୍‌ସିକୁ ନେଇ ପାର୍ଲାମେଣ୍ଟରେ ଅଚଳାବସ୍ଥା

ନୂଆଦିଲ୍ଲୀ,୩।୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ନେଇ ସୋମବାର ପାର୍ଲାମେଣ୍ଟରେ ବିରୋଧୀ ସଦସ୍ୟମାନେ ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଥିଲେ। ସରକାର ଗୁଳି ଚଳାଇ ଲୋକଙ୍କ ସ୍ୱରକୁ ଚାପିଦେଇପାରିବେ ନାହିଁ ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏକ ରାଲିରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଚୌଧୁରୀ ଏହା କହିଥିଲେ। ଦେଶଦ୍ରୋହୀଙ୍କୁ ଗୁଳି କରିଦିଅ ବୋଲି ଅନୁରାଗ କହିଥିଲେ। ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ କରିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନା ପାଇଁ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଯିବା ଲାଗି ବାଚସ୍ପତି ଓମ୍ ବିର୍ଲା ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଅନୁରାଧ କରିଥିଲେ। ତେବେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗରେ ପ୍ଲାକାର୍ଡ ଧରି ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ବିରୋଧରେ ସ୍ଲୋଗାନ ଦେଇଚାଲିବାରୁ ବାଚସ୍ପତି ଗୃହକୁ କିଛି ସମୟ ମୁଲତବୀ ରଖିଥିଲେ।



ପାର୍ଲାମେଣ୍ଟ ଭବନ ପରିସରରେ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ଆନନ୍ଦ ଶର୍ମା ଓ ଡିଏମ୍‌କେ ଏମ୍‌ପି ତିରୁଚି ଶିବା ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ଶୂନ୍ୟକାଳରେ ଭାଜପାକୁ ସମାଲୋଚନା କରି ଚୌଧୁରୀ କହିଥିଲେ, ସିଏଏ ବିରୋଧୀ ଆନ୍ଦୋଳନକାରୀଙ୍କୁ ଗୁଳି କରାଯାଉଛି। ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ଆନ୍ଦୋଳନକାରୀ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ସେ ଅଭିଯୋଗ କରିଥିଲେ। ଏଥିପାଇଁ ଭାଜପାକୁ ଦାୟୀ କରି ସେମାନେ ନକଲି ହିନ୍ଦୁ ବୋଲି କହିଥିଲେ ଚୌଧୁରୀ। ହଟ୍ଟଗୋଳ ମଧ୍ୟରେ ୯ଟି ପ୍ରଶ୍ନ ଉପରେ ଆଲୋଚନା ହୋଇଥିଲା। ସମ୍ବିଧାନକୁ ସୁଦୃଢ଼ କରିବାକୁ ଚାହୁଁଥିଲେ ପ୍ରସଙ୍ଗ ଉପରେ

- ଲୋକ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ
- ରାଜ୍ୟ ସଭା ମୁଲତବୀ

ଆଲୋଚନା କରିବା ପାଇଁ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ କହିଥିଲେ।

ଭାଜପା ସଦସ୍ୟ ପର୍‌ଭେଶ ବର୍ମା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରିବାରୁ କଂଗ୍ରେସ ଏବଂ ଡିଏମ୍‌କେ ସମେତ ବିରୋଧୀ ସଦସ୍ୟମାନେ 'ସରମ କରୋ' ସ୍ଲୋଗାନ ଦେଇ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ପାର୍ଲାମେଣ୍ଟ ବାହାରେ ସଦସ୍ୟ ଦେଇଥିବା କୌଣସି ମନ୍ତବ୍ୟକୁ ଗୃହରେ ଉଠାଯାଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ। ସୂଚନାଯୋଗ୍ୟ, ବିବାଦୀୟ ମନ୍ତବ୍ୟ ପାଇଁ ନିର୍ବାଚନ କମିଶନ ବର୍ମାଙ୍କ ଭୋଟ ପ୍ରଚାର ଉପରେ କଟକଣା ଲଗାଇଥିଲେ। ଆଲୋଚନା ଆରମ୍ଭ କରି ବର୍ମା କହିଥିଲେ, ନିର୍ଭୟା ଦୋଷୀଙ୍କ କ୍ଷମା ଆବେଦନକୁ ରାଷ୍ଟ୍ରପତି ଖାରଜ କରିଦେଇଥିବାରୁ ଦେଶ ଗର୍ବିତ। ସେହିପରି ପାର୍ଲାମେଣ୍ଟକୁ କାଗଜମୁକ୍ତ କରିବା ଓ ନୂଆ ସଦସ୍ୟମାନଙ୍କୁ କହିବା ପାଇଁ ସୁଯୋଗ ଦେଇଥିବାରୁ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ। ସାଧାରଣ ଲୋକଙ୍କ ପାଇଁ ବଜେଟରେ ବିଭିନ୍ନ ପଦକ୍ଷେପ ନିଆଯାଇଥିବାରୁ ଏଥିପାଇଁ ବର୍ମା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ।

ରାଜ୍ୟ ସଭାରେ ମଧ୍ୟ ସିଏଏ ଏବଂ ଏନ୍‌ପିଆର୍‌କୁ ନେଇ ଝଡ଼ ଉଠିଥିଲା। କଂଗ୍ରେସ, ଟିଏମ୍‌ସି, ସିପିଏମ୍ ସଦସ୍ୟମାନେ ସିଏଏ ଏବଂ ଏନ୍‌ପିଆର୍ ପ୍ରସଙ୍ଗ ଉଠାଇ ଏହା ଉପରେ ଆଲୋଚନା ଦାବି କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା କହିଥିଲେ, ଭାଜପା ନେତା ଓ ମନ୍ତ୍ରୀମାନେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟମାନ ଦେଉଛନ୍ତି। ଲୋକଙ୍କୁ ଗୁଳି କରିଦିଅ, ନର୍କକୁ ପଠାଇଦିଅ ବୋଲି କୁହାଯାଉଛି। ଏଥିପାଇଁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଥିଲେ। ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ଉପରେ ଆଲୋଚନା ପାଇଁ ଡିଏମ୍‌କେ, ସିପିଆଇ, ସିପିଏମ୍, ଏନ୍‌ଆର୍‌ସି, ଆରଜେଡି, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ସମେତ ସବୁ ବିରୋଧୀ ଦଳ ନୋଟିସ ଦେଇଥିଲେ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ କହିଥିଲେ। ଭାଜପା ସଦସ୍ୟ ଭୂପେନ୍ଦ୍ର ଯାଦବଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ବିରୋଧୀ ସୁଯୋଗ ଦେଇ ନ ଥିଲେ। ଅଚଳାବସ୍ଥା ଜାରି ରହିବାରୁ ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଗୃହରେ ଅଚଳାବସ୍ଥା ପାଇଁ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛି ଭାଜପା। ବିରୋଧୀ ଦଳ ଭୋଟବ୍ୟାଙ୍କ ରାଜନୀତି କରୁଥିବା ଭାଜପା କହିଛି। କଂଗ୍ରେସକୁ ସମାଲୋଚନା କରି ଭାଜପା ନେତା ବର୍ମା କହିଥିଲେ, ଏହା ରାଜୀବ ଫିରୋଜ ଖାନ୍ ସରକାର ନୁହେଁ, ନରେନ୍ଦ୍ର ମୋଦି ସରକାର। ସିଏଏକୁ ପ୍ରତ୍ୟାହାର କରିନେବା ପ୍ରଶ୍ନ ଉଠୁନାହିଁ। ଏହା ଦେଶର ସଂହତିର ପ୍ରଶ୍ନ। କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଭଳି ସମସ୍ୟା ସୃଷ୍ଟି କରିଥିଲା, ଯାହାକୁ ଆମେ ସମାଧାନ କରି ଦେଶକୁ ସୁଦୃଢ଼ କରିଛୁ ବୋଲି ବର୍ମା କହିଥିଲେ।



ଯାନ୍ତ୍ରିକ ତ୍ରୁଟି ଯୋଗୁ ସେନାର ଏକ ଚେତକ ହେଲିକପ୍ଟର ଜମ୍ମୁ-କଶ୍ମୀରର ରିଆସି ଜିଲାରେ ଅବତରଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି।

## ୩ କମ୍ପାନୀର ୭୦ କୋଟି ଜବତ କଲା ଇଡି

### ରୋଜ୍ ଭ୍ୟାଲି ମାମଲା

ନୂଆଦିଲ୍ଲୀ,୩।୨(ପି.ଟି.)

ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ପ୍ରମୋଟ କରିଥିବା ଆଇପିଏଲ୍ କ୍ରିକେଟ ଟିମ୍ ସହ ସମ୍ପୃକ୍ତ କମ୍ପାନୀ ସମେତ ୩ଟି କମ୍ପାନୀର ୭୦.୧୧ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। ଏମାନେ ରୋଜ୍ ଭ୍ୟାଲି ଦୁର୍ନୀତି ମାମଲାରେ ମନିଲଣ୍ଡରିଂ ସହ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଛି। ଏହି କମ୍ପାନୀଗୁଡ଼ିକ ହେଲେ ମଲ୍ଟିପ୍ଲ ରିସର୍ଟ୍ସ ପ୍ରା.ଲିଃ, କୋଲକାତାର ସେଣ୍ଟ ଜାଭିୟର କଲେଜ ଏବଂ ନାଇଟ ରାଇଡର୍ସ ସ୍ପୋର୍ଟ୍ସ ପ୍ରା.ଲିଃ। ପିଏମ୍‌ଏଲ୍‌ଏର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ୧୬.୨୦ କୋଟି ଟଙ୍କାର ବ୍ୟାଙ୍କ ଆକାଉଣ୍ଟ, ପଶ୍ଚିମବଙ୍ଗର ପୂର୍ବ ମେଦିନିପୁରରେ ୨୪ ଏକର ଜମି, ମୁମ୍ବାଇର ଦିଲକାପ ଚାମ୍ବର୍ସରେ ଥିବା ଫ୍ଲାଟ, କୋଲକାତାର ଜ୍ୟୋତି ବସୁ ନଗରରେ ଥିବା ଏକ ଏକର ଜମି ଏବଂ ରୋଜ୍ ଭ୍ୟାଲି ଗ୍ରୁପ୍‌ର ଏକ ହୋଟେଲକୁ ବାଜ୍ୟାପ୍ତି କରାଯାଇଛି। ନାଇଟ ରାଇଡର୍ସ ସ୍ପୋର୍ଟସ୍ ପ୍ରା.ଲିଃ ମାଲିକାନାରେ ଥିବା କୋଲକାତା ନାଇଟ ରାଇଡର୍ସ କ୍ରିକେଟ ଟିମ୍‌ର ଡାଇରେକ୍ଟର ଅଛନ୍ତି ଶାହରୁଖଙ୍କ ସ୍ତ୍ରୀ ଗୌରୀ ଖାନ୍ ଓ ଅଭିନେତ୍ରୀ ଜୁହି ଚାୱଲାଙ୍କ ସ୍ୱାମୀ ଜୟ ମେହେଟ୍ଟା। ଇଡି ଉକ୍ତ କମ୍ପାନୀ ସମେତ ରୋଜ୍ ଭ୍ୟାଲିର ଅଧ୍ୟକ୍ଷ ଗୌତମ କୁଣ୍ଡୁ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଇଡି କୋଲକାତା ଓ ଭୁବନେଶ୍ୱର କୋର୍ଟରେ ଏକାଧିକ ଚାର୍ଜଶିଟ୍ ଦାଏର କରିଛି।

## ୨୦୨୨ ସୁଦ୍ଧା ସବୁ ପରିବାରକୁ ପକ୍କାଘର

ନୂଆଦିଲ୍ଲୀ, ୩।୨(ପି.ଟି.)

### ଦିଲ୍ଲୀ ରାଲିରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା



ସବୁ ଗରିବ ପରିବାରକୁ ୨୦୨୨ ସୁଦ୍ଧା ପକ୍କାଘର ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କର୍‌କର୍‌ଦୁମାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧନ କରି ମୋଦି କହିଛନ୍ତି, ଏଏପି ସରକାର ବିକାଶ କାର୍ଯ୍ୟକୁ ଅଟକାଇ ରଖିଛି। ଦିଲ୍ଲୀରେ ଭାଜପା ସରକାର ଗଢ଼ିଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ। ଦିଲ୍ଲୀରେ ଗଢ଼ିଉଠିଥିବା ଅନଧିକୃତ ଉପନିବେଶକୁ ଚିରସ୍ଥାୟୀ କରାଯିବା ସହ ଦଶନ୍ଧି ଦଶନ୍ଧି ଧରି ରହିଥିବା ସମସ୍ୟାର ସମାଧାନ ହେବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଦିଲ୍ଲୀବାସୀଙ୍କ ସବୁ ସମସ୍ୟାର ସମାଧାନ, ବିକାଶର ବିଭିନ୍ନ ଦିଗ ପ୍ରତି ଭାଜପା ଗୁରୁତ୍ୱ ଦେବ। ଦେଶ ବିକାଶରେ ଭାଜପା ବିଶ୍ୱାସକରେ। ଧାରା ୩୭୦ ହଟିବା, ଅଯୋଧ୍ୟାରେ ରାମମନ୍ଦିର ଗଢ଼ାଯିବା, ସିଏଏ ଭଳି ଅନେକ ଜନବିକାଶ କାର୍ଯ୍ୟ ଭାଜପା ହାତକୁ ନେଇ ସଫଳ ହୋଇଛି। ତେଣୁ ବିକାଶକୁ ଆଧାରକରି ଲୋକମାନେ ଦିଲ୍ଲୀରେ ଭାଜପା ସରକାର ଗଠନ ଲାଗି ସହଯୋଗ କରିବାକୁ ମୋଦି କହିଛନ୍ତି।

## ଜାମିଆରେ ଫୁଟିଲା ଗୁଳି

ନୂଆଦିଲ୍ଲୀ, ୩।୨(ପି.ଟି.)

ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ ଜାରି ରହିଥିବା ବେଳେ ରବିବାର ରାତିରେ ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ନିକଟରେ ପୁଣି ଗୁଳିକାଣ୍ଡ ଘଟିଛି। ଦୁଇ ଅଜ୍ଞାତ ବ୍ୟକ୍ତି ଏହି ଗୁଳି ଫୁଟାଇ ଫେରାର୍ ହୋଇଯାଇଥିବା ବେଳେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ସପ୍ତାହକ ମଧ୍ୟରେ ଦିଲ୍ଲୀରେ ୩ ଥର ଗୁଳି ଫୁଟିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଜାମିଆ ଛାତ୍ରୀଛାତ୍ର ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଏମାନେ ସୋମବାର ଦାବି କରିଛନ୍ତି। ସରକାରୀ ଗୁଣ୍ଡାମାନେ ସିଏଏ ବିରୋଧୀ ବିକ୍ଷୋଭ



- ଛାତ୍ରୀଛାତ୍ରଙ୍କ ତୀବ୍ର ନିନ୍ଦା
- ଅଭିଯୁକ୍ତଙ୍କୁ ଗିରଫ ଦାବି

ବେଳେ ଏଭଳି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ବିକ୍ଷୋଭକାରୀ ଏଠାରେ ସୁରକ୍ଷିତ ନୁହନ୍ତି ବୋଲି ଜାମିଆ କୋଅର୍ଡିନେଶନ କମିଟି (ଜେସିସି) ପକ୍ଷରୁ କୁହାଯାଇଛି। ସିଏଏ ଓ ଏନ୍‌ଆର୍‌ସି ବିରୋଧରେ ବିକ୍ଷୋଭ ଜାରି ରହିବ ବୋଲି ଜେସିସି କହିଛି। ପ୍ରକାଶଥାଉ କି, ଶାହିନବାଗ୍‌ରେ ଗତ ଦୁଇଦିନ ତଳେ ଗୁଳି ଫୁଟିଥିଲା। ଡାଲୁପୁରାର କପିଲ ଗୁଜ୍ଜର ନାମକ ଜଣେ ବ୍ୟକ୍ତିଙ୍କୁ ଏଥିଲାଗି ଗିରଫ କରାଯାଇଥିଲା। ୪ ଦିନ ପୂର୍ବରୁ ସିଏଏ ବିରୋଧୀ ବିକ୍ଷୋଭ ବେଳେ ଦିଲ୍ଲୀରେ ଗୁଳିମାଡ଼ କରାଯାଇଥିଲା। ଏଥିରେ ଜଣେ ଜାମିଆ ଛାତ୍ର ଆହତ ହୋଇଥିଲେ।

## ଚିନ୍ମୟାନନ୍ଦଙ୍କୁ ଜାମିନ

ଆଲ୍ଲାହାବାଦ, ୩।୨(ପି.ଟି.)

### ଆଇନ ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା



ଜଣେ ଆଇନ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ମାମଲାରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱାମୀ ଚିନ୍ମୟାନନ୍ଦଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ସୋମବାର ଜାମିନ ପ୍ରଦାନ କରିଛନ୍ତି। ଚିନ୍ମୟାନନ୍ଦଙ୍କ ଦ୍ୱାରା ଗଠିତ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶାହଜାହାନ୍‌ପୁର ଆଇନ କଲେଜରେ ଉକ୍ତ ଛାତ୍ରୀ ଜଣକ ପାଠ ପଢୁଥିବାବେଳେ ଯୌନ ନିର୍ଯାତନା ଦିଆଯାଇଥିଲା। ପୋଲିସ ସେପ୍ଟେମ୍ବର ୨୦ରେ ଚିନ୍ମୟାନନ୍ଦଙ୍କୁ ଆଇପିସିର ଦଫା ୩୭୬ ଅନୁଯାୟୀ ଗିରଫ କରିଥିଲା। ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ଛାତ୍ରୀ ଜଣକ ଭାଜପା ନେତାଙ୍କଠାରୁ ଅର୍ଥ ହଡ଼ପ କରିବା ଲାଗି ଏଭଳି ବାହାନା କରିଥିବା ନେଇ ମାମଲା ରୁଜୁ କରାଯାଇଥିଲା। ଏହାକୁ ବିଚାର କରାଯିବା ପରେ ଆଲ୍ଲାହାବାଦ ହାଇକୋର୍ଟ ଚିନ୍ମୟାନନ୍ଦଙ୍କୁ ସୋମବାର ଜାମିନ ପ୍ରଦାନ କରିଛନ୍ତି।

## ଅନନ୍ତକୁମାରଙ୍କୁ ଭାଜପାର ନୋଟିସ

ନୂଆଦିଲ୍ଲୀ,୩।୨(ପି.ଟି.)



ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ଆନ୍ଦୋଳନକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଭାଜପା ନେତା ଅନନ୍ତକୁମାର ହେଗ୍‌ଡେଙ୍କୁ ଦଳ ପକ୍ଷରୁ ସୋମବାର କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ବେଙ୍ଗାଲୁରୁରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ହେଗ୍‌ଡେ କହିଥିଲେ, ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଏକ ତାମ୍‌ସା ଥିଲା। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ଭାଜପା ଅସନ୍ତୋଷବ୍ୟକ୍ତ କରିଛି।

## ମହାରାଷ୍ଟ୍ରରେ ୨ ଦୁର୍ଘଟଣା: ୧୭ ମୃତ

ମୁମ୍ବାଇ,୩।୨(ପି.ଟି.)



ମହାରାଷ୍ଟ୍ରରେ ଦୁଇଟି ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ହେବା ସହ ୬ ଜଣ ଆହତ ହୋଇଛନ୍ତି। ଜଳଗାଁଓ ଜିଲାରେ ଏକ ଏସ୍‌ୟୁଭିକୁ ଡମ୍ଫର ଧକ୍କା ଦେବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୫ ଆହତ ହୋଇଥିଲେ। ରବିବାର ରାତି ୧୧ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏହର କିଛି ଘଣ୍ଟା ପରେ ସିଙ୍ଗ୍‌ଲା ଜିଲାରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ କୂଅ ମଧ୍ୟରେ ଖସିପଡ଼ିବାରୁ ୫ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଆହତ ହୋଇଛନ୍ତି। କାରରେ ୬ ଜଣ ଏକ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

ପ୍ରଥମ ଘଟଣାରେ ବାଲୁ ନାରାୟଣ ଚୌଧୁରୀ ତାଙ୍କ ପରିବାର ସଦସ୍ୟମାନଙ୍କୁ ନେଇ ଚିଞ୍ଚୋଲ ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଏସ୍‌ୟୁଭିରେ ଯାଉଥିଲେ। ଚୋପ୍ରା-ଫୈଜପୁର ରାସ୍ତାର ହିଙ୍ଗୋଲା ଗ୍ରାମ ନିକଟ ବିପରୀତ ଦିଗରୁ ଆସୁଥିବା ଡମ୍ଫର ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚୌଧରୀ ଓ ତାଙ୍କ ସ୍ତ୍ରୀଙ୍କ ସମେତ ୧୦ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଅନ୍ୟ ଦୁଇଜଣ ଆଖି ବୁଜିଛନ୍ତି। ଅନ୍ୟ ୫ ଜଣ ଜଳଗାଁଓ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଡମ୍ଫର ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

## ଦଳାଚକଟାରେ ୧୩ ଶିଶୁଙ୍କ ଜୀବନ ଗଲା

ନାଇରୋବି,୩।୨

କେନିଆର ଏକ ପ୍ରାଥମିକ ବିଦ୍ୟାଳୟରେ ଦଳାଚକଟା ଘଟି ୧୩ ଶିଶୁଙ୍କ ପ୍ରାଣହାନି ଘଟିଛି। ଏଥିରେ ଅନ୍ୟ ୨୦ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ଅପରାହ୍ନରେ କାକମେଗା ପ୍ରାଥମିକ ସ୍କୁଲ ଛୁଟି ହେଲାବେଳେ ପିଲାମାନଙ୍କ ମଧ୍ୟରେ ଠେଲାପେଲାରୁ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଏହି ହୃଦୟ ବିଦାରକ ଘଟଣାରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଇଲା ଓଡିଙ୍ଗା ଏହି ଦୁଃଖଦ ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ପିଲାମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

## ୫୧ ଜଣଙ୍କ ନାଁରେ ଦେଶଦ୍ରୋହ ମାମଲା

ମୁମ୍ବାଇ,୩।୨(ଆଇଏଏନ୍‌ଏସ୍)

ମୁମ୍ବାଇ ପୋଲିସ ୫୧ ଜଣଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଛି। ସେମାନେ ଶନିବାର ଏକ ର୍‍ୟାଲିରେ ଯୋଗଦେଇ ଦେଶଦ୍ରୋହ ଅଭିଯୁକ୍ତ ଜେଏନ୍‌ୟୁ ଛାତ୍ର ଶର୍ଜିଲ ଇମାମଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଆଜାଦ ମଇଦାନ ଥାନା ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିସିପି ପ୍ରଣୟ ଅଶୋକ କହିଛନ୍ତି। ଶନିବାର ଆଜାଦ ମଇଦାନରେ ହମ୍‌ସଫର ଟ୍ରଷ୍ଟ ନେତୃତ୍ୱରେ ଅନୁଷ୍ଠିତ ର୍‍ୟାଲିରେ କେତେଜଣ ଶର୍ଜିଲ ଇମାମଙ୍କ ସମର୍ଥନରେ ସ୍ଲୋଗାନ ଦେଉଥିବାର ଭିଡିଓ ସୋମବାର ଭାଇରାଲ ହୋଇଥିଲା। ଏଥିପାଇଁ ଭାଜପା ମହାରାଷ୍ଟ୍ରର ମେଣ୍ଟ ସରକାରଙ୍କୁ ଦାୟୀ କରିଥିଲା। ଜଣେ ଭାଜପା ନେତା ଏହା ବିରୋଧରେ ଥାନାରେ ଏତଲା ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

### [ଇତିହାସର ଆଇନାରେ] ଫେବୃୟାରୀ ୪ର ପ୍ରମୁଖ ଘଟଣା

**୧** ୯୯୮ ଫେବୃୟାରୀ ୪ରେ ଆଫଗାନିସ୍ତାନରେ ଭୟଙ୍କର ଭୂକମ୍ପ ଦେଖାଦେବାରୁ ତଖାର୍ ପ୍ରଦେଶ ଛାରଖାର ହୋଇଯାଇଥିଲା। ପ୍ରାୟ ୨,୩୦୦ ଲୋକ ଏଥିରେ ପ୍ରାଣ ହରାଇଥିବାବେଳେ ୮୦୦ ଲୋକ ଆହତ ହୋଇଥିଲେ।

**୨** ୦୧୫ ଫେବୃୟାରୀ ୪ରେ ଚାଇନାର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୪୮ ଜଣଙ୍କ ମୃତ୍ୟୁ ହୋଇଥିଲା। ବିମାନଟି ତାଇପେଇରୁ କିନ୍‌ମେନ ଅଭିମୁଖେ ଯାଉଥିବାବେଳେ କିଲୁଙ୍ଗ ନଦୀରେ ଖସିପଡ଼ିଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୧ | ୧୧.୯ |
| ଚାନ୍ଦବାଲି | ୨୪.୭ | ୧୫.୨ |
| କଟକ | ୨୬.୫ | ୧୫.୨ |
| ପାରାଦ୍ୱୀପ | ୨୫.୦ | ୧୮.୬ |
| ଭୁବନେଶ୍ୱର | ୨୬.୯ | ୧୮.୦ |
| ଗୋପାଳପୁର | ୨୭.୪ | ୧୯.୫ |
| ପୁରୀ | ୨୫.୮ | ୧୭.୫ |
| ଅନୁଗୋଳ | ୨୭.୧ | ୧୧.୬ |
| ବାରିପଦା | ୨୫.୦ | ୧୨.୬ |
| ଝାରସୁଗୁଡ଼ା | ୨୭.୬ | ୧୧.୪ |
| କେନ୍ଦୁଝର | ୨୫.୬ | ୧୨.୪ |
| ସମ୍ବଲପୁର | ୨୭.୬ | ୧୩.୫ |
| ସୁନ୍ଦରଗଡ଼ | ୨୭.୦ | ୧୧.୫ |
| ହୀରାକୁଦ | ୨୭.୯ | ୧୪.୪ |
| ତାଳଚେର | ୨୮.୫ | ୧୨.୪ |
| ଭବାନୀପାଟଣା | ୨୯.୦ | ୧୬.୦ |
| ବଲାଙ୍ଗୀର | ୨୮.୫ | ୧୫.୪ |
| କୋରାପୁଟ | ୩୦.୦ | ୧୫.୦ |
| ଫୁଲବାଣୀ | ୨୫.୨ | ୧୫.୪ |
| ଟିଟିଲାଗଡ଼ | ୨୯.୪ | ୧୨.୧ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୨୯.୦ | ୧୩.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

## ଭାରତରେ ତୃତୀୟ କରୋନା ରୋଗୀ

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୩।୨(ପି.ଟି.)

ଭାରତରେ ତୃତୀୟ କରୋନା ରୋଗୀ ସୋମବାର ଚିହ୍ନଟ ହୋଇଛି। ଉହାନ ବିଶ୍ୱବିଦ୍ୟାଳୟରୁ ଫେରିଥିବା କେରଳର ଜଣେ ଛାତ୍ରଙ୍କଠାରେ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଉକ୍ତ ମେଡିକାଲ ଛାତ୍ରଙ୍କୁ କସରାଗୋଦସ୍ଥିତ ଜିଲା ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ତାଙ୍କ ଅବସ୍ଥା ସ୍ଥିର ଥିବା କେରଳ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ରାଜ୍ୟ ବିଧାନସଭାକୁ ସୂଚନା ଦେଇଛନ୍ତି। କେରଳ ସରକାର ଏହାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିଛନ୍ତି। କେରଳରୁ ବର୍ତ୍ତମାନ ସୁଦ୍ଧା ୧୪୦ ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ସେଥିରୁ ୪୬ଟି ନେଗେଟିଭ୍ ଓ ୩ଟି ପଜିଟିଭ୍ ଜଣାପଡିଛି। ଅନ୍ୟଗୁଡ଼ିକର ରିପୋର୍ଟକୁ ଅପେକ୍ଷା କରାଯାଇଛି। ପୂର୍ବରୁ ଯେଉଁ ଦୁଇଜଣଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିଲା, ସେମାନେ ମଧ୍ୟ ଉହାନରୁ ଫେରିଥିବା ଛାତ୍ର।





କୋଚିର ଏକ ହସ୍ପିଟାଲ ଆଇସୋଲେଶନ ୱାର୍ଡ ବାହାରେ ବର୍ଜ୍ୟବସ୍ତୁକୁ ନଷ୍ଟ କରାଯାଉଛି।

କରୋନା ଭୂତାଣୁ ସଂକ୍ରମଣକୁ ନେଇ ଆତଙ୍କ ଖେଳିଯାଇଥିବାବେଳେ ଏହା ଉପରେ ନଜର ରଖିବା ଲାଗି କେନ୍ଦ୍ର ସରକାର ସୋମବାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ସୋମବାର ଟାସ୍କଫୋର୍ସର ପ୍ରଥମ ବୈଠକ ବସି

### ରାଜ୍ୟ ବିପର୍ଯ୍ୟୟ ଘୋଷଣା କଲା କେରଳ

### ଟାସ୍କଫୋର୍ସ ଗଠନ ସହ ସାନି କଟକଣା ଜାରି

ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ଆଲୋଚନା ହୋଇଥିଲା। ଚାଇନା ଯାଇଥିବା ଭାରତୀୟଙ୍କୁ ତୁରନ୍ତ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯିବ। ଯେଉଁମାନେ ଭାରତ ଫେରିବାକୁ ଚାହୁଁଛନ୍ତି, ସେମାନେ ଦୂତାବାସ ସହ ସମ୍ପର୍କ ରଖିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସାନି ଆଡଭାଇଜରି ଜାରି କରାଯାଇଛି। ଚାଇନାକୁ ନ ଯିବା ଲାଗି ଏଥିରେ ପରାମର୍ଶ ଦିଆଯାଇଛି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସିଏ ହିଁ ସବୁଠାରୁ ବଳି ବିପଜ୍ଜନକ ଲୋକ।

- ଶିଶେରୋ



## ସଂକ୍ଷେପରେ

### ସ୍କୁଲରେ ୯ମ ଶ୍ରେଣୀ ଛାତ୍ରଙ୍କ ଚୁଟି କାଟିବା ଘଟଣା

## ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ

**ଭୁବନେଶ୍ୱର,୩।୨(ବ୍ୟୁରୋ):** କୋରାପୁଟ ଜିଲା ସୁନାବେଡ଼ା ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟରେ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ଚୁଟି କାଟିବା ସହ ମାନସିକ ନିର୍ଯାତନା ଦେବା ଘଟଣାରେ ସୋମବାର ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗଙ୍କ ନିକଟରେ ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ଏନେଇ ମହାସଂଘ ଉପଦେଷ୍ଟା ବାସୁଦେବ ଭଟ୍ଟ ଦର୍ଶାଇଛନ୍ତି ଯେ, ସୁନାବେଡ଼ା ଥାନା ଅନ୍ତର୍ଗତ ଅରବିନ୍ଦ ନଗରରେ ମାନସ ରଞ୍ଜନ ପଟ୍ଟନାୟକ ସପରିବାର ରୁହନ୍ତି। ତାଙ୍କ ପୁଅ ପାର୍ଥସାରଥି ବେବର୍ତ୍ତା ନେତାଜୀ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ରେ ୯ମ ଶ୍ରେଣୀରେ ପଢ଼ନ୍ତି। ସ୍କୁଲ କର୍ତ୍ତୃପକ୍ଷ ଶନିବାର ଛାତ୍ରୀଛାତ୍ର ଓ ଅନ୍ୟ କର୍ମଚାରୀଙ୍କ ଆଗରେ ପାର୍ଥଙ୍କ ଚୁଟି କାଟି ଦେଇଥିଲେ। ଉକ୍ତ ଘଟଣାରେ ମର୍ମାହତ ହୋଇ ପାର୍ଥ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ଲୋକେ ସୁନାବେଡ଼ା ଥାନାରେ ଅଭିଯୋଗ କରିଥିଲେ। ରବିବାର ରାତିରେ ପୁଅ ଘରକୁ ଫେରିଥିବା ଜଣାପଡ଼ିଛି। ଉକ୍ତ ଘଟଣାର ଉଚିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମହାସଂଘ ଦାବି କରିଛି।

## ୩ ଦୋକାନରୁ ଚୋରି

**ବାରଙ୍ଗ,୩।୨(ଡି.ଏନ୍.ଏ.):** ବାରଙ୍ଗ ଥାନା ଅର୍ନ୍ତଗତ ତ୍ରିଶୁଳିଆ ନିକଟ ନରଣପୁର ବଜାରରେ ଥିବା ୩ଟି ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ରବିବାର ରାତିରେ ପ୍ରଶାନ୍ତ ଅଟୋମୋବାଇଲ, ଜୟ ହନୁମାନ ଗ୍ୟାସ ମରାମତି, ସ୍ମୃତି ଏଣ୍ଟରପ୍ରାଇଜେସ ଦୋକାନର ଆଜବେଷ୍ଟସ ଭାଙ୍ଗି ଭିତରକୁ ପଶିଥିଲେ। ଅଟୋମୋବାଇଲ ଦୋକାନରୁ କମ୍ପ୍ୟୁଟର ଓ ହାଡ୍‌ଡିସ୍କ ନେଇଯାଇଛନ୍ତି। ସୋମବାର ସକାଳେ ଦୋକାନରୁ ଚୋରି ହୋଇଥିବା ମାଲିକମାନେ ଦେଖିବାକୁ ପାଇଥିଲେ। ପୋଲିସ ପାଟ୍ରୋଲିଂ କୋହଳ ଯୋଗୁ ଦୁର୍ବୃତ୍ତମାନେ ସକ୍ରିୟ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭୁବନେଶ୍ୱରରେ ବେଆଇନ ମଣ୍ଡପ ସିଲ୍ ଆରମ୍ଭ



ସିଲ୍ ହୋଇଥିବା 'ନୀଳକଣ୍ଠେଶ୍ୱର ପାଠାଗାର ଓ କଲ୍ୟାଣ ମଣ୍ଡପ'।



କୋଳଥିଆସ୍ଥିତ 'ସାଇ ଗାର୍ଡେନ'କୁ ଅଧିକାରୀମାନେ ସିଲ୍ କରୁଛନ୍ତି।

ଭୁବନେଶ୍ୱର, ୩।୨(ବ୍ୟୁରୋ)

ବିନା ବିଲ୍ଡିଂ ପ୍ଲାନ୍ ଅନୁମୋଦନରେ କୋଠା ନିର୍ମାଣ, ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ, ହୋଲ୍ଡିଂ ଟିକସ ଫାଙ୍କି, ପାର୍କିଂ ସୁବିଧା ନ ଥିବା କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପକୁ ବିଏମ୍‌ସି ପକ୍ଷରୁ ସିଲ୍ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ପ୍ରଥମ ଦିନରେ ବିଏମ୍‌ସିର ତିନି ଜୋନ୍‌ରେ ୮ ମଣ୍ଡପ ସିଲ୍ ହୋଇଥିବାବେଳେ ଆଗକୁ ଏଭଳି ପଦକ୍ଷେପ ଜାରି ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସକାଳେ ସମସ୍ତ ଜୋନାଲ ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ବିଏମ୍‌ସି, ବିଡିଏ ଓ କମିଶନରେଟ ପୋଲିସ୍‌ର ମିଳିତ ସ୍କ୍ୱାଡ୍ ପକ୍ଷରୁ ମଣ୍ଡପଗୁଡ଼ିକୁ ସିଲ କରାଯାଇଥିଲା। ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର ରୂପକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଶହୀଦନଗରସ୍ଥିତ 'ପୋଡିଅମ୍ କଟ୍ରିଆର୍ଡ' ମଣ୍ଡପ, ଦକ୍ଷିଣ ପଶ୍ଚିମ ଜୋନର ଡେପୁଟି କମିଶନର ରବିନାରାୟଣ ଜେଠିଙ୍କ ନେତୃତ୍ୱରେ କୋଳଥିଆସ୍ଥିତ 'ସାଇ ଗାର୍ଡେନ' ଓ ବରମୁଣ୍ଡାସ୍ଥିତ 'ହୋଟେଲ ଚନ୍ଦନ ମଣ୍ଡପ'କୁ ସିଲ୍ କରାଯାଇଥିଲା। ସେହିପରି ଉତ୍ତର ଜୋନର ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ମୋଟ ୫ ମଣ୍ଡପ ସିଲ ହୋଇଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା ପଟିଆସ୍ଥିତ 'ରିଷି ରିସୋର୍ଟ', ଗଜପତିନଗରସ୍ଥିତ 'ନୀଳକଣ୍ଠେଶ୍ୱର ପାଠାଗାର ଓ କଲ୍ୟାଣ ମଣ୍ଡପ', ସୈନିକ ସ୍କୁଲ ନିକଟ 'ଜେ.ବି ମଣ୍ଡପ', ଗାଡକଣ ପ୍ରେସ୍ ଛକସ୍ଥିତ ଆର୍‌ସିଏମ୍ ବିବାହ ମଣ୍ଡପ ଓ ସାମନ୍ତପୁରୀସ୍ଥିତ 'ଆତ୍ମାରାମ ମଣ୍ଡପ'। ମୋଟ ୧୪ ମଣ୍ଡପ ସିଲ୍ ହେବାକୁ ଥିଲେ ମଧ୍ୟ ସମୟ ଅଭାବରୁ ମାତ୍ର ୮ଟିକୁ ସିଲ୍ କରାଯାଇଛି। ମଙ୍ଗଳବାର ୧୩ରୁ ଊର୍ଦ୍ଧ୍ୱ ମଣ୍ଡପକୁ ସିଲ କରାଯିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୯୦ରୁ ଊର୍ଦ୍ଧ୍ୱ ବେଆଇନ କଲ୍ୟାଣମଣ୍ଡପକୁ ବିଏମ୍‌ସି ଚିହ୍ନଟ କରିବା ସହ ନୋଟିସ୍ ଜାରି କରିଥିଲା। ହେଲେ କେତେଜଣ ମଣ୍ଡପ ମାଲିକଙ୍କ ଅନୁରୋଧକ୍ରମେ ବିଏମ୍‌ସି ପକ୍ଷରୁ ଭିତ୍ତିଭୂମି ଓ ଅନ୍ୟ ଆବଶ୍ୟକ ବ୍ୟବସ୍ଥା ପାଇଁ ଜାନୁୟାରୀ ୩୧ ଯାଏ ସମୟ ଦିଆଯାଇଥିଲା।

### ବିଏମ୍‌ସି ପରେ ବିଡିଏ କରିବ ସିଲ୍

ବିଏମ୍‌ସିର ପଦକ୍ଷେପ ପରେ ବିଡିଏ ଦ୍ୱାରା ମଣ୍ଡପ ସିଲ୍ ପ୍ରକ୍ରିୟା ଆରମ୍ଭ ହେବ। ଓଡ଼ିଏ କୋର୍ଟରେ ବିଡିଏ ଦ୍ୱାରା ଅନ୍ ଅଥରାଇଜ୍‌ଡ ପ୍ରୋସିଡିଂ ନାମରେ ୩୫ ମଣ୍ଡପ ଉପରେ କେସ୍ ଚାଲିଛି। ଖୁବ୍‌ଶୀଘ୍ର ଏନେଇ ରାୟ ପ୍ରକାଶ ପାଇବା ପରେ ବିଡିଏ ଦ୍ୱାରା ଉକ୍ତ ମଣ୍ଡପଗୁଡ଼ିକୁ ସିଲ୍ କରିବା ପ୍ରକ୍ରିୟା ଚାଲିବ ବୋଲି ସୂଚନା ମିଳିଛି।

- ■ ପ୍ରଥମ ଦିନରେ ୩ ଜୋନ୍‌ରେ ୮ ମଣ୍ଡପ ସିଲ୍
- ■ ଆଜି ମଧ୍ୟ ଜାରି ରହିବ ପଦକ୍ଷେପ



ପଟିଆସ୍ଥିତ 'ରିସି ରିସୋର୍ଟ'

## ମଣ୍ଡପ ସିଲ୍ ପଛରେ ଚକ୍ରାନ୍ତ ଅଭିଯୋଗ

### ମୁଖ୍ୟମନ୍ତ୍ରୀ, ବିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୩।୨(ବ୍ୟୁରୋ)

ଭୁବନେଶ୍ୱରରେ ଲୋକସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ବିଭିନ୍ନ ପର୍ବପର୍ବାଣି, ବାହାଘର, ବ୍ରତଘର ଓ ବିଭିନ୍ନ ଅନୁଷ୍ଠାନଗୁଡ଼ିକର ବିଭିନ୍ନ କାର୍ଯ୍ୟକ୍ରମ ହେବା ନିମନ୍ତେ ବିଏମ୍‌ସି ତରଫରୁ ସେପରି ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ସଭାଗୃହ, କଲ୍ୟାଣ ମଣ୍ଡପର ବହୁ ଆବଶ୍ୟକତା ଥିଲାବେଳେ ବିଏମ୍‌ସି, ବିଡିଏ ବା ସମ୍ପୃକ୍ତ ବିଭାଗ ଏଥିନିମନ୍ତେ କୌଣସି ନଜର ଦେଇନାହିଁ। ତେଣୁ ସାଧାରଣ ଜନତା କଲ୍ୟାଣ ମଣ୍ଡପକୁ ଭରସା କରି ନିଜର ଆବଶ୍ୟକତା ମେଣ୍ଟାଉଛନ୍ତି। କିନ୍ତୁ ରାଜଧାନୀରେ ଥିବା ବିଭିନ୍ନ ହୋଟେଲ ମାଲିକମାନେ ବିଏମ୍‌ସି ସହିତ ସଲାସୁତୁରା କରି ରାଜଧାନୀରେ ଥିବା ବିଭିନ୍ନ କଲ୍ୟାଣ ମଣ୍ଡପକୁ ବନ୍ଦ କରିବା ପାଇଁ ମସୁଧା ଚଳାଇଛନ୍ତି। ସେମାନଙ୍କ ବ୍ୟବସାୟ ପାଇଁ ଆଜି କଲ୍ୟାଣ ମଣ୍ଡପ ସିଲ୍ କରାଯାଉଛି। ତେଣୁ ଏହା ପଛରେ ବଡ଼ ଚକ୍ରାନ୍ତ ରହିଛି ବୋଲି ରାଜ୍ୟ ନାଗରିକ ସମାଜ ଅଭିଯୋଗ କରିଛି।

ଏହାର ଅଧ୍ୟକ୍ଷ ପ୍ରକାଶ ରଥ କହିଛନ୍ତି, କଲ୍ୟାଣମଣ୍ଡପଗୁଡ଼ିକ ପରି ଭୁବନେଶ୍ୱରର ବିଭିନ୍ନ ହୋଟେଲ ବେଆଇନ ଭାବେ ଚାଲିଛି। ପାର୍କିଂ, ଅଗ୍ନି ନିର୍ବାପକ ଓ ଅନ୍ୟ କେତେକ ବ୍ୟବସ୍ଥା ନାହିଁ। ନିୟମକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ବିଏମ୍‌ସି ପାଟି ଖୋଲୁନାହିଁ। ଅନ୍ୟପକ୍ଷରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଏମ୍‌ସି ଆବଶ୍ୟକ ସଂଖ୍ୟକ କମ୍ୟୁନିଟି ସେଣ୍ଟର ଖୋଲିବା ପରେ ମଣ୍ଡପଗୁଡ଼ିକୁ ସିଲ୍ କରାଯିବାର ଥିଲା। ପ୍ରଥମେ ଆବଶ୍ୟକତା ଅନୁଯାୟୀ କଲ୍ୟାଣ ମଣ୍ଡପ ଓ ଗୋଷ୍ଠୀ ଗୃହମାନ ନିର୍ମାଣ କରିବା ସହ କଲ୍ୟାଣ ମଣ୍ଡପଗୁଡ଼ିକୁ ଆଇନ ଅନୁଯାୟୀ ମାନ୍ୟତା ପ୍ରଦାନ କରିବା ପାଇଁ ରାଜ୍ୟ ନାଗରିକ ସମାଜ ଦାବି କରିଛି। ଏହି ମର୍ମରେ ଏକ ପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରକ୍ରିୟାକୁ ବନ୍ଦ ନ କଲେ ବିବାହ ପାଇଁ କୋଠା ଭଡ଼ାରେ ନେଇଥିବା ବ୍ୟକ୍ତିବିଶେଷଙ୍କ ପରିବାରବର୍ଗ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରଥ ଚେତାବନୀ ଦେଇଛନ୍ତି।

### ନିୟମକାନୁନ ପାଳନ କର

ବିଏମ୍‌ସି, ବିଡିଏ ଦ୍ୱାରା ଜାରି ନିୟମକାନୁନ ସମସ୍ତ ନାଗରିକ ଓ ଅନୁଷ୍ଠାନ ପାଳନ କରିବା ଆବଶ୍ୟକ। ମଣ୍ଡପଗୁଡ଼ିକ ବହୁଦିନ ହେବ ବିଏମ୍‌ସି ଓ ବିଡିଏକୁ ଠକି ଆସୁଛନ୍ତି। ତେବେ ବର୍ତ୍ତମାନର ସ୍ଥିତିରେ ସିଲ୍ କରିବା ଏକ ବହୁତ ଭଲ ପଦକ୍ଷେପ।

**- ମୀନକେତନ ଦାଶ,**
**ପୂର୍ବତନ ପ୍ଲାନିଂ ମେମ୍ବର, ବିଡିଏ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଥ ବିରି,**
**ନ ହେଲେ କାଳିଆ ମୋର ସରି**
**ସୁନା ଖଡୁ ନେଇ ହାତରେ ନାଇଲୁ**
**କରମକୁ ହେଲା କନିସିରି ।**

ପର ଲୋକଠାରୁ ମୂଲ୍ୟବାନ ଜିନିଷ ମାଗି ନେଇ ରଖିଲେ କେହି ବଡ଼ଲୋକ ହୋଇଯାଏ ନାହିଁ। କର୍ମରେ ନ ଥିଲେ କେହି ଦେଇ ଦେଲେ ଭାଗ୍ୟ ଖୋଲିଯାଏନି। ପରଠାରୁ ଆଣିଥିବା ଭଲ ଜିନିଷ ମଧ୍ୟ ଖରାପ ହୋଇଯାଏ। ତାହା କସ୍ମିନ କାଳେ ଭୋଗ୍ୟ ହୁଏ ନାହିଁ। ଯେଉଁ ଅବସ୍ଥା ଭାଗ୍ୟ ବିପର୍ଯ୍ୟୟ ଯୋଗୁ ଘଟେ, ତା'ର ପରିବର୍ତ୍ତନ କାହାରି ହାତରେ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

**ନାଜ ନ ଥାଏ ଯୋଉ ମୁହଁକୁ**
**ଭଣ୍ଡାରି ନ ଥାଏ ଖଉରିବାକୁ ।**

ଅଲାଜୁକ ଯିଏ ତା'ର ମୁହଁକୁ ଲାଜ ସରମ ନ ଥାଏ ବୋଲି ସିଏ ଭଲ ମନ୍ଦକୁ ଫୁତ୍କାରରେ ଉଡ଼େଇଦିଏ। ଏପରିସ୍ଥଳେ ତାକୁ କେହି କିଛି କହିଲେ ତା'ର କିଛି ସୁଫଳ ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଗଣତନ୍ତ୍ର ଜ୍ଞାନଯଜ୍ଞର ସୁବର୍ଣ୍ଣ ଉତ୍ସବ ମେ ୩ରୁ

ଭୁବନେଶ୍ୱର,୩।୨(ବ୍ୟୁରୋ)

ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ୨୦୦୭ରେ ଆରମ୍ଭ ହୋଇଥିବା ଗଣତନ୍ତ୍ର ଜ୍ଞାନଯଜ୍ଞର ସୁବର୍ଣ୍ଣ ଉତ୍ସବ ଆସନ୍ତା ମେ ୩ରୁ ଆରମ୍ଭ ହେବ। ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଭାବେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲସ୍ଥିତ ଶିଶୁଅନନ୍ତ ଆଶ୍ରମରେ ୩ଦିନ ଧରି ଅନୁଷ୍ଠିତ ହେବ ବୋଲି ସୋମବାର ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବାବା ବଳିଆ କହିଛନ୍ତି। ସେ କହିଛନ୍ତି, ଉତ୍ସବରେ ପରିବେଶ ସଚେତନତା ଓ ଉତ୍ତର ପିଢ଼ି ପାଇଁ ଦୁଇଟି ସମ୍ମାନ ଏବଂ ଗଣତନ୍ତ୍ର ଓ ବର୍ତ୍ତମାନର ସମାଜ ଉପରେ ଅନ୍ୟ ୩ ସମ୍ମାନ ଅନୁଷ୍ଠିତ ହେବ। ପୂର୍ବରୁ ନୂଆଦିଲ୍ଲୀଠାରେ ଦୁଇଟି ଜାତୀୟସ୍ତରୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିବାବେଳେ ବମ୍ବେ, କୋଲକାତା, ବେଙ୍ଗାଲୁରୁ ଆଦି ସହରରେ ସଚେତନତା କାର୍ଯ୍ୟକ୍ରମକୁ ଲୋକେ ଗ୍ରହଣ କରିଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ପୂର୍ବତନ ବିଧାୟକ ରାଜୁ ସିଂହ, ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, କମିଟିର ସାଧାରଣ ସମ୍ପାଦକ ମନୋଜ ଦାସ, ସମ୍ପାଦକ ପରମାତ୍ମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁକ ଦେଖାଇ ମୋବାଇଲ, ଟଙ୍କା ଲୁଟ୍

ଖୁଣ୍ଟୁଣୀ,୩।୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ-ଖୁଣ୍ଟୁଣୀ ରାସ୍ତାର ଗୋଡିସାହି ପୋଖରୀ ନିକଟରେ ସୋମବାର ରାତିରେ ଜଣେ ବାଇକ୍ ଆରୋହୀଙ୍କୁ ଦୁଇ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଡାଳଭାଗ ଗ୍ରାମର ଅରୁଣ ବେଉରା ବାଇକରେ ଘରକୁ ଆସୁଥିଲେ। ଗୋଡିସାହି ପୋଖରୀ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ପଲସରରେ ଆସି ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇ ଫେରାର ହୋଇଯାଇଥିଲେ। ଅରୁଣ ଘଟଣା ସମ୍ପର୍କରେ ଖୁଣ୍ଟୁଣୀ ବଜାରର ଥିବା କେତେଜଣ ଯୁବକଙ୍କୁ କହିବାରୁ ସଙ୍ଗେସଙ୍ଗେ ଯୁବକମାନେ ଘଟଣାସ୍ଥଳକୁ ଯିବା ସହ ନିକଟ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ପାଇ ନ ଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ଫେରାର ଯବାନ ଡେରାଡୁନ୍‌ରୁ ଗିରଫ

ଭୁବନେଶ୍ୱର,୩।୨(ବ୍ୟୁରୋ)

### ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର କରିଥିଲେ

ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତ ଯବାନଙ୍କୁ ନୟାପଲ୍ଲୀ ଥାନା ପୋଲିସ ଡେରାଡୁନରୁ ଗିରଫ କରିଛି। ସେ ହେଲେ ଉତ୍ତରାଖଣ୍ଡ ରାୟପୁର ଥାନା ଅଞ୍ଚଳର ଭୂପିନ୍ଦର କୁମାର। ସେ ଭୁବନେଶ୍ୱରସ୍ଥିତ ସିଆର୍‌ପିଏଫ୍‌ର ସିଗ୍‌ନାଲ ସର୍ଭିସ ଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ସୂଚନା ମୁତାବକ, ଭୂପିନ୍ଦର ଡେରାଡୁନ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ଭୁବନେଶ୍ୱର ଡକାଇବା ପରେ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଭୂପିନ୍ଦର ତାଙ୍କୁ ପ୍ରତାରଣା କରିବାରୁ ଯୁବତୀ ଜଣକ ଗତ ଡିସେମ୍ବର ୨୫ରେ ନୟାପଲ୍ଲୀ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ନଂ.୬୭୯/୧୯ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିବା ଜାଣିବା ପରେ ଭୂପିନ୍ଦର କ୍ୟାମ୍ପସ ଛାଡି ପଳାଇଥିଲେ। ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଦୀପକ କୁମାର ଲେଙ୍କାଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଡେରାଡୁନ ଯାଇଥିଲା। ସେଠାରେ କ୍ରାଇମବ୍ରାଞ୍ଚ ଓ ସ୍ଥାନୀୟ ପୋଲିସ ସହଯୋଗରେ ଅଭିଯୁକ୍ତ ଭୂପିନ୍ଦରଙ୍କୁ ଶୁକ୍ରବାର ଗିରଫ କରିଥିଲା। ସ୍ଥାନୀୟ ଡେରାଡୁନ କୋର୍ଟରେ ତାଙ୍କୁ ହାଜର ପରେ ଟ୍ରାନ୍‌ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ସୋମବାର ଭୂପିନ୍ଦରଙ୍କୁ ପଚରାଉଚରା ସହ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ୩ କେଜି ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ

ଭୁବନେଶ୍ୱର,୩।୨(ବ୍ୟୁରୋ)

ଗଞ୍ଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ ରବିବାର ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କେଶୁରାର ଭରତ ମଲ୍ଲିକ(୩୨)। ପୋଲିସ ୩ କେଜି ଗଞ୍ଜେଇ ଜବତ କରିବା ସହ ଏନ୍‌ଡିପିଏସ୍ ଆକ୍ଟରେ କେସ୍ ନଂ-୫୭/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ରାଜଧାନୀର ଜଣେ ଗଞ୍ଜେଇ ହୋଲ୍‌ସେଲ୍ ବ୍ୟବସାୟୀଙ୍କ ନିକଟରୁ ଭରତ ଗଞ୍ଜେଇ ଆଣନ୍ତି। ଏହାକୁ କେଶୁରାରେ ଥିବା ନିଜ ଦୋକାନରେ ରଖି ବ୍ୟବସାୟ କରନ୍ତି। ସବୁଦିନ ଭଳି ରବିବାର ରାତିରେ ମଧ୍ୟ ସେ ଗଞ୍ଜେଇ ନେଇ ଘରକୁ ଫେରୁଥିଲେ। ଏହାର ସୁରାକ ପାଇ ପୋଲିସ ଚଢ଼ାଉ କରି ଭରତଙ୍କୁ କାବୁ କରିଥିଲା। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୩ କେଜି ଗଞ୍ଜେଇ ମିଳିଥିଲା। ପୋଲିସ ପଚରାଉଚରା ପରେ ଗଞ୍ଜେଇ ଚାଲାଣର ରୁଟ୍ ଲାଇନ୍ ବିଷୟରେ ଜଣାପଡ଼ିଛି। ଭରତଙ୍କ କହିବା ଅନୁଯାୟୀ, ଫୁଲବାଣୀ, କୋରାପୁଟରୁ ଭାୟା ବ୍ରହ୍ମପୁର ଦେଇ ଭୁବନେଶ୍ୱରକୁ ଜଣେ ହୋଲ୍‌ସେଲ୍ ବ୍ୟବସାୟୀ ଏହି ଗଞ୍ଜେଇ ଆଣନ୍ତି। ତାଙ୍କ ନିକଟରୁ ଅନ୍ୟ ଛୋଟ ବେପାରୀମାନେ ଗଞ୍ଜେଇ ନେଇ ବ୍ୟବସାୟ କରିଥାନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

DHARITRI Career appointment Every Wednesday and Saturday

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଖର୍ଚ୍ଚ ଋଣରୁ କଟିବ
ALL INDIA FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
094682-97482
ADDRESS: T-51, GAUTAMPURI, DELHI

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଆଡଭାନ୍ସ ନେଉନୁ ଧୋକା ଦେଉନୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

BUSINESS

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
7664091295

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

**1. Answer the following questions, each in a word or a phrase.** [1×5=5
(i) What address did Lencho write on the envelope?
(ii) What do you mean by expression "A new star rises"?
(iii) Which match was a trial game ?
(iv) What can cause skin lesions ?
(v) What does clouds the brain ?

**2. Answer the questions, each in a word or a phrase.** [1×5=5
(i) What has God given us to taste things?
(ii) What did the cottage girl do for her deceased brother and sister ?
(iii) Which places are frequently visited by koils?
(iv) Where does the brook babble ?
(v) What is the distinguished quality of the soul?

**3. Fill in the blanks with right words.** [1×5=5
(i) We ______ in the meadows.
(ii) Jane was ______ in her bed.
(iii) The expression '______' means delicate dishes.
(iv) The brook loiters round its ______.
(v) Cool, calm and bright are used to describe the sweetness of ______.

**4. Answer the following questions, each in a word or a phrase.** [1×5=5
(i) Where was the new tiger trapped?
(ii) "But-sir-it is not your tiger." Who said it?
(iii) Who was Jumman's wife?
(iv) Where was the beggar working as a singer?
(v) Who found the very old peasant and brought him to the king ?

**5. Fill in blanks with correct words.** [1×5=5
(i) ______ felt the grain of corn with his hands.
(ii) Grandfather suggested the old keeper to transfer ______ to another cage.
(iii) "I am obliged to by circumstances". It was the statement of ______.
(iv) The beggar said that he had lost his place through ______.
(v) The panchayat of the old aunt met under a tree one ______.

**6. Fill in the blanks using the correct forms of words given in brackets.** [1×5=5
(i) His ______(deny) made me angry.
(ii) The ______ (believe) that fate rules our lives is very common.
(iii) My friend met me on the ______ (appoint) day.
(iv) Don't ______ (ignorance) your parents.
(v) My birthday is a ______ (memory) day for me.

**7. Do as directed.** [1×5=5
(i) We shouldn't take______ food.
(Add negative prefix to 'pure' and fill in the blank)
(ii) We should drink ______ (boiling/boiled) water.
(Choose the correct participle)
(iii) She invited me cordially. I didn't attend her birthday.
(Join the sentences using 'although')
(iv) are you living in the united states
(Punctuate the sentence)
(v) At home I got up early.
(Rewrite the sentence using 'used to')

**8. Do as directed.** [1×5=5
(i) The lifestyle of the people ______ (change) day by day.
(Use the correct form of the verb)
(ii) One thirds of the people ______ (is/are) standing there.
(Choose the correct alternative)
(iii) Kapil's match turned the match exciting.
(Write the pattern of the sentence)
(iv) She helped her mother ______ (clean) the room.
(Use the correct form of non-finite verb)
(v) We travelled to Kashmir ______ a bus.
(Fill in the blank with a preposition)

**9. Do as directed.** [1×5=5
(i) Ashish and Babul quarrelled over a petty matter.
(Replace the verb with a phrasal verb.)
(ii) She said to her teacher, "Please tell me the answer." (Turn into indirect speech)
(iii) The news, that he has come, is true.
The function of the noun clause is ______.
(iv) If I made a promise, I ______ (keep) it. (Use the correct form of the verb)
(v) The temple ______(build) in the fifteenth century.
(Use the correct passive form of the verb)

**10. Translate into English.** [1×5=5
ଭାରତ ଏସିଆର ଏକ ବୃହତ୍ ଦେଶ। ଏହି ଦେଶରେ ଅନେକ ମହାମାନବ ଜନ୍ମଗ୍ରହଣ କରିଛନ୍ତି। ମହାତ୍ମା ଗାନ୍ଧି ସେମାନଙ୍କ ମଧ୍ୟରୁ ଜଣେ। ସେ ଅହିଂସା ନୀତିକୁ ଗ୍ରହଣ କରିଥିଲେ। ସେ ଏହି ନୀତି ବଳରେ ସେ ଆମକୁ ସ୍ୱାଧୀନତା ଆଣି ଦେଇଥିଲେ।

**Or,**
ସଲ୍‌ମାନ୍ – ସାର୍, ମୋତେ ଘରକୁ ଯିବାକୁ ଦିଅନ୍ତୁ।
ଶିକ୍ଷକ – ଏବେ କାହିଁକି ଘରକୁ ଯିବ ?
ସଲ୍‌ମାନ୍ – ମୁଁ ଆମ ଘରୋଇ ଡାକ୍ତରଙ୍କ ନିକଟକୁ ଯିବି।
ଶିକ୍ଷକ – ବୋଧହୁଏ ଘରେ କେହି ଅସୁସ୍ଥ ଅଛନ୍ତି ?
ସଲ୍‌ମାନ୍ – ହଁ, ମୋ ମାଆଙ୍କ ଦେହ ଖରାପ।

### PART – II (SUBJECTIVE)

**11.(i)** What made Lencho write the second letter to God ? What request did he make there in that letter ? [5
**Or,** How did Kapil win the hearts of East African cricket lovers ?
**(ii)** What, according to Lord Percy, should the students do to build their character ? [5
**Or,** What is acid rain and how does it cause damage in lakes and rivers ?

**12.** Write an essay, in about 250 words, on any one of the following topics, keeping to the outline given. [12
**(i) Keeping Good Health**
(Necessity of Good health – necessity of physical exercise – the best time for taking physical exercise – how physical exercise is done – its effect on both body and mind – evil effects of not doing regular exercise – what exercise you do and how you benefit from it. )
**(ii) Your / My Neighbours**
(The meaning of a true neighbour – your first next-door neighbour – what he is and what kind of man he is – your second neighbour – what he is like – why you love him and consider him your true neighbour)
**(iii) The Annual Sports Day of Your School**
(The importance of the annual sports day – when and where it was held – meeting held – winners awarded – your role on the occasion – fancy dress competition – feast if any held)

**13.** Suppose you are Arpita Sahoo of Bidanasi, Cuttack. Write an application to the Postmaster of your locality, requesting him to take steps for delivery of letters, parcels, money orders, etc. at your changed address. [10
**Or,** Suppose you are Akash Mishra studying at R.C. Vidhyapitha, Kamakhya Prasad, Dhenkanal. Your friend Manoj Panda, who is studying at Parajanga, Dhenkanal, has decided to discontinue his studies. Write a letter, in about 100 words, telling him to continue his studies and assuring him of your help.

**14. Read the passage and write its summary in about 60 (sixty) words** [8
If we don't immediately stop burning and cutting down of the forests and polluting our air and water, we will cause more damage to our dear earth. Very soon a time may come when we will have no oxygen to breathe and no rain for agriculture. The earth would become so hot that human beings can't survive here and human race will exist no longer.
Here is what we can do to save our earth ! We can plant more and more trees and save our forests and wild-life. We need to compost the domestic wastes. Farmers should use organic fertilizers instead of chemicals. Let's say 'No' to plastic bags, because they don't mix up with the soil and when chewed by cattle can cause their death. We need to conserve our natural resources like air, water, energy, minerals and fossil-fuels like coal, petroleum and natural gas.
**Or,** Imagine your are a reporter of The 'Dharitree'. You visited the site of a railway accident. Write a report to the editor collecting all the vital (very necessary) information.

**15. Read passage carefully & answer the questions that follow, each in about 20 words.** [2×5
A street hawker is a common figure in India. We find him at road crossings and street corners. He can be seen near schools, cinema halls and public parks. He also goes from street to street to sell his things. A street hawkers sells various things. Some hawkers sell sweets; others sell vegetables, fruits, ice-cream or some other eatables. A street hawker attracts children in various ways, some hawkers ring a bell, some attract them in a sing-song manner; others cry their wares at the top of their voice. A street hawker is not neat. His clothes are dirty. He does not cover his things. Flies sit on them. A hawker's life is hard. He does not have any holidays. He is useful to us in many ways. He brings articles and saves our time.

***Questions***
(i) Where do we find a hawker?
(ii) What type of things do the hawkers sell?
(iii) How does a street hawker attract children?
(iv) Why do flies sit on his things?
(v) How does a street hawker save our time?

### ANSWER: PART – I (OBJECTIVE)

**1.** **(i)** To God **(ii)** The star of freedom from colonial rule **(iii)** The Irani Trophy **(iv)** Acid rain **(v)** Smoking
**2.** **(i)** tongue **(ii)** sang a song **(iii)** river-isles **(iv)** on the pebbles **(v)** sweet and virtuous
**3.** **(i)** play **(ii)** moaning **(iii)** golden grain **(iv)** cresses **(v)** day
**4.** **(i)** in the hills **(ii)** the old keeper **(iii)** Kariman **(iv)** Russian choir **(v)** the king's servant
**5.** **(i)** The very old peasant **(ii)** Timothy **(iii)** the beggar **(iv)** intrigues **(v)** evening
**6.** **(i)** denial **(ii)** belief **(iii)** appointed **(iv)** ignore **(v)** memorable
**7.** **(i)** impure **(ii)** boiled **(iii)** Although she invited me cordially, I didn't attend her birthday. **(iv)** Are you living in the United States? **(v)** At home I used to get up early.
**8.** **(i)** is changing **(ii)** are **(iii)** SVOC **(iv)** clean **(v)** on
**9.** **(i)** fell out **(ii)** She requested her teacher to tell her the answer. **(iii)** in apposition to noun **(iv)** kept **(v)** was built
**10.** India is a large country in Asia. Many great men were born in this country. Mahatma Gandhi was one among them. He adopted the principle of the non-violence. He brought us freedom by virtue of this principle.
**Or,**
Salman – Sir, let me go home.
Teacher – Why will you go home now ?
Salman – I'll go to our family doctor.
Teacher – Perhaps somebody is ill at home.
Salman – Yes, my mother is ill.

### ANSWER: PART – II (SUBJECTIVE)

**11.(i)** Lencho was angry when he counted the money. He thought that God couldn't have made a mistake nor could He have denied his request. He suspected that the post office employees were dishonest people who might have kept the rest of the money. This made Lencho write the second letter to God. In his second letter he requested God to send him the rest of money since he needed it very much. He cautioned God not to send it through mail because the post office employees were a bunch of crooks.

**Or,** Kapil played quite well on the trip to East Africa. He was not only the bowler to get vital breakthroughs but also a magnificent batsman. He hit many a towering six. It was noticed that on this trip he improved match by match. Even he was almost unplayable towards the end of the tour. In this way, owing to his excellent performance, he won the hearts of East African Cricket lovers.

**(ii)** According to Lord Percy in order to build character the students have to be truthful in all things, considerate to everybody and fair to their rivals. Besides they should be kind and helpful to the weak and suffering and should have courage to stand up for good, pure and noble. They have to avoid gambling in any form.

**Or,** The rain that contains the oxides of sulphur, nitrogen and other chemicals is called acid rain. It poisons the plants and animals that live in water. Acid rain affects everything it falls on. The water in rivers and lakes turns acidic. For instance, in Sweden, 4000 lakes have been so severely affected that no fish has survived.

**12.** **(i)** Health is the best wealth of man. It is the greatest of all earthly possessions. A healthy cobbler is better than a sick king. Health is the blessing of the rich, and the riches of the poor. A great English writer Emerson said– "Give me health and a day, and I will make the pomp of an emperor ridiculous."

Good health ensures all the enjoyments of life. It gives energy and vigour which are necessary for work. A man without sound health is susceptible to the attack of diseases and is never cheerful. In spite of his wealth, power and position, he is unhappy and the beautiful world around him seems bitter to him.

For preservation of good health constant and regular exercise is essential. Without exercise the mind is distracted by bodily pain and weakness. It becomes idle and inactive.

Exercise is also an abiding source of pleasure. It makes the limbs of the body strong and supple and ready for use. There is intense pleasure in a good drive with a cricket bat or in a clever shot at football or hockey or in controlling a spirited horse. There is also great pleasure in swimming in a river or a tank, in rowing boats, in running races and playing some other different games.

Exercise taken properly and regularly improves our health. Our muscles become strong and blood gets purified. It makes us active and immunises our body against diseases. It helps us in digestion of food and increases our appetite. It makes our mind happy and cheerful. It gives energy and vigour to our body for doing work however hard and strenuous it is.

I am a student of class X in D.N. High School, Keonjhar. To my great joy, physical exercise in the form of games, sports and drills have become compulsory for us. I actively take part in such exercises and keep fit for work.

**(ii)** Generally speaking, people who live next-door to us are our neighbours. But this view is not always correct. In fact, a true neighbour is he who stands by us through joys and sorrows, no matter whether he lives next-door to or far away from us. So the very definition of neighbour has undergone a change.

My first next-door neighbour is Mr Anurag Sahoo. He lives in the house just on the right to ours. He is a businessman. He deals in groceries. He is also a dealer in controlled commodities. He is well-known in the locality for his sharp practice. He has no heart for the needy and poor. He always talks business and is least prepared to share the difficulties of others.

The man who lives next to us is Mr Padarabinda Mishra. He is a doctor in the city hospital, Cuttack. He is a good looking person. He is extremely good and gentle. He examines the patients thoroughly and then prescribes some medicines. He takes a nominal fee from the patients, if he treats them at his residence. But he takes no money from the poor patients and gives them the prescribed medicine free.

Whenever any member of our family falls ill, he treats them with care till recovery. His family is very nice and gentle. His wife Mrs Mishra is a delightful lady. She often comes to our house and sits talking to my mother for hours. She and my mother are good friends. Every year we go together on a picnic to some place of scenic beauty and enjoy ourselves. On festive occasions we exchange sweets and presents with each other.

On the whole, Dr Mishra and his family are all good and helpful. We are really proud of having Mr Mishra as a neighbour.

**(iii)** Sports and games are a part of our culture. They are also a part of our life. They ensure freshness and frolicness of mind. Every school has their annual sports' day. It is held particularly at the end of the academic (educational) session. The day is important for it promises to bring the best from the children of the school who are the future citizens.

The last sports' day of our school was held in our school playfield on 20 December, 2019. A six-day long sporting events came to end on this day. Athletes in good numbers took part in the mega event. Twenty athletes came out winners in various competitions like long jump, high jump, running events, javelin throw, music chairs, etc.

The meeting was held at 2 pm sharply. Apart from the teachers, it was attended by the local M.L.A. and noted social figures. The stage was beautifully decorated. The atmosphere wore a festive look. The headmaster at first made an introductory speech. The M.L.A. who acted as the Chief Guest, spoke on the occasion. He inspired us to study hard and play brilliantly.

The twenty winners were given cups and running trophies. They stood on the victory stand. The M.L.A. distributed the prizes to the winners. The students cheered them. I received a cup for my feat in long jump. I was delighted when I accepted the prize from the hands of Chief Guest. It was the first ever award in my life.

The prize distribution was followed by a fancy dress competition. The actors presented the play 'Danavira Harischandra.' Their performance was splendid. Everyone clapped loudly. Some of the actors got prizes.

In the end a big feast was held. The guests and others enjoyed the feast. We were part of it. In the evening, we returned home in a happy mood.

**13.**
Baimundi Marg, Bidanasi
Cuttack - 753002
4th February, 2020

To
The Postmaster
Chandini Chowk Post Office
Cuttack - 2

**Sub :** To take steps for delivery of letters, parcels, etc. at my changed address.

Sir,
To bring to your notice, I have very recently moved to a hired house at Bidanasi opposite to the Baimundi Hospital under your postal jurisdiction.
I would, therefore, request you that all letters, parcels, money orders, etc. sent to me at my old address, may kindly be delivered at my new address given below.
Thanking you.

Yours faithfully
**Arpita Sahoo**

| **New Address** | **Old Address** |
|---|---|
| Arpita Sahoo | Tulasipur |
| Bidanasi | SBI Staff Colony |
| Baimundi Marga | Cuttack |
| (Opposite Baimundi Hospital) | |
| Cuttack- 2 | |

**Or,**
R.C. Vidyapitha
Kamakhya Prasad
Dhenkanal
4th February, 2020

Dear Manoj,
I just heard something unbelievable from one of your friends. The news that you have decided to discontinue your studies. I wonder how you have taken such a life-spoiling decision.Study, you know, reflects the true identity of a person. Your parents have always supported you morally and monetarily. Do you think it will be better if you shatter their dreams at such an early stage? Please lend an ear to my words. Begin your studies once again with zeal and zest. As your intimate friend, I assure you of all help you need from me.
Remember me to your parents.
Hoping a positive reply.

Yours sincerely
Akash

**ADDRESS**

| **From** | **To** Stamp |
|---|---|
| Akash Mishra | Manoj Panda |
| R.C. Vidyapitha | At : Parajanga |
| Kamakhya Prasad | P.O. : Parajang |
| Dist : Dhenkanal | Dist : Dhenkanal |

**14.** **Title : Conservation of Natural Resources**
If we cut down trees and pollute our air and water, we will have no oxygen. The existence of human beings on earth would become impossible. To save our earth we have to plant trees and save our forests. Farmers should use organic fertilizers instead of chemicals. Plastic bags should be banned. We should conserve our natural resources like air, water, energy, mineral and fossil-fuels.

**Or,**
Jagatpur, Cuttack
4th February 2020

To
The Editor
The Dharitree
Mancheswar Industrial Estate, Bhubaneswar.

**Title :** A Train Accident at Jagatpur
On 3rd February 2020, the Purusottam Express to Puri derailed at Jagatpur in Cuttack. It was early in the morning and all the passengers were sleeping on their berths. With a thundering sound, five of its bogies derailed from the fast-moving train. In the mishap, five passengers were killed and around thirty people were badly injured. Some local people proved very helpful. They saved many trapped passengers from the derailed bogies. All the injured were sent to SCB hospital, Cuttack.

**Manoj Sahani**
Senior Reporter

**15.** (i) We find a hawker at road crossings & street corners, near schools, cinema halls & public parks.
(ii) The hawker sells various things like sweets, vegetables, fruits, ice-cream & some other eatables.
(iii) A street hawker attracts children by ringing a bell or in a sing-song manner.
(iv) A hawker doesn't cover his things. So flies sit on his things.
(v) A hawker goes from street to street to sell his things. He brings us articles at our door and saves our time.

❑❑❑



"ଗୋଟିଏ ମାତ୍ର ପ୍ରକୃତ ମୁଦ୍ରା ଅଛି, ଯାହା ସାହାଯ୍ୟରେ ସବୁ ପ୍ରକାର ଦ୍ରବ୍ୟ କ୍ରୟ କରାଯାଇପାରେ। ସେ ହେଉଛି ଜ୍ଞାନ।
- ସକ୍ରେଟିସ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରାଜଭବନ ଛକରେ ଥିବା ପ୍ରତିମୂର୍ତ୍ତି, ସକାଳ ୯ଟା।
- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଖଣ୍ଡଗିରି ଉଦୟଗିରି ମହୋତ୍ସବ-୨୦୨୦, ଓଟିଡିସି ପାନ୍ଥିକା, ଖଣ୍ଡଗିରି, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧବାର୍ଷିକୀ, ମଧୁସୂଦନଙ୍କ ସମାଧିପୀଠ, ଗୋରାକବର, ସକାଳ ୮ଟା।
- ୭୨ତମ ରାଜ୍ୟ ପୋଲିସ ଆଥଲେଟିକ୍ସ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବ, ରିଜର୍ଭ ପୋଲିସ ପଡ଼ିଆ, ସକାଳ ୯ଟା।
- ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ କଟକ ଜିଲା ଇପିଏସ୍-୯୫ ପେନସନର୍ସଙ୍କ ବୈଠକ, ଗାନ୍ଧୀଭବନ, ବାଖରାବାଦ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**
- ବିଶ୍ୱଶାନ୍ତି ମହାଯଜ୍ଞର କଳସଯାତ୍ରା, ଡାମରାସ୍ଥିତ ମା' ମଙ୍ଗଳା ପୀଠ, ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ, ବେଣୁପୁର, ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୫ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପ୍ରାଙ୍ଗଣ, ରାତ୍ର ୭ଟା।

# ଶିକ୍ଷାଶ୍ରମ ଦେଲା ଜୀବନସାଥୀ

**ଜୀବନରେ ଦୁଃସ୍ଥିତି ଆସେ। ହେଲେ ତାହାକୁ ମୁକାବିଲା ବେଳେ ଅନେକଙ୍କ ଜୀବନରେ ମୋଡ଼ ବଦଳିଲା ଭଳି ପରିସ୍ଥିତି ଆସି ପହଞ୍ଚିଯାଏ। ବାସ୍ ସ୍ଥାନ ଓ ସମୟ ଗୁରୁତ୍ୱ ବହନ କରେ। ଏଇ ଯେମିତି ସୁଭଦ୍ରାଙ୍କ କ୍ଷେତ୍ରରେ ଘଟିଛି। ଦିନେ ତାଙ୍କୁ ବଞ୍ଚିରହିବା ପାଇଁ ଆଶ୍ରା ଦେଇଥିଲା ଆଶ୍ରମ, ଆଜି ସେହିସ୍ଥାନରୁ ସେ ପାଇଛନ୍ତି ଜୀବନସାଥୀ। ଏଣିକି ସବୁ ଦୁଃଖକୁ ପଛରେ ପକାଇ ଏକ ସୁଖଦ ଜୀବନ ସାଉଁଟିବାକୁ ଆଶା ବାନ୍ଧିଛନ୍ତି ସୁଭଦ୍ରା।**

କଟକ ଅଫିସ,୩।୧

ସୋମବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଯାଜପୁର ଜିଲା ଜେନାପୁର ଗ୍ରାମର ସୁଭଦ୍ରା ମହାପାତ୍ର। ଓଡ଼ିଆ ଘରର ସମସ୍ତ ରୀତିନୀତି ଅନୁସାରେ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ କଟକ ଜିଲାର ଅସୁରେଶ୍ୱର ଗ୍ରାମର ସୁଭାଷ ମହାପାତ୍ରଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଛି। ଶିକ୍ଷାଶ୍ରମ ପକ୍ଷରୁ ଏହି ବିବାହ ଉତ୍ସବ ପାଇଁ ସମସ୍ତ ଆୟୋଜନ କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ସୁଭଦ୍ରା ପିଲାବେଳେ ବାପାଙ୍କୁ ହରାଇଥିଲେ। ପରବର୍ତ୍ତୀ ସମୟରେ ବହୁ ଦୁଃଖକଷ୍ଟରେ ରହି ପାଠ ପଢିଥିଲେ। କିଛିବର୍ଷ ପୂର୍ବେ ତାଙ୍କ ମାଆ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ଫଳରେ ପରିବାର ଚଳିବା କଷ୍ଟକର ହୋଇପଡିଲା। ଉପାୟଶୂନ୍ୟ ହୋଇ ୨୦୧୬ରେ ସୁଭଦ୍ରା ମାଆଙ୍କୁ ଧରି ଶୋଭନୀୟ ଶିକ୍ଷାଶ୍ରମରେ ପହଞ୍ଚିଥିଲେ। ନିଜର ଦୁଃଖଭରା କାହାଣୀକୁ ଶିକ୍ଷାଶ୍ରମର କର୍ମକର୍ତ୍ତାଙ୍କୁ କହି କାନ୍ଦି ପକାଇଥିଲେ। ସେତେବେଳକୁ ତାଙ୍କର ୧୯ ବର୍ଷ ହୋଇଥିଲା। ଶିକ୍ଷାଶ୍ରମ କର୍ମକର୍ତ୍ତା ତାଙ୍କୁ ଏଭଳି ଅସହାୟ ଅବସ୍ଥାରେ ଦେଖି ସେଠାରେ ରହିବାକୁ ଅନୁମତି ଦେଇଥିଲେ। ସେହି ଦିନଠାରୁ ସୁଭଦ୍ରା ଶିକ୍ଷାଶ୍ରମରେ ରହିବା ସହ ସେଠାକାର ବିଦ୍ୟାର୍ଥୀଙ୍କ ସେବାରେ ନିଜକୁ ସାମିଲ କରିଥିଲେ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଥିବାରୁ ସେ ପିଲାମାନଙ୍କୁ ପାଠ ପଢାଉଥିଲେ। ଅନ୍ୟପକ୍ଷରେ ସୁଭାଷଙ୍କର ମହାନଦୀ ବିହାରଠାରେ ଔଷଧ ଦୋକାନ ରହିଛି। ସେ କୌଣସି କାମରେ ଉକ୍ତ ଶିକ୍ଷାଶ୍ରମକୁ ଯାଇଥିବାବେଳେ ସେଠାରେ ସୁଭଦ୍ରାଙ୍କୁ ଦେଖିବାକୁ ପାଇଥିଲେ। ପ୍ରଥମ ଦେଖାରେ ତାଙ୍କୁ ଜୀବନସାଥୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସୁଭାଷ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ବିବାହ ପ୍ରସ୍ତାବ ନେଇ ଶିକ୍ଷାଶ୍ରମରେ ପହଞ୍ଚିଥିଲେ। ସେଠାରେ ସେମାନେ ଏ ସମ୍ପର୍କରେ ଆଲୋଚନା କରିବା ପରେ ଶିକ୍ଷାଶ୍ରମ ଅନ୍ତେବାସୀ ରାଜି ହୋଇଥିଲେ। ସେହିପରି ସୁଭଦ୍ରା ମଧ୍ୟ ଏହି ପ୍ରସ୍ତାବରେ ରାଜି ହୋଇଥିଲେ। ଫଳରେ ସୋମବାର ଶିକ୍ଷାଶ୍ରମରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସୁଭଦ୍ରାଙ୍କ ମା'ଙ୍କୁ ନିଜ ଘରେ ରଖିବା ପାଇଁ ସୁଭାଷ କହିଛନ୍ତି। ଏହି ବିବାହ ଉତ୍ସବରେ ଶିକ୍ଷାଶ୍ରମର ସତ୍ୟଭାମା ଦେବୀ, ବନଲତା ଦେବୀ, ଅରୁନ୍ଧତୀ ଦେବୀ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଜିଲା ଶିଶୁସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସମେତ ଶିକ୍ଷାଶ୍ରମର ବହୁ ବିଦ୍ୟାର୍ଥୀ ଓ ସୁଭଦ୍ରାଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ।



ସୁଭଦ୍ରା



ସୁଭାଷ

# ସ୍ୱର୍ଶ ହସ୍ପିଟାଲ ପକ୍ଷରୁ ଆରୋଗ୍ୟ ୨୦୨୦

**ଭୁବନେଶ୍ୱର,୩-୨:** ସ୍ୱର୍ଶ ହସ୍ପିଟାଲ ପକ୍ଷରୁ ଏହାର ୧୩ତମ ସ୍ୱନକ୍ଷତ୍ର ଉତ୍ସବ 'ଆରୋଗ୍ୟ ୨୦୨୦' ପାଳିତ ହୋଇଯାଇଛି। ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ୱର୍ଶ ଏକ ପ୍ରମୁଖ ସ୍ଥାନରେ ରହିବା ସହ ସୁଲଭ ମୂଲ୍ୟରେ ଲୋକଙ୍କୁ ସେବା ଯୋଗାଣ ଧାରା ଜାରି ରଖିଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। କ୍ୟାନସରର ବିଶ୍ୱ ସ୍ତରୀୟ ଚିକିତ୍ସା ଏବଂ ଆମେରିକାନ ଅନକୋଲୋଜି ଇନଷ୍ଟିଚ୍ୟୁଟ ସହଭାଗିତାରେ ଏହା କାର୍ଯ୍ୟ କରୁଛି। ହସ୍ପିଟାଲର ସ୍ନାୟୁ ଓ ସ୍ନାୟୁ ଶଲ୍ୟ ବିଭାଗ, ମେରୁଦଣ୍ଡ ଶଲ୍ୟ ଚିକିତ୍ସା ବିଭାଗ ଏବଂ ଲାପାରୋସ୍କୋପିକ ଶଲ୍ୟ ଚିକିତ୍ସା ବିଭାଗ ଚିକିତ୍ସା କ୍ଷେତ୍ରରେ ସଫଳତା ହାସଲ କରିଥିବା ଏଥିରେ ବକ୍ତାମାନେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିଲେ। ହସ୍ପିଟାଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରିୟବ୍ରତ ଧୀର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଘନଶ୍ୟାମ ବିଶ୍ୱାସ, ବିତ୍ତ ନିର୍ଦ୍ଦେଶକ ବିଧୁ ଭୂଷଣ ନାୟକ, ନିର୍ମଳା ଟ୍ରଷ୍ଟର ଅଧ୍ୟକ୍ଷ ନୃସିଂହ ଚରଣ ଧୀର, ଚିକିତ୍ସା ଅଧୀକ୍ଷକ ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଟ୍ରେଡ୍ ଲାଇସେନ୍ସର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩।୨(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରାଜସ୍ୱ ଆଦାୟ କରିବାରେ ପ୍ରତ୍ୟେକ ବର୍ଷ ବିଫଳ ହେଉଥିବା ସତ୍ତ୍ୱେ ଏଯାବତ୍ କର୍ମଚାରୀଙ୍କ ନିଦ ଭାଙ୍ଗୁନି। କିଛିଦିନ ତଳେ ଟ୍ରେଡ଼ ଲାଇସେନ୍ସ ଓ ହୋଲ୍ଡିଂ ଟ୍ୟାକ୍ସ ଅନ୍‌ଲାଇନ୍‌ରେ ଆଦାୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ସୋମବାର ଏସ୍‌ଏଚ୍‌ଜି ମହିଳା ଓ ୱାର୍ଡ ଅଫିସରଙ୍କୁ ପିଓଏସ ମେଶିନ୍ ବଣ୍ଟନ କରାଯାଇଛି। ହେଲେ ଏଯାବତ୍ ଅନ୍‌ଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସର କୌଣସି ତଥ୍ୟ ଦିଆଯାଇ ପାରିନାହିଁ। ଏ ନେଇ ବିଏମ୍‌ସିର ଆଇଟି ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନରଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ବିଏମ୍‌ସି ଦକ୍ଷିଣ ପୂର୍ବ ଓ ଦକ୍ଷିଣ ପଶ୍ଚିମ ଜୋନର ଡେପୁଟି କମିଶନରଙ୍କୁ ଚିଠି କରିଛନ୍ତି। ଉକ୍ତ ଚିଠିରେ ସେ ଟ୍ରେଡ ଲାଇସେନ୍ସ ପାଇଁ ଆବଶ୍ୟକ ଥିବା ତଥ୍ୟକୁ ଶୀଘ୍ର ପ୍ରଦାନ କରିବାକୁ କହିଥିବା ବେଳେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା କରାଯାଇଥିବା ୱେବ୍ ପୋର୍ଟାଲରେ ତାକୁ ଅପ୍‌ଲୋଡ଼ କରାଯିବ ବୋଲି ଦର୍ଶାଯାଇଛି। ସର୍ବଶେଷ ତଥ୍ୟ ନ ଥିବାରୁ ତଥ୍ୟଗୁଡ଼ିକୁ ୱେବ ସାଇଟ୍‌କୁ ଅପ୍‌ଲୋଡ଼ କରି ହେଉନାହିଁ। ତେଣୁ ଶୀଘ୍ର ସମସ୍ତ ତଥ୍ୟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ବିଏମ୍‌ସି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବ ବୋଲି ସଫେଇ ଦେଉଥିବା ବେଳେ କର୍ତ୍ତୃପକ୍ଷଙ୍କ ମନମାନୀ କାର୍ଯ୍ୟକଳାପ ଓ ଅପାରଗତା ପାଇଁ କୌଣସିଟି ବି ଏଯାବତ୍ ସରି ପାରିନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଏହି ଚିଠିରେ ଦେଖିବାକୁ ମିଳିଛି। ସାମାନ୍ୟ ଟ୍ରେଡ ଲାଇସେନ୍ସ ତଥ୍ୟ ଦେବାରେ ବିଏମ୍‌ସି ଜୋନାଲ ଡେପୁଟି କମିଶନରଙ୍କ ଅହେତୁକ ବିଳମ୍ବ ଏବେ ସେମାନଙ୍କ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଡିଏଭି ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ୧୦ ଛାତ୍ରୀଙ୍କୁ ହାଜର ନିର୍ଦ୍ଦେଶ

ଭୁବନେଶ୍ୱର,୩।୨(ବ୍ୟୁରୋ)

- **ପୋଲିସର ଅବହେଳାକୁ ଓଏଚ୍‌ଆର୍‌ସିଙ୍କ ଭର୍ତ୍ସନା**
- **ହଷ୍ଟେଲ ୱାର୍ଡେନ, ପ୍ରିନ୍ସିପାଲ, ରିଜିଓନାଲ ଅଫିସର, ତଦନ୍ତକାରୀ ଅଧିକାରୀଙ୍କୁ ମଧ ନୋଟିସ**
- **କମିଶନଙ୍କ ନିକଟରେ ପକ୍ଷ ରଖିବେ**

ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ବିବିଏ ଛାତ୍ରୀ ତନୟା ବାନାର୍ଜୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତରେ କ୍ୟାପିଟାଲ ଥାନା ପୋଲିସ ଅବହେଳା କରିଛି। ଏନେଇ ରିପୋର୍ଟ ପାଇବା ପରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅସନ୍ତୋଷ ବ୍ୟକ୍ତ କରିବା ସହ ତଦନ୍ତକାରୀ ଅଧିକାରୀଙ୍କୁ ଭତ୍ସନା କରିଛନ୍ତି। ଏହାସହ ତନୟାଙ୍କୁ ନିର୍ଯାତନା ଦେଇଥିବା ୧୦ ଛାତ୍ରୀଙ୍କୁ ଆସନ୍ତା ମାର୍ଚ୍ଚ ୩ରେ ବ୍ୟକ୍ତିଗତଭାବେ ହାଜର ହୋଇ ପକ୍ଷ ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିକ୍ଷାନୁଷ୍ଠାନର ହଷ୍ଟେଲ ୱାର୍ଡେନ, ପ୍ରିନ୍ସିପାଲ, ଡିଏଭି ଇନଷ୍ଟିଚ୍ୟୁଶନ୍ସ ଇଷ୍ଟେନ ଜୋନ-୧ ରିଜିଓନାଲ ଅଫିସର, କ୍ୟାପିଟାଲ ଥାନା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀଙ୍କୁ ମାର୍ଚ୍ଚ ୩ରେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ତନୟା ବି.କମ୍ ଦ୍ୱିତୀୟ ବର୍ଷରେ ପଢୁଥିଲେ। ୨୦୧୭ ନଭେମ୍ବର ୨୮ ସକାଳେ ତନୟାଙ୍କ ମୃତଦେହ ହଷ୍ଟେଲରୁ ଉଦ୍ଧାର କରାଯାଇଥିଲା। ସେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ସ୍କୁଲ କର୍ତ୍ତୃପକ୍ଷ କହିଥିଲେ। କିନ୍ତୁ ତନୟାଙ୍କ ପରିବାର ଲୋକେ ପହଞ୍ଚିବା ପୂର୍ବରୁ ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲା। ସିନିୟର ଛାତ୍ରୀମାନେ କସ୍‌ମେଟିକ୍ ଚୋରି ଅଭିଯୋଗ ଆଣି ତନୟାଙ୍କୁ ନିର୍ଯାତନା ଦେଉଥିଲେ। ତାହା ଅତିଷ୍ଠ ହେବାରୁ ତନୟା ଆତ୍ମହତ୍ୟା କରିଥିବା ତାଙ୍କ ମା' ଅଭିଯୋଗ କରିଥିଲେ। ଏପରି କି ନିର୍ଯାତନା ସମ୍ପର୍କରେ ତନୟା ତାଙ୍କୁ ଫୋନରେ ଜଣାଇଥିବା ତାଙ୍କ ମା' କହିଥିଲେ। ଏନେଇ ତନୟାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନାରେ ଏକ ମାମଲା(୫୨୮/୨୦୧୭) ରୁଜୁ କରାଯାଇଥିଲା। କିନ୍ତୁ ପୋଲିସର ତଦନ୍ତ ଆଗକୁ ବଢ଼ି ନ ଥିଲା। ପୋଲିସର ଶିଥିଳ ତଦନ୍ତକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ କମିଶନ ନିଜସ୍ୱ ତଦନ୍ତ ଶାଖା ଦ୍ୱାରା ଘଟଣାର ତଦନ୍ତ କରାଇଥିଲେ। ଇତିମଧ୍ୟରେ ତଦନ୍ତ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ ହୋଇଥିଲା। ସେଥିରେ ତନୟାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦିଆଯାଇଥିବା ଏବଂ କ୍ୟାପିଟାଲ ଥାନାର ତଦନ୍ତକାରୀ ଅଧିକାରୀ ଉପଯୁକ୍ତ ଭାବେ ତଦନ୍ତ କରି ନ ଥିବା ଦର୍ଶାଯାଇଥିଲା। ତାହାକୁ ଆଧାରକରି ୧୦ ଛାତ୍ରୀ ଓ ଅନ୍ୟମାନଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ବ୍ରଜେଶ



ପ୍ରମୋଦ



ତପନକାନ୍ତି



ହୃଷିକେଶ



ସତ୍ୟପ୍ରକାଶ



ଆର୍.କେ. ବିଶୋୟୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

# ଗିରିମା ଗାଁରୁ ହରିଣ ଉଦ୍ଧାର

ଗୋପ, ୩।୨(ଡି.ଏନ୍.ଏ.)



ବାଲୁଖଣ୍ଡ ଅଭୟାରଣ୍ୟରେ ଥିବା ହରିଣମାନେ ବିଭିନ୍ନ ସମୟରେ ଖାଦ୍ୟ ଓ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି। ସୋମବାର ଗୋପ ବ୍ଲକ୍‌ର ଗିରିମା ଗ୍ରାମକୁ ଏକ ଅଣ୍ଡିରା ହରିଣ ପଶିଆସିଥିଲା। ଏହାକୁ ଗ୍ରାମବାସୀ ଉଦ୍ଧାର କରି କୋଣାର୍କ ବନବିଭାଗ ଜିମା ଦେଇଛନ୍ତି।

ବାଲୁଖଣ୍ଡ ଅଭୟାରଣ୍ୟରେ ହଜାର ହଜାର ସଂଖ୍ୟାରେ ହରିଣ ରହିଛନ୍ତି। ତେବେ ପର୍ଯ୍ୟାପ୍ତ ଖାଦ୍ୟ ଓ ପାଣି ନ ପାଇଲେ ସେମାନେ ଗାଁ ଭିତରକୁ ପଶିଆସୁଛନ୍ତି। ବେଳେବେଳେ ଲୋକଙ୍କ ହାବୁଡ଼ରେ ହରିଣ ପଡ଼ିଲେ ମାରି ଦିଆଯାଉଥିବା ଅଭିଯୋଗ ହେଉଛି। ସୋମବାର ମଧ୍ୟାହ୍ନରେ ଗିରିମା ଗାଁ ଭିତରେ ଏକ ଅଣ୍ଡିରା ହରିଣ ଦୌଡୁଥିବା ବେଳେ ଏହା ମନୋରଞ୍ଜନ ମହାନ୍ତିଙ୍କ ନଜରରେ ପଡ଼ିଥିଲା। ସେ ହରିଣକୁ ଧରିବା ଲାଗି ଚେଷ୍ଟା କରିଥିଲେ। ମାତ୍ର ହରିଣଟି ଗ୍ରାମର ଦୀନବନ୍ଧୁଙ୍କ ଘର ଭିତରେ ପଶିଯାଇଥିଲା। ମନୋରଞ୍ଜନ ଓ ଦୀନବନ୍ଧୁ ବହୁ କଷ୍ଟରେ ତାକୁ ଧରିଥିଲେ। ଏହି ସମୟରେ କେତେଜଣ ଲୋକ ହରିଣ ସହ ସେଲ୍ଫି ନେଇଥିଲେ। ପରେ କୋଣାର୍କ ବନ ବିଭାଗକୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା। ଦୀର୍ଘ ଦୁଇଘଣ୍ଟା ପରେ କୋଣାର୍କ ବନ ବିଭାଗର କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ହରିଣ ଶରୀରର କେତେକ ସ୍ଥାନରେ ଖଣ୍ଡିଆଖାବରା ହୋଇଥିବାରୁ ଚିକିତ୍ସା କରାଯାଇ ତାକୁ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଦିଆଯାଇଥିବା କୋଣାର୍କ ବନଖଣ୍ଡ ଅଧିକାରୀ ବେଣୁଧର ବେହେରା କହିଛନ୍ତି।



ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବରେ ସୋମବାର ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।




ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପରିସରରେ ସୋମବାର ଅନୁଷ୍ଠିତ ଗୀତିନାଟ୍ୟ 'ମହାସତୀ ବୃନ୍ଦାବତୀ'ର ଏକ ଦୃଶ୍ୟ।





## ସଂକ୍ଷେପରେ

### ଲୁଟ ଘଟଣାକୁ ୪ ଦିନ ବିତିଲା, ପୋଲିସ ହାତ ଖାଲି

ପୁରୀ ଅଫିସ, ୩।୨: ଶ୍ରୀକ୍ଷେତ୍ରରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ଲୁଟ୍ କରି ଅକ୍ଳେଶରେ ଖସିଯାଉଛନ୍ତି। ଟେର ପାଉନି ପୋଲିସ। ଶୁକ୍ରବାର ସମୁଦ୍ରକୂଳ ଥାନା ଅଧୀନ ସିଟି ରୋଡ ଅନ୍ତର୍ଗତ ସୁଶାନ୍ତ ନାୟକଙ୍କ ଘରୁ ଦ୍ୱିପହରରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ ହୋଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ୪ଦିନ ବିତିଲାଣି। ମାତ୍ର ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି। କେବଳ ମାମଲା ରୁଜୁ କରି ଚୁପ ବସିଛି ପୋଲିସ। ଅନ୍ୟପକ୍ଷରେ ଏହି ଘଟଣାରେ ଟାଉନ ଥାନା ପୋଲିସ ଜଣକୁ ତିନି ସପ୍ତାହ ଧରି ଅଟକ ରଖି ଜେରା କରିଥିଲା। ତାଙ୍କ ବୟାନ ଭିତ୍ତିରେ ପୁରୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର, ମଧ୍ୟପ୍ରଦେଶକୁ ଯାଇ ବିଭିନ୍ନ ସ୍ଥାନରେ ଚଢାଉ କରିବା ସତ୍ତ୍ୱେ କୌଣସି ସୁରାକ ପାଇପାରି ନାହିଁ। ଅନ୍ୟପଟେ ସହରରେ ଲାଗିଥିବା ସିସିଟିଭିଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଅନେକ ଅପରାଧିକ ଗତିବିଧି ଉପରେ ପୋଲିସକୁ ସୁରାକ ମିଳିବା କଷ୍ଟକର ହୋଇପଡୁଛି।

### ସାହିଭାଇ ପକ୍ଷରୁ ମିଶନ ହସ୍ପିଟାଲ ଅଭିଯାନ

ପୁରୀ ଅଫିସ, ୩।୨:
ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସାମାଜିକ ଅନୁଷ୍ଠାନ ସାହିଭାଇ ପକ୍ଷରୁ ଆରମ୍ଭ ହୋଇଛି ମିଶନ ହସ୍ପିଟାଲ ଅଭିଯାନ। ଏ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇ ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଲୋକଙ୍କୁ ବିଭିନ୍ନ ସେବା ସମ୍ପର୍କରେ ଜଣାଇବା ସହ ସେମାନଙ୍କୁ ଚିକିତ୍ସାରେ ସହଯୋଗ କରାଯିବା ପାଇଁ ଏକ ଟିମ୍ ଗଠନ କରାଯିବ ବୋଲି ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା, ବିଶ୍ୱଜିତ ମହାନ୍ତି, ସତ୍ୟକାମ ସାହୁ, ରାଜେନ୍ଦ୍ର ଦାସ, ତନ୍ମୟ ଚାଟାର୍ଜୀ, ସୂର୍ଯ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

କଣାସ, ୩।୨(ସ୍ୱ.ପ୍ର.):ପୁରୀ ଜିଲା କଣାସ ବ୍ଲକରେ ବିନା ସୂଚନାରେ ଗତ ୨ ତାରିଖରେ ସକାଳ ୮ଟାରୁ ସନ୍ଧ୍ୟା ୬ଟା ୨୦ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଇଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିୟମାନୁଯାୟୀ, ଯେଉଁଦିନ ବିଦ୍ୟୁତ୍ କାଟ୍ କରାଯାଏ ପୂର୍ବରୁ ଉପୋଭୋକ୍ତାଙ୍କୁ ସୂଚନା ଦିଆଯାଇଥାଏ। କିନ୍ତୁ ଗତ ୨ତାରିଖରେ ବିଦ୍ୟୁତ୍ କାଟ୍ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା।

# ମୃତକ, ବିବାହିତାଙ୍କ ନାଁରେ ରାଶନ ସାମଗ୍ରୀ ହଡ଼ପ

- ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
- ବ୍ଲକ୍ ଯୋଗାଣ ଅଧିକାରୀ କହିଲେ ତଦନ୍ତ ହେବ

ଗୋପ, ୩।୨(ଡି.ଏନ୍.ଏ.):

ଗୋପ ବ୍ଲକ୍‌ରେ ରାଶନ କାର୍ଡ ମାଧ୍ୟମରେ ଚାଉଳ, ଗହମ, କିରୋସିନି ଆଦି ରାଶନ ସାମଗ୍ରୀ ମୃତକ, ବିବାହିତାଙ୍କ ନାମରେ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଗୋପ ବିଡିଓଙ୍କୁ ଟୁଇଟ୍ କରିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗୋପ ବ୍ଲକ୍ ବନ୍ତଳୀ ପଞ୍ଚାୟତ ତରଣା ଓ ମହାପୁର ଗ୍ରାମର ଦୁଇଟି ଅନୁଷ୍ଠାନ ରାଶନ ସାମଗ୍ରୀ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ସେହି ଅଞ୍ଚଳର ରବିନାରାୟଣ ମୁଦୁଲି ଟୁଇଟ୍ କରିବା ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମୃତକ ପିତେଇ ବେହେରା, ମନୋରମା ଦେଈ, ରମାମଣି ଦେଈ, ରମାମଣି ଖଣ୍ଡୁଆଳ, ଅବଳା ସାହୁଙ୍କ ସମେତ କେତେକ ବିବାହିତା ଯୁବତୀଙ୍କ ନାମରେ ଚାଉଳ, ଗହମ, କିରାସିନି ହଡ଼ପ କରାଯାଇଛି। ସେହିପରି ରାଶନ କାର୍ଡ଼ ନମ୍ବର ୨୬୦୪୦୭୧୦୫୦୧ର ହିତାଧିକାରୀ ପ୍ରିୟତମା ସାହୁଙ୍କୁ ଦୀର୍ଘ ଦୁଇବର୍ଷ ଧରି ଚାଉଳ ମିଳି ନ ଥିବା ଅଭିଯୋଗ ମଧ୍ୟ ରହିଛି। ଏ ସମ୍ପର୍କରେ ବ୍ଲକ୍ ଯୋଗାଣ ବିଭାଗକୁ ଡିଲରମାନେ ଲିଖିତ ଅଭିଯୋଗ କରିବା କଥା। କିନ୍ତୁ ସେମାନେ ଚୁପ୍ ବସିଛନ୍ତି। ଏହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏ ନେଇ ଗୋପ ବ୍ଲକ୍ ଯୋଗାଣ ଅଧିକାରୀ ସସ୍ମିତା ସାହୁ କହିଛନ୍ତି, ମୋ ନିକଟରେ ଏପରି ଅଭିଯୋଗ ନାହିଁ। ତେବେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ। ଏଥିସହ ହିତାଧିକାରୀ ପ୍ରିୟତମା ସାହୁଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ।



ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ନାଚି, ଗାଇ ପ୍ରତିଭା ବଖାଣିଲେ ବିଦ୍ୟାର୍ଥୀ

ସାକ୍ଷୀଗୋପାଳ, ୩।୨ ( ଡି.ଏନ.ଏ.):

ବୀରଗୋବିନ୍ଦପୁର ବଡହାଟଠାରେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ରଙ୍ଗମଞ୍ଚରେ ଚାଲିଥିବା ୭ମ ବାର୍ଷିକ ଗୁରୁକୁଳ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ଲୋକନୃତ୍ୟର ତାଳେ ତାଳେ ଗୁରୁକୁଳର ବିଦ୍ୟାର୍ଥୀମାନେ ନାଚି ଗାଇ ନିଜ ନିଜର ପ୍ରତିଭା ବଖାଣିବାରେ ସଫଳ ହୋଇଥିଲେ। ମନୋବିଜ୍ଞାନ ଅଧ୍ୟାପକ ଡ. ବି. କେ. ଦାସ ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟଅତିଥି ଭାବରେ ଯୋଗଦେଇ ଗୁରୁକୁଳର ଶାନ୍ତ ସବୁଜିମା ପରିବେଶ ସାଙ୍ଗକୁ ବିଦ୍ୟାର୍ଥୀମାନଙ୍କର ସାଧନା ବେଶ୍ ଚିତ୍ତାକର୍ଷକ ବୋଲି କହିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ଡ. ରାମହରି ଦାସ, ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହିଥିଲେ। ଗୁରୁକୁଳର ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ, ପଲ୍ଲୀନୃତ୍ୟ, ମେଳ ଓଡ଼ିଶୀ ସଙ୍ଗୀତ ଓ ଶାସ୍ତ୍ରୀୟ ଗାୟନ ଏବଂ ବୃନ୍ଦ ମର୍ଦ୍ଦଳ ବାଦନ ପରିବେଷଣ କରିଥିଲେ। ସଙ୍ଗୀତ ସାଧିକା ଗୀତାମଞ୍ଜରୀ ବେହେରାଙ୍କ ଏକକ ଓଡ଼ିଶୀ ଗାୟନ, ଗୁରୁ ଅମିତ କୁମାର ଦାସ ଓ ସାଥୀ ବୃନ୍ଦଯନ୍ତ୍ର ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଝଙ୍କଡଶ୍ରୀ ସାଂସ୍କୃତିକ ଅନୁଷ୍ଠାନର ଗୁରୁ ସୁକାନ୍ତ କୁମାର ସାହୁ ଓ ସାଥୀ କଳାକାରମାନେ ଗୀତିନାଟ୍ୟ ମାୟା ଶବରୀ ପରିବେଷଣ କରି ଦର୍ଶକମାନଙ୍କର ମନକୁ ମୋହିଥିଲା। ଆଇନଜୀବୀ ଅଞ୍ଜନ ହୋତା ସଂଯୋଜନା କରିଥିବା ବେଳେ ଗୁରୁକୁଳର ସଚିବ ହିମାଂଶୁ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରାଗ, ଛାନ୍ଦ, ଚମ୍ପୂରେ କମ୍ପିଲା ମଞ୍ଚ



ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଦୁଇ ନୃତ୍ୟଗୁରୁ।

**ଓଡ଼ିଶୀ ସଙ୍ଗୀତ ସମାରୋହ**

ପୁରୀ ଅଫିସ, ୩।୨:

ଓଡ଼ିଶା ମ୍ୟୁଜିକ୍ ଏକାଡେମୀ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର ଓଡ଼ିଶୀ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅନୁଷ୍ଠାନର ସଭାପତି ପଦ୍ମିନୀ ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ମହୀମୋହନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ।

ଏହି ଅବସରରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ଗୁରୁ ବାସୁଦେବ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶୀ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସିପ୍ରା ମହାନ୍ତି, ସଙ୍ଗୀତା ପଣ୍ଡା, କାର୍ତ୍ତିକ କୁମାର ସାହୁ, ବିଜୟିନୀ ବେହେରା, ଗୌରାଙ୍ଗ ଚରଣ ଖୁଣ୍ଟିଆ, ଅଶୋକ କୁମାର ମହାନ୍ତି, ଡ. ବସନ୍ତ କୁମାର ମିଶ୍ର, ନିମକାନ୍ତ ରାଉତରାୟ ରାଗ, ଛାନ୍ଦ, ଚମ୍ପୂ ଗାନ କରିଥିଲେ। ବାଦ୍ୟ ଯନ୍ତ୍ରରେ ଭାଗିରଥି ପ୍ରତିହାରୀ, ବିଜୟ ମହାପାତ୍ର, ରବିନାରାୟଣ ଦାଶ, ଅଶୋକ ଦାସ, ହରିଶ୍ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ମହାପାତ୍ର, ଆଲୋକ କୁମାର ପରିଡ଼ା, ବଟଗୋପାଳ ତ୍ରିପାଠୀ ସହଯୋଗ କରିଥିଲେ। ପ୍ରଫେସର ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବେଆଇନ ମଦ ବିକ୍ରି: ୬ ଗିରଫ

ପୁରୀ ଅଫିସ, ୩।୨:
ବେଆଇନ ମଦ ବିକ୍ରି ଅଭିଯୋଗରେ ଅବକାରୀ ପୋଲିସ ସୋମବାର ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଟିରୋଡ ନୂଆସାହିର କେ. ଅଙ୍କମା, ଜି. ରାମା, ବାଲିନୋଳିଆ ସାହିର ଏଲ୍. ଅଙ୍କୁରାଧା, ସତ୍ୟମା, ବିଶ୍ୱନାଥ ଭୋଇ ଏବଂ ଏସ୍.ଦେଈ। ଏମାନଙ୍କଠାରୁ ବିପୁଳ ପରିମାଣର ଦେଶୀମଦ ଓ ପୋଚ, ରନ୍ଧାମଦ ଜବତ ହୋଇଛି।

### ଡକାୟତି ଯୋଜନା ବେଳେ ୪ ଗିରଫ

ପୁରୀ ଅଫିସ, ୩।୨:
ବାସେଳି ସାହି ଥାନା ଅଞ୍ଚଳରେ ଡକାୟତି ଯୋଜନା ବେଳେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥ ବସ୍ତିର ରମେଶ ବେହେରା (୨୦), ଯୋଗେନ୍ଦ୍ର ଦତ୍ତ (୨୫), ଅକ୍ଷୟ ବେହେରା(୨୫) ଏବଂ ରବି ବେହେରା। ରବିବାର ବିଳମ୍ବିତ ରାତିରେ ଜଗନ୍ନାଥ ବସ୍ତି ଅଞ୍ଚଳରେ ଏହି ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ସମୟରେ ରାତ୍ର ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସଚେତନତା ଶୋଭାଯାତ୍ରା

ପୁରୀ ଅଫିସ, ୩।୨:

ପୁରୀକୁ ସ୍ୱଚ୍ଛ, ସବୁଜ ସହର ଭାବେ ଗଢିତୋଳିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ସଚେତନତା ଉପରେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। ଯଦି ଲୋକେ ସଚେତନ ହୋଇଯିବେ ତେବେ ଯେ କୌଣସି ପ୍ରୟାସ ସଫଳ ହେବ। ତେଣୁ ଏଭଳି ଉଦ୍ଦେଶ୍ୟ ରଖି ରବିବାର 'ଗର୍ବରେ କୁହ ଆମେ ଶ୍ରୀକ୍ଷେତ୍ରବାସୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସେଳି ସାହି ଥାନା ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ମଙ୍ଗଳାଘାଟ ଅଞ୍ଚଳରେ ଘରକୁ ଘର ବୁଲି ସଚେତନ କରାଯାଇଥିଲା। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ, ବାସେଳିସାହି ଥାନା ଏସ୍ଆଇ ବିପ୍ଳବ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜକ ଅନୁଷ୍ଠାନ ସଂକଳ୍ପ ଫାଉଣ୍ଡେଶନର ସଭାପତି ସୁଚରିତା ପାଢୀ, ସମ୍ପାଦକ ଗିରିଜା ମଞ୍ଜରୀ ପଣ୍ଡା, ଆଇନଜୀବୀ ଦୀପକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାହି ସାହି ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା। ଗର୍ବରେ ଆମେ ଶ୍ରୀକ୍ଷେତ୍ରବାସୀ କହିବାକୁ ହେଲେ ୫ଟି ନିୟମକୁ ମାନିବାକୁ ପଡ଼ିବ ବୋଲି ବୁଝାଇ ଦିଆଯାଇଥିଲା। ସେଗୁଡ଼ିକ ହେଉଛି, ଏଠିସେଠି ଅଳିଆ ପକାଇବା ନାହିଁ, ଅଧିକ ଗଛ ଲଗାଇ ଯତ୍ନ ନେବା, ମହାପ୍ରସାଦକୁ ସମ୍ମାନ ଦେବା, ପଲିଥିନ ବ୍ୟବହାରଠାରୁ ଦୂରେଇବା ଏବଂ ଅଯଥା ବିଦ୍ୟୁତ୍ ଓ ପାଣି ସାରିବା ନାହିଁ। ସମସ୍ତେ ଏହି ନିୟମ ମାନିଲେ ନିଜେ ସୁସ୍ଥ ରହିବା ସହ ପରିବେଶ ସୁସ୍ଥ ରହିବ ଏବଂ ଶ୍ରୀକ୍ଷେତ୍ରର ଗରିମା ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଥିଲା।

### ବେଳାଭୂମି ସଫେଇ

କୋଣାର୍କ,୩।୨(ଡି.ଏନ.ଏ)
ଚନ୍ଦ୍ରଭାଗା ତୀର୍ଥ ସଂଲଗ୍ନ ମେଳାପଡିଆ ଓ ବେଳାଭୂମି ଅଞ୍ଚଳରେ ପଡ଼ିରହିଥିବା ଆବର୍ଜନାକୁ ବିଚିତ୍ର ଫାଉଣ୍ଡେଶନ ପକ୍ଷରୁ କେତେକାଂଶରେ ସଫା କରାଯାଇଛି। ଫାଉଣ୍ଡେଶନ ପ୍ରତିଷ୍ଠାତା ବିଚିତ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ସାମାଜିକକର୍ମୀ ରାମକୃଷ୍ଣ ମହାନ୍ତି ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ସାହୁ, ଶୁଭ୍ରାଂଶୁ ସେଠୀଙ୍କ ସମେତ ୪୦ଜଣ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

# ଶିକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ

- ପୁରାତନ ଛାତ୍ର ସଂସଦ ବୈଠକ



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

କଣାସ,୩।୨(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ସାହୁପଡା ପଞ୍ଚାୟତର ଗ୍ରାମେଶ୍ୱର ବିଶ୍ୱନାଥ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ବୈଠକ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାୟ ୧୫ ବର୍ଷ ହେବ ସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ଏହା ସହିତ ଜଣେ ଇତିହାସ ତଥା ଭୂଗୋଳ ଶିକ୍ଷକଙ୍କୁ ୫ବର୍ଷ ହେବ ଡେପୁଟେସନରେ ପୁରୀକୁ ପଠାଯାଇଛି। ଜଣେ ବିଜ୍ଞାନ ଶିକ୍ଷକ ୩ଦିନ ଏହି ବିଦ୍ୟାଳୟରେ ପଢ଼ାଉଥିବା ବେଳେ ଅନ୍ୟ ୩ଦିନ ବଳଭଦ୍ର ହାଇସ୍କୁଲରେ ପଢ଼ାଇବାକୁ ଦିୟିତ୍ୱ ଦିଆଯାଇଛି। ସେହିପରି ଖେଳ ଶିକ୍ଷକ ୩ଦିନ ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୩ଦିନ ଅନ୍ୟ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇ ନ ଥିବା ଯୋଗୁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏ ନେଇ ସମସ୍ତ ପୁରାତନ ଛାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟରେ ୨୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଜଣାପଡିଛି। ତୁରନ୍ତ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବାସହ ଖାଲି ପଡିଥିବା ଶିକ୍ଷକ ପଦବୀ ଏକ ମାସ ମଧ୍ୟରେ ପୂରଣ କରା ନ ଯାଏ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହି ବୈଠକରେ ଅର୍ଜୁନ ସାମନ୍ତରାୟ, ଦେବନ୍ଦ୍ର ମିଶ୍ର, ଭିକାରୀ ଗୁମାନସିଂହ, ବିଜୟ ପାଲଟାସିଂହ, ବ୍ରଜକିଶୋର ବେହେରା, ବିଜୟ ମହାପାତ୍ର, ରାଜକିଶୋର ବେହେରା, କିଶୋର ମାର୍ଥାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇଥିଲେ।

# ଅଧ୍ୟକ୍ଷ, ଅଧ୍ୟାପକଙ୍କୁ ତାଲା ପକାଇଲେ ବିଦ୍ୟାର୍ଥୀ

**ଜଟଣୀ କଲେଜ ପ୍ରତିଷ୍ଠା ଦିବସକୁ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ**

ଜଟଣୀ,୩।୨(ଡି.ଏନ.ଏ.):

ଜଟଣୀ କଲେଜର ପ୍ରତିଷ୍ଠା ଦିବସକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କ କୋଠରିକୁ ସୋମବାର ତାଲା ପକାଇ ଦେଇଥିଲେ। ଫଳରେ ଅଧ୍ୟକ୍ଷ, କେତେଜଣ ଅଧ୍ୟାପକ ଓ କର୍ମଚାରୀ ଅଧଘଣ୍ଟା ପାଖାପାଖି ବନ୍ଦ କୋଠରି ମଧ୍ୟରେ ରହିଥିଲେ। କଲେଜର ୪୪ତମ ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୧ ତାରିଖରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଯାଉଛି। ତେବେ କଲେଜ ପରିସରର ଖୋଲା ସ୍ଥାନରେ ଥିବା ଷ୍ଟେଜରେ ଏହି ଉତ୍ସବ କରିବାକୁ ଅନେକ ଛାତ୍ରୀଛାତ୍ର ପୂର୍ବରୁ ଅଧ୍ୟକ୍ଷଙ୍କୁ କହିଥିଲେ। ହେଲେ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହେବାକୁ ଯାଉଥିବା ଜାଣିବା ପରେ ଅନେକ ବିଦ୍ୟାର୍ଥୀ ଏଥିରେ କ୍ଷୁବ୍ଧ ହୋଇପଡ଼ିଥିଲେ। ପ୍ରତିବାଦରେ ସୋମବାର ଅଧ୍ୟକ୍ଷଙ୍କ ଚାମ୍ବରକୁ ତାଲା ପକାଇ ଦେଇଥିଲେ। ଚାମ୍ବର ମଧ୍ୟରେ ଅଧ୍ୟକ୍ଷଙ୍କ ସମେତ ୪ ଜଣ ଅଧ୍ୟାପକ ଓ ଜଣେ ପିଅନ ରହି ଯାଇଥିଲେ। ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୁଝାଶୁଝା କରିବା ପରେ ବିଦ୍ୟାର୍ଥୀମାନେ ତାଲା ଖୋଲିଥିଲେ। ଖବରପାଇ ପୋଲିସ ମଧ୍ୟ କଲେଜରେ ପହଞ୍ଚିଥିଲା। ଏ ନେଇ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର କୁହନ୍ତି, ସରକାରଙ୍କ ନିଷ୍ପତ୍ତିକ୍ରମେ କୌଣସି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ଏଣୁ ନିର୍ବାଚିତ ପ୍ରତିନିଧି କେହିନାହାନ୍ତି। ଅପରପକ୍ଷରେ ଧାରାବାହିକ ଭାବେ ଏପ୍ରିଲ ପର୍ଯ୍ୟନ୍ତ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ପରୀକ୍ଷା ଚାଲିବ। ବିଦ୍ୟାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ମିଳନୀ କକ୍ଷରେ ଏହି ଉତ୍ସବ ଆୟୋଜନ କରାଯାଉଥିବା ସେ କହିଛନ୍ତି। କୋଠରିରେ ତାଲା ପକାଇଥିବା କେତେଜଣ ଛାତ୍ରଙ୍କ ନାମରେ ଅଧ୍ୟକ୍ଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।







ଜଟଣୀ କଲେଜ ଅଧ୍ୟକ୍ଷଙ୍କ କୋଠରିରେ ପିଲାମାନେ ତାଲା ପକାଉଛନ୍ତି।

# ଏସ୍‌ସିଏସ୍ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଛାତ୍ରୀଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ଚାଲିଛି।

- ସାଧବ, ରୋଜାଲିନ୍ ଚାମ୍ପିୟନ
- କ୍ରିକେଟରେ ଷ୍ଟାର ଷ୍ଟ୍ରାଇକ ବାଜି ମାରିଲା

ପୁରୀ ଅଫିସ, ୩।୨:

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୭୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ସିଂହଦ୍ୱାରଠାରୁ ଶତାଧିକ ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ବାହାରି କଲେଜ ପଡ଼ିଆରେ ପହଞ୍ଚିଥିଲେ। ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସାଧବ ପୃଷ୍ଟି ଏବଂ ପ୍ରଥମ ବର୍ଷ କଳା ଛାତ୍ରୀ ରୋଜାଲିନ୍ ନାୟକ ଚଳିତବର୍ଷ ଚାମ୍ପିୟନ ହୋଇଛନ୍ତି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷାଙ୍କ ସମେତ ଉପାଧ୍ୟକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ଅତିଥି ଭାବେ ଯୋଗଦେଇ ସୁସ୍ଥ ମନ ଓ ଶରୀର ପାଇଁ କ୍ରୀଡ଼ା ପ୍ରତିଯୋଗିତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଗୌତମ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଅଧ୍ୟାପକ ରଞ୍ଜିତ କୁମାର ମିଶ୍ର, ହରିହର କର, ରାଜକିଶୋର ମହାନ୍ତି, ଗୀତାଞ୍ଜଳି ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଡ. ଦିଲୀପ କୁମାର ସ୍ୱାଇଁ, ଡ. ଶୁଭେନ୍ଦୁ କୁମାର ପରିଡ଼ା, ଡ. ନମିତା ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ସନ୍‌ଷ୍ଟ୍ରାଇକ୍ ଟିମ୍ ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୨ ରନ ସଂଗ୍ରହ କରିଥିଲା। ଜବାବରେ 'ଘାଇଲା ବାଘ ଟିମ୍' ଅଲ୍‌ଆଉଟ୍ ହୋଇ ୫୩ ରନ କରିଥିଲା। ଫଳରେ ସନ୍‌ଷ୍ଟ୍ରାଇକ୍ ଟିମ୍ ମ୍ୟାଚ୍ ଜିତିବା ସହ ଚାମ୍ପିୟନ ହୋଇଥିଲା। ଅମରେଶ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଓମ୍ ପ୍ରସାଦ ମହାନ୍ତି ଓ ଦିବ୍ୟ ପ୍ରସାଦ ଜାଲି ରେଫରି ଦାୟିତ୍ୱ ତୁଲାଇଥିଲେ।

ଗୃହରେ ରହି ସତ୍‌ଚିନ୍ତା କଲେ ସାଧୁସଙ୍ଗର ଫଳ ଲାଭ ହୁଏ, କିନ୍ତୁ ସାଧୁମାନଙ୍କ ସଙ୍ଗରେ ରହି ବିଷୟାଳାପ କଲେ, ତାହା ସତ୍‌ସଙ୍ଗ ମଧ୍ୟରେ ଗଣ୍ୟ ନୁହେଁ।
- ସ୍ୱାମୀ ବିବେକାନନ୍ଦ







ଖଣ୍ଡଗିରି କୁମ୍ଭମେଳାରେ ଯୋଗଦେଇଥିବା ସାଧୁସନ୍ଥ ଓ ଶ୍ରଦ୍ଧାଳୁ।

# ଜମିଲାଣି ଖଣ୍ଡଗିରି କୁମ୍ଭମେଳା



ମେଳା ପରିସରରେ ଲୋକଙ୍କ ଭିଡ଼।

ଭୁବନେଶ୍ୱର,୩।୨(ବ୍ୟୁରୋ)

ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ସୋମବାର ତୃତୀୟ ଦିନରେ ପହଞ୍ଚିଛି। ସାଧୁସନ୍ଥଙ୍କ ଜପତପ, ବେଦପାଠ, ହୋମ ଯଜ୍ଞ ସହ ଭଜନକୀର୍ତ୍ତନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଇତିମଧ୍ୟରେ ୪ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ ହୋଇଥିବାବେଳେ ଦେଶର ବିଭିନ୍ନ ପ୍ରାନ୍ତରୁ ସେମାନଙ୍କ ଆଗମନ ଲାଗି ରହିଛି। ଦିନ ଗଡୁଥିବାବେଳେ ଜମି ଆସୁଛି ଏହି ଐତିହାସିକ ମେଳା। ପାହାଡ଼ ଉପରୁ ପାଦଦେଶ ପର୍ଯ୍ୟନ୍ତ ସକାଳୁ ରାତି ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଉଠୁଛି। ଅପରାହ୍ନରୁ ମେଳା ଆଡକୁ ଲୋକଙ୍କ ସୁଅ ଛୁଟୁଛି। ସାଧୁସନ୍ଥଙ୍କୁ ଆତିଥେୟତା ପ୍ରଦାନ ଲାଗି ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଯଜ୍ଞସ୍ଥଳରେ ଅନ୍ନଛତ୍ର ଓ ସାଧୁଙ୍କ ପାଇଁ ପ୍ରଶାସନ ତରଫରୁ ମଧ୍ୟ ବ୍ୟବସ୍ଥା ହୋଇଛି। ସେହିପରି ଖଣ୍ଡଗିରି ପାହାଡ଼ ଉପରେ ଥିବା ଅଧିଷ୍ଠାତ୍ରୀ ଦେବୀ ବାରଭୁଜା ମନ୍ଦିର ସନ୍ନିକଟ ଅନନ୍ତ ଗୁମ୍ଫା ନିକଟରେ ହୋମ ଯଜ୍ଞ ଚାଲିଛି। ଶ୍ରଦ୍ଧାଳୁମାନେ ସାଧୁଙ୍କ ସାନିଧ୍ୟ ଲାଭ କରୁଛନ୍ତି। ଆଧ୍ୟାତ୍ମିକ ଚିନ୍ତାଧାରା ସହ ମଉଜମସ୍ତିର ସୁଯୋଗ ପାଉଛନ୍ତି ଲୋକେ।

## ଅଣାୟତ୍ତ ଟ୍ରାଫିକ ସମସ୍ୟା



ଖଣ୍ଡଗିରି ମେଳା ଆରମ୍ଭରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇଛି। ସଙ୍କୁଚିତ ରାସ୍ତା ଓ ଅମାନିଆ ଚାଳକଙ୍କ ଲାଗି ଏଭଳି ସମସ୍ୟା ଦେଖାଯାଉଛି। ଦିନଠାରୁ ସନ୍ଧ୍ୟାରେ ସ୍ଥିତି ସବୁଠୁ ବଳିଯାଉଛି। ଘଣ୍ଟା ଘଣ୍ଟା ଟ୍ରାଫିକ୍ ଜାମରେ ଲୋକେ ଫସିରହି ହୀନସ୍ତା ଭୋଗୁଛନ୍ତି। ପୁଣି ଆଗକୁ ଯାତ୍ରା ଆରମ୍ଭ ହେବ। ମେଳାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆହୁରି ବଢ଼ିବ। ସେତେବେଳେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେବ। ଏହା ପୂର୍ବରୁ ପୋଲିସ ଓ ପ୍ରଶାସନ ପକ୍ଷରୁ ଟ୍ରାଫିକ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସୁରକ୍ଷା ପାଇଁ ରାସ୍ତାରେ ୧୬ ସିସିଟିଭି

ମେଳାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ମେଳା ରାସ୍ତାରେ ୧୬ ସିସିଟିଭି ଲଗାଯାଇଛି। ମେଳା ପରିସରରେ ଏକ ଅସ୍ଥାୟୀ କ୍ୟାମ୍ପ କରାଯିବା ସହ ଖଣ୍ଡଗିରି ଥାନା ପୋଲିସ୍ ଦ୍ୱାରା ଏହାର ପରିଚାଳନା କରାଯାଉଛି। ସିସିଟିଭି ସହାୟତାରେ ମେଳା ଉପରେ ପୂରା ନଜର ରଖାଯାଇଥିବାବେଳେ କିଛି ବି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ୫ ପ୍ଲାଟୁନ୍ ପୋଲିସ ନିୟୋଜିତ କରାଯାଇଛି।

## ସ୍ୱଚ୍ଛତା ପ୍ରତି କଡ଼ା ଆଭିମୁଖ୍ୟ

ମେଳାରେ ସୁସ୍ଥ ତଥା ସ୍ୱଚ୍ଛ ପରିବେଶ ବଜାୟ ରଖିବା ପାଇଁ ବିଏମ୍‌ସି ଅଣ୍ଟା ଭିଡ଼ିଛି। ସମସ୍ତ ୩୦୬ ଷ୍ଟଲରେ ଡଷ୍ଟବିନ୍ ବାଧ୍ୟତାମୂଳକ କରାଯାଇଥିବାବେଳେ ପରିବେଶକୁ ସଫା ସୁତୁରା ରଖିବା ପାଇଁ ଦିନକୁ ଦୁଇଥର ସଫେଇ କରାଯାଉଛି। ବିଶେଷକରି ପାହାଡ଼ର ଯଜ୍ଞ ସ୍ଥଳ ଓ ସାଧୁସନ୍ଥଙ୍କ ରହଣି ସ୍ଥଳକୁ ସଫେଇ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିପରି ପାନୀୟ ଜଳ ଓ ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ କହିଛନ୍ତି।









## ଖାଦ୍ୟ ଷ୍ଟଲ୍‌ରେ ଭିଡ଼, ହେଉଛି ମାନ ଯାଞ୍ଚ

ମେଳାର ତୃତୀୟ ଦିନରେ ଲୋକଙ୍କ ସମାଗମ ଅଧିକ ରହିଥିଲା। ମିନା ବଜାର ବୁଲାକୁ ଖେଳକୁଦ ଓ ଖିଆପିଆରେ ମଜିଯାଇଥିଲେ ଲୋକେ। ତେବେ ମେଳା ପରିସରରେ ଖୋଲିଥିବା ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷକରି ଚାଟ୍, ଗୁପ୍‌ଚୁପ୍ ଓ ଫାଷ୍ଟଫୁଡ଼ ଦୋକାନରେ ଲୋକଙ୍କ ଗହଳି ବାରି ହୋଇପଡୁଥିଲା। ସେହିଭଳି କିଏ ଟାଟୁ କରୁଥିଲା ତ ଆଉ କିଏ ମିନାବଜାରରେ ପରିବାର ସହ ବୁଲାବୁଲି କରି କିଣାକିଣିରେ ବ୍ୟସ୍ତ ଥିଲେ। ଅନ୍ୟପକ୍ଷରେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ବିଏମ୍‌ସି ଦ୍ୱାରା ପ୍ରତିଦିନ ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।

ରିପୋର୍ଟ: ସ୍ଥିତପ୍ରଜ୍ଞ ମିଶ୍ର
ଫଟୋ: ବିକାଶ

## ୫ରୁ ଯାତ୍ରା ଲଢ଼େଇ, ଏଥର ୧୨ ଅପେରା

■ ଦୁଲୁକିବ ୬ ଯାତ୍ରା ପଡ଼ିଆ

■ ପ୍ରଥମ ଦିନରେ କମାଲ ଦେଖାଇବେ କୋଣାର୍କ, କଳିଙ୍ଗ

**ଭୁବନେଶ୍ୱର,୩।୨(ବ୍ୟୁରୋ):** ୧ ତାରିଖ ମାଘ ସପ୍ତମୀରୁ ମେଳା ଆରମ୍ଭ ହୋଇଥିବାବେଳେ ୫ରୁ ଆରମ୍ଭ ହେବ ଯାତ୍ରା ଲଢ଼େଇ। ଏଥର ୧୨ଟି ଯାତ୍ରା ଦଳ ପ୍ରତିଯୋଗିତାମୂଳକ ଭାବେ ଖଣ୍ଡଗିରି ପାଦଦେଶ ଓ ଆଖପାଖ ପଡ଼ିଆରେ ମୁହାଁମୁହିଁ ହେବେ। ୬ ସ୍ଥାନରେ ଯାତ୍ରା ମଞ୍ଚସ୍ଥ ହେବାକୁ ଥିବାବେଳେ ଯାତ୍ରା ପଡ଼ିଆ ଦୁଲୁକି ଉଠିବ। ଚଳିତବର୍ଷ ବରମୁଣ୍ଡା ବାରଭୂଜା କମିଟି ପକ୍ଷରୁ ଯାତ୍ରା ଦେଖିବାର ସୁଯୋଗ ମିଳିବ ନାହିଁ। କମିଟି ପକ୍ଷରୁ ଆସୁଥିବା କୋଣାର୍କ ଓ ଶିବାନୀ ଗଣନାଟ୍ୟକୁ ଏଥର ଅନ୍ୟ ଯାତ୍ରା ପେଣ୍ଡାଲରେ ଦେଖିବାର ସୁଯୋଗ ମିଳିବ। ଖଣ୍ଡଗିରି ମହତାବ ଯାତ୍ରା ପେଣ୍ଡାଲ୍ ଓ ସନାତନ ସେବା ସମିତି ପଡ଼ିଆରେ ୩ ପର୍ଯ୍ୟାୟରେ ଯାତ୍ରା ମଞ୍ଚସ୍ଥ ହେବ। ସେହିପରି ଇନ୍ଦିରା ସାଂସ୍କୃତିକ ସଂଘ ପକ୍ଷରୁ କଳିଙ୍ଗ ପେଣ୍ଡାଲ୍ ପଡ଼ିଆ ଏବଂ ମା' ମଙ୍ଗଳା ସାଂସ୍କୃତିକ ପରିଷଦ ପକ୍ଷରୁ ଜାଗମରା ଫୁଟବଲ୍ ପଡ଼ିଆରେ ୨ ପର୍ଯ୍ୟାୟରେ ନାଟକ ମଞ୍ଚସ୍ଥ ହେବ। ଖଣ୍ଡଗିରି ସାଂସ୍କୃତିକ ପରିଷଦ ପକ୍ଷରୁ ଜାଗମରା ମେଳଣ ପଡ଼ିଆ ଓ ଜୟଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ଜାଗମରା ଫୁଟବଲ ପଡ଼ିଆରେ ଗୋଟିଏ ଲେଖାଏ ଯାତ୍ରା ଦଳ ମୁହାଁମୁହିଁ ହେବେ। ପୂର୍ବପରି ଏଥର ମଧ୍ୟ ପ୍ରତ୍ୟେକ ଯାତ୍ରା ଦଳ ନିଜର ନୂଆ ନାଟକ ନେଇ ଖଣ୍ଡଗିରି ମେଳାରୁ ସେମାନଙ୍କ ଯାତ୍ରା ଆରମ୍ଭ କରିବେ। ତେବେ ୫ ତାରିଖ ଦିନ ସନାତନ ସେବା ସମିତି ଓ ଇନ୍ଦିରା ସାଂସ୍କୃତିକ ପରିଷଦ ପକ୍ଷରୁ କୋଣାର୍କ ଓ କଳିଙ୍ଗ ଗଣନାଟ୍ୟ ଯାତ୍ରା ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

## ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିଳ୍ପୀ ଗଜେନ୍ଦ୍ର ସାହୁ ଓ ସହଯୋଗୀ ଚିତ୍ରଶିଳ୍ପୀ ଛତ୍ରପତି ବିଶ୍ୱାଳ।



ଭୁବନେଶ୍ୱର, ୩।୨(ବ୍ୟୁରୋ)

ସୋମବାର ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଜିଲାପାଳ ସୀତାଂଶୁ ରାଉତ ଅତିଥିଭାବେ ଯୋଗଦେଇଥିଲେ। ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ତିଆରି କରିଥିବା ବିକେ ଆର୍ଟ କଲେଜ ଅଧ୍ୟାପକ ଶିଳ୍ପୀ ଗଜେନ୍ଦ୍ର ସାହୁ ଓ ସହଯୋଗୀ ଚିତ୍ରଶିଳ୍ପୀ ଛତ୍ରପତି ବିଶ୍ୱାଳଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶାର ୧୨ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣିକୁ ଶିଳ୍ପୀମାନେ ନିଖୁଣ ନୃତ୍ୟ ମାଧ୍ୟମରେ ଦର୍ଶାଇଥିଲେ।



ମହୋତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଫେବୃୟାରୀ, ୨୦୨୦



**ସୌନ୍ଦର୍ଯ୍ୟ**

# ରୁହନ୍ତୁ ଟ୍ୟାନ୍ ଫ୍ରି

ଏବିନେ ଅଧିକ ସମୟ ସୂର୍ଯ୍ୟକିରଣରେ ରହିବାକୁ ଅନେକଙ୍କୁ ଭଲ ଲାଗୁଥିବାରୁ ତ୍ୱଚାରେ ସନ୍‌ବର୍ନ ବା ଟ୍ୟାନିଂ ସମସ୍ୟା ଦେଖାଦିଏ। ଏହାକୁ ଦୂର କରିବା ଲାଗି ଅନେକେ ବିଭିନ୍ନ ପ୍ରକାର ଉପାୟ ଆପଣେଇଥାନ୍ତି। ଯଦି ଆପଣ ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଜାଣିରଖନ୍ତୁ ଟ୍ୟାନ୍ ଫ୍ରି ତ୍ୱଚା ପାଇବାର କେତୋଟି ଘରୋଇ ଉପାୟ...

■ ପ୍ରତିଦିନ ସାବୁନ୍ କିମ୍ବା ଲିକ୍ୱିଡ୍ ବଡିଓ୍ୱାଶ୍ ଲଗାଇ ଭଲ ଭାବେ ଗାଧେଇଲେ ପୁରୁଣା ଡେଡ୍ ସ୍କିନ୍ ବାହାରିଯିବା ଦ୍ୱାରା ବି କିଛି ମାତ୍ରାରେ ଟ୍ୟାନ୍ ସମସ୍ୟା ଦୂର ହୋଇଯାଏ। ଏଥିପାଇଁ ଉଷୁମ ପାଣି ବ୍ୟବହାର କରିବା ଅଧିକ ଲାଭଦାୟକ।



■ ଲେମ୍ବୁ ରସରେ ମହୁ ମିଶାଇ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାନ୍ତୁ। କିଛି ସମୟ ରଖିବା ପରେ ଧୀରେ ଧୀରେ ପାଣିରେ ଧୋଇ ଦିଅନ୍ତୁ। ଏହା ଟ୍ୟାନ୍ ଦୂର କରିବାରେ ସାହାଯ୍ୟ କରିଥାଏ।

■ ବେସନରେ ଲେମ୍ବୁ ରସ, ଦହି, ହଳଦୀ ମିଶାଇ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। କିଛି ଦିନ ଏପରି କରିବା ପରେ ଟ୍ୟାନ୍ ସହଜରେ ଦୂର ହୋଇଥାଏ।

■ କ୍ଷୀର ହଳଦୀ ପ୍ୟାକ୍ ଲଗାଇବା ବି ଟ୍ୟାନ୍ ସମସ୍ୟା ଦୂରକରିବା ଲାଗି ଲାଭଦାୟକ।

■ ସ୍ୟାଣ୍ଡେଲ୍ ପାଉଡର୍, ରୋଜ୍ ଓ୍ୱାଟର ଓ ଲେମ୍ବୁ ରସ ମିଶାଇ ପେଷ୍ଟ ପ୍ରସ୍ତୁତ କରି ଟ୍ୟାନ୍ ହୋଇଥିବା ସ୍ଥାନରେ ୨୦ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ।

■ କାକୁଡି ରସ ଏକ ଚାମଚ, ଦହି ଏକ ଚାମଚ, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁ ରସ ଏବଂ ଏକ ଚାମଚ ସ୍ୟାଣ୍ଡେଲ୍ ପାଉଡର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ଟ୍ୟାନ୍ ଦୂର ହୋଇଥାଏ।



# ଘରେ ମଶା ହେଉଥିଲେ



ଧୀରେ ଧୀରେ ଶୀତ କମିବା ସହ ମଶାଙ୍କ ସଂଖ୍ୟା ବଢୁଛି, ଯାହାକୁ ରୋକିବା ଲାଗି ସାଧାରଣତଃ ମଶାମରା କଏଲ୍, ଲିକ୍ୱିଡ୍, ହିଟ୍ ଆଦି ବ୍ୟବହାର କରାଯାଉଛି। ହେଲେ ଏସବୁରୁ ନିର୍ଗତ ବିଷାକ୍ତ ଧୂଆଁ ସ୍ୱାସ୍ଥ୍ୟୋପକାରୀ ନୁହେଁ। ତେଣୁ ଆପଣ ଚାହିଁଲେ ଘରେ କେତୋଟି ଗଛ ରଖିପାରିବେ, ଯାହା କି ମଶା ଦୂର କରିବାରେ ବେଶ୍ ସାହାଯ୍ୟ କରିବ। ଜାଣି ରଖନ୍ତୁ ସେ ସମ୍ପର୍କରେ...

**ତୁଳସୀ ଗଛ:** ଭାରତରେ ପ୍ରାୟ ଅଧିକାଂଶ ଲୋକଙ୍କ ଘରେ ତୁଳସୀ ଗଛ ପୂଜାପାଏ। ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି, ଯାହା କି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ତେବେ ଆପଣ ନିଜ ବାଲକୋନି କିମ୍ବା ଘର ବାହାରେ କେତେଗୁଡ଼ିଏ ତୁଳସୀ ଗଛ ଲଗାଇ ରଖିଲେ ଏଥିରୁ ନିର୍ଗତ ସୁଗନ୍ଧରେ ମଶା ଘର ଭିତରକୁ ଆସି ନ ଥାନ୍ତି।

**ଲେମନ୍ ଗ୍ରାସ୍:** ଏହା ଏକ ଲେମ୍ବୁ ସୁଗନ୍ଧଯୁକ୍ତ ବାରମାସୀ ଘାସ, ଯାହାର ମନମୋହକ ସୁଗନ୍ଧ ମୁଡ୍‌ଫ୍ରେସ୍ ରଖିବା ସହ ଅବସାଦ ମୁକ୍ତ ରଖିବାରେ ସାହାଯ୍ୟ କରେ। ଅପରପକ୍ଷେ ଏହାର ବାସ୍ନା ମଶା ଦୂର କରିବାରେ ବେଶ୍ କାମରେ ଆସିଥାଏ। ତେଣୁ ଆପଣ ନିଜ ବାଲ୍‌କୋନି କିମ୍ବା ଡ୍ରଇଂରୁମ୍‌ରେ କୁଣ୍ଡରେ ଲେମନ୍‌ଗ୍ରାସ୍ ରଖିପାରିବେ।

**ଗେଣ୍ଡୁ ଫୁଲ:** ଯଦିଓ ଏହି ଫୁଲ ଶୀତଦିନେ ବେଶି ଫୁଟିଥାଏ ତଥାପି ପୂଜା ହେଉ ଅବା ସାଜସଜ୍ଜା ଲାଗି ବର୍ଷ ସାରା ଏହା ମିଳିଥାଏ। ତେଣୁ ଆପଣ ଫୁଲକୁଣ୍ଡରେ ଗେଣ୍ଡୁଫୁଲ ଗଛ ଲଗାଇ ବାଲ୍‌କୋନି କିମ୍ବା ଡ୍ରଇଂରୁମରେ ରଖିଲେ ଘର ସୁନ୍ଦର ଲାଗିବା ସହ ଏଥିରୁ ବାହାରୁ ଥିବା ବାସ୍ନାରେ ମଶା ଆସି ନ ଥାନ୍ତି।

**ରସୁଣ ଗଛ:** ରସୁଣର ଗନ୍ଧ ମଶାଙ୍କୁ ଆଦୌ ଭଲ ଲାଗି ନ ଥାଏ। ତେଣୁ ବାଲକୋନି କିମ୍ବା ଘରେ ରସୁଣ ଗଛ ରଖନ୍ତୁ ନିଶ୍ଚେ ଉପକୃତ ହେବେ।



**ଖାଦ୍ୟ ରୁଚି**

# ଲେମ୍ବୁ ଚଟଣି

## ଆବଶ୍ୟକ ସାମଗ୍ରୀ

ଲେମ୍ବୁ ୪ଟି, ଜୀରା ଏକ ଚାମଚ, ହେଙ୍ଗୁ ସାମାନ୍ୟ, କଳା ଲୁଣ ଅଧା ଚାମଚ, ଲାଲ ଲଙ୍କା ଅଧା ଚାମଚ, ଲୁଣ ଏବଂ ଚିନି ସ୍ୱାଦାନୁସାରେ।

## ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ଲେମ୍ବୁଗୁଡିକୁ ଛୋଟ ଛୋଟ କାଟି ସେଥିରୁ ମଞ୍ଜି ବାହାର କରି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡର ଜ୍ୟାର୍‌ରେ ରଖି ଅନ୍ୟ ସମସ୍ତ ସାମଗ୍ରୀଗୁଡିକୁ ମିଶାନ୍ତୁ। ଏହାକୁ ଭଲଭାବେ ଗ୍ରାଇଣ୍ଡ କରିଦିଅନ୍ତୁ। ଚାଖିବା ପରେ ଆବଶ୍ୟକ ହେଲେ ଚିନି କିମ୍ବା ଲୁଣ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଲେମ୍ବୁ ଚଟଣୀ, ଏହାକୁ ମଧ୍ୟାହ୍ନ କିମ୍ବା ରାତ୍ର ଭୋଜନ ସହ ଖାଇବାର ମଜା ନିଅନ୍ତୁ।



# ଓଭାରିଆନ୍ କ୍ୟାନ୍ସର, ଏକ ନୀରବ ଦସ୍ୟୁ




**ଆଜି ବିଶ୍ୱ କର୍କଟ ଦିବସ। ମହିଳାଙ୍କ ଶରୀରରେ ଏକ ନୀରବ ଦସ୍ୟୁ ସାଜି ଜୀବନ ହାନି ଘଟାଉଥିବା ଡିମ୍ବକୋଷ କର୍କଟ ବା ଓଭାରିଆନ୍ କ୍ୟାନ୍‌ସର କାରଣ ଓ ଚିକିତ୍ସାକୁ ନେଇ ବିଶେଷ ଉପସ୍ଥାପନା...**

ଡା. ସରୋଜିନୀ ଷଡ଼ଙ୍ଗୀ

ନୀରବତା ହେଉଛି ପୃଥିବୀର ସବୁଠାରୁ ବଳିଷ୍ଠତମ ଭାଷା ଏବଂ ନିର୍ବାକ୍ ଶତ୍ରୁ ହେଉଛି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଶତ୍ରୁ, ଯିଏ ଶବ୍ଦଟିଏ ମଧ୍ୟ ଉଚ୍ଚାରଣ ନ କରି ଶରୀରର ଚରମ କ୍ଷତି ପହଞ୍ଚାଇ ଥାଏ। ଠିକ୍ ସେହିଭଳି ମହିଳାଙ୍କ ଶରୀରର ଏକ ନୀରବ ଦସ୍ୟୁ ହେଉଛି ଡିମ୍ବକୋଷର ଅର୍ବୁଦ ବା ଓଭାରିଆନ୍ ଟ୍ୟୁମର୍, ଯାହା କି ଠିକ୍ ସମୟରେ ଚିକିତ୍ସା ନ ହୋଇପାରିଲେ ମାରାତ୍ମକ କ୍ୟାନ୍‌ସର ରୋଗର ରୂପ ନେଇଥାଏ। ପୃଥିବୀର ସମୁଦାୟ ସ୍ତ୍ରୀ କର୍କଟ ରୋଗର ଶତକଡା ୧୫ରୁ ୨୦ ଭାଗ ହେଉଛି ଡିମ୍ବକୋଷର କର୍କଟ ରୋଗ, ଏହା ଭାରତ ଅପେକ୍ଷା ଯୁକ୍ତରାଷ୍ଟ୍ର ଆମେରିକା ଭଳି ବିକଶିତ ରାଷ୍ଟ୍ରରେ ବେଶି ଦେଖାଦିଏ। ସ୍ତନକର୍କଟ ଓ ଜରାୟୁ ଗ୍ରୀବା କର୍କଟ ପରେ ପରେ ଡିମ୍ବକୋଷର କର୍କଟ ହେଉଛି ମହିଳାମାନଙ୍କର ମୃତ୍ୟୁର ଅନ୍ୟ ଏକ ମୁଖ୍ୟ କାରଣ।

**ଏହାର କାରଣ:** ସ୍ତନ କର୍କଟ, ଅନ୍ତନଳୀର କର୍କଟ ଭଳି ଡିମ୍ବକୋଷର କର୍କଟ ରୋଗ ମଧ୍ୟ ବଂଶାନୁଗତ। ପରିବାରରେ ଆଗରୁ ମା, ଭଉଣୀ ବା' ରକ୍ତ ସମ୍ପର୍କୀୟଙ୍କୁ ଏହି କର୍କଟ ରୋଗ ହୋଇଥିଲେ ଏହିରୋଗ ହେବାର ଆଶଙ୍କା ବେଶି ଥାଏ । ବଂଶାନୁଗତ ଡିମ୍ବକୋଷ କର୍କଟ ରୋଗରେ ଲିଂଚ୍ ଟାଇପ୍ ୧ ଓ ଲିଂଚ୍ ଟାଇପ୍ ୨ ଜିନ୍ ଥାଏ ଏବଂ ଏହାଛଡା ଯେଉଁ ମହିଳାମାନଙ୍କର ବି.ଆର୍.ସି.ଏ. ଜିନ୍ ଥାଏ, ସେମାନଙ୍କର ସ୍ତନ ଓ ଡିମ୍ବକୋଷ କର୍କଟ ରୋଗ ହୁଏ। ଗର୍ଭଧାରଣ ନ ହୋଇ ପ୍ରତିମାସରେ ମାସିକ ଋତୁସ୍ରାବ ହୋଇ ଓଭ୍ୟୁଲେସନ୍ ହେଲେ ଏହା ଡିମ୍ବକୋଷର ଉପର ଅଂଶରେ କ୍ଷତ ସୃଷ୍ଟିକରିଥାଏ ଏବଂ ଡିମ୍ବକୋଷ କର୍କଟ ରୋଗ ହେବାରେ ସାହାଯ୍ୟ କରିଥାଏ। ଏହାଛଡା ଅତ୍ୟଧିକ କଫିପାନ, ଧୂମ୍ରପାନ, ମଦ୍ୟପାନ ତଥା ଚର୍ବି ଓ ତେଲ, ଘିଅ ଛଣାଛଣି ଖାଦ୍ୟ ଖାଇଲେ ଏହି ରୋଗ ହେବାର ଆଶଙ୍କା ବେଶିଥାଏ। ଏହାଛଡା ଦେହଲଗା ପାଉଡର ତଥା ଆଜ୍‌ବେଷ୍ଟସ୍ ଗୁଣ୍ଡ ମଧ୍ୟ ଏହା କରିବାରେ ସାହାଯ୍ୟ କରିଥାଏ। ତେଣୁ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ମିଶ୍ରିତ ଗର୍ଭନିରୋଧକ ବଟିକା ଖାଇଲେ ଓଭ୍ୟୁଲେସନ୍ ହୁଏ ନାହିଁ ବା' ଡିମ୍ବକୋଷରୁ ଡିମ୍ବ ନିର୍ଗତ ହୁଏ ନାହିଁ ଏବଂ ଗର୍ଭଧାରଣ ହେଲେ ମଧ୍ୟ ଓଭ୍ୟୁଲେସନ୍ ହୁଏ ନାହିଁ, ତେଣୁ ଡିମ୍ବକୋଷକୁ ଯଥେଷ୍ଟ ବିଶ୍ରାମ ମିଳିଥାଏ ଏବଂ ଏହା ହିଁ ଡିମ୍ବକୋଷ କର୍କଟ ରୋଗ ନ ହେବାର ମୁଖ୍ୟ କାରଣ ହୋଇଥାଏ। ଅପରପକ୍ଷରେ ସ୍ତନ୍ୟପାନ, ବନ୍ଧ୍ୟାକରଣ ଅସ୍ତ୍ରୋପଚାର (ଟ୍ୟୁବେକ୍ଟୋମି) ଏବଂ ଜରାୟୁ ଅପସାରଣ ଡିମ୍ବକୋଷ କର୍କଟରୋଗ ହେବାର ବିପଦକୁ କମାଇ ଦେଇଥାଏ।

**ଏହାର ବୟସ ସୀମା:** ଏହି ରୋଗ ଯେକୌଣସି ବୟସର ମହିଳାଙ୍କଠାରେ ମଧ୍ୟ ଦେଖା ଦେଇଥାଏ। ତେବେ ବୟସ୍କାମହିଳାମାନଙ୍କୁ ଅଧିକ ହୋଇଥାଏ। ଶତକଡା ୯୦ ଭାଗ କର୍କଟରୋଗ ମାସିକ ଋତୁସ୍ରାବର ବିରତି ପରେ ମହିଳାମାନଙ୍କୁ ହୋଇଥିବା ବେଳେ ଶତକଡା ୨୦ ଭାଗ କର୍କଟ ରୋଗ ମାସିକ ଋତୁସ୍ରାବର ବିରତିର ଠିକ୍ ପୂର୍ବରୁ ହୋଇଥାଏ। ଏହା ବନ୍ଧ୍ୟା ମହିଳା ତଥା ବଂଶରେ କର୍କଟ ରୋଗର ଇତିହାସ ଥିବା ମହିଳାଙ୍କ କ୍ଷେତ୍ରରେ ଏହା ବେଶି ଦେଖାଦେଇଥାଏ।

**ଡିମ୍ବକୋଷର ପ୍ରକାର ଭେଦ :** ଶତକଡା ୯୦ ଭାଗ ଡିମ୍ବକୋଷର କର୍କଟ ରୋଗ ଡିମ୍ବକୋଷରୁ ହିଁ ଆରମ୍ଭ ହୋଇଥାଏ। ଏହା ଶତକଡା ୫୦ ଭାଗ ଦୁଇପଟେ ଦୁଇଟି ଯାକ ଡିମ୍ବକୋଷରେ ହୋଇଥାଏ। ବେଳେ ବେଳେ ଏହା ସିଷ୍ଟିକ୍ (ପାଣିଜମି ଯାଇଥାଏ) ଏବଂ ବେଳେ ବେଳେ ସଲିଡ୍ ବା' ଟାଣ ହୋଇଥାଏ।

କେତେକ କ୍ଷେତ୍ରରେ ଏହି କର୍କଟ ରୋଗ ଶରୀରର ଅନ୍ୟାନ୍ୟ ଅଙ୍ଗରୁ ଆସିଥାଏ। ମୁଖ୍ୟତଃ ଏହା ପାକସ୍ଥଳୀ, ଅନ୍ତଃନଳୀ, ପିତ୍ତକୋଷ, ସ୍ତନ ବା ଜରାୟୁଝିଲ୍ଲୀ କର୍କଟ ରୋଗରୁ ମାଡି ଆସିଥାଏ। ଏଥିରେ 'କ୍ରୁକେନ ବର୍ଗ ଟ୍ୟୁମର ଅନ୍ୟତମ। ତେବେ ରୋଗର ଜଟିଳତାକୁ ଦେଖି ଏହାକୁ ୪ଟି ଷ୍ଟେଜ୍‌ରେ ଭାଗ କରାଯାଇ ଚିକିତ୍ସା କରାଯାଏ।

**ଏହା ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ କିଭଳି ବ୍ୟାପେ**

୧- ଯଦି ଡିମ୍ବକୋଷରୁ କର୍କଟ ରୋଗର କୋଷ ସିଧାସଳଖ ଭାବେ ଜରାୟୁ, ଡିମ୍ବବାହୀ ନଳୀ ତଥା ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ଯାଇଥାଏ।

୨- ପେଟଭିତରେ ଯଦି ଡିମ୍ବକୋଷର ଉପରି ଭାଗ ଫାଟିଯାଇ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଯାଇଥାଏ।

୩- ରକ୍ତ ବା' ଧମନୀ ଦ୍ୱାରା କର୍କଟ କୋଷ ବିଭିନ୍ନ ଦିଗକୁ ପ୍ରସାରିତ ହୋଇଥାଏ ଯଥା ଯକୃତ , ଫୁସ୍‌ଫୁସ୍ ଓ ହାଡ।

୪- ଲିମ୍ଫାଟିକ୍ ଦ୍ୱାରା ମଧ୍ୟ ଏହା ବିଭିନ୍ନ ଗ୍ଲାଣ୍ଡକୁ ବିଶେଷ କରି ବେକରେ ଥିବା ସୁପ୍ରାକ୍ଲାଭିକୁଲାର୍ ଗ୍ଲାଣ୍ଡକୁ ବ୍ୟାପି ଯାଇଥାଏ।

**ଲକ୍ଷଣ:** ଡିମ୍ବକୋଷର କର୍କଟରୋଗ ଭୟଙ୍କର ଭାବରେ ଏକ ନୀରବ ଟ୍ୟୁମର୍। ପ୍ରଥମ ପର୍ଯ୍ୟାୟରେ ଏଥିରେ କୌଣସି ପ୍ରକାର ଲକ୍ଷଣ ଦେଖାଦିଏ ନାହିଁ ଏବଂ ରୋଗଣୀ ଆଦୌ ଜାଣିପାରେ ନାହିଁ ଯେ,ସେ ଏତେ ମାରାତ୍ମକ ରୋଗର ଶିକାର ହେବାକୁ ଯାଉଛି। ଏଥିରେ ଜଣଜଣଙ୍କର ପେଟ ଫୁଲିଯାଏ ଏବଂ ଅଳ୍ପ ଅଳ୍ପ କଷ୍ଟ ହୋଇଥାଏ। କାହାର ବଦହଜମୀ ବା' ଅଜୀର୍ଣ୍ଣତା ସହ ହାକୁଟି ହୋଇଥାଏ। କାହାକୁ ଭୋକ ହୁଏନାହିଁ, ଖାଇବାକୁ ଇଚ୍ଛା ହୁଏ ନାହିଁ ଏବଂ ଫୁଲା ଫୁଲା ଲାଗେ। ଯଦି ଆଗରୁ ଡିମ୍ବକୋଷର ଅର୍ବୁଦ ଥାଏ ସେଗୁଡିକ ଆକାରରେ ବଢିଯାଏ, କଷ୍ଟ ହୁଏ, ଫୁଲିଯାଏ ଏବଂ ଦରଜ ହୁଏ। ବେଳେ ବେଳେ ଅର୍ବୁଦଟି ଖୁବ୍‌ଶୀଘ୍ର ବଢି ଆସ୍ତେ ଆସ୍ତେ ପେଟ ବେଶି ଫୁଲିଯାଏ ଓ ଟ୍ୟୁମର ଖୁବ୍‌ଶୀଘ୍ର ବଢିଯାଏ। ତଳି ପେଟରେ କଷ୍ଟ ହୁଏ। ଜଣ ଜଣଙ୍କର ହଠାତ୍ ଓଜନ କମିଯାଏ। ଛାତିରେ ଯନ୍ତ୍ରଣା ହୁଏ ତଥା ନିଃଶ୍ୱାସ ନେବାରେ କଷ୍ଟ ହୁଏ। ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦିଏ।

**ପରୀକ୍ଷା :** ଏଥିରେ ପ୍ରଥମେ ବିଭିନ୍ନ ପରୀକ୍ଷା କରାଯାଇଥାଏ। ପରେ ରୋଗ ଜଟିଳତା ଦେଖି ଅସ୍ତ୍ରୋପଚାର କରିବା ପୂର୍ବରୁ ଏହା ଡିମ୍ବାଶୟର କର୍କଟ ରୋଗ କି ନୁହେଁ, ଏହା କେତେଦୂର ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଏହା ପ୍ରକୃତରେ ଡିମ୍ବକୋଷରୁ ବାହାରିଛି ବା' ପାକସ୍ଥଳୀ, ଅନ୍ତନଳୀ ବା'ସ୍ତନକର୍କଟ ରୋଗରୁ ହୋଇଛି ଏହା ଜାଣିବା ଲାଗି ପେଟର ଅଲଟ୍ରାସାଉଣ୍ଡ ବା' ସ୍କାନିଂ, ଛାତିର ଏକ୍ସ-ରେ, ବାରିୟମ୍ ଏନିମା, ଛାତିରେ ପାଣି ଜମିଥିଲେ ପାଣିର ପରୀକ୍ଷା, ଇଣ୍ଟ୍ରାଭେନସ୍ ପାଇଲୋଗ୍ରାମ୍, ନିଶା ଦେଇ ପରୀକ୍ଷା, ଡି.ଏଣ୍ଡ ସି. ଦ୍ୱାରା ଜରାୟୁ ଭିତରୁ ମାଂସ ପରୀକ୍ଷା କରାଯାଇଥାଏ ଏବଂ ଅନ୍ୟ କେତେକ ସ୍ୱତନ୍ତ୍ର ପରୀକ୍ଷା ମଧ୍ୟ କରାଯାଇଥାଏ। ଏହାଛଡା ରକ୍ତରେ କେତେଗୁଡିଏ ପରୀକ୍ଷା ବିଶେଷକରି ଟ୍ୟୁମର୍ ମାର୍କର (ସି.ଏ.୧୨୫) ପରୀକ୍ଷା ଦ୍ୱାରା ଏହି କର୍କଟ ରୋଗ ହୋଇଛି ବୋଲି ଜଣାପଡେ। ଏହାବ୍ୟତୀତ ଏମ୍.ଆର୍.ଆଇ. ବା ସିଟିସ୍କାନ୍ ଦ୍ୱାରା ମଧ୍ୟ ଏହା ଜଣାପଡିଥାଏ। ଅସ୍ତ୍ରୋପଚାର ସମୟରେ ଫ୍ରୋଜନ୍ ବାଇଓପ୍ସି ଓ ସ୍ଲାଇଡ୍ ଟେଷ୍ଟ ଦ୍ୱାରା ବିଶେଷଜ୍ଞମାନଙ୍କୁ ରୋଗ ଚିହ୍ନଟ କରି ଚିକିତ୍ସା କରିବା ଆହୁରି ସୁବିଧା ହୋଇଯାଏ।

**ଚିକିତ୍ସା:** ସବୁ କର୍କଟ ରୋଗ ପରି ଡିମ୍ବକୋଷ କର୍କଟ ରୋଗର ପ୍ରତିଷେଧକ ବ୍ୟବସ୍ଥା ମାନ ଗ୍ରହଣ କରିବା କଷ୍ଟକର। ତେବେ ମଧ୍ୟ କେତେକ କ୍ଷେତ୍ରରେ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କଲେ ଏହି ରୋଗଠାରୁ ଦୂରେଇ ରହିପାରିବା। ଜରାୟୁ ଅପସାରଣ ଅସ୍ତ୍ରୋପଚାର ସମୟରେ 'ହାଇରିସ୍କ' ମହିଳାମାନଙ୍କ ଶରୀରରୁ ଦୁଇଟି ଯାକ ଡିମ୍ବକୋଷ ବାହାର କରି ନେବା ଆବଶ୍ୟକ।

ବେଳେବେଳେ କୌଣସି ଲକ୍ଷଣ ନ ଥିଲେ ମଧ୍ୟ ଡିମ୍ବକୋଷରେ ଅର୍ବୁଦ ଦେଖାଯାଇଥାଏ। ତେବେ ଏଗୁଡିକ ଚିକିତ୍ସା ନ କରି ଛାଡି ଦେବା ଠିକ୍ ନୁହେଁ। ଏହାକୁ ଚିକିତ୍ସା କରିବା ସଙ୍ଗେସଙ୍ଗେ ରୋଗଣୀକୁ ସତର୍କ କରିଦେବା ଉଚିତ। ଯଦି ଡିମ୍ବକୋଷର ଅର୍ବୁଦ ୮ ସେମିରୁ କମ୍ ଆକୃତିର ହୋଇଥାଏ, ତେବେ ସେମାନଙ୍କୁ ପ୍ରତିଷେଧକ ଭାବେ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ହର୍‌ମୋନ୍ ମିଶା ଗର୍ଭନିରୋଧକ ବଟିକା ଖାଇବାକୁ ଦେବା ଆବଶ୍ୟକ। ୩ ମାସ ପର୍ଯ୍ୟନ୍ତ ଗର୍ଭନିରୋଧକ ବଟିକା ଖାଇବାକୁ ଦେଲେ ନିରୀହ ଅର୍ବୁଦ ଭଲ ହୋଇଯାଏ। ଡିମ୍ବକୋଷ, ଡିମ୍ବବାହୀ ନଳୀ ଓ ଅନ୍ୟାନ୍ୟ କୋଷର ସଂଯୋଗ ଅର୍ବୁଦ (ଟ୍ୟୁବୋଓଭାରିଆନ୍ ମାସ୍) ର ଆକାର ୧୦ ସେମିରୁ ଅଧିକ ହୋଇଥିଲେ ସଙ୍ଗେ ସଙ୍ଗେ ଅପରେସନ୍ କରିବା ଜରୁରୀ। ହାଇରିସ୍କ ମହିଳାମାନେ ବର୍ଷକୁ ଅନ୍ତତଃ ଥରେ ସ୍ତ୍ରୀରୋଗ ବିଶେଷଜ୍ଞମାନଙ୍କ ପାଖରେ ନିଜର ସଂପୂର୍ଣ୍ଣ ଶରୀର ପରୀକ୍ଷା କରାଇ ନେବା ଉଚିତ।

**- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ**
**ଲିଙ୍କ୍‌ରୋଡ୍, କଟକ-୧୨**



### ହାଇ ରିସ୍କ

୪୫ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବନ୍ଧ୍ୟା ମହିଳା, ଯେ କୌଣସି ମହିଳାଙ୍କର ଯଦି ବଂଶରେ ମା' ମାଉସୀ କିମ୍ବା ପ୍ରଥମ ସଂପର୍କୀୟଙ୍କୁ ଏହି ରୋଗ ହୋଇଥିଲେ, ମାସିକ ଋତୁସ୍ରାବର ବିରତି ପୂର୍ବରୁ ଯେକୌଣସି ମହିଳାଙ୍କର ସନ୍ଦେହଜନକ ଡିମ୍ବକୋଷ ଥିଲେ, ଜଣେ ମହିଳାଙ୍କର ଆଗରୁ ଅଣକର୍କଟ ବା ବିନାଇନ୍ ଅର୍ବୁଦର ଅସ୍ତ୍ରୋପଚାର ହୋଇଥିଲେ, ମହିଳାଙ୍କର ଆଗରୁ ସ୍ତନକର୍କଟ ରୋଗ ଥିଲେ, ଯଦି ବୟସ୍କାମହିଳା ଆଗରୁ ଯେକୌଣସି କର୍କଟ ରୋଗ ପାଇଁ ରେଡିଏସନ୍ ପାଇଥିଲେ ଏବଂ ସେଥିପାଇଁ ତାଙ୍କର ମାସିକ ଋତୁସ୍ରାବର ବିରତି ହୋଇଥିଲେ ଏବଂ ମହିଳାମାନଙ୍କର ବଂଶାନୁଗତ ଭାବେ ଲିଂଚ୍‌ଟାଇପ୍ ୨ ଜିନ୍ ଥିଲେ ଏହି ରୋଗ ହେବାର ଆଶଙ୍କା ସର୍ବାଧିକ।



"ଆସନ୍ତା ଆର୍ଥିକ ବର୍ଷ ଲାଗି ନୂଆ ବିତ୍ତୀୟ ଲକ୍ଷ୍ୟ ଧାର୍ଯ୍ୟ କଲା ବେଳେ ସରକାର ସ୍ୱଚ୍ଛତା ଅବଲମ୍ବନ କରିଛନ୍ତି।
–ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



"ନୂଆ ଆୟକର ଢାଞ୍ଚା ଦ୍ୱାରା ଟିକସ ସଞ୍ଚୟ ଲାଗି ବାଧ୍ୟତାମୂଳକ ସଞ୍ଚୟ ଚାହୁଁନ ଥିବା ଲୋକଙ୍କ ନିକଟକୁ ଅଧିକ ଅର୍ଥ ଆସିପାରିବ।
–ଅଜୟ ଭୂଷଣ ପାଣ୍ଡେ, ରାଜସ୍ୱ ସଚିବ

## ସଂକ୍ଷେପରେ

### ଆଧାର ସହ ଲିଙ୍କ୍ ହୋଇଛି ୩୦ କୋଟି ପାନ୍

ନୂଆଦିଲ୍ଲୀ,୩-୨

ବର୍ତ୍ତମାନ ସୁଦ୍ଧା ଆଧାର ସହ ୩୦ କୋଟି ପାନ୍ ଲିଙ୍କ୍ କରାଯାଇଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପାନ୍ ସହ ଆଧାର ନମ୍ବରକୁ ସଂଯୋଗ କରାଇବା ଲାଗି ସମୟ ସୀମାକୁ ସରକାର ଚଳିତ ବର୍ଷ ମାର୍ଚ୍ଚ ୩୧ ଯାଏ ବଢ଼ାଇଛନ୍ତି। ସେହିଭଳି ଜାନୁୟାରୀ ୨୭ ତଥ୍ୟ ମୁତାବକ ୧୭.୫୮ କୋଟି ପାନ୍ ଆଧାର ସହ ଲିଙ୍କ୍ କରାଯାଇନାହିଁ। ଲିଙ୍କ ତାରିଖ ବଢ଼ାଯାଇଥିବାରୁ ଏହା ଦ୍ୱାରା ଲୋକମାନେ ସୁବିଧା ପାଇବେ ବୋଲି ଠାକୁର କହିଛନ୍ତି। ଲୋକଙ୍କ ଡାଟା ଯେଭଳି ସୁରକ୍ଷିତ ରହିବ ସେ ନେଇ ଆୟକର ଆଇନ ଏବଂ ସୂଚନା ପ୍ରଯୁକ୍ତି ଆଇନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ବିକାଶ ହାର ୫.୬% ରହିବା ଅନୁମାନ

ନୂଆଦିଲ୍ଲୀ,୩-୨

୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ୫.୬% ରହିବ ବୋଲି ରେଟିଂ ଏଜେନ୍ସି ଫିଚ୍ ସୋମବାର ପୂର୍ବାନୁମାନ କରିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ କରାଯାଇଥିବା ଆକଳନଠାରୁ ଏହା କମ୍ ରହିଛି। ଦେଶର ବିକାଶ ହାର ଆସନ୍ତା ଆର୍ଥିକ ବର୍ଷ ୬ରୁ ୬.୫% ଏବଂ ଚଳିତ ଆର୍ଥିକ ବର୍ଷ ୫% ରହିବ ବୋଲି କୁହାଯାଇଛି। ସରକାରଙ୍କ ବିତ୍ତୀୟ ଘୋଷଣା ଆସନ୍ତା ଆର୍ଥିକ ବର୍ଷ ଲାଗି ସାଧାରଣ ରହିଛି। ପୂର୍ବର ଧାର୍ଯ୍ୟ ଲକ୍ଷ୍ୟ ସହ ତୁଳନା କଲେ ଏଥିରେ ପ୍ରାୟତଃ କୌଣସି ଅନ୍ତର ନାହିଁ। ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ଗତ ଡିସେମ୍ବରରେ ଭାରତ ଲାଗି ଆଉଟଲୁକ୍‌କୁ ଏହି ଏଜେନ୍ସି ଟ୍ରିପଲ ବି ରଖିଥିଲା, ଯାହା ଷ୍ଟେବଲ ବା ସ୍ଥିର ବୋଲି ବିଚାର କରାଯାଏ। ଅଭିବୃଦ୍ଧି ମନ୍ଥର ହୋଇଥିବାରୁ ଏଭଳି ରେଟିଂ ଦିଆଯାଇଥିବା ଫିଚ୍ ରେଟିଙ୍ଗସର ଭାରତ ବଜାର ଲାଗି ସଭରେନ୍ ଆନାଲିଷ୍ଟ ଥୋମାସ ରକ୍ ମେକର କହିଛନ୍ତି।

### ୨ କିସ୍ତିରେ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୩-୨

ଜିଏସ୍‌ଟି କ୍ଷତିପୂରଣ ବାବଦ କେନ୍ଦ୍ର ରାଜ୍ୟଗୁଡ଼ିକୁ ପ୍ରଦାନ କରିବାକୁ ସମସ୍ତ ବକେୟା ଅର୍ଥ ୨ଟି କିସ୍ତିରେ ଦିଆଯିବ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଲୋକସଭାରେ ଏହି ସୂଚନା ଦେଇଛନ୍ତି। ଜିଏସ୍‌ଟି ଏବଂ ସମନ୍ୱିତ ଜିଏସ୍‌ଟିର ଅଂଶ ରାଜ୍ୟଗୁଡ଼ିକ ଠିକ୍ ସମୟରେ ପାଉ ନ ଥିବା ଓଡ଼ିଶା ଏବଂ ତେଲେଙ୍ଗାନାର ଏମ୍‌ପି ଅଭିଯୋଗ କରିବା ପରେ ଠାକୁର ଏ ସମ୍ପର୍କରେ ବିବୃତି ରଖିଛନ୍ତି। ଜୁଲାଇ ୨୦୧୭ ପରଠାରୁ ଦ୍ୱିମାସିକ ଭିତ୍ତିରେ ସରକାର ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି।

# ୧.୧୩ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଠକେଇ

- ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ହୋଇଛି
- ଲଗାତର ବଢ଼ୁଛି ଠକେଇ
- ବ୍ୟାଙ୍କରେ ୭.୨୭ଲକ୍ଷ କୋଟିର ଏନ୍‌ପିଏ




ନୂଆଦିଲ୍ଲୀ,୩-୨

ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଦେଶର ବିଭିନ୍ନ ବ୍ୟାଙ୍କ ଏବଂ ବଛାବଛା ବିତ୍ତ ପ୍ରତିଷ୍ଠାନଗୁଡ଼ିକରେ ୧.୧୩ ଲକ୍ଷ କୋଟି ଟଙ୍କାର ଠକେଇ ହୋଇଥିବା ରିପୋର୍ଟ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଏ ନେଇ ସଂସଦକୁ ସୂଚନା ଦେଇଛନ୍ତି। ଲୋକସଭାରେ ଏକ ଲିଖିତ ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବଡ ଧରଣର ଠକେଇ ରୋକିବା ଲାଗି ସରକାର ୨୦୧୫ରେ ଏକ ନିୟମ ଜାରି କରିଛନ୍ତି। ଏହା ଦ୍ୱାରା ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧ ଠକେଇକୁ ଠିକ୍ ସମୟରେ ପତ୍ତା ଲଗାଇବା, ଏହାର ରିପୋର୍ଟ କରିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ବ୍ୟାଙ୍କଗୁଡ଼ିକରେ ଢାଞ୍ଚାଗତ ଏବଂ ପ୍ରକ୍ରିୟାଗତ ସଂସ୍କାର ପ୍ରକ୍ରିୟା ହାତକୁ ନିଆଯାଇଛି।

ସେ, ଆହୁରି ମଧ୍ୟ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏନ୍‌ପିଏକୁ ନିୟନ୍ତ୍ରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ପଦକ୍ଷେପ ନେଉଛି। ସୂଚନା ଯୋଗ୍ୟ ବ୍ୟାଙ୍କଗୁଡ଼ିକରେ ଲଗାତର ଠକେଇ ବଢ଼ୁଥିବା ସାମ୍ନାକୁ ଆସିଛି। ୨୦୧୬-୧୭ରେ ବ୍ୟାଙ୍କଠକେଇରେ ଅର୍ଥର ପରିମାଣ ୨୩,୯୩୪ କୋଟି ଟଙ୍କା ରହିଥିଲା। ଏହା ପରବର୍ଷଠାରୁ ଏହି ଧାରାରେ ବିରାମ ଲାଗିନାହିଁ। ସେହିଭଳି ୨୦୧୭-୧୮ରେ ଏଥିରେ ବୃଦ୍ଧି ଘଟି ୪୧,୧୬୭ କୋଟି, ୨୦୧୮-୧୯ରେ ୭୧,୫୪୩ କୋଟି ଏବଂ ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଏହା ୧,୧୩,୩୭୪ କୋଟି ଟଙ୍କାକୁ ବଢ଼ିଛି।

ସୀତାରାମନ କହିଛନ୍ତି, ଏନ୍‌ପିଏ ଚିହ୍ନଟ ଲାଗି କୌଶଳ, ସଂସ୍କାର ଧାରା, ବ୍ୟାଙ୍କଗୁଡ଼ିକୁ ପୁନଃପୁଞ୍ଜିଯୋଗାଣ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ଅସୁଲି ଦିଗରେ ନିଆଯାଉଥିବା ପଦକ୍ଷେପ ଯୋଗୁ ସେପ୍ଟେମ୍ବର ୩୦ ବ୍ୟାଙ୍କଗୁଡ଼ିକରେ ଏନ୍‌ପିଏ ୭.୨୭ ଲକ୍ଷ କୋଟି ଟଙ୍କାକୁ ଖସିଥିବା ସେ ସୂଚନା ଦେଇଛନ୍ତି। ଆର୍‌ବିଆଇ ଡାଟା ମୁତାବକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଏନ୍‌ପିଏ ପରିମାଣ ୨୦୧୫ ମାର୍ଚ୍ଚରେ ୨.୭୯ ଲକ୍ଷ କୋଟି ଟଙ୍କା ରହିଥିଲା। ଏହା ୨୦୧୭ ମାର୍ଚ୍ଚରେ ୬.୮୪ ଲକ୍ଷ କୋଟି ଏବଂ ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ୮.୯୫ ଲକ୍ଷ କୋଟି ଟଙ୍କାକୁ ବଢ଼ିଥିଲା ବୋଲିଡାଟାରୁ ଜଣାପଡ଼ିଛି।

# ସାମ୍‌ସଙ୍ଗର ନୂଆ ଷ୍ଟୋର




ଭୁବନେଶ୍ୱର,୩-୨

ସାମ୍‌ସଙ୍ଗର ନୂଆ ଷ୍ଟୋର ସ୍ଥାନୀୟ ପାତ୍ରପଡ଼ାସ୍ଥିତ ଡିଏନ୍ ରେଗାଲିଆ ମଲ୍‌ଠାରେ ଶୁଭାରମ୍ଭ ହୋଇଛି। ଏହି ଅବସରରେ ହଂସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପପୁ ହଂସ ଯୋଗ ଦେଇ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ରାଜ୍ୟରେ ୩୧ ଷ୍ଟୋର ସହ ସାମ୍‌ସଙ୍ଗ ସେବା ଯୋଗାଇ ଦେଉଥିବା ସେ ଏଥିରେ ସୂଚନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ସର୍ବୋତ୍ତମ ସେବା ଯୋଗାଇ ଦିଆଯାଉଛି। ଏହାର ମଡେଲଗୁଡ଼ିକ ସ୍ୱତନ୍ତ୍ର କରି ଗଢ଼ାଯାଇଛି ବୋଲି ହଂସ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜୋନାଲ ମ୍ୟାନେଜର ୱାଇ.ଏନ୍.ଦ୍ୱିବେଦୀ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଜିଜିଏମ୍ ବିମଳ ବିହାରି ତ୍ରିପାଠୀ, ଶୁଭ୍ରାଲିନ ଏଣ୍ଟରପ୍ରାଇଜେସର ମୁଖ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୩ ନୂଆ ଷ୍ଟୋର ଯୋଡ଼ିଲା ରିଲାଏନ୍ସ ସ୍ମାର୍ଟ




ଭୁବନେଶ୍ୱର,୩-୨

ରିଲାଏନ୍ସ ରିଟେଲର ଗ୍ରସରି ସୁପରମାର୍କେଟ ବ୍ରାଣ୍ଡ ରିଲାଏନ୍ସ ସ୍ମାର୍ଟ ପକ୍ଷରୁ ଓଡ଼ିଶାରେ ୩ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହି ଷ୍ଟୋରଗୁଡ଼ିକ ମଧ୍ୟରେ କଟକ ୨ଟି ଏବଂ ରାୟଗଡାରେ ଗୋଟିଏ ଷ୍ଟୋର ରହିଛି। କଟକର ବକ୍ସି ବଜାର ସ୍ଥିତ ଅବଦୁଲ ୱାହିଦ ପ୍ରପର୍ଟି ଏବଂ କଲେଜ ଛକ ସ୍ଥିତ ସାଇ କମ୍ପ୍ଲେକ୍ସରେ ୨ଟି ଷ୍ଟୋର ସ୍ଥାପନ ହୋଇଥିବା ବେଳେ ରାୟଗଡା ଷ୍ଟେଶନ ରୋଡ ନିକଟସ୍ଥ ଭିକେ ସେଣ୍ଟ୍ରାଲରେ ଅନ୍ୟ ଷ୍ଟୋରଟି ଅବସ୍ଥିତ। ଗୋଟିଏ ଛାତତଳେ ଗ୍ରସରୀ, ଫଳ,ପନିପରିବା, ଦୁଗ୍ଧ ଠାରୁ ଆରମ୍ଭ କରି କିଚେନଓ୍ୱାର, ହୋମଓ୍ୱାର ସହ ବ୍ୟାପକ ବର୍ଗରେ ଅନ୍ୟ ସାମଗ୍ରୀ ଗ୍ରାହକ ଲାଭ କରିପାରିବେ। ଏହି ଷ୍ଟୋର ଗ୍ରାହକଙ୍କୁ ୱାନ୍‌ଷ୍ଟପ୍ ସଲ୍ୟୁଶନ ପ୍ରଦାନ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ସାରା ବର୍ଷ ବ୍ୟାପକ ବର୍ଗର ଉତ୍ପାଦର ମୂଲ୍ୟ ଉପରେ ଷ୍ଟୋର ପକ୍ଷରୁ ୫% ନିଶ୍ଚିତ ରିହାତି ପ୍ରଦାନ କରାଯାଉଛି। ନୂଆ ଷ୍ଟୋର ଦ୍ୱାରା ରିଲାଏନ୍ସ ଷ୍ଟୋର ସଂଖ୍ୟା ୧୨ରେ ପହଞ୍ଚିଛି। ଗ୍ରାହକମାନେ ଷ୍ଟୋରରେ ଆକର୍ଷଣୀୟ ମୂଲ୍ୟରେ ସାମଗ୍ରୀ ଲାଭ କରିପାରୁଛନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଏଲ୍‌ଆଇସି ପଲିସିଧାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯିବ: ଅନୁରାଗ

ନୂଆଦିଲ୍ଲୀ,୩-୨

ଏଲ୍‌ଆଇସି ପଲିସିଧାରୀଙ୍କ ସ୍ୱାର୍ଥକୁ ସରକାର ସୁରକ୍ଷା ପ୍ରଦାନ କରିବେ। ଆସନ୍ତା ଆର୍ଥିକ ବର୍ଷ ଏଲ୍‌ଆଇସିର ଆଇପିଓ ଆସିପାରେ ବୋଲି ଅର୍ଥରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏଲ୍‌ଆଇସି ପୁଞ୍ଜି ବଜାରରେ ସୂଚୀଭୁକ୍ତ ହେଲେ ଏହା ଦ୍ୱାରା ସ୍ୱଚ୍ଛତା, ଲୋକଙ୍କର ସହଭାଗିତା ବଢ଼ିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଅଂଶଧନ ବିକ୍ରି ଉପରେ ହୋଇଥିବା ଏକ ପ୍ରଶ୍ନରେ ସେ କହିଛନ୍ତି ଯେ, ପ୍ରଥମେ ଏଲ୍‌ଆଇସି ଆଇନରେ ସଂଶୋଧନ ହେବ। ଏହା ପରେ ଯାଇ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏଲ୍‌ଆଇସି ଏକ ସ୍ୱାଧୀନ ଢାଞ୍ଚା ହୋଇଥିବା ବେଳେ ବର୍ତ୍ତମାନ କିମ୍ବା ଭବିଷ୍ୟତରେ କେଉଁଠାରେ ନିବେଶ କରିବ ସେ ନେଇ ନିଷ୍ପତ୍ତି ନେଇଥାଏ। ଆଗାମୀ ଦିନରେ ଏହାର ଆଗାମୀ କାର୍ଯ୍ୟସୂଚୀ ଗ୍ରହଣ କରାଯିବ। ଏଲଆଇସି ଏବଂ ଆଇଡିବିଆଇରେ ସରକାରୀ ଅଂଶଧନ ବିକ୍ରି ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ ଘୋଷଣା କରିଥିଲେ। ଏହି ୨ ପ୍ରତିଷ୍ଠାନକୁ ଅଂଶଧନ ବିକ୍ରି ଦ୍ୱାରା ୯୦ ହଜାର କୋଟି ଟଙ୍କା ପାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ସରକାର ପୁଞ୍ଜି ପ୍ରତ୍ୟାହାରରୁ ଆସନ୍ତା ଆର୍ଥିକ ବର୍ଷ ୨.୧୦ ଲକ୍ଷ କୋଟି ଟଙ୍କା ସଂଗ୍ରହ ଯୋଜନା ରଖିଛନ୍ତି। ଏଲ୍‌ଆଇସିରେ ବର୍ତ୍ତମାନ ସରକାରଙ୍କ ୧୦୦% ଅଂଶଧନ ରହିଛି। ସେହିଭଳି ଆଇଡିବିଆଇରେ ସରକାରଙ୍କ ୪୬.୫% ଅଂଶଧନ ରହିଛି। ବଜେଟରେ ସରକାର ଘୋଷଣା କରିଥିବା ବିଭିନ୍ନ ଆକଳନର ଯଥାର୍ଥତା ରହିଥିବା ସେ ସ୍ପଷ୍ଟ କରିଛନ୍ତି। ବଜେଟରେ ସରକାର ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ଦେଶର ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ। ଏହା ନୋମିନାଲ ଜିଡିପି ଲକ୍ଷ୍ୟ ୧୦% ହାସଲ ଦିଗରେ କାର୍ଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ନାହିଁ

ଦେଶର ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ମାନ୍ଦାବସ୍ଥା ନ ଥିବା ସରକାରଙ୍କ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ୨୦୧୪-୧୯ ମଧ୍ୟରେ ଭାରତ ଜି-୨୦ ଦେଶ ସମୂହଙ୍କ ମଧ୍ୟରେ ସର୍ବୋଚ୍ଚ ହାରାହାରି ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ଲୋକସଭାକୁ ଏକ ଲିଖିତ ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆକଳନ ମୁତାବକ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଭାବେ ପରିଗଣିତ ହେବା ସହ ଅଭିବୃଦ୍ଧି ଧାରାକୁ ଜାରି ରଖିବ। ୨୦୨୦-୨୧ରେ ଦେଶର ଜିଡିପି ଅଭିବୃଦ୍ଧି ୬.୫% ରହିପାରେ। ୨୦୨୧-୨୨ରେ ଅଭିବୃଦ୍ଧିରେ ଏହା ଚାଇନାକୁ ଟପିବାର ସମ୍ଭାବନା ରହିଥିବା ଠାକୁର କହିଛନ୍ତି।

# ନୂଆ ଟ୍ରାଇବର, କ୍ୱିଡ୍ ଆଣିଲା ରେନୋ







ଭୁବନେଶ୍ୱର,୩-୨

ୟୁରୋପ ଭିତ୍ତିକ ଯାନ ନିର୍ମାତା କମ୍ପାନୀ ରେନୋ ପକ୍ଷରୁ ନୂଆ କ୍ୱିଡ ଏବଂ ଟ୍ରାଇବର ବଜାରକୁ ଆସିଛି। ଏହି ମଡେଲଗୁଡ଼ିକ ବିଏସ୍-୬ ଇଞ୍ଜିନ ସହ ଆସିଛି। ଶୀଘ୍ର ଡଷ୍ଟର ଏବଂ କ୍ୟାପ୍ଟର ମଡେଲ ବିଏସ୍-୬ ମାନକ ସହ ଆସିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଏସ୍-୬ ଟ୍ରାଇବର ମଡେଲରେ ଗ୍ରାହକମାନେ ଉନ୍ନତ ଇନ୍ଧନ ଦକ୍ଷତା ଲାଭ କରିପାରିବେ। ଏହାର ଇନ୍ଧନ ଦକ୍ଷତା ଲିଟର ପ୍ରତି ୧୯ କିମି ରହିଛି। ବିଏସ୍ ମଡେଲଗୁଡ଼ିକର ମୂଲ୍ୟ ୪ରୁ ୧୫ ହଜାର ପର୍ଯ୍ୟନ୍ତ ବଢ଼ିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟ୍ରାଇବରକୁ ୪ ମିଟର ମଧ୍ୟରେ ଆକର୍ଷଣୀୟ ଭାବେ ଡିଜାଇନ କରାଯାଇଛି। ସେହିଭଳି ନୂଆ କ୍ୱିଡ୍ ୦.୮ ଏବଂ ୧.୦ ଲିଟର ଇଞ୍ଜିନ ସହ ଆସିଛି। ଏହାର ଲିଟର ପ୍ରତି ଇନ୍ଧନ ଦକ୍ଷତା ୧୯ କିମି ରହିଛି। କ୍ୱିଡ୍ ମିନିକାର ସେଗ୍‌ମେଣ୍ଟରେ ଅତ୍ୟନ୍ତ ସୁଲଭ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହାର ବିଏସ୍-୬ ମଡେଲ ବଜାର ଦର ପ୍ରାୟ ୯ ହଜାର ଟଙ୍କା ଅଧିକ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ହିରୋର ନୂଆ ପ୍ଲେଜର ପ୍ଲସ୍ ୧୧୦



ଭୁବନେଶ୍ୱର,୩-୨

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ନୂଆ ପ୍ଲେଜର ପ୍ଲସ୍ ୧୧୦ ଏଫ୍‌ଆଇ ସ୍କୁଟର ବଜାରକୁ ଆସିଛି। ଏହା ବିଏସ୍-୬ ଇଞ୍ଜିନ ସହ ଆସୁଛି। ଏଥିରେ ସଦ୍ୟତମ ଫିଚର ଏବଂ ଷ୍ଟାଇଲ ଗ୍ରାହକମାନେ ଲାଭ କରିପାରିବେ। ନିକଟରେ ବିଏସ୍-୬ ବର୍ଗରେ କମ୍ପାନୀ ଏକ୍ସ୍‌ଏଫ୍ ଡିଲକ୍ସ ଏବଂ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ମଡେଲ ବଜାରକୁ ଛାଡ଼ିଥିଲା। ବିଏସ୍-୬ ବର୍ଗରେ ବଜାରରେ ଏକ ପ୍ରମୁଖ ସ୍ଥାନ ହାସଲ ଦିଗରେ କମ୍ପାନୀ ପ୍ରୟାସ ଜାରି ରଖିଥିବା କହିଛି। ପ୍ଲେଜର ପ୍ଲସ୍ ୧୧୦ ମଡେଲ ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଛି। ଏହି ମଡେଲଟିକୁ କମ୍ପାନୀ ବିଏସ୍-୬କୁ ରୂପାନ୍ତରିତ କରିଛି। ଏହାର ସେଲ୍ଫ ଷ୍ଟାର୍ଟ ସିଟ୍ ମଡେଲର ଏକ୍ସଶୋ'ରୁମ ଦିଲ୍ଲୀ ବଜାର ଦର ୫୪,୮୦୦ ଟଙ୍କା ରହିଥିବା ବେଳେ ସେଲ୍ଫ ଷ୍ଟାର୍ଟ ଆଲଏ ହ୍ୱିଲର ବଜାର ଦର ୫୬,୮୦୦ ଟଙ୍କା ରହିଛି। କମ୍ପାନୀର ଗବେଷଣା ଏବଂ ଉନ୍ନତୀକରଣ ହବ୍ ସେଣ୍ଟର ଅଫ୍ ଇନୋଭେସନ ଆଣ୍ଡ ଟେକ୍ନୋଲୋଜି (ସିଆଇଟି)ରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫୁଏଲ ଇଞ୍ଜେକଶନ ଇଞ୍ଜିନ, ଏକ୍ସସେନସ ଟେକ୍ନୋଲୋଜି, ଉନ୍ନତ ଇନ୍ଧନ କ୍ଷମତା, ପରଫରମାନ୍ସ, କ୍ରୋମ ହେଡ ଲ୍ୟାମ୍ପ, ସାଇଡ ଆସେଣ୍ଟ, କ୍ରୋମ ୩ଡି ଲୋଗୋ ସହ ଆସୁଛି। ମଡେଲଟରେ ମେଟ୍ ରେଡ, ମ୍ୟାଟ ଗ୍ରୀନ, ମ୍ୟାଟ ଆକ୍ସିସ ଗ୍ରେ, ଗ୍ଲସି ବ୍ଲାକ, ଗ୍ଲସି ବ୍ଲୁ, ଗ୍ଲସି ହ୍ୱାଇଟ, ଗ୍ଲସି ରେଡ ରଙ୍ଗରେ ଉପଲବ୍ଧ।


## ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ

ପତ୍ର ସଂ.୨୬୩ — ବିଜ୍ଞାପନ — ତା.୦୩।୦୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉମରକୋଟ ପୌର ପରିଷଦର ଖାଲିଥିବା ଆଠଗୋଟି ଷ୍ଟଲ ଅର୍ଥାତ୍ ନୂତନ ବସ୍‌ଷ୍ଟାଣ୍ଡ କମ୍ପ୍ଲେକ୍ସ-୧ର ୧୩ ନଂ ଷ୍ଟଲ୍ ଏବଂ ଭେଣ୍ଡିଂ ଜୋନ୍-୨ର କ୍ରମିକ ନଂ.୦୧ ଠାରୁ ୦୭ ପର୍ଯ୍ୟନ୍ତ, ସାତ ଗୋଟି ଷ୍ଟଲ୍ ଲିଜ୍ ସୂତ୍ରରେ ଭଡା ଦେବା ସକାଶେ ଟେଣ୍ଡର ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିପାଇଁ ଦରଖାସ୍ତ ଫର୍ମ ଓ ନିୟମାବଳୀ ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ୨୦୦/- (ଦୁଇ ଶହ ଟଙ୍କା) ମାତ୍ର (ଅଣ ଫେରସ୍ତ) ମୂଲ୍ୟରେ ପାଇପାରିବେ।

୧. ଫର୍ମ ମିଳିବା ତାରିଖ – ତା୦୫।୦୨।୨୦୨୦ରିଖଠାରୁ ତା୧୩।୦୨।୨୦୨୦ରିଖ
୨. ଆବେଦନ ତାରିଖ – ତା୦୫।୦୨।୨୦୨୦ରିଖଠାରୁ ତା୧୩।୦୨।୨୦୨୦ରିଖ
୩. ଟେଣ୍ଡର ଖୋଲାଯିବା ତାରିଖ – ତା୧୪।୦୨।୨୦୨୦ ପୂର୍ବାହ୍ନ ୧୧.୦୦ ଘଣ୍ଟା

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌର ପରିଷଦ, ଉମରକୋଟ

## CUTTACK MUNICIPAL CORPORATION

"e" PROCUREMENT NOTICE
Tender ID: 2020_ORULB_59466
Short Tender Call Notice No. 278 (PW) Date 03.02.2020

Name & No. of Works : Electrical Works
No. of Works : 1 No.
Bid Value : Rs. 3.90 Lakh
Period of Completion : Ten Days
Date and Time schedule :

| Start | End | Opening |
|---|---|---|
| 11.00 AM on dt. 04.02.2020 | 05.00 PM on dt. 12.02.2020 | 5.00 PM on dt. 14.02.2020 |

Tender Details: Can be seen from the procurement portal: www.tendersorissa.gov.in.

Executive Engineer, City Div-I

## DISTRICT RURAL DEVELOPMENT AGENCY, SAMBALPUR

Dist.- Sambalpur, Odisha-768001
Phone : (0663) 2410992, Email : ori-dsambalpur@nic.in

Letter No.236 /DRDA — ପଞ୍ଚାୟତ ସ୍ତରୀୟ ଜନଶୁଣାଣି ବିଜ୍ଞାପନ — Dated.27.01.2020

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବକାର୍ଡଧାରୀ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଭତ୍ତା ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଆନୁକୂଲ୍ୟରେ 2019-20 ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| ପଞ୍ଚାୟତର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ଝୁଯୋମୁରା | ତା.19.02.2020 ସମୟ 10 ଘଟିକା | ପଞ୍ଚାୟତ ସମିତି | ପ୍ରକଳ୍ପ ନିର୍ଦ୍ଦେଶକ, ଡ଼ି.ଆର୍.ଡି.ଏ., ସମ୍ବଲପୁର |
| ମାନେଶ୍ୱର | ତା.25.02.2020 ସମୟ 10 ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ନାକଟିଦେଉଳ | ତା.26.02.2020 ସମୟ 10 ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ରେଢ଼ାଖୋଲ | ତା.27.02.2020 ସମୟ 10 ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| ରେଙ୍ଗାଲି | ତା.28.02.2020 ସମୟ 10 ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର |
| ଧନକଉଡ଼ା | ତା.23.03.2020 ସମୟ 10 ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ), ଡ଼ି.ଆର୍.ଡି.ଏ., ସମ୍ବଲପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022,Ph.: 0674 - 2547185, Fax:2540016
OFFICE OF THE SENIOR GENERAL MANAGER (S & S), GROUND FLOOR, FINANCE BUILDING,
BHOINAGAR, BHUBANESWAR – 751 022, Email:-sto.cle.bbs@optcl.co.in, Website: www.optcl.co.in, CIN:U40102OR2004SGC007553
OPTCL Lifeline of Odisha

TENDER NOTICE NO. SRGM (S&S)-34/2019-20

No. EMC-185/19/42(5) — Dt. 03.02.2020

For and on behalf of **ODISHA POWER TRANSMISSION CORPORATION LTD., Sr. G.M. (S&S)** invites Tenders from reputed firms for internal rewiring of Indoor Stores of EHT Stores Sub-division, Mancheswar, OPTCL, Bhubaneswar duly superscribed on the cover as: **"Tender for Internal rewiring of Indoor Stores of EHT Stores Sub-division, Mancheswar, OPTCL, Bhubaneswar".** Tender papers can be downloaded from the OPTCL website from **dt. 04.02.2020** to **dt. 18.02.2020** upto **1.00PM.** The last date for receipt of tender is **dt. 18.02.2020** upto **1.00PM.** The tender will be opened on **dt. 18.02.2020** at **4.00PM.** Interested firms may visit OPTCL's official website **www.optcl.co.in** for detail specifications.

Sd/-
SR. GENERAL MANAGER (S&S)

Please connect us: optcl.odisha optcl_odisha energyodisha

## ଭୂ-ଅର୍ଜନ ସକାଶେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିଷୟରେ କେତୋଟି ବିଶେଷ ସୂଚନା

୧. ଯେଉଁ ବ୍ୟକ୍ତିମାନେ ଏଯାଏଁ ଜମି ଟଙ୍କା ନେଇନାହାନ୍ତି ସେମାନଙ୍କୁ ଅନୁରୋଧ ଯଥାଶୀଘ୍ର ଆସି ଜମିଟଙ୍କା ନେଇଯାଆନ୍ତୁ। ଯେଉଁମାନେ ନୋଟିସ୍ ପାଇବା ସତ୍ତ୍ୱେ ଆସୁନାହାନ୍ତି ଉକ୍ତ ଟଙ୍କାକୁ ସରକାରଙ୍କ ନିର୍ଦ୍ଦେଶମତେ ଓ ନିୟମ ଅନୁଯାୟୀ ସରକାରଙ୍କ ପାଖରେ ରାଜସ୍ୱ ଜମା କରି ଦିଆଯିବ।
୨. ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ପ୍ରତ୍ୟେକ ଗୁରୁବାର ଦିନ ଭୂ-ଅର୍ଜନ ସମ୍ବନ୍ଧୀୟ ଟଙ୍କା ପୈଠ କରାଯାଏ। ଏହା ବ୍ୟତୀତ ସମ୍ପୃକ୍ତ ଗ୍ରାମରେ କ୍ୟାମ୍ପ ମାଧ୍ୟମରେ ଟଙ୍କା ଦେବାର ବ୍ୟବସ୍ଥା ହୋଇଛି।
୩. ଜମିର ବର୍ଦ୍ଧିତ ମୂଲ୍ୟ ପାଇବା ପାଇଁ ନିର୍ଦ୍ଧାରିତ ସମୟରେ ଧାରା ୨୮(କ) ମୁତାବକ ଆବେଦନ କରନ୍ତୁ।
୪. ଯେଉଁ ବ୍ୟକ୍ତିମାନଙ୍କର ଜମି ଡ୍ୟାମ କିମ୍ବା କେନାଲରେ ଯାଇଛି, ସେମାନଙ୍କୁ ଅନୁରୋଧ କରାଯାଉଛି, ସେମାନେ ନିଜ ନିଜର ଆଧାର କାର୍ଡ ଏବଂ ମୋବାଇଲ ନମ୍ବର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯଥାଶୀଘ୍ର ଦାଖଲ କରନ୍ତୁ।

ଡା. ହିମାଞ୍ଚଳ ମାଝୀ, (ଓ.ରା.ସେ.)
ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ, ଜିଲ୍ଲା-ନୂଆପଡ଼ା

## OFFICE OF THE NOTIFIED AREA COUNCIL, KHARIAR
At/Po: Khariar, Dist.: Nuapada, Pin: 766107, Office Ph. No.: 06671-224294, e-mail: khariarn.hud@ori.nic.in

ଖଡ଼ିଆଳ ମହୋତ୍ସବର ଶୁଭ ଅବସରରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ସହରର ଜନସାଧାରଣଙ୍କୁ ବିନମ୍ର ଅନୁରୋଧ-
୧. ଗୃହପାଳିତ ପଶୁମାନଙ୍କୁ ରାସ୍ତାକଡ଼କୁ ନ ଛାଡ଼ି ନିଜ ଦାୟିତ୍ୱରେ ରଖନ୍ତୁ।
୨. ରାସ୍ତା ଉପରେ ପଥର, ଇଟା ତଥା ଅନ୍ୟାନ୍ୟ ଗୃହ ତିଆରି ସାମଗ୍ରୀ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ।
୩. ଅଳିଆ ଆବର୍ଜନା ନାଳି ନର୍ଦ୍ଦମାରେ ନ ପକାଇ ଡଷ୍ଟବିନରେ ପକାନ୍ତୁ।
୪. ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଠିକ ସମୟରେ ପୈଠ କରନ୍ତୁ।
୫. ପଲିଥିନ ବ୍ୟବହାର ବନ୍ଦ କରନ୍ତୁ, ପରିବେଶକୁ ସୁସ୍ଥ ରଖନ୍ତୁ।

ସିତାରାମ ପଟେଲ, ଓ.ପ୍ର.ସେ. (ଏସ୍.ଏ.ଜି.)
ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ

(ରାମଚନ୍ଦ୍ର ମାଝୀ)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-41 (Vol.-IV)/329 — Date: 03.02.2020

No. CAD-904

TENDER CALL NOTICE NO.-CHEP-21/2019-20

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Contractors / Firms having Electrical License for the following works as mentioned below.

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Lifting & distributing of water to OHPC Colony of CHEP, Chiplima | Rs.4720/- (Rs.4000/- + GST @18%) | Rs.6,50,601/- EMD=Rs.6,510/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.06.02.2020 up to 12:30 PM of dtd.15.02.2020.

Sd/- Unit Head, CHEP, Chiplima
OIPR-04006/11/0012/1920

“ ମହେନ୍ଦ୍ର ସିଂ ଧୋନୀ ଦୀର୍ଘଦିନ ହେଲା ଖେଳି ନ ଥିବାରୁ ସେ ଆଉ କ୍ରିକେଟକୁ ଫେରିବେ ନାହିଁ ବୋଲି ମନେ ହେଉଛି।–**କପିଳ ଦେବ, କିମ୍ବଦନ୍ତୀ ଅଲରାଉଣ୍ଡର**



“ ଇମ୍ରାନ ଖାଁଙ୍କ ଅଧୀନରେ ପାକିସ୍ତାନ ପରାଜୟ ସ୍ଥିତିରେ ମ୍ୟାଚ ଛଡ଼ାଇ ଆଣି ବିଜୟୀ ହୋଇପାରୁଥିଲା, ସେହି ଲକ୍ଷଣ ବିରାଟ କୋହଲିଙ୍କ ଦଳ ନିକଟରେ ରହିଛି।–**ସଞ୍ଜୟ ମଞ୍ଜ୍ରେକର, ପୂର୍ବତନ କ୍ରିକେଟର**



## ସଂକ୍ଷେପରେ

### ଟିମ୍ ଇଣ୍ଡିଆ ପୁଣି ଦଣ୍ଡିତ

ନୂଆଦିଲ୍ଲୀ,୩।୨(ପି.ଟି.): ପୁଣି ଥରେ ଭାରତୀୟ ଦଳକୁ ଅର୍ଥ ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ଦଳର ବୋଲିଂ ହାର ଧିମା ରହିଥିଲା। ଦିଆଯାଇଥିବା ସମୟ ସୁଦ୍ଧା ଦଳର ଗୋଟିଏ ଓଭର ବଳକା ରହିଯାଇଥିଲା। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳର ୨୦ ପ୍ରତିଶତ ମ୍ୟାଚ୍ ଫି କାଟ କରାଯିବ। ଧିମା ବୋଲିଂ ହାର ପାଇଁ କ୍ରମାଗତ ଦ୍ୱିତୀୟ ଥର ଭାରତୀୟ ଦଳକୁ ଜରିମାନା କରାଯାଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ମଧ ଭାରତୀୟ ଦଳ ଧିମା ବୋଲିଂ ହାର ପାଇଁ ୪୦ ପ୍ରତିଶତ ମ୍ୟାଚ୍ ଫି ହରାଇଥିଲା। ମ୍ୟାଚ୍ ରେଫରି କ୍ରିସ ବ୍ରଡ ଦେଇଥିବା ଦଣ୍ଡାଦେଶକୁ କାମଚଳା ଅଧିନାୟକ ରୋହିତ ସ୍ୱୀକାର କରିନେଇଛନ୍ତି। ଏଣୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ।

### ଗ୍ରାଉଣ୍ଡରେ ଖେଳାଳି ପ୍ରଶଂସକଙ୍କ ମାରପିଟ

ସାଓ ପାଉଲୋ,୩।୨: ବ୍ରାଜିଲର ଏକ ଫୁଟବଲ କ୍ଲବ ମ୍ୟାଚ୍ ପ୍ରଶଂସକଙ୍କ ଯୋଗୁ ବାଧାପ୍ରାପ୍ତ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚ୍ ପ୍ରଥମେ ପ୍ରଶଂସକମାନେ ଗ୍ରାଉଣ୍ଡ ମଧ୍ୟକୁ ପ୍ରବେଶ କରିବା ପରେ ଭ୍ରମଣକାରୀ ଦଳର ଖେଳାଳିଙ୍କ ସହ ମାରପିଟ କରିଥିଲେ। ଫିଗୁରେନ୍ସ ବିପକ୍ଷ ମ୍ୟାଚ୍‌ରେ ଆଭାଇ ୨-୦ ଗୋଲରେ ଆଗୁଆ ଥିଲା। ଉକ୍ତ ଘଟଣା ଏପରି ଥିଲା କି, ଶାର୍ଟ ପିନ୍ଧି ନ ଥିବା ଜଣେ ଫ୍ୟାନ ଗ୍ରାଉଣ୍ଡରେ ଦୌଡ଼ୁଥିବାବେଳେ ରିଜର୍ଭ ଗୋଲକିପର ଗ୍ଲେଡସନ ଅଟକାଇଥିଲେ। ଉକ୍ତ ପ୍ରଶଂସକ ତଳେ ପଡ଼ିବା ପରେ ଅନ୍ୟ ଆଭାଇ ଖେଳାଳି ବ୍ରୁନୋ ସିଲଭା କିକ୍ କରିଥିଲେ। ଏହାପରେ ଦଳର ଅନ୍ୟ ସଦସ୍ୟମାନେ ଫ୍ୟାନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଫିଲ୍ଡରୁ ପ୍ରଶଂସକଙ୍କୁ ନେଇ ଯାଇଥିଲେ। ବ୍ରଜିଲିଆନ ଗଣମାଧ୍ୟମ ଅନୁଯାୟୀ, ବ୍ରୁନୋ ସିଲଭା ସବଷ୍ଟିଚ୍ୟୁଟ ଖେଳାଳି ଭାବେ ପଡ଼ିଆରେ ପ୍ରବେଶ କରିବା ପରେ ଫିଗୁରେନ୍ସ ଦଳର ପ୍ରଶଂସକଙ୍କ ଦ୍ୱାରା ଅପମାନିତ ହୋଇଥିଲେ। ମ୍ୟାଚ୍ ୨୦ ମିନିଟ୍ ଧରି ବାଧାପ୍ରାପ୍ତ ହୋଇଥିଲା। ଏହି ଘଟଣା ପରେ ଦୁଇ ଦଳ ପକ୍ଷରୁ କୌଣସି ଗୋଲ ସ୍କୋର କରାଯାଇ ନ ଥିଲା।

### ଚଳିତ ମାସ ସୁଦ୍ଧା ନୂଆ ଚୟନକର୍ତ୍ତା

ମୁମ୍ବାଇ, ୩।୨(ପି.ଟି.): ଚଳିତମାସ ଶେଷ ସୁଦ୍ଧା ଜାତୀୟ ସିନିୟର କ୍ରିକେଟ ସିଲେକ୍ସନ ପ୍ୟାନେଲର ଦୁଇ ନୂଆ ସଦସ୍ୟଙ୍କୁ ମନୋନୀତ କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସୋମବାର ପ୍ରକାଶ କରିଛନ୍ତି। ୫ ଜଣିଆ ସଦସ୍ୟ ବିଶିଷ୍ଟ ସିଲେକ୍ସନ ପ୍ୟାନେଲରେ ଚେୟାରମ୍ୟାନ ଏମ୍ଏସ୍‌କେ ପ୍ରସାଦ ଏବଂ ଗଗନ ଖୋଦାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହି ପଦବୀ ପୂରଣ କରିବାଲାଗି ଦରଖାସ୍ତ ଆହ୍ୱାନ କରାଯାଇଥିଲେ। ଆବେଦନକାରୀଙ୍କ ମଧ୍ୟରେ ରହିଥିବା ପୂର୍ବତନ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଅଜିତ ଅଗରକର, ଲକ୍ଷ୍ମଣ ଶିବରାମକ୍ରିଷ୍ଣନ, ଅମିୟ ଖୁରାସିଆ ଏବଂ ନୟନ ମୋଙ୍ଗିଆ। ବିସିସିଆଇ ନିକଟରେ ପୂର୍ବତନ ଭାରତୀୟ ଖେଳାଳି ମଦନ ଲାଲ୍, ଆର୍.ପି ସିଂ ଏବଂ ସୁଲକ୍ଷଣା ନାଏକ ପ୍ରମୁଖଙ୍କ ନେଇ ନୂଆ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଗଠନ କରିଛି। ସିଏସି ଚଳିତ ମାସ ଶେଷ ସୁଦ୍ଧା ଚୟନକର୍ତ୍ତାଙ୍କୁ ମନୋନୟନ କରିବା ଉଚିତ୍ ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି।

# ମହାରାଷ୍ଟ୍ର ମୁକାବିଲା ପାଇଁ ଓଡ଼ିଶା ପ୍ରସ୍ତୁତ

**ରଣଜୀ ଟ୍ରଫି**
- ପିଚ୍ ସ୍ପିନରଙ୍କୁ ସୁହାଇବା ସମ୍ଭାବନା
- ଜିତିଲେ କ୍ୱାର୍ଟର ଫାଇନାଲ

**କଟକ ଅଫିସ,୩।୨**

ମହାରାଷ୍ଟ୍ରର ନାଗୋଥାନେସ୍ଥିତ ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହେବ। ଚଳିତ ସିଜନର ଲିଗ୍ ପର୍ଯ୍ୟାୟରେ ଓଡ଼ିଶାର ଏହା ୮ମ ମ୍ୟାଚ୍। ୭ଟି ମ୍ୟାଚ୍‌ରୁ ୫ ବିଜୟ ଓ ଗୋଟିଏ ଲେଖାଏ ପରାଜୟ, ଡ୍ର ବଳରେ ୩୫ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ହାତରେ ଆଉ ୨ଟି ମ୍ୟାଚ୍ ରହିଥିବାରୁ କ୍ୱାର୍ଟର ଫାଇନାଲ ଦୌଡ଼ରେ ଓଡ଼ିଶା ଆଗରେ ଅଛି। ତେଣୁ ଏହି ମ୍ୟାଚ୍‌କୁ ଜିତି ଓଡ଼ିଶା କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିବା ଲକ୍ଷ୍ୟରେ ରହିଛି। ଆସନ୍ତା ୧୨ରୁ ବାରବାଟୀରେ ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଖେଳିବ।

ଅଙ୍କିତ ବାୱନେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ଚଳିତ ସିଜନରେ ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହିଁ। ଦୁଇଥର ରଣଜୀ ଟାଇଟଲ ହାସଲ କରିଥିବା ଏହି ଦଳ ଚଳିତବର୍ଷ ୭ଟି ଲିଗ୍ ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ଗୋଟିଏ ଡ୍ର ବଳରେ ୨୧ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ପ୍ରଥମ ୪ଟି ମ୍ୟାଚ୍‌ରେ ଏହି ଦଳ ଦୁର୍ବଳ ପ୍ରଦର୍ଶନ କରିଥିଲା। ତେବେ ଗତ ୩ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବାରୁ ଦଳର ମନୋବଳ ଦୃଢ଼ ରହିଛି। ଝାଡ଼ଖଣ୍ଡକୁ ୮ ଉଇକେଟରେ, ଆସାମକୁ ୨୧୮ରନରେ ଓ ତ୍ରିପୁରାକୁ ୫ଉଇକେଟରେ ପରାସ୍ତ କରିଛି ମହାରାଷ୍ଟ୍ର। ବାମହାତୀ ଅର୍ଥୋଡକ୍ସ ସତ୍ୟଜିତ ବଚଭ ଦଳର ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ମହାରାଷ୍ଟ୍ରରେ ପିଚ୍ ସ୍ପିନ ବୋଲିଂକୁ ସୁହାଇବ ବୋଲି ପୂର୍ବାନୁମାନ କରାଯାଉଛି। ଏଣୁ ଓଡ଼ିଶାର ଚୂଡ଼ାନ୍ତ ଏକାଦଶରେ ପପୁ ରାୟଙ୍କୁ ସ୍ଥାନ ମିଳିବା ନେଇ ଆଶା ରହିଛି। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ଅଲରାଉଣ୍ଡର ଅଭିଷେକ ରାଉତ ମଧ ସ୍ପିନ ବୋଲିଂ ଚ୍ୟାଲେଞ୍ଜ ସମ୍ଭାଳିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ପେସ୍ ବୋଲରମାନେ ଚମତ୍କାର ପ୍ରଦର୍ଶନ ବଜାୟ ରଖିଛନ୍ତି। ରାଜେଶ ମହାନ୍ତି ୭ ମ୍ୟାଚ୍‌ରୁ ରାଜ୍ୟ ପାଇଁ ସର୍ବାଧିକ ୩୧ଟି ଉଇକେଟ ଦଖଲ କରିଛନ୍ତି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୩୦ଟି ଓ ବସନ୍ତ ମହାନ୍ତିଙ୍କୁ ୨୭ଟି ଉଇକେଟ ମିଳିଛି। ବ୍ୟାଟିଂ ଲାଇନଅପରେ ବିଶେଷ ପରିବର୍ତ୍ତନ କରାଯାଇ ନ ପାରେ। ‘‘ଦଳର ପ୍ରତ୍ୟେକ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ସମସ୍ତ ଖେଳାଳି ବ୍ୟକ୍ତିଗତ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ବଜାୟ ରଖିଛନ୍ତି। ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍ ଜିତିବା ମଧ ଦଳର ଲକ୍ଷ୍ୟ ’’ କୋଚ୍ ରଶ୍ମିରଞ୍ଜନ ପରିଡ଼ା ପ୍ରକାଶ କରିଛନ୍ତି।

**ରଣଜୀ ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଳବ ସାମନ୍ତରାୟ(ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର (ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। କେଚ୍: ରଶ୍ମି ରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ମ୍ୟାନେଜର: ମନୋଜ କୁମାର ବିଶ୍ୱାଳ।


ପପୁ ରାୟ

# ଆହତ ରୋହିତ୍ ନ୍ୟୁଜିଲାଣ୍ଡ ଟୁର୍‌ରୁ ବାଦ୍

**ନୂଆଦିଲ୍ଲୀ, ୩।୨(ପି.ଟି.)**

ଆଘାତଜନିତ ସମସ୍ୟା ଲାଗି ଭାରତୀୟ ସୀମିତ ଓଭର ଦଳର ଉପଅଧିନାୟକ ରୋହିତ୍ ଶର୍ମା ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଦିନିକିଆ ଓ ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ରବିବାର ଟି୨୦ ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବାବେଳେ ରୋହିତ୍‌ଙ୍କ ମାଂସପେଶୀ ଟାଣିହୋଇଯାଇଥିଲା। ଏହାପରେ ରୋହିତ୍ ରିଟାୟର୍ଡ ହଟ୍ ହୋଇ ପ୍ୟାଭିଲିୟନ ଫେରି ଆସିଥିଲେ। ସେତେବେଳକୁ ସେ ୪୧ ବଲ୍‌ରୁ ୬୦ ରନ୍ କରି ବ୍ୟାଟିଂ କରୁଥିଲେ।

‘ରୋହିତ୍ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ କିଛି ଠିକ୍ ନାହିଁ। ଫିଜିଓ ତାଙ୍କ ଉପରେ ନଜର ରଖିଛନ୍ତି। ଏହାପରେ ଆମେ ଜାଣିପାରିବୁ ଯେ ତାଙ୍କ ଆଘାତ ସମସ୍ୟା କେତେ ଖରାପ ହୋଇଛି। କିନ୍ତୁ ସିରିଜରେ ସେ ଆଗକୁ ଖେଳିବେ ନାହିଁ’ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ୫-୦ରେ କ୍ଲିନ୍ ସୁଇପ୍ କରିବା ପରେ ଏହି ଗସ୍ତରେ ଭାରତ ଏବେ ୩ ଦିନିକିଆ ଓ ୨ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହେବ। ରୋହିତ୍ ବାଦ୍ ପଡ଼ିବା ଫଳରେ ତାଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲ ୩ୟ ଓପନର୍ ଭାବେ ଦିନିକିଆ ଦଳରେ ସ୍ଥାନ ପାଇବେ। ପୂର୍ବରୁ ଲୋକେଶ ରାହୁଲ ଓ ପୃଥ୍ୱୀ ଶ’ ଓପନର୍ ଭାବେ ଦିନିକିଆ ଦଳରେ ରହିଛନ୍ତି। ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ଶିଖର ଧାୱନ ଆଘାତ ହୋଇ ବାଦ୍ ପଡ଼ିବାରୁ ଅତିରିକ୍ତ ଓପନର୍ ଭାବେ ମୟଙ୍କଙ୍କୁ ସୁଯୋଗ ଦିଆଯାଇଥିଲା। ଏହି ଦୃଷ୍ଟିରୁ ମୟଙ୍କ ସ୍ଥାନ ପାଇବା ସମ୍ଭାବନା ଅଧିକ ରହିଛି। ସେହିଭଳି ଟେଷ୍ଟ ଦଳରେ ରୋହିତ୍‌ଙ୍କ ଅନୁପସ୍ଥିତିରେ ଶୁବମନ ଗିଲ୍‌ଙ୍କୁ ୩ୟ ଓପନର୍ ଭାବେ ଡାକରା ମିଳିପାରେ। ପୂର୍ବରୁ ଗିଲ୍ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ସମୟରେ ମଧ ୩ୟ ଓପନର୍ ଭାବେ ଦଳରେ ରହିଥିଲେ। ନ୍ୟୁଜିଲାଣ୍ଡ-ଏ ବିପକ୍ଷ ଚଳିତ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଗିଲ୍ ଯଥାକ୍ରମେ ୮୩ ଓ ୨୦୪* ରନ କରି ନିଜକୁ ଦୃଢ଼ ଦାବିଦାର ଭାବେ ଉପସ୍ଥାପିତ କରିପାରିଛନ୍ତି। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇନାହିଁ।


ଜାତୀୟ ସିନିୟର ମହିଳା ହକିରେ ସୋମବାର ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସରିତାଙ୍କ ହ୍ୟାଟ୍ରିକ: ଓଡ଼ିଶା ବିଜୟୀ

**କଟକ ଅଫିସ,୩।୨**

କେରଳର କୋଲାମଠାରେ ୧୦ମ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ (ଡିଭିଜନ ଏ)ର ସୋମବାର ମ୍ୟାଚ୍‌ରେ ହକି ଓଡ଼ିଶା ବୃହତ ବିଜୟ ହାସଲ କରିଛି। ଦଳ ୬-୧ ଗୋଲ୍‌ରେ ହକି ହିମାଚଳ ପ୍ରଦେଶକୁ ହରାଇଛି। ପ୍ରଥମ କ୍ୱାର୍ଟରର ପଞ୍ଚମ ମିନିଟ୍‌ରେ ଦୀପ୍ତି ଲାକ୍ରା ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୩୦ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ନରରୁ ହକି ଓଡ଼ିଶା ଅଧିନାୟିକା ରଶ୍ମିତା ମିଞ୍ଜ ଦ୍ୱିତୀୟ ଗୋଲ୍ ଦେଇଥିଲେ। ପରେ ତୃତୀୟ କ୍ୱାର୍ଟରରେ ଓଡ଼ିଶା ଦୁଇଟି ଗୋଲ୍ ସ୍କୋର କରି ୪-୦ରେ ଅଗ୍ରଣୀ ନେଇଥିଲା। ତୃତୀୟ କ୍ୱାର୍ଟରରେ ଦୀପ୍ତି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇଥିବା ବେଳେ ସରିତା କେରକେଟା ପ୍ରଥମ ଗୋଲ୍ ସ୍କୋର କରିଛନ୍ତି। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରର ୫୦ତମ ମିନିଟ୍‌ରେ ସରିତା କେରକେଟା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏହାର ୩ ମିନିଟ୍ ପରେ ହକି ହିମାଚଳର ଆରତି କାଶ୍ୟପ ଦଳ ନିମନ୍ତେ ପ୍ରଥମ ଗୋଲ୍ ଦେବା ଫଳରେ ସ୍ଥିତି ୫-୧ରେ ପହଞ୍ଚିଥିଲା। ୫୮ତମ ମିନିଟ୍‌ରେ ହକି ଓଡ଼ିଶାର ସରିତା ତୃତୀୟ ତଥା ହ୍ୟାଟ୍ରିକ ଗୋଲ୍ ଦେଇ ୬-୧ ଗୋଲ୍‌ରେ ଜିତାଇଥିଲେ।

## ଭାରତୀୟ ପ୍ରଶଂସକ ବାସନ୍ଦ

**ମାଉଣ୍ଟ ମାଉଁଗୁନ,୩।୨(ପି.ଟି.)**

ବାରମ୍ବାର ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣେ ଭାରତୀୟ ପ୍ରଶଂସକଙ୍କୁ ଓଭାଲ ଗ୍ରାଉଣ୍ଡ ପ୍ରବେଶରୁ ବାସନ୍ଦ କରାଯାଇଛି। ଏଠାରେ ଭାରତ ଓ ନ୍ୟୁଜିଲାଣ୍ଡ ସିରିଜ୍‌ର ପଞ୍ଚମ ଟି୨୦ ମ୍ୟାଚ୍ ପରେ ଏହି ପ୍ରଶଂସକ ଜଣକ ଭାଷ୍ୟକାରଙ୍କୁ ଅପମାନିତ କରିଥିଲେ। ୨୪ବର୍ଷୀୟ ଏହି ପ୍ରଶଂସକଙ୍କୁ ଗିରଫ କରାଯାଇଛି। ପ୍ରଥମେ ସେ ଭାଷ୍ୟକାରଙ୍କୁ ଅଟୋଗ୍ରାଫ ପାଇଁ ଅନୁରୋଧ କରିଥିଲେ। ଅଟୋଗ୍ରାଫ ନ ମିଳିବାରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ସୁରକ୍ଷା କର୍ମଚାରୀମାନେ ହସ୍ତକ୍ଷେପ କରି ତୁରନ୍ତ ଏହି ଦର୍ଶକଙ୍କୁ ଷ୍ଟାଡିୟମ ବାହାରକୁ ନେଇଯାଇଥିଲେ। ଭାଷ୍ୟକାରଙ୍କ ପରିଚୟ ଜଣାପଡ଼ିନାହିଁ। ଗତମାସରେ ନ୍ୟୁଜିଲାଣ୍ଡ କ୍ରିକେଟ ଜଣେ ପ୍ରଶଂସକଙ୍କୁ ଇଂଲଣ୍ଡ ଖେଳାଳିଙ୍କୁ ବର୍ଣ୍ଣବୈଷମ୍ୟ କମେଣ୍ଟ କରିବା ଯୋଗୁ ବାସନ୍ଦ କରିଥିଲା।

# ରାହୁଲଙ୍କୁ ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ୍

**ଦୁବାଇ,୩।୨(ପି.ଟି.)**



ଭାରତୀୟ ଓପନର ଲୋକେଶ ରାହୁଲ ଟି୨୦ କ୍ୟାରିୟରର ଶ୍ରେଷ୍ଠ ଦ୍ୱିତୀୟ ର୍‌ୟାଙ୍କିଙ୍ଗ୍ ହାସଲ କରିଛନ୍ତି। ଏହା ଦର୍ଶାଇଛି ସୋମବାର ପ୍ରକାଶ ପାଇଥିବା ଆଇସିସି ଟି୨୦ ର୍‌ୟାଙ୍କିଙ୍ଗ୍। ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ରାହୁଲ ସର୍ବାଧିକ ୨୨୪ ରନ୍ କରିଥିଲେ। ଏଥିରେ ଦୁଇଟି ଅର୍ଦ୍ଧଶତକ ଓ ଥରେ ୪୦ରୁ ଅଧିକ ରନ୍ କରିଥିଲେ। ପାକିସ୍ତାନର ବାବର ଆଜମ ପୋଲ ପୋଜିଶନ ବଜାୟ ରଖିଛନ୍ତି। ଭାରତୀୟ ଦଳର ଉପଅଧିନାୟକ ରୋହିତ ଶର୍ମା ଟପ୍ ୧୦ରେ ପ୍ରବେଶ କରିଛନ୍ତି। ଅଧିନାୟକ ବିରାଟ କୋହଲି ନବମ ସ୍ଥାନରେ ରହିଛନ୍ତି। ଅନ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଶ୍ରେୟାସ ଆୟାର (୫୫ତମ ର୍‌ୟାଙ୍କ) ଓ ମନୀଷ ପାଣ୍ଡେ (୫୮ତମ)ଙ୍କ ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ଆସିଛି। ବୋଲରଙ୍କ ର୍‌ୟାଙ୍କିଙ୍ଗ୍‌ରେ ମଧ ଉଲ୍ଲେଖନୀୟ ଉନ୍ନତି ଆସିଛି। ଯଶପ୍ରୀତ ବୁମରା(୧୧), ୟୁଜବେନ୍ଦ୍ର ଚହଲ(୩୦) ଓ ଶାର୍ଦ୍ଦୂଳ ଠାକୁର (୫୭) ଯଥାକ୍ରମେ ୨୬, ୧୦ ଓ ୩୪ ସ୍ଥାନ ଉପରକୁ ଉଠିଛନ୍ତି। ନବଦୀପ ସଇନି (୭୧) ଓ ରବୀନ୍ଦ୍ର ଜାଡେଜା (୭୬) ମଧ ଉପରକୁ ଆସିଛନ୍ତି।

# ସର୍ବଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଆନ୍ତଃ ମଣ୍ଡଳ ବାସ୍କେଟବଲ ଆରମ୍ଭ

**ଭୁବନେଶ୍ୱର, ୩।୨(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଆନୁକୂଲ୍ୟରେ ସର୍ବଭାରତୀୟ ଷ୍ଟେଟବ୍ୟାଙ୍କ ଆନ୍ତଃ ମଣ୍ଡଳ ବାସ୍କେଟବଲ କଳିଙ୍ଗ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍‌ର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ୪ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ଭାରତୀୟ ଷ୍ଟେଟବ୍ୟାଙ୍କର ୧୨ଟି ମଣ୍ଡଳ ଦଳ ଅଂଶଗ୍ରହଣ କରିଛନ୍ତି। କର୍ମଚାରୀଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ଜାଗ୍ରତ ସହ ଫିଟ୍‌ନେସ ଆଣିବା ପାଇଁ ଏସବିଆଇର ମଣ୍ଡଳ କଲ୍ୟାଣ କମିଟି ଏପରି କାର୍ଯ୍ୟକ୍ରମ ହାତକୁ ନେଇଛି। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ ୬ ତାରିଖରେ ଅନୁଷ୍ଠିତ ହେବ।

# ବାଙ୍କୀ ଆଥଲେଟିକ ଆସୋସିଏଶନ ବିଜୟୀ

**ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ**

**ବାଙ୍କୀ, ୩।୨(ସ୍ୱ.ପ୍ର.)**

ବାଙ୍କୀ ପଥୁରୀପଡ଼ା ମହାବେରେଣା ବିଦ୍ୟାପୀଠ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ ଦିନ ଖେଳରେ ସୋମବାର ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ୨୫ ରନ୍‌ରେ କଳିଙ୍ଗ ଟାଇଗର (ଖୋର୍ଦ୍ଧା)କୁ ପରାସ୍ତ କରିଛି। ମହାବେରେଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ପ୍ରଥମେ ବ୍ୟାଟିଂ କରି ବାଙ୍କୀ ବିଶ୍ୱରଞ୍ଜନ ବାରିକ (୧୦୫ ରନ୍)ଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୨୪୨ ରନ୍ ସଂଗ୍ରହ କରିଥିଲା। ସବିର ବେହେରା ୪୮ ଓ ତପନ ନାୟକ ୩୫ ରନ୍ କରିଥିଲେ। କଳିଙ୍ଗ ଟାଇଗରର ରସାନନ୍ଦ ୨ଟି ଉଇକେଟ୍ ନେଇଥିଲେ। ଜବାବରେ କଳିଙ୍ଗ ଟାଇଗର ୨୦ ଓଭର ଖେଳି ୨୧୭ ରନ୍ ସଂଗ୍ରହ କରିଥିଲା। ଟୁନୁ ଖଟୁଆ ୪୫ ଏବଂ ଅଜିତ୍ ଦାଶ ୫୧ ରନ୍ କରିଥିଲେ। ରାହୁଲ ସିଂହ ଓ ଅବିନାଶ ୨ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ବାଙ୍କୀ ଦଳର ବିଶ୍ୱରଞ୍ଜନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସୁଧିରଞ୍ଜନ ପଣ୍ଡା ଓ ମନୋଜ ମହାପାତ୍ର ଖେଳ ପରିଚାଳନା ଏବଂ ସୌମ୍ୟରଞ୍ଜନ ତ୍ରିପାଠୀ ସ୍କୋରିଂରେ ସହାୟତା କରିଥିଲେ। ଦିଲୀପ କୁମାର ବେହେରା, ଶୁଭେନ୍ଦୁ ମିଶ୍ର, କ୍ରୀଡ଼ାବିତ୍ ରାଜକିଶୋର ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଶତକୀୟ ଇନିଂସ୍ ଲାଗି ବିଶ୍ୱରଞ୍ଜନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜସେବୀ ବିଜୟ କୁମାର ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଆୟୋଜକ କ୍ଲବର ସାଧାରଣ ସମ୍ପାଦକ ସଦାଶିବ ଦାଶ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମଙ୍ଗଳବାର ଟିଏଫ୍‌ସି (ଭୁବନେଶ୍ୱର) ଓ ବୁରକ୍ଷ୍ଟାର (ଯାଁଳା) ମଧ୍ୟରେ ଖେଳ ଅନୁଷ୍ଠିତ ହେବ।


ବିଶ୍ୱରଞ୍ଜନ ବାରିକ ମ୍ୟାନ ଅଫ୍ ଦି ପୁରସ୍କାର ଗ୍ରହଣ କରୁଛନ୍ତି।

## ଟ୍ରେନରଙ୍କୁ ଅପମାନିତ କଲେ ଅକମଲ

**କରାଚୀ,୩।୨**

ଦୀର୍ଘଦିନ ହେଲା ପାକିସ୍ତାନ ଜାତୀୟ ଦଳରୁ ବାଦ୍ ପଡ଼ିଥିବା ଉମର ଅକମଲ ଶୃଙ୍ଖଳାଗତ ଦଣ୍ଡାଦେଶର ସମ୍ମୁଖୀନ ହୋଇପାରନ୍ତି। ସେ ଫିଟ୍‌ନେସ ଟେଷ୍ଟବେଳେ ଟ୍ରେନରଙ୍କୁ ଅପମାନିତ କରିଥିବା ରିପୋର୍ଟ ହୋଇଛି। ଫିଟ୍‌ନେସ ଟେଷ୍ଟବେଳେ ଟ୍ରେନରଙ୍କୁ ‘ଚର୍ବି କୋଉଠି ଅଛି’ ବୋଲି ପ୍ରଶ୍ନ କରିଥିଲେ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିକଟରେ ଏ ନେଇ ରିପୋର୍ଟ ହୋଇଛି। ଜାତୀୟ କ୍ରିକେଟ ଏକାଡେମିରେ ଘଟିଥିବା ଘଟଣା ସମ୍ପର୍କରେ ଆମେ ଅବଗତ ଅଛୁ। ଏ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଦରକାର। ଅକମଲ ଫିଟନେସ ଟେଷ୍ଟରେ ବିଫଳ ହେବା ପରେ ଶାର୍ଟ ଖୋଲି ଚର୍ବି କାହିଁ ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟକୋଚ୍ ତଥା ପୂର୍ବତନ ଅଧିନାୟକ ମିସ୍‌ବା ଉଲ ହକ୍ ଏବେ ଖେଳାଳିଙ୍କ ଫିଟନେସ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ପ୍ରୋଭିନ୍ସିଆଲ ଦଳର ଖେଳାଳି ୪ ମାସକୁ ଥରେ ଫିଟନେସ ଟେଷ୍ଟର ସମ୍ମୁଖୀନ ହେବେ। ଉମର ୨୦୦୯ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ପଦାର୍ପଣ କରିଥିଲେ। ସେ ଏପର୍ଯ୍ୟନ୍ତ ୧୯ ଟେଷ୍ଟ, ୧୨୧ ଦିନିକିଆ ଓ ୮୪ ଟି୨୦ ଖେଳିସାରିଛନ୍ତି।


ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ ଅତିଥିଙ୍କ ଗହଣରେ।

# ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୩।୨(କ୍ରୀଡ଼ା ପ୍ରତିନିଧି)**

ଦିଲ୍ଲୀର ପ୍ରୀତମପୁରାଠାରେ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଚଳିତମାସ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ଦଳ ସୋମବାର ଦିଲ୍ଲୀ ଯାତ୍ରା କରିଛି। ଅମ୍ପାୟର ମହମ୍ମଦ ଅନସାର ଉଲ୍ ହକ୍ ଓ ମହମ୍ମଦ ଅମନ ଦଳସହ ଯାତ୍ରା କରିଛନ୍ତି। ଓଡ଼ିଶା ଦଳକୁ ବିଦାୟ ଜଣାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଉତ୍କଳ ଆସୋସିଏଶନ ସଭାପତି ଚିନ୍ମୟ କୁମାର ଦାସ, ଦୂରଦର୍ଶୀ ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। **ଓଡ଼ିଶା ବାଳିକା ଦଳ:** ସଙ୍ଗୀତା ଭଞ୍ଜ, ପ୍ରତୀକ୍ଷା ବାଲ୍, ରାଜେଶ୍ୱରୀ ମଲିକ, ଉମା ଗିରି, ଉସାସି କାରାକ, ଶ୍ୟାମେଲି ବୋଷ। କୋଚ୍: ମହମ୍ମଦ ଆଜାମ, ମ୍ୟାନେଜର: ଅନସୂୟା ବାରିକ।

**ଓଡ଼ିଶା ବାଳକ ଦଳ:** ସ୍ୱସ୍ତିକ ପାତ୍ର, ଆକାଶ ପଲେଇ, ଅଂଶୁମାନ ଚୌଧୁରୀ, ଉଦ୍‌ନାରାୟଣ ପଣ୍ଡା, ବାଦଲ ଜେନା, ରୁଦ୍ର ପ୍ରକାଶ ସ୍ୱାଇଁ, ସମ୍ଭବ ଦାସ, ପ୍ରଭୁଦତ୍ତ ମହାପାତ୍ର, ଦେବୀ ପ୍ରସାଦ ବେହେରା। **କୋଚ୍:** ବିକାଶ ଚନ୍ଦ୍ର ପଟ୍ଟନାୟକ, ମ୍ୟାନେଜର: ବିକାଶ ମହାପାତ୍ର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଫେବୃୟାରୀ, ୨୦୨୦



"ପିଠି ଯନ୍ତ୍ରଣାରେ ପୀଡ଼ିତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ତରବର ନ ହୋଇ ଧୈର୍ଯ୍ୟ ଧରିବା ଉଚିତ୍।-ଜାହିର ଖାଁ, ପୂର୍ବତନ ଭାରତୀୟ ପେସ୍ ବୋଲର



"ମ୍ୟାଚ ବେଳେ ଚାପରେ ଥିବା ଅବସ୍ଥାରେ ଶାନ୍ତ ସ୍ୱଭାବ ଯୋଗୁ ମହେନ୍ଦ୍ର ସିଂ ଧୋନୀ ଭାରତର ଜଣେ ସଫଳ ଅଧିନାୟକ ଭାବେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି।-ରୋହିତ ଶର୍ମା, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଲୌରିଅସ୍ ସ୍ପୋର୍ଟିଂ ମୋମେଣ୍ଟ ଆୱାର୍ଡ: ୫ ଜଣିଆ ତାଲିକାରେ ତେନ୍ଦୁଲକର

ନୂଆଦିଲ୍ଲୀ, ୩।୨(ପି.ଟି.): ମର୍ଯ୍ୟାଦାପୂର୍ଣ୍ଣ ଲୌରିଅସ୍ ସ୍ପୋର୍ଟିଂ ମୋମେଣ୍ଟ ୨୦୦୦-୨୦୨୦ ଆୱାର୍ଡ ପାଇଁ କରାଯାଇଥିବା ୫ ଜଣିଆ ସଂକ୍ଷିପ୍ତ ତାଲିକାରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ସ୍ଥାନ ପାଇଛନ୍ତି। ଫେବୃୟାରୀ ୧୬ରେ ତୃତୀୟ ତଥା ଫାଇନାଲ ରାଉଣ୍ଡ ଭୋଟିଂରେ ବିଜେତାଙ୍କ ନାମ ଘୋଷଣା କରାଯିବ। ଦି ମୋମେଣ୍ଟର ଶୀର୍ଷକ ହେଲା 'କ୍ୟାରେଡ୍ ଅନ୍ ଦି ସୋଲ୍ଡର୍ସ ଅଫ୍ ଏ ନେଶନ'। ଭାରତୀୟ କ୍ରିକେଟ ଟିମ୍‌ର ୨୦୧୧ ଆଇସିସି କ୍ରିକେଟ ବିଶ୍ୱକପ୍ ସଫଳତାକୁ ଏହା ବୁଝାଉଛି। ତେନ୍ଦୁଲକର ୬ଷ୍ଠ ପ୍ରୟାସରେ ଏହି ସଫଳତାର ସ୍ୱାଦ ପାଇଥିଲେ। ଫାଇନାଲରେ ଭାରତୀୟ ଦଳ ୬ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ନିଜ ଘରୋଇ ସହରର ଏହି ବିଜୟ ପାଇଁ ତେନ୍ଦୁଲକରଙ୍କ ଆଖିରେ ଆନନ୍ଦାଶ୍ରୁ ଦେଖିବାକୁ ମିଳିଥିଲା। ଭାରତୀୟ ଦଳର ଖେଳାଳିମାନେ ତାଙ୍କୁ କାନ୍ଧରେ ବସାଇ ପଡ଼ିଆ ପରିକ୍ରମା କରିଥିଲେ। ଭାରତୀୟ ବ୍ୟାଟିଂ ଆଇକନ୍ ପ୍ରଥମେ ୨୦ ଜଣିଆ ତାଲିକାରେ ସ୍ଥାନ ପାଇଥିଲେ। ସମ୍ମାନଜନକ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡର ବିଜେତାଙ୍କୁ ବାଛିବା ଲାଗି ପ୍ରଣେତା ଲୌରିଅସ୍ ସ୍ପୋର୍ଟିଂ ମୋମେଣ୍ଟ ୨୦୦୦-୨୦୨୦ ଫାଉଣ୍ଡେଶନ ପକ୍ଷରୁ ସାଧାରଣ ଭୋଟ ବ୍ୟବସ୍ଥା କରାଯାଇଛି। ଖେଳପ୍ରେମୀମାନେ ଭୋଟ ମାଧ୍ୟମରେ ବିଜେତାଙ୍କୁ ମନୋନୀତ କରିବେ। ଫେବୃୟାରୀ ୧୭ରେ ବର୍ଲିନଠାରେ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ୍ସ ଶୋ ବେଳେ ବିଜେତାଙ୍କ ନାମ ଘୋଷଣା କରାଯିବ।

### ଏଲିସି ପେରିଙ୍କ ରେକର୍ଡ

ମେଲବୋର୍ନ,୩।୨: ଅଷ୍ଟ୍ରେଲିଆନ ମହିଳା କ୍ରିକେଟର ଏଲିସି ପେରି ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ରବିବାର ଭାରତ ବିପକ୍ଷରେ ଅନୁଷ୍ଠିତ ଟି୨୦ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ପେରି ସର୍ବାଧିକ ଟି୨୦ ଖେଳିଥିବା ମହିଳା କ୍ରିକେଟର ହେବାର ସଫଳତା ପାଇଛନ୍ତି। ୨୯ ବର୍ଷୀୟା



ଅଲରାଉଣ୍ଡର ପେରିଙ୍କ ଲାଗି ଭାରତ ବିପକ୍ଷ ମ୍ୟାଚ୍ ଥିଲା ୧୧୩ତମ ଅନ୍ତର୍ଜାତୀୟ ଟି୨୦। ପୂର୍ବରୁ ନ୍ୟୁଜିଲାଣ୍ଡର ସୁଜି ବେଟ୍ସ (୧୧୨ ମ୍ୟାଚ୍) ଏହି ରେକର୍ଡର ଅଧିକାରୀ ଥିଲେ। ତାଲିକାରେ ଭାରତୀୟ ଟି୨୦ ଦଳର ଅଧିନାୟିକା ହରମନପ୍ରୀତ କୌର ୬ଷ୍ଠ ସ୍ଥାନରେ ରହିଛନ୍ତି। ସେ ଏପର୍ଯ୍ୟନ୍ତ ୧୦୬ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି। କେବଳ ଏତିକି ନୁହେଁ, ପେରି ପ୍ରଥମ ଖେଳାଳି ଭାବେ ଟି୨୦ ଫର୍ମାଟରେ ୧ ହଜାର ରନ୍ ଓ ୧୦୦ ଉଇକେଟ ମଧ୍ୟ ହାସଲ କରିଥିଲେ।

### ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍: ଟପ୍ ୧୦ରେ କେନିନ

ପ୍ୟାରିସ, ୩।୨(ଏଏଫ୍‌ପି): ସୋଫିଆ କେନିନ୍ ଅଷ୍ଟ୍ରେଲିଆନ ଓପନ ଟେନିସ ଟାଇଟଲ ବିଜୟିନୀ ହେବା ପରେ ସଦ୍ୟ ପ୍ରକାଶିତ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ତାଲିକାରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଅଧିକାର କରିଛନ୍ତି। ଶନିବାର ମେଲବୋର୍ନଠାରେ ଗାର୍ବାଇନ ମୁଗୁରୁଜାଙ୍କ ବିପକ୍ଷରେ ୪-୬, ୬-୨, ୬-୨ ସେଟ୍‌ରେ ଚମକପ୍ରଦ ବିଜୟ ପରେ ଆମେରିକାର ଏହି ଖେଳାଳିଙ୍କ ୮ ସ୍ଥାନ ପଦୋନ୍ନତି ଘଟିଛି। ସେମିଫାଇନାଲରେ ୨୧ ବର୍ଷୀୟା କେନିନଙ୍କଠାରୁ ପରାସ୍ତ ହୋଇଥିବା ଅଷ୍ଟ୍ରେଲିଆର ଆଶଲେ ବାର୍ଟି ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ କାରୋଲିନା ପ୍ଲିସକୋଭାଙ୍କୁ ପଛରେ ପକାଇ ସିମୋନା ହାଲେପ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି।

**ଟପ୍ ୧୦ ର୍‍ୟାଙ୍କିଙ୍ଗ ତାଲିକା:**
୧.ଆଶଲେ ବାର୍ଟି (ଅଷ୍ଟ୍ରେଲିଆ), ୨.ସିମୋନା ହାଲେପ (ରୋମାନିଆ), ୩. କାରୋଲିନା ପ୍ଲିସକୋଭା (ଚେକ୍‌ରିପବ୍ଲିକ), ୪. ଏଲିନା ସ୍ୱିତୋଲିନା (ୟୁକ୍ରେନ୍), ୫, ବେଲିଣ୍ଡା ବେନ୍‌ସିକ୍ (ସୁଇଜରଲାଣ୍ଡ), ୬. ବାଏଙ୍କା ଆଣ୍ଡ୍ରେସ୍କୁ (କାନାଡା), ୭. ସୋଫିଆ କେନିନ (ଆମେରିକା), ୮. କିକି ବର୍ଟେନ୍ସ (ନେଦରଲାଣ୍ଡ୍ସ), ୯. ସେରେନା ୱିଲିୟମ୍ସ (ଆମେରିକା), ୧୦. ନାଓମି ଓସାକା (ଜାପାନ)।

# ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୩।୨(କ୍ରୀଡ଼ା ପ୍ରତିନିଧି)

ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ଖେଳିବାପାଇଁ ଭାରତ ପ୍ରସ୍ତୁତ। ଏଥର ଭାରତର ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚାମ୍ପିୟନ ବେଲଜିୟମ। କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୧୮ ଓ ୧୯ରେ ଅନୁଷ୍ଠିତ ମ୍ୟାଚରେ ଭାରତ ୫ ଗୋଲ ବ୍ୟବଧାନରେ ବିଜୟ ହାସଲ କରିଥିଲା। ପ୍ରଥମ ମ୍ୟାଚରେ ନେଦରଲାଣ୍ଡକୁ ୫-୨ ଗୋଲରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚଟି ୩-୩ ଗୋଲରେ ବରାବର ରହିବାପରେ ଶୁଟ୍‌ଆଉଟରେ ଭାରତ ୩-୧ ଗୋଲରେ ବିଜୟୀ ହୋଇଥିଲା।



ବେଲଜିୟମ୍ ବିପକ୍ଷ ମ୍ୟାଚ ପାଇଁ ମନୋନୀତ ଭାରତୀୟ ହକି ଦଳ ।

କଳିଙ୍ଗରେ ହେବାକୁଥିବା ବେଲଜିୟମ ବିପକ୍ଷ ମ୍ୟାଚ ପାଇଁ ସୋମବାର ୨୪ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ପୂର୍ବପରି ଓଡ଼ିଶାର ଦୁଇ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି।

ଭାରତ-ବେଲଜିୟମ ମ୍ୟାଚ ଚଳିତମାସ ୮ ଓ ୯ ତାରିଖରେ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପାଇଁ ମନପ୍ରୀତ ସିଂ ଅଧିନାୟକ ଓ ହରମନପ୍ରୀତ ସିଂ ଉପଅଧିନାୟକ ପଦ ବଜାୟ ରଖିଛନ୍ତି। ମାଲେସିଆରେ ଅନୁଷ୍ଠିତ ସୁଲତାନ ଜୋହର କପ୍ ହକିରେ ଭାରତକୁ ରୌପ୍ୟ ପଦକ ଜିତାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ରାଜ କୁମାର ପାଲ୍ ପୁରସ୍କାର ସ୍ୱରୂପ ସିନିୟର ଦଳରେ ସ୍ଥାନ ପାଇଛନ୍ତି। ''ଅଲିମ୍ପିକ୍ସ ପୂର୍ବରୁ ସନ୍ତୁଳିତ ଦଳ ପାଇବା ଆମର ମୁଖ୍ୟ ଲକ୍ଷ୍ୟ। ଏଫଆଇଏଚ୍ ପ୍ରୋ ଲିଗ୍‌କୁ ଆମେ ସେହି ଲକ୍ଷ୍ୟରେ ଖେଳୁଛୁ। ଆମେ ଆଗାମୀ ୨ ମ୍ୟାଚରେ ବିଶ୍ୱର ଶ୍ରେଷ୍ଠ ଦଳକୁ ଭେଟିବାକୁ ଯାଉଛୁ। ତେଣୁ ଭଲ କମ୍ବିନେଶନ ସହିତ ଆମେ ମଧ୍ୟ ପଡ଼ିଆକୁ ଓହ୍ଲାଇବୁ। ପ୍ରଭାବୀ ପ୍ରଦର୍ଶନ ବଜାୟ ରଖିବା ଆମର ଲକ୍ଷ୍ୟ ରହିବ'' ବୋଲି କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। ଚମତ୍କାର ଫର୍ମ ପାଇଁ ରାଜ କୁମାର ପାଲଙ୍କୁ ପୁରସ୍କାର ସ୍ୱରୂପ ସିନିୟର ଦଳରେ ନିଆଯାଇଛି। ତାଙ୍କ ସ୍ପିଡ୍ ଓ କୌଶଳ ଅସାଧାରଣ। ତାଙ୍କ ପ୍ରତିଭାକୁ ଅଧିକ ବିକଷିତ କରିବା ପାଇଁ ବିଶ୍ୱର ନମ୍ବରୱାନ ଦଳ ବିପକ୍ଷରେ ଖେଳିଲେ ସୁଯୋଗ ଦିଆ ଯାଇଛି ବୋଲି ରିଡ୍ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ**

ବେଲଜିୟମ ବିପକ୍ଷ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ପାଇଁ ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ମୁକାବିଲାରେ ଉନ୍ନତ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ଦୁଇଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଭାରତୀୟ ଦଳ**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ହରମନପ୍ରୀତ ସିଂ(ଉପ-ଅଧିନାୟକ), ଗୁରିନ୍ଦର ସିଂ, ଅମିତ ରୋହିଦାସ, ସୁରେନ୍ଦର କୁମାର, ଜରମନପ୍ରୀତ ସିଂ, ରୂପିନ୍ଦରପାଲ ସିଂ, ମନପ୍ରୀତ ସିଂ(ଅଧିନାୟକ), ବିବେକ ସାଗର ପ୍ରସାଦ, ଚିଙ୍ଗଲେନସାନା ସିଂ, ରାଜ କୁମାର ପାଲ, ଦିଲପ୍ରୀତ ସିଂ, ହାର୍ଦ୍ଦିକ ସିଂ, ରମଣଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ସମସେର ସିଂ, ଗୁରସାହିବଜିତ ସିଂ, କୋଥାଜିତ ସିଂ ଖାଡାଙ୍ଗବାମ, ବୀରେନ୍ଦ୍ର ଲାକ୍ରା, ନୀଳକାନ୍ତ ଶର୍ମା, ଗୁରଜାନ୍ତ ସିଂ, ଏସ.ଭି. ସୁନୀଲ।

## ଭାରତୀୟ ବକ୍ସରଙ୍କୁ ୬ ସ୍ୱର୍ଣ୍ଣ

**ଗୋଲ୍ଡେନ ଗର୍ଲ ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୩।୨(ପି.ଟି.)

ସ୍ୱିଡେନ୍‌ର ବୋରାସରେ ଅନୁଷ୍ଠିତ ଗୋଲ୍ଡେନ ଗର୍ଲ ଚାମ୍ପିୟନଶିପ୍‌ରେ ଭାରତୀୟ ଜୁନିୟର ଓ ୟୁଥ୍ ବକ୍ସର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ ଭାରତ ମୋଟ୍ ୧୪ ପଦକ ଜିତିଛି, ଯେଉଁଥିରେ ୬ ସ୍ୱର୍ଣ୍ଣ ରହିଛି। ସେହିଭଳି 'ବେଷ୍ଟ ବକ୍ସର' ପୁରସ୍କାର ମଧ୍ୟ ଭାରତକୁ ମିଳିଛି। ଭାରତୀୟ ଜୁନିୟର ମହିଳା ଦଳ ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ମୋଟ୍ ୯ ପଦକ ହାସଲ କରିଛି। ଅପରପକ୍ଷରେ ଗୋଟିଏ ସ୍ୱର୍ଣ୍ଣ ଓ ୪ ବ୍ରୋଞ୍ଜ ସହ ୟୁଥ୍ ଭାରତୀୟ ଦଳ ମୋଟ୍ ୫ ପଦକ ଅର୍ଜନ କରିଛି ବୋଲି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ଜୁନିୟର ବର୍ଗରେ ଅଂଶଗ୍ରହଣ କରିଥିବା ହରିୟାଣାର ପ୍ରାଚୀ ଧଙ୍କର (୫୦ କିଗ୍ରା) ଶ୍ରେଷ୍ଠ ବକ୍ସର ପୁରସ୍କାର ହାସଲ କରିଥିଲେ। ପ୍ରାଚୀଙ୍କ ବ୍ୟତୀତ ଏଥୋଇବି ଚାନୁ ୱାଙ୍ଗଜାମ (୫୪ କିଗ୍ରା), ଲଶୁ ଯାଦବ (୬୬ କିଗ୍ରା) ଓ ମାହି ରାଘବ (୮୦ କିଗ୍ରା) ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୟୁଥ୍ ବିଭାଗରେ ମୁସ୍କାନ୍ (୫୪ କିଗ୍ରା) ଏକମାତ୍ର ସ୍ୱର୍ଣ୍ଣ ସଫଳତା ଦେଶ ପାଇଁ ଆଣିଥିଲେ। ପ୍ରତିଯୋଗିତାରେ ମୋଟ୍ ୭୫ ଟିମ୍ ଅଂଶଗ୍ରହଣ କରିଥିଲେ।

# କରୋନା ଭାଇରସ୍: ସାମୟିକ ଡୋପ୍ ଟେଷ୍ଟ କରିବନି ଚିନାଡା

ଲାଉସାନେ, ୩।୨ (ଏଏଫ୍‌ପି)

ଟୋକିଓ ଅଲିମ୍ପିକ୍ସ ୬ମାସରୁ କମ୍ ସମୟ ରହିଥିବା ବେଳେ କରୋନା ଭାଇରସ ପାଇଁ ଚାଇନାର ଷ୍ଟେଟ୍ ଆଣ୍ଟି ଡୋପିଂ ଏଜେନ୍ସି (ଚିନାଡା)କୁ ସାମୟିକ ଭାବେ ଡୋପ୍ ଟେଷ୍ଟିଂରୁ ସସ୍‌ପେଣ୍ଡ କରାଯାଇଛି। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ତରଫରୁ ସୋମବାର ଏ ବିଷୟରେ ସୂଚନା ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଏହି ଦେଶରେ ଡୋପ୍ ଟେଷ୍ଟ ତୁଳନାରେ ସାର୍ବଜନିକ ସ୍ୱାସ୍ଥ୍ୟ କାର୍ଯ୍ୟକଳାପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଲିମ୍ପିକ୍ସ ଜୁଲାଇ ୨୪ରୁ ଆରମ୍ଭ ହେବ। ଚାଇନାରେ କରୋନା ଭାଇରସ ଜନିତ ସମସ୍ୟାର ଅବସାନ ଘଟିବା ମାତ୍ରେ ଚିନାଡା ଶୀଘ୍ର ପୂର୍ବଭଳି କାର୍ଯ୍ୟାରମ୍ଭ କରିବ ବୋଲି ଆଇଟିଏ ପ୍ରକାଶ କରିଛି। ଚାଇନିଜ କର୍ତ୍ତୃପକ୍ଷ ସୋମବାର ଦେଇଥିବା ସୂଚନା ଅନୁସାରେ କରୋନା ଭାଇରସ ସଦସ୍ୟ ୫୭ ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ଏହି ଭାଇରସରେ ମୃତ୍ୟୁ ସଂଖ୍ୟା ୩୬୦କୁ ବୃଦ୍ଧି ପାଇଛି। ଗତବର୍ଷ ଶେଷ ଭାଗରେ ଚାଇନାର କେନ୍ଦ୍ରାଞ୍ଚଳ ସହର ଉହାନରେ ପ୍ରଥମେ ଏହି ଭୂତାଣୁକୁ ଠାବ କରାଯାଇଥିଲା। ପଶୁଙ୍କ ଶରୀରରୁ ଆସିଥିବା କୁହାଯାଉଥିବା ଏହି ଭୂତାଣୁ ଇତିମଧ୍ୟରେ ୨୪ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପିଛି। କରୋନା ଭୂତାଣୁ ଆତଙ୍କ ଯୋଗୁ ଚାଇନାରେ ଅନେକ କ୍ରୀଡ଼ା ଇଭେଣ୍ଟକୁ ବାତିଲ କରାଯାଇଛି। ସମସ୍ତ ଘରୋଇ ଫୁଟ୍‌ବଲକୁ ସସ୍‌ପେଣ୍ଡ କରାଯାଇଛି। ବାତିଲ ଅବା ସ୍ଥଗିତ ରଖାଯାଇଥିବା ଇଭେଣ୍ଟଗୁଡ଼ିକ ମଧ୍ୟରେ ରହିଛି ୱାର୍ଲ୍ଡ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍, ଟୋକିଓ ଅଲିମ୍ପିକ୍ସ ବକ୍ସିଂ ଓ ମହିଳା ବାସ୍କେଟବଲ କ୍ୱାଲିଫାୟର୍ସ ଏବଂ ସାଇକ୍ଲିଂର ଟୁର୍ ଅଫ୍ ହେନାନ୍। ଚାଇନା ଓପନ ସ୍ନୁକର, ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଏବଂ ଏଲପିଜିଏ ବ୍ଲୁ ବେ' ଗଲ୍ଫ ଟୁର୍ଣ୍ଣାମେଣ୍ଟ।

# ଭାରତ-ପାକିସ୍ତାନ ସେମିଫାଇନାଲ ଆଜି

**ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍**

ପୋଚେଫଷ୍ଟ୍ରମ, ୩।୨(ପି.ଟି.)

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ସୁପର୍ ଲିଗ୍ ସେମିଫାଇନାଲ ପର୍ଯ୍ୟାୟ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏହି କ୍ରମରେ ପ୍ରଥମ ସେମିଫାଇନାଲର ଏକ ହାଇଭୋଲ୍‌ଟେଜ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିବା ପ୍ରିୟମ୍ ଗର୍ଗଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମଙ୍ଗଳବାର ମ୍ୟାଚ୍‌ରେ ପାକିସ୍ତାନକୁ ହରାଇ ଲଗାତର ୩ୟଥର ଲାଗି ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି। ଅପରପକ୍ଷେ ପାକିସ୍ତାନ ମଧ୍ୟ ଭାରତକୁ ହରାଇ ଏହାର ଅପରାଜେୟ ଧାରାକୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି।




ଭାରତୀୟ ଅଧିନାୟକ ପ୍ରିୟମ୍ ଗର୍ଗ ଓ ପାକିସ୍ତାନର ରୋହେଲ ନାଜିର।

ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଏହି ପର୍ଯ୍ୟାୟରେ ଶ୍ରୀଲଙ୍କା (୯୦ ରନ୍), ଜାପାନ (୧୦ ଉଇକେଟ୍) ଓ ନ୍ୟୁଜିଲାଣ୍ଡ (୪୪ ରନ୍, ଡିଏଲ୍ ପଦ୍ଧତି)କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହାପରେ ଅନ୍ତିମ-୮ ରାଉଣ୍ଡରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୭୪ ରନ୍‌ରେ ପରାସ୍ତ କରି ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ପାକିସ୍ତାନ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅପରାଜେୟ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଅପେକ୍ଷାକୃତ ଦୁର୍ବଳ ସ୍କଟ୍‌ଲାଣ୍ଡ (୭ ଉଇକେଟ୍) ଓ ଜିମ୍ବାୱେ (୩୮ ରନ୍)କୁ ପାକିସ୍ତାନ ହରାଇଥିବାବେଳେ ବର୍ଷା ଲାଗି ବାଂଲାଦେଶ ବିପକ୍ଷରେ ପଏଣ୍ଟ ଭାଗ କରିଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ ଆଫଗାନିସ୍ତାନକୁ ୬ ଉଇକେଟ୍‌ରେ ହରାଇ ପାକିସ୍ତାନ ଅନ୍ତିମ-୪ରେ ସ୍ଥାନ ସୁରକ୍ଷିତ କରିନେଇଥିଲା। ତେଣୁ ସେମିଫାଇନାଲରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି କ୍ରିକେଟ୍‌ପ୍ରେମୀ ଆଶା ରଖିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆ କପ୍‌ରେ ପାକିସ୍ତାନକୁ ଭାରତ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିଭଳି ୨୦୧୮ ବିଶ୍ୱକପ୍ ଜିତିଥିବା ଭାରତ ସେହି ସଂସ୍କରଣରେ ମଧ୍ୟ ପାକିସ୍ତାନକୁ ୨୦୩ ରନ୍‌ର ବୃହତ୍ ବ୍ୟବଧାନରେ ମାତ୍ ଦେଇଥିଲା। ଅଧିନାୟକ ଗର୍ଗଙ୍କ ସମେତ ଓପନର ଯଶ୍ୱୀର ଜୟସ୍ୱାଲ, ତିଲକ ବର୍ମା ପ୍ରମୁଖ ବ୍ୟାଟିଂରେ ସମସ୍ତଙ୍କ ନଜରରେ ରହିବେ। ଜୟସ୍ୱାଲ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ୩ଟି ଅର୍ଦ୍ଧଶତକ ହାସଲ କରିସାରିଛନ୍ତି। ସେହିଭଳି ଚମତ୍କାର ଫର୍ମରେ ରହିଥିବା ଲେଗ୍-ସ୍ପିନର ରବି ବିଷ୍ଣୋଇ ମଧ୍ୟ ପାକିସ୍ତାନ ବ୍ୟାଟ୍ସମ୍ୟାନ୍‌ଙ୍କୁ ଅଡୁଆରେ ପକାଇବେ ବୋଲି ଆଶା କରାଯାଉଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ।**

# ବିବିସି ପୁରସ୍କାର ଦୌଡ଼ରେ ଦୂତୀ

ନୂଆଦିଲ୍ଲୀ, ୩।୨



ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ବିବିସିର ସର୍ବପ୍ରଥମ ଭାରତୀୟ 'ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର' ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ତାଙ୍କ ବ୍ୟତୀତ ତାରକା ରେସଲର ଭିନେଶ ଫୋଗଟ, ବ୍ୟାଡ୍‌ମିଣ୍ଟନ କୁଇନ ପି.ଭି.ସିନ୍ଧୁ, ବକ୍ସିଂ ଲିଜେଣ୍ଡ ଏମସି ମେରୀକମ୍, ପାରାବ୍ୟାଡ୍‌ମିଣ୍ଟନ ଖେଳାଳି ମାନସୀ ଜୋଷୀ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ମାର୍ଚ୍ଚ ୮ ତାରିଖରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ପବ୍ଲିକ ଭୋଟିଂରେ ବିଜେତା ନିର୍ଣ୍ଣିତ ହେବେ। ବିବିସିର ୬ଟି ଭାଷାର ୱେବସାଇଟ୍‌ରେ ଏହା ଫେବୃୟାରୀ ୧୮ ପର୍ଯ୍ୟନ୍ତ ଓପନ ରହିବ। ଦୂତୀ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

ଭିନେଶ ୨୦୧୯ରେ ନୁର ସୁଲତାନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇବା ସହ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ। ସିନ୍ଧୁ ଭାରତର ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ଗତବର୍ଷ ବିଶ୍ୱ ଚାମ୍ପିୟନ ହୋଇଥିଲେ। ସେହିପରି ମାନସୀ ପାରା ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ବିଶ୍ୱ ଚାମ୍ପିୟନର ରେକର୍ଡ ବହନ କରୁଥିବାବେଳେ ମେରୀକମ୍ ୬ ସ୍ୱର୍ଣ୍ଣ ସହ ୮ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଛନ୍ତି। ୪୦ ଜଣ ପ୍ରମୁଖ ସ୍ପୋର୍ଟ୍ସ ଜର୍ନାଲିଷ୍ଟଙ୍କୁ ନେଇ ଗଠିତ ପ୍ୟାନେଲ ଏହି ପୁରସ୍କାର ପାଇଁ ଖେଳାଳି ତାଲିକା ପ୍ରସ୍ତୁତ କରିଛନ୍ତି। ''ଆମେ ପ୍ୟାନେଲ ସଦସ୍ୟଙ୍କୁ ପ୍ରାର୍ଥୀ ବାଛିବା ପାଇଁ କହିଥିଲୁ। ସେମାନଙ୍କ ଭୋଟିଂ ଅନୁସାରେ ସର୍ବାଧିକ ଭୋଟ ପାଇଥିବା ଏହି ୫ ଆଥଲେଟ୍ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି'' ବୋଲି ବିବିସି ଭାରତୀୟ ଭାଷାର ମୁଖ୍ୟ ରୂପା ଝା ପ୍ରକାଶ କରିଛନ୍ତି। ଏକ ସମୟରେ ଆଥଲେଟଙ୍କ ଖେଳ ଜୀବନ, ସାମାଜିକ କାର୍ଯ୍ୟ ଏବଂ କ୍ରୀଡ଼ା ବ୍ୟତୀତ ଜୀବନଶୈଳୀକୁ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ଦୁଇଥର ୱାର୍ଲ୍ଡ କ୍ୟାଡେଟ ଚାମ୍ପିୟନ ଉଦୀୟମାନ ରେସଲର ସୋନମ ମଲିକଙ୍କ ଦ୍ୱାରା ଭୋଟିଂ ଓପନ ହୋଇଛି। ରିଓ ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ ସାକ୍ଷୀ ମଲିକଙ୍କୁ ନିକଟରେ ହରାଇ ସୋନମ ଏସିଆନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇଥିଲେ। ଭିନେଶଙ୍କୁ ଆଦର୍ଶ ମାନୁଥିବା ଏହି ୧୮ ବର୍ଷିୟା ବାଳିକା ମାତାପିତାମାନେ ସେମାନଙ୍କ ଶିଶୁକନ୍ୟାଙ୍କୁ ସପୋର୍ଟ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯିବ ଏବଂ ସମ୍ଭବତଃ ଆସନ୍ତା ବର୍ଷରୁ ଇମର୍ଜିଂ ଆଥଲେଟ୍‌ଙ୍କ ପାଇଁ ଏକ ପୁରସ୍କାରକୁ ସାମିଲ କରାଯିବ ବୋଲି ବିବିସିର ବିଜ୍‌ନେସ ଡେଭଲପମେଣ୍ଟ(ଏସିଆ ପାସିଫିକ) ମୁଖ୍ୟ ଇନ୍ଦୁ ଶେଖର ସିହ୍ନା ପ୍ରକାଶ କରିଛନ୍ତି।

## ଶୁଭେଚ୍ଛୁଙ୍କ ଗହଣରେ ଜନ୍ମଦିନ ପାଳିଲେ

ଭୁବନେଶ୍ୱର, ୩।୨(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ସୋମବାର ନିଜ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର, ଧାବିକା ଜଉନା ମୁର୍ମୁ, ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ, ଚଳଚ୍ଚିତ୍ର ତାରକା ସବ୍ୟସାଚୀ ମିଶ୍ର, ମିହିର ଦାସ, ଚଳଚ୍ଚିତ୍ର ସମୀକ୍ଷକ ଦିଲୀପ ହାଲି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ବରିଷ୍ଠ ଅଧିକାରୀ ଡ. ସୁଚେତା ପ୍ରିୟବାଦିନୀ, ଡ. ଶ୍ରଦ୍ଧାଞ୍ଜଳି ନାୟକ, ଡ. ସ୍ମିତା ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ତଥା ଶୁଭେଚ୍ଛୁ ଏବଂ କିଟ୍ ଓ କିସ୍ ପରିବାରର ସଦସ୍ୟ ଯୋଗଦେଇ ଦୂତୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ସକାଳେ ଦୂତୀ କିସ୍‌ରେ ୩୦ ହଜାର ଜନଜାତି ଛାତ୍ରୀଛାତ୍ରଙ୍କ ଗହଣରେ ନିଜ ଜନ୍ମଦିନ ପାଳନ କରିଥିଲେ। କିସ୍‌ର ଛାତ୍ରୀଛାତ୍ରମାନେ ମଧ୍ୟ ଦୂତୀଙ୍କୁ ପାଇ ବେଶ୍ ଉତ୍ସାହିତ ହୋଇଥିଲେ। ଦୂତୀ ଏବେ କିଟ୍‌ରେ ଅଧ୍ୟୟନରତ।




ଶୁଭେଚ୍ଛୁଙ୍କ ଗହଣରେ କେକ୍ କାଟୁଛନ୍ତି ଦୂତୀ ଚାନ୍ଦ।

## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ସାକ୍ଷୀଗୋପାଳ, ୩।୨ (ଡି.ଏନ.ଏ.):** ସତ୍ୟବାଦୀ ଥାନା ଷୋଳହଳ ଗ୍ରାମର ନବବଧୂ ପୂର୍ଣ୍ଣିମାରାଣୀ ପୁରୀ (୨୧) ଙ୍କର ସୋମବାର ମୃତ୍ୟୁ ଘଟିଛି। ରାତିରେ ସେ ଘରେ ଶୋଇଥିଲେ, ମାତ୍ର ସକାଳୁ ମୃତ୍ୟୁବରଣ କରିଥିବା ଜଣାପଡିଥିଲା। ପୂର୍ଣ୍ଣିମାଙ୍କ ପିତା ଉପେନ୍ଦ୍ର ପୁରୀ ଝିଅକୁ ହତ୍ୟା କରାଯାଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ସତ୍ୟବାଦୀ ଥାନାରେ ନଂ. ୩୫/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ପୂର୍ଣ୍ଣିମା ଷୋଳହଳ ଗ୍ରାମର ଜୟକୃଷ୍ଣ ପଣ୍ଡାଙ୍କୁ ବିବାହ କରିଥିଲେ। କିଛିଦିନ ତଳେ ସେ ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ଏହି ଖବରପାଇ ଝିଅକୁ ଦେଖିବାକୁ ଉପେନ୍ଦ୍ର ରବିବାର ଷୋଳହଳରେ ପହଞ୍ଚିଥିଲେ। ଝିଅ ଘରେ ରାତିରେ ଶୋଇଥିଲେ ମାତ୍ର ସକାଳୁ ଝିଅ ମରିଯାଇଛି ବୋଲି ଜାଣିବା ପରେ ମୃତ୍ୟୁ ଘଟଣାକୁ ନେଇ ତାଙ୍କର ସନ୍ଦେହ ପ୍ରକାଶ ପାଇଛି ବୋଲି ସେ ପୋଲିସ ନିକଟରେ ଅଭିଯୋଗ କରିଥିବା ଥାନା ଆଇଆଇସି ଶକୁନ୍ତଳା ପତି କହିଛନ୍ତି।

### ଧାନ ଅମଳ ମେସିନ୍ ଓଲଟି ଜଣେ ମୃତ

**ତେଲାଙ୍ଗ, ୩।୨(ଡି.ଏନ୍.ଏ.):** ତେଲାଙ୍ଗ ବ୍ଲକର ମାଛପଡ଼ା ଗ୍ରାମ ନିକଟରେ ଏକ ଧାନ ଅମଳ ମେସିନ ଚାପାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଥେଣ୍ଟଣା ଗ୍ରାମର କ୍ଷେତ୍ରମୋହନ ବେହେରା (୫୫)। ସୂଚନା ଅନୁଯାୟୀ, ଏହି ମେସିନ୍‌ଟି ଗହୀରରେ ମାଛପଡ଼ା ଗ୍ରାମର ଜଣେ ଚାଷୀଙ୍କ ବିଲରେ ଧାନ ଅମଳ ସାରି ଅନ୍ୟ ଜଣେ ଚାଷୀଙ୍କ ବିଲକୁ ଯାଉଥିଲା। ଟ୍ରାକ୍ଟର ଦ୍ୱାରା ସଂଯୋଗ ହୋଇଥିବା ଏହି ମେସିନ୍ ଉପରେ କ୍ଷେତ୍ରମୋହନ ବସିଥିଲେ। ହିଡ଼ ସ୍ଥାନରେ ମେସିନ୍‌ଟି ଓଲଟି ପଡ଼ିବାରୁ କ୍ଷେତ୍ରମୋହନ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ କ୍ଷେତ୍ରମୋହନଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଖବର ଲେଖା ହେବା ବେଳକୁ ଏ ନେଇ ତେଲାଙ୍ଗ ଥାନାରେ ଅଭିଯୋଗ ହୋଇ ନ ଥିଲା।

### ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୩।୨(ବ୍ୟୁରୋ):** ଆୟୁଷ ଡାକ୍ତର ସଂଘ ଓଡ଼ିଶାର ଏକ ରାଜ୍ୟସ୍ତରୀୟ ବୈଠକ ରବିବାର ରାଜଧାନୀ କଳା ସଂସଦରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ବିଭିନ୍ନ ଜିଲାରୁ ଡାକ୍ତରମାନେ ଯୋଗଦେଇଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଆନ୍ତଃ ମନ୍ତ୍ରୀ କମିଟିରେ ଆୟୁଷ ଡାକ୍ତରମାନଙ୍କୁ ସ୍ଥାୟୀ କରିବାକୁ ତାଲିକା ହୋଇଥିଲା। ନିର୍ବାଚନ ପୂର୍ବରୁ ସ୍ଥାୟୀ ନିଯୁକ୍ତି ପାଇଁ ଫାଇଲ କାମ ଶେଷ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଅଫିସ ଆୟୁଷ ଡାକ୍ତର ସଂଘ ପ୍ରତିନିଧିମାନଙ୍କୁ ଓପିଏସ୍‌ସି ପରୀକ୍ଷା ନ କରାଇ ୱାନ୍ ଟାଇମ ଓପିଏସ୍‌ସି କନକରେନ୍ସ କରି ସ୍ଥାୟୀ ନିଯୁକ୍ତି ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ୍ ସ୍ଥାୟୀ ନିଯୁକ୍ତି ମିଳିପାରି ନାହିଁ। ସରକାର ଯଦି ଆଗାମୀ ବିଧାନସଭା ପୂର୍ବରୁ ସ୍ଥାୟୀ ନିଯୁକ୍ତି ନ କରନ୍ତି ତେବେ ଆୟୁଷ ଡାକ୍ତରମାନେ ବିଧାନସଭା ସାମ୍ନାରେ ତୀବ୍ର ଆନ୍ଦୋଳନ କରିବା ସହ ଆମରଣ ଅନଶନ କରିବେ ବୋଲି ସଂଘ ସଭାପତି ଡା. ଜ୍ୟୋତି ରଞ୍ଜନ ଗହାନ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# ନରସିଂହ ଆଚାରୀ ମଠ କୋଠା ଉଚ୍ଛେଦ

- ଭଙ୍ଗାଗଲା ଖଜାଭାଟି ଓ ଦୋକାନ
- ମଠ ଛାତ କାଠ କାଟିବାକୁ ଓଡ୍ରାଫ୍ ନାକେଦମ୍

**ପୁରୀ ଅଫିସ, ୩।୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଅଭିଯାନ ଜାରି ରହିଛି। ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ନିର୍ମାଣକୁ ଭାଙ୍ଗୁଛି ପ୍ରଶାସନ। ସୋମବାର କାକୁଡ଼ିଖାଇ ଛକସ୍ଥିତ ନରସିଂହ ଆଚାରୀ ମଠ ଭଙ୍ଗାଯାଇଛି। ଏହା ପରିସରରେ ଥିବା ଖଜାଭାଟି ଏବଂ ମଠ କୋଠାରେ ଚାଲୁଥିବା ଏକାଧିକ ଖଜା ଦୋକାନ ମାଟିରେ ମିଶିଛି। ଫଳରେ ଏହାକୁ ନେଇ ଅନେକ ବ୍ୟବସାୟୀ ଏବଂ ମଠ ପରିସରରେ ରହୁଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ମଠ ଠାକୁରଙ୍କ ବିଜେସ୍ଥଳୀ, ଗାଦିଘର ଏବଂ ଐତିହ୍ୟକୁ ସଂରକ୍ଷଣ ରଖାଯାଇ ବ୍ୟବସାୟିକ କୋଠା ଭଙ୍ଗାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ମଠ ଉଚ୍ଛେଦ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଉଚ୍ଛେଦ ସଂଲଗ୍ନ ରାସ୍ତାରେ ଗାଡ଼ି ଚଳାଚଳକୁ ବନ୍ଦ କରିବା ଲାଗି ବ୍ୟାରିକେଡିଂ କରିଥିଲେ। ମାତ୍ର ଭଙ୍ଗାଯିବାକୁ ଥିବା ମଠର ବ୍ୟବସାୟିକ କୋଠା ଛାତ ପ୍ରଶାସନକୁ ଅଡୁଆରେ ପକାଇଥିଲା। ଏହି କୋଠା ଛାତରେ ଦିଆଯାଇଥିଲା ବଡ଼ ବଡ଼ କାଠ ଖଣ୍ଡ। ଏହି କାଠ ବ୍ୟବସାୟିକ କୋଠାରୁ ମଠ ଠାକୁରଙ୍କ ବିଜେସ୍ଥଳୀ ଛାତକୁ ସଂଯୋଗ ଥିଲା। ତେଣୁ ବ୍ୟବସାୟିକ କୋଠାକୁ ଭାଙ୍ଗିଲେ ଠାକୁରଙ୍କ ବିଜେସ୍ଥଳୀ ଛାତ ଭାଙ୍ଗିପଡ଼ିବା ସମ୍ଭାବନା ରହିଥିଲା। ତେଣୁ ଉଚ୍ଛେଦ ପୂର୍ବରୁ ପ୍ରଥମେ ଦୁଇଛାତକୁ ଅଲଗା କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ଓଡ୍ରାଫ୍ ଟିମ୍‌କୁ ଡକାଯାଇଥିଲା। ଓଡ୍ରାଫ୍ କର୍ମଚାରୀମାନେ ରଶି, କଟର ଆଦି ସରଞ୍ଜାମ ସହ ପହଞ୍ଚି ବ୍ୟବସାୟିକ କୋଠା ଛାତ ଓ ଠାକୁରଙ୍କ ବିଜେସ୍ଥଳୀକୁ ଯୋଡ଼େଇ କରି ରଖିଥିବା ବଡ଼ ବଡ଼ କାଠ ଖଣ୍ଡକୁ କାଟିଥିଲେ। ଶତାଧିକ ବର୍ଷର ଏହା ପୁରୁଣା ମଠ ହୋଇଥିଲେ ମଧ୍ୟ ଏହି କାଠ ଖଣ୍ଡଗୁଡ଼ିକ ଏତେ ଶକ୍ତ ଥିଲା ଯେ, କଟରରେ କାଟିବା ବେଳେ ବେଶ୍ ନାକେଦମ୍ ହୋଇଥିଲେ ଓଡ୍ରାଫ୍ ଟିମ୍। ଶେଷରେ ମଠ ଠାକୁରଙ୍କ ବିଜେସ୍ଥଳୀ ଏବଂ ବ୍ୟବସାୟିକ କୋଠା ଛାତ ଅଲଗା କରାଯିବା ପରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ପ୍ରାୟ ୬ଟି ଖଜା ଦୋକାନ ଓ ମଠରେ ଭଡ଼ା ଦିଆଯାଇଥିବା ଘର ଭଙ୍ଗାଯାଇଥିଲା। ତେବେ ମଠ ପରିସରରେ ବହୁ ସଂଖ୍ୟାରେ ଖଜାଭାଟି ଚାଲିଥିଲା। ଏକାଧିକ ଲୋକ ମଠ ଜାଗାରେ ଖଜା ଭାଟି କରିଥିଲେ। ସେଠାରେ ଖଜା ତିଆରି କରାଯାଇ ସମ୍ମୁଖ ଭାଗ ଦୋକାନରେ ବିକ୍ରି କରାଯାଉଥିଲା। ଏହି ଉଚ୍ଛେଦ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ମଠ ଠାକୁରଙ୍କ ବିଜେସ୍ଥଳୀ, ଗାଦିଘର ଆଦି ଐତିହ୍ୟକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରଖାଯାଇଛି। କେବଳ ମଠର ବ୍ୟବସାୟିକ କୋଠାକୁ ଭଙ୍ଗାଯାଇଛି।

### ହଜିଗଲା ଖଜାପଟି ପରିଚୟ

କାକୁଡ଼ିଖାଇ ଛକରୁ ବାଲିସାହି ଯିବାବେଳେ ଆରମ୍ଭରୁ ଉଭୟ ପାର୍ଶ୍ୱରେ ଏକାଧିକ ଖଜା ଦୋକାନ ରହିଥିଲା। ତେଣୁ ଏହାକୁ ଖଜାପଟି ବୋଲି କୁହାଯାଉଥିଲା। ପୂର୍ବରୁ ଡାହାଣ ପାର୍ଶ୍ୱ ଘରୋଇ ପ୍ଲଟ ଉଚ୍ଛେଦ ବେଳେ ଏକାଧିକ ଖଜା ଦୋକାନ ଭଙ୍ଗାଯାଇଥିଲା। ସୋମବାର ବାମପାର୍ଶ୍ୱ ଆଚାରୀ ମଠ କୋଠାରେ ଚାଲୁଥିବା ଖଜା ଦୋକାନକୁ ଭାଙ୍ଗିଥିଲା ପ୍ରଶାସନ। ଫଳରେ ଖଜାପଟିର ପରିଚୟ ହଜିଗଲା ବୋଲି କୁହାଯାଉଛି।

### କାରୁକାର୍ଯ୍ୟପୂର୍ଣ୍ଣ ପ୍ରବେଶ ପଥକୁ ନେଇ ଚର୍ଚ୍ଚା

ଶ୍ରୀକ୍ଷେତ୍ରର ଅନ୍ୟତମ ପୁରାତନ ମଠ ନରସିଂହ ଆଚାରୀ ମଠ। ରାମାନୁଜ ସମ୍ପ୍ରଦାୟର ଏହି ମଠର ପ୍ରବେଶ ପଥ ବେଶ୍ କାରୁକାର୍ଯ୍ୟପୂର୍ଣ୍ଣ ଥିଲା। ସୋମବାର ଉଚ୍ଛେଦ ବେଳେ ସମସ୍ତେ ଏହାର ପ୍ରବେଶ ପଥକୁ ନେଇ ଚର୍ଚ୍ଚା କରିଥିଲେ। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ପ୍ରବେଶ ପଥକୁ ନ ଭାଙ୍ଗି ସଂରକ୍ଷଣ କରି ରଖିବା ଦରକାର ବୋଲି ଅନେକେ କହିଥିଲେ। ଫଳରେ ଏହାକୁ ନେଇ ବେଶ୍ କିଛି ସମୟ ଆଲୋଚନା ଚାଲିଥିଲା। ପରେ ଜେସିବି ମାଡ଼ରେ ଏହା ମାଟିରେ ମିଶିଯାଇଥିଲା।





ସୋମବାର ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ଜାତୀୟ ନିରାପତ୍ତା ଏକାଡେମୀର ଉଚ୍ଚପଦସ୍ଥ ଅଧିକାରୀମାନେ।

## ଜାତୀୟ ନିରାପତ୍ତା ଏକାଡେମୀ ପ୍ରତିନିଧିଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ

**କୋଣାର୍କ, ୩।୨(ଡି.ଏନ.ଏ)**

ଜାତୀୟ ନିରାପତ୍ତା ଏକାଡେମୀର ବିଭିନ୍ନ ବିଭାଗର ୧୫ ଜଣ ଉଚ୍ଚପଦସ୍ଥ ଅଧିକାରୀ ସୋମବାର ସନ୍ଧ୍ୟାରେ କୋଣାର୍କ ଗସ୍ତରେ ଆସି ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଓ ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରୁ ୪ଜଣ ଇଣ୍ଡୋନେସିଆ, ଉଗାଣ୍ଡା, ନେପାଳ ଓ ଫ୍ରାନ୍ସରୁ ଆସିଥିବା ଜଣାପଡିଛି। ଏହି ପ୍ରତିନିଧିମାନେ ସୂର୍ଯ୍ୟମନ୍ଦିର ପରିସରରେ ଆୟୋଜିତ ଶବ୍ଦାଲୋକ ଶୋ ଦେଖିବା ସହ ବେଳାମାର୍ଗରେ ଥିବା ଇକୋ ରିଟ୍ରିଟରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିନିଧିମାନଙ୍କୁ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ସୂର୍ଯ୍ୟମନ୍ଦିର ପରିଦର୍ଶନ କରାଇଥିଲେ।

# ଅଦିନିଆ ରଥଯାତ୍ରାକୁ ନେଇ ତେଜିଲା ପ୍ରତିବାଦ

## ଇସ୍କନ ଅଧିକାରୀଙ୍କ ବିରୋଧରେ ପୁଣି ଦିଆଗଲା ଏତଲା

**ପୁରୀ ଅଫିସ, ୩।୨**

ମୁମ୍ବାଇରେ ଇସ୍କନ ପକ୍ଷରୁ ଅନୁଷ୍ଠିତ ଅଦିନିଆ ରଥଯାତ୍ରାକୁ ନେଇ ପ୍ରତିବାଦ ତେଜିବାରେ ଲାଗିଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ ସାଙ୍ଗକୁ ଥାନାରେ ଏତଲା ଦିଆଯାଉଛି। ଏଭଳି ଧର୍ମବିରୋଧୀ କାର୍ଯ୍ୟକୁ ନେଇ ବିଭିନ୍ନ ବ୍ୟକ୍ତିବିଶେଷ ମଧ୍ୟ ଇସ୍କନକୁ ଭର୍ତ୍ସନା କରିଛନ୍ତି। ସୋମବାର ମୁମ୍ବାଇ ଇସ୍କନ ଅଧିକାରୀ ମଙ୍ଗଳପ୍ରଭୁ ଦାସଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ପକ୍ଷରୁ ଏତଲା ଦିଆଯାଇଛି। ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ ଅନ୍ୟ କର୍ମକର୍ତ୍ତାଙ୍କ ସହ ଏହି ଏତଲା ଦେଇଛନ୍ତି।

ଆବାହକ ରଥ କହିଛନ୍ତି, ନିକଟରେ ମୁମ୍ବାଇରେ ଅଦିନିଆ ରଥଯାତ୍ରା ସମ୍ପନ୍ନ ହୋଇଛି, ଯାହାକି ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ ଏବଂ ପରିହାସ। ମହାପ୍ରଭୁଙ୍କ ରଥଯାତ୍ରା ପୁରାଣ ଶାସ୍ତ୍ରାନୁଯାୟୀ, ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ବର୍ଷକୁ ଥରେ ହୋଇଥାଏ। ବିଶ୍ୱର ବିଭିନ୍ନ ସ୍ଥାନରେ ମଧ୍ୟ ଏହି ତିଥିରେ ରଥଯାତ୍ରା ପାଳନ କରାଯାଉଛି। ମାତ୍ର ମୁମ୍ବାଇ ଇସ୍କନର ମଙ୍ଗଳପ୍ରଭୁ ଦାସ କୋଟି କୋଟି ହିନ୍ଦୁ ତଥା ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ହଜାର ହଜାର ବର୍ଷର ପରମ୍ପରାକୁ ଅପମାନିତ କରିଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ଶାସ୍ତ୍ରୀୟ ସମ୍ମତ ବୋଲି ମଙ୍ଗଳପ୍ରଭୁ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଅଯୌକ୍ତିକ। କାରଣ ସ୍କନ୍ଦ ପୁରାଣ, ନୀଳାଦ୍ରି ମହୋଦୟ ଏବଂ ଅନ୍ୟ କୌଣସି ଶାସ୍ତ୍ରରେ ରଥଯାତ୍ରାର ଏହି ତିଥି ବୋଲି ଉଲ୍ଲେଖ ନାହିଁ। ତେଣୁ ମଙ୍ଗଳପ୍ରଭୁଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ସିଂହଦ୍ୱାର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛି। ଏହି ଏତଲା ପ୍ରଦାନ ବେଳେ ପରିଷଦର ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ପୂର୍ବରୁ ଏ ନେଇ ସଚେତନ ନାଗରିକ ମଞ୍ଚ ଏବଂ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମଧ୍ୟ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା।



ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ କର୍ମକର୍ତ୍ତା ଏତଲା ଦେଉଛନ୍ତି।

## ୪ ଲକ୍ଷ ଟଙ୍କାର ମଦ ଜବତ

**କଟକ ରୋଡ,୩।୨(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ଅଧୀନ ୬ନଂ. ପ୍ଲାଟଫର୍ମ ନିକଟ ରେଲୱେ ଷ୍ଟେଶନ ରୋଡରୁ ରବିବାର ରାତିରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ସ୍ଥାନୀୟ ପୋଲିସ ଚଢ଼ାଉ କରି ଗୋଟିଏ ପରିବାରର ୨ଟି ଘରୁ ୬୦୦ବୋତଲ ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଜବତ ମଦର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଜଣେ ମା' ଓ ପୁଅ ଏହି ମଦ ବ୍ୟବସାୟ ଚଳାଇଥିବା ବେଳେ ଚଢ଼ାଉ ସମୟରେ ଫେରାର ହୋଇଯାଇଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ସୂଚନାଥାଉ କି, ଏହି ମା' ଏବଂ ପୁଅ ବୁଦ୍ଧନଗର କଦଳୀ ଗୋଦାମ ଷ୍ଟେଶନ ରୋଡରେ ଚୋରା ମଦ ବିକ୍ରି କରନ୍ତି। ଏଠାରେ ନିଶା କାରବାର ବଢୁଥିବା ନେଇ ପୋଲିସକୁ ସୂଚନା ମିଳିବା ପରେ ଚଢ଼ାଉ କରାଯାଇଥିଲା। ଖୁବ୍‌ଶୀଘ୍ର ଅଭିଯୁକ୍ତଦ୍ୱୟଙ୍କୁ ଧରାଯିବ ବୋଲି ପୋଲିସ କହିଛି।




# ଆଜିଠୁ ପୁଣି ଚାଲିବ ପୁରୀ-କୋଣାର୍କ ବସ୍

- ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ
- ସଂଘ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ
- ଅଭିଯୁକ୍ତଙ୍କୁ ଗିରଫ ସହ ୨୦ ଲକ୍ଷ କ୍ଷତିପୂରଣ ଦାବି

**ପୁରୀ ଅଫିସ, ୩।୨**

ପୁରୀ-କୋଣାର୍କ ରାସ୍ତାରେ ଘଟିଥିବା ଦୁର୍ଘଟଣାକୁ ନେଇ ଶ୍ରୀନୀଳଗିରି କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ପୁରୀରୁ ସବୁ ରୁଟ୍‌କୁ ବସ୍ ଚଳାଚଳ ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। ତେବେ ସୋମବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଏହାପରେ ବସ୍ ଚଳାଚଳ ବନ୍ଦକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ପୁରୀ-କୋଣାର୍କ ମଧ୍ୟରେ ପୁଣି ମଙ୍ଗଳବାରଠାରୁ ବସ୍ ଚଳାଚଳ କରିବ ବୋଲି ସଂଘ ସମ୍ପାଦକ ହୃଷୀକେଶ ପାଣି ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନା ହୋଇଥିଲା। ଏହି ସମୟରେ ଆଡିସିନାଲ ଏସ୍‌ପି ପ୍ରତାପ ସ୍ୱାଇଁ, ଆର୍‌ଟିଓ ସମୀର କୁମାର ଦଳେଇ ଏବଂ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘର ଅଭିଯୋଗ ନେଇ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ତଦନ୍ତ କରିବେ। ପ୍ରତ୍ୟକ୍ଷଦର୍ଶୀ କ୍ୟାଣ୍ଟର ହେଲ୍‌ପରଙ୍କ ବୟାନ ରେକର୍ଡ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଛି।

ସୂଚନାଯୋଗ୍ୟ, ସୋମବାର ସକାଳେ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ମୃତ କ୍ୟାଣ୍ଟର ଚାଳକଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଏବଂ ମୃତ ଡ୍ରାଇଭରଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ଦାବି ଉପସ୍ଥାପନ କରାଯାଇଥିଲା। ଏହି ଦାବି ନେଇ ପୁରୀରୁ ସବୁ ରୁଟ୍‌କୁ ମଙ୍ଗଳବାରଠାରୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି ସମ୍ପାଦକ ପାଣି କହିଥିଲେ। ସେ ଆହୁରି କହିଥିଲେ ଯେ, ଗତ ଗୁରୁବାର କାକଟପୁରରୁ ଷୋଳପୁଅ ମା' ନାମକ ଯାତ୍ରୀବାହୀ କ୍ୟାଣ୍ଟର ପୁରୀ ଆସୁଥିଲା। ଚନ୍ଦ୍ରଭାଗାଠାରେ ଠିଆ ହୋଇଥିବା ଟୁରିଷ୍ଟ ବସ୍ ସାଇରାମ୍‌କୁ ପଛରୁ କ୍ୟାଣ୍ଟର ଧକ୍କା ଦେଇଥିଲା। କ୍ୟାଣ୍ଟର ଚାଳକ ଅର୍ଜୁନ ମହାକୁଡ଼ ଦୁର୍ଘଟଣାର କ୍ଷତି ଦେଖିବାକୁ ତଳକୁ ଓହ୍ଲାଇବାବେଳେ ଟୁରିଷ୍ଟ ବସ୍‌ର ଯାତ୍ରୀମାନେ ତାଙ୍କୁ ନିଷ୍ଠୁର ମାଡ଼ ମାରିଥିଲେ। କ୍ୟାଣ୍ଟର ହେଲ୍‌ପର ରଶ୍ମିରଞ୍ଜନ ବେହେରାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପିସିଆର ଭ୍ୟାନ୍ ପହଞ୍ଚିବା ପରେ ମହାକୁଡ଼ ତାଙ୍କୁ ବାଡେଇଥିବା ଯାତ୍ରୀମାନଙ୍କୁ ପୋଲିସକୁ ଚିହ୍ନାଇଥିଲେ। ଅର୍ଜୁନଙ୍କୁ ପୋଲିସ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ପୋଲିସ ଅଭିଯୁକ୍ତମାନଙ୍କୁ କୋଣାର୍କ ଥାନାକୁ ନେଇ ଅଟକ ରଖିଥିଲେ ମଧ୍ୟ ପରେ ଛାଡ଼ି ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀ କ୍ୟାଣ୍ଟର ହେଲ୍‌ପର ସେହିଦିନ କୋଣାର୍କ ଥାନାରେ ଏତଲା ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାଙ୍କୁ ଏହାର କପି ମିଳିନାହିଁ। ଡ୍ରାଇଭରଙ୍କୁ ଆକ୍ରମଣ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲାବେଳେ ପୋଲିସ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରୁଛି ବୋଲି ପାଣି କହିଥିଲେ। ଖବରଦାତା ସମ୍ମିଳନୀରେ ସଂଘର ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ସହସମ୍ପାଦକ ପ୍ରମୋଦ କୁମାର ମହାନ୍ତି, କୋଷାଧ୍ୟକ୍ଷ ଦିଲୀପ କୁମାର ବଳିୟାରସିଂହ ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ, ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



# ସର୍ବକ୍ଷମା ଅବଧି ବୃଦ୍ଧି ଦାବି

ଭୁବନେଶ୍ୱର,୩।୨(ବ୍ୟୁରୋ)



ଯେଉଁମାନେ ସହରାଞ୍ଚଳରେ କୋଠାବାଡ଼ି ନିର୍ମାଣ ପାଇଁ ପ୍ଲାନ୍ ନେଇ ମଞ୍ଜୁରୀଠାରୁ ଅଧିକ ନିର୍ମାଣ କରିଛନ୍ତି କିମ୍ବା ନ ନେଇ ଘର ତିଆରି କରିଛନ୍ତି, ସେମାନେ ଜରିମାନା ଦେଇ ବେଆଇନ ନିର୍ମାଣକୁ ଆଇନସିଦ୍ଧ କରିପାରିବେ। ଏଥିପାଇଁ ୨୦୧୮ ଜୁନ୍‌ରୁ ରାଜ୍ୟ ସରକାର ଆରମ୍ଭ କରିଥିବା ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍)ର ଅବଧି ଆସନ୍ତା ୫ ତାରିଖରେ ଶେଷ ହେବ। ଏହାପରେ ଆଉ କୌଣସି କ୍ଷମା ନାହିଁ। ତେଣୁ ସବୁ ବେଆଇନ ନିର୍ମାଣ ଭଙ୍ଗାଯିବ ବୋଲି ବିଡିଏ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ଘର ମାଲିକମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମେତ ଅନ୍ୟାନ୍ୟ ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ବେଆଇନ ନିର୍ମାଣକୁ ନିୟମିତ(ରେଗୁଲାରାଇଜ୍) କରିବା ପାଇଁ ଭିଡ଼ ଜମାଇଛନ୍ତି। ତେବେ ଏହି ଯୋଜନାରେ ଆବେଦନ କରିବାକୁ ହେଲେ ମାଲିକମାନଙ୍କୁ ପଞ୍ଜିକୃତ ଆର୍କିଟେକ୍ଟଙ୍କର ସହାୟତା ନେବାକୁ ପଡୁଛି। ଅବଧି ଶେଷ ହୋଇ ଆସୁଥିବାରୁ ପ୍ରବଳ ଭିଡ଼ ଯୋଗୁ ଲୋକମାନେ ଆର୍କିଟେକ୍ଟ ପାଇ ପାରୁନାହାନ୍ତି। ଏଥିଯୋଗୁ ଜନଅସନ୍ତୋଷ ଦେଖାଦେଇଛି। ଏହି ସର୍ବକ୍ଷମା ଯୋଜନା ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ରାଜସ୍ୱ ବୃଦ୍ଧି ହେଉଥିବା ବେଳେ ଏହି ଯୋଜନାକୁ କାହିଁକି ସରକାର ବନ୍ଦ କରୁଛନ୍ତି ବୋଲି ସୋମବାର ବିଡିଏକୁ ଆବେଦନ ପାଇଁ ଆସିଥିବା ଘରମାଲିକ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ଯୋଜନାର ଅବଧି ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି।

ରାଜ୍ୟ ସରକାର ୨୦୧୮ ଜୁନ୍ ୨୦ ତାରିଖରେ ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍) ଆରମ୍ଭ କରିଥିଲେ। ରାଜ୍ୟରେ ଥିବା ୯ଟି ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ଏହାକୁ ଲାଗୁ କରାଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀ ଏହି ସୁବିଧା ପାଇବେ। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା।

**୫ରେ ସରୁଛି: ବିଡିଏ, ସିଡିଏରେ ପ୍ରବଳ ଭିଡ଼**

ବେଆଇନ ଘର, ପାର୍କିଂକୁ ନିୟମିତ କରିବାକୁ ହେଲେ ଆବେଦନକାରୀଙ୍କୁ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳର ରେଗୁଲେଶନରେ ଥିବା କମ୍ପାଉଣ୍ଡିଂର ୪୦ ପ୍ରତିଶତ ଅଧିକ ଦେବାକୁ କୁହାଯାଇଥିଲା। ମହାନଗର ନିଗମ ଅଞ୍ଚଳ ପାଇଁ ଘରର ଚାରିପାଖ ଅଧିକ ନିର୍ମାଣ କରିଥିଲେ ପ୍ରତି ବର୍ଗମିଟରକୁ କମ୍ପାଉଣ୍ଡିଂ ମୂଲ୍ୟର ୧.୪ ଗୁଣ, ମ୍ୟୁନିସିପାଲିଟି ପାଇଁ ୧.୩, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଇଁ ୧.୨ ଏବଂ ଗ୍ରାମାଞ୍ଚଳ ଲାଗି ୧.୧ଗୁଣ ଜରିମାନା ଦେବାକୁ ଘୋଷଣା କରାଯାଇଥିଲା। ଦୁଇଥର ଏହାର ଅବଧି ବୃଦ୍ଧି କରାଯାଇଥିଲେ ମଧ୍ୟ ଜରିମାନା ରାଶି ଅଧିକ ହେବାରୁ ତାହା ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧ୍ୟହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟରକୁ ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଏହାର ଅବଧିକୁ ମଧ୍ୟ ଆଉ ୬ ମାସ ପାଇଁ ବଢ଼ାଯାଇଥିଲା। ସଂଶୋଧିତ ବିଜ୍ଞପ୍ତି ୨୦୧୯ ଅଗଷ୍ଟ ୬ ତାରିଖରେ ପ୍ରକାଶ କରାଗଲା। ତେବେ ଏହି ଅବଧିକୁ ଆଉ ୬ ମାସ ବଢ଼ାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜନସାଧାରଣଙ୍କ ଆଗ୍ରହକୁ ଦେଖି ଅବଧି ବଢ଼ାଇବାର ଆବଶ୍ୟକତା ରହିଛି। ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।

## ୨ ପୋଲିସ କର୍ମଚାରୀ ଆହତ

**ଫେରାର ଅଭିଯୁକ୍ତଙ୍କୁ ଧରିବା ବେଳେ ଆକ୍ରମଣ**

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳିଥାନା ଅନ୍ତର୍ଗତ ପୋଖରୀଗାଁ ଗ୍ରାମର ଫେରାର ଅଭିଯୁକ୍ତ ପ୍ରଶାନ୍ତ କୁମାର ବସ୍ତିଆଙ୍କୁ ଧରିବାକୁ ଆସି ସୋମବାର ଦୁଇ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଏସ୍‌ଆଇ କେ.ଲାକ୍ରା ଓ କନେଷ୍ଟବଳ ଏସ୍.କେ ଜେନା। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲାରେ ପ୍ରଶାନ୍ତଙ୍କ ନାମରେ ବହୁ ଆପରାଧିକ ମାମଲା ରହିଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଏହା ସହିତ ତାଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିଲା। ନିଆଳି ଥାନା ଏସ୍‌ଆଇ ଲାକ୍ରା, ଏଏସ୍‌ଆଇ ଏସ୍.ପି.ମହାନ୍ତି, କନେଷ୍ଟବଳ ଜେନା ପ୍ରମୁଖ ସୋମବାର ପ୍ରଶାନ୍ତଙ୍କୁ ଧରିବା ବେଳେ ପାଲଟା ଆକ୍ରମଣରେ ଦୁଇ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏସ୍‌ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୬/୨୦) ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ସଂକ୍ଷେପରେ

### ମହିଳାଙ୍କୁ ବ୍ଲାକମେଲ: ଯୁବକ ଗିରଫ

**ଚୌଦ୍ୱାର,୩।୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବ୍ଲାକମେଲ କରିବା ଅଭିଯୋଗରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମର ନିତ୍ୟାନନ୍ଦ ବେହେରା। ସୂଚନା ଅନୁଯାୟୀ, ସମ୍ପୃକ୍ତା ମହିଳାଙ୍କ ବାପାଙ୍କ ପାଖରେ ନିତ୍ୟାନନ୍ଦ ମୂର୍ତ୍ତି ତିଆରି କାର୍ଯ୍ୟ ଶିଖିବା ସହ ତାଙ୍କ ଘରେ ରହୁଥିଲେ। କିଛିଦିନ ପୂର୍ବେ ଅଭିଯୁକ୍ତ ସମ୍ପୃକ୍ତା ମହିଳାଙ୍କ ୪ବର୍ଷ ଝିଅକୁ ଗାଳିଗୁଲଜ କରିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଡାକି ପଚାରିବାରୁ ସେ ଏଭଳି ଭୁଲ ଆଉ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରେ ନିତ୍ୟାନନ୍ଦ ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀଙ୍କ ଅଶାଳୀନ ଫଟୋ ଉଠାଇ ମୋବାଇଲ ଫୋନରେ ରଖିଥିଲେ। ଏହା ଜାଣିବା ପରେ ମହିଳା ଜଣକ ନିତ୍ୟାନନ୍ଦଙ୍କୁ ପଚାରିବାରୁ ସେ ନିଜ ଗ୍ରାମକୁ ପଳାଇଥିଲା। ପରେ ନିତ୍ୟାନନ୍ଦ ସମ୍ପୃକ୍ତା ମହିଳାଙ୍କ ମୋବାଇଲ ଫୋନକୁ ଫଟୋ ପଠାଇବା ସହ ସୋସିଆଲ ମିଡିଆରେ ଭାଇରାଲ କରିଦେବା ପାଇଁ ଧମକ ଦେଉଥିଲା। ଏ ନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୪୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ନିଆଳି ମହୋତ୍ସବର ୩ୟ ସନ୍ଧ୍ୟା

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳି ମାଘସପ୍ତମୀ ପଡ଼ିଆରେ ଚାଲିଥିବା ନିଆଳି ମହୋତ୍ସବର ସୋମବାର ଥିଲା ୩ୟ ସନ୍ଧ୍ୟା। କଟକ ଜିଲା ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥିଭାବେ ତହସିଲଦାର ରଶ୍ମୀରେଖା ଅମାତ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ଦାସ, ନିଆଳି ବ୍ଲକ୍ ଅଧକ୍ଷା କଳ୍ପନା ପାଣି ଯୋଗଦେଇଥିଲେ। ଅତିରିକ୍ତ ତହସିଲଦାର ଅନୁଜା ତାରେଣୀ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଡିଓ ଅଶୋକ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହା ସହକୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ମ୍ୟାଜିକ୍ ଓ ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ଯୋଗଦେଇଥିଲେ।

### ବିପ୍ଲବୀ କବି ରବି ସିଂଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ,୩।୨:** ବିପ୍ଲବୀ କବି ରବି ସିଂଙ୍କ ବିୟୋଗରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ନୀଳଚକ୍ର' ପକ୍ଷରୁ ସୋମବାର ପିଠାପୁରସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ନମିତା ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ସିଂଙ୍କ ବିୟୋଗ ଓଡ଼ିଶାର ବହୁ ଖଟିଖିଆ, ଶ୍ରମିକ ଓ ଶୋଷିତ ବର୍ଗର ଲୋକଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଡା. ନୀଳାଦ୍ରି ପଣ୍ଡା, ବ୍ରଜ ନନ୍ଦ, କୈଳାସ ବରାଳ, ଦୀପକ ମହନ୍ତ, ରମାକାନ୍ତ ମହାପାତ୍ର, ସତ୍ୟବ୍ରତ ପ୍ରଧାନ, ସାଗରିକା ଜେନା, ମାଧବ ସ୍ୱାଇଁ, ବାଳକୃଷ୍ଣ ବେହେରା ଓ କୃପାସିନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**କଟକ ସଦର, ୩।୨(ଡି.ଏନ୍.ଏ.):** ୪୨ମୌଜାସ୍ଥିତ ଠାକୁରସାହି ବରାଳ ଗ୍ରାମ ନୀଳକଣ୍ଠନାଥ ମହାଦେବଙ୍କ ପୀଠରେ ରବିବାର ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡିଛି। କୂଳସରିଚୁଆଁ ଓ କଳପଡ଼ା ପଞ୍ଚାୟତ ସମେତ ୪୨ମୌଜା ବାସୀଙ୍କ ସହଯୋଗରେ ଏହି ଯଜ୍ଞ ଉତ୍ସବ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

## ସିଆରସିସି ଅଟକ

**କଣ୍ଟାପଡ଼ା,୩।୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ କମାରସାହି ପ୍ରାଥମିକ ବିଦ୍ୟାଳୟ ଓ ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପରେ ଉଭୟ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନେଇ ସୋମବାର ବିବାଦ ଦେଖାଦେଇଥିଲା। ଫଳରେ କମାରସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ରୋଷେଇ କରୁଥିବା ବିଶ୍ୱକର୍ମା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ନ ମିଳିବାରୁ ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ବୁଝାଶୁଝା କରିବାକୁ ଆସିଥିବା ସିଆରସିସି ହରେକୃଷ୍ଣ ଭୋଇଙ୍କୁ ଅଟକ ରଖିବା ସହ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ, ଏବିଇଓ ଅରୁଣ ମହାପାତ୍ର, ସରପଞ୍ଚ ସୁବାସ ଚନ୍ଦ୍ର ବିଶ୍ୱାଳ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରୋଷେଇ ଦାୟିତ୍ୱ ପରିଚାଳନା କମିଟିକୁ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ସିଆରସିଙ୍କୁ ଛାଡିଥିଲେ। ୨୦୧୮ ଡିସେମ୍ବରରେ କମାରସାହି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ କମାରସାହି ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ହୋଇଥିଲା। ନିୟମ ଅନୁସାରେ ୧୦୦ ଛାତ୍ରୀଛାତ୍ରରେ ଜଣେ ପାଚିକା ଓ

**ମଧ୍ୟାହ୍ନ ଭୋଜନ ରୋଷେଇ ବିବାଦ**

ଜଣେ ସହାୟିକା ରହିବା କଥା। ମାତ୍ର ଉକ୍ତ ୨ବିଦ୍ୟାଳୟର ୮୭ଜଣ ଛାତ୍ରୀଛାତ୍ର ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଖାଦ୍ୟ ପ୍ରସ୍ତୁତ ବନ୍ଦକରି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ଦେଇଥିଲେ। ଏହାର ପ୍ରତିବାଦରେ ବିଶ୍ୱକର୍ମା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଆନ୍ଦୋଳନକୁ ଓହ୍ଲାଇଥିଲେ।

## ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

**କଟକ ସଦର,୩।୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ପରହଂସନାଥ ଦେବଙ୍କ ଜାଗର ଯାତ୍ରା ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଫେବୃୟାରୀ ୨୧ରୁ ୩ଦିନ ପର୍ଯ୍ୟନ୍ତ ଜାଗର ଅନୁଷ୍ଠିତ ହେବ। ମନ୍ଦିର ନୀତିକାନ୍ତି ସମ୍ପର୍କରେ ପୂଜକ ସାଧୁଚରଣ ପଣ୍ଡା, ବୃନ୍ଦାବନ ଦାଶ ଓ ବାସୁଦେବ ପଣ୍ଡା ସୂଚନା ଦେଇଥିଲେ। ବିଦ୍ୟୁତ୍ ସେବା ସମ୍ପର୍କରେ କନ୍ଦରପୁର ବିଦ୍ୟୁତ୍ ସେକ୍ସନ ସହକାରୀ ପରିଚାଳକ ଶାରଦା ପ୍ରସନ୍ନ ଶତପଥୀ ସୂଚନା ଦେଇଥିଲେ। ବୈଠକରେ କନ୍ଦରପୁର ଥାନା ଅଧିକାରୀ ସତ୍ୟଜିତ୍ ଦାସ, ଦେବୋତ୍ତର ନିରୀକ୍ଷକ ରମେଶ ଚନ୍ଦ୍ର ସିଂହ, କାର୍ଯ୍ୟ ନିର୍ବାହୀ ରାମଚନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀଧର ରାଉତ, ଦୈତାରୀ ବେହେରାଙ୍କ ସମେତ ସଂସ୍କୃତି ଓ ପାନୀୟଜଳ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



କଟକ ପୁରୀଘାଟ ଦେବୀଗଡ଼ା କାଠଯୋଡ଼ୀ ନଦୀତଟରେ ଜମା ହୋଇଥିବା ଆବର୍ଜନା।

## କରୋନା ଭାଇରସ୍ ସମ୍ପର୍କିତ ସଚେତନତା





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କଟକ ଅଫିସ,୩।୨:** ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂ ପକ୍ଷରୁ କରୋନା ଭାଇରସ୍ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କ୍ୟାମ୍ପସ ପରିସରସ୍ଥ ରାଣୀଦେବୀ ଅଡିଟୋରିୟମରେ ଆୟୋଜିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷା ପ୍ରଫେସର ଅନସୂୟା ପଟ୍ଟନାୟକ ଏଥିରେ ସଭାପତିତ୍ୱ କରି ବିଶ୍ୱ ସମୁଦାୟକୁ ଆତଙ୍କିତ କରିଥିବା କରୋନା ଭାଇରସ୍ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ନର୍ସିଂ କଲେଜର ସହକାରୀ ପ୍ରଫେସର ଟିଣ୍ଟୁ ଆନି ମାଥ୍ୟୁ ଯୋଗଦେଇ ଏହି ଭାଇରସ୍‌ର କାରଣ ଏବଂ ନିରାକରଣ ସମ୍ପର୍କରେ ମତ ରଖିଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଏମ୍‌ବିଏ ଅଧକ୍ଷ ଡ. ସ୍ନିଗ୍ଧମଧୁସୂଦନ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସୁଷମାରାଣୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୨ଶହରୁ ଅଧିକ ନର୍ସିଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପାଟେଳିରେ କବି ସମ୍ମିଳନୀ

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳି ବ୍ଲକ ଷଡାଂଶ ପଞ୍ଚାୟତର ପାଟେଳି ପ୍ରାଥମିକ ବିଦ୍ୟାଳୟରେ ପୁଣ୍ୟତୋୟା ଦେବୀ ସାହିତ୍ୟ ସଂସଦର ପ୍ରଥମ ବାର୍ଷିକୋତ୍ସବ ଅବସରରେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବାଉରିବନ୍ଧୁ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ଡା. ଅଧିରାଜ ପରିଡା, ମୁଖ୍ୟବକ୍ତା ଭାବେ ଦୁର୍ଯ୍ୟୋଧନ କାଠୁଆ ଯୋଗଦେଇ ସାହିତ୍ୟ ଆଲୋଚନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ସରପଞ୍ଚ ଶରତ ମହାନ୍ତି, ଶିକ୍ଷାବିତ୍ ଓ ନାଟ୍ୟକାର ସ୍ମୃତିରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ପତ୍ରିକା 'ପ୍ରଜ୍ଞାଂଶ୍ରୀ ଧାରା'ର ଲୋକାର୍ପଣ କରାଯାଇଥିଲା। ଏହି ସମ୍ମିଳନୀରେ ପ୍ରାୟ ୪୦ରୁ ଅଧିକ କବି ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବ୍ଲକ ଓଷ୍ଟାର ସମ୍ପାଦକ ଦିଲ୍ଲୀପ ମହାନ୍ତି କବିତା ଆସରକୁ ସଂଯୋଜନା କରିଥିଲେ। ସାହିତ୍ୟ କ୍ଷେତ୍ରରେ ଅବଦାନ ଥିବା ବିଭିନ୍ନ ଅଞ୍ଚଳର ସାହିତ୍ୟିକ ପୁଷ୍ପା ପରିଡ଼ା, ସୁଚିସ୍ମିତା ମହାନ୍ତି, ଯୁଧିଷ୍ଠିର ଲେଙ୍କା, ରଞ୍ଜିତ୍ ଦାସ, ଗିରିଧାରୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ତୀର୍ଥସାରଥୀ କାଠୁଆ ଧନ୍ୟବାଦ ଦେଇଥିଲେ।

## ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

**କଟକ ଅଫିସ, ୩।୨:** କଟକରେ ଥଇଥାନ ବ୍ୟବସ୍ଥା ନ କରାଯାଇ ଅମାନୁଷିକଭାବେ ବସ୍ତିବାସିନ୍ଦାଙ୍କୁ ବସ୍ତିରୁ ଉଚ୍ଛେଦ କରାଯାଉଛି ବୋଲି କଟକ ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ମଞ୍ଚର ସଦସ୍ୟମାନେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ମାନବାଧିକାରୀ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓଚ୍‌ଆରସି ଅଧକ୍ଷ ବି.ପି. ଦାସଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ପ୍ରକୃତ ଉଚ୍ଛେଦରେ ବାସଚ୍ୟୁତ ହିତାଧିକାରୀଙ୍କ ଚିହ୍ନଟ ତାଲିକା ସାର୍ବଜନୀନ କରିବା, ଆଇନାନୁମୋଦିତ ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ ବନ୍ଦ କରିବା, ବସ୍ତିପିଲାଙ୍କ ପରୀକ୍ଷା ସମୟ ତଥା ଗ୍ରୀଷ୍ମ ଓ ବର୍ଷା କାଳରେ ଉଚ୍ଛେଦ ବନ୍ଦ, କଟକ ବସ୍ତିବାସିନ୍ଦାଙ୍କ ମୁଣ୍ଡ ଗୁଞ୍ଜିବାର ଅଧିକାରକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ପାଇଁ ଉକ୍ତ ପତ୍ରରେ ପ୍ରାର୍ଥନା କରାଯାଇଛି।

## ବିପ୍ଲବୀ କବି ରବି ସିଂଙ୍କ ସ୍ମୃତି ସଭା

**ଚୌଦ୍ୱାର,୩।୨(ଡି.ଏନ୍.ଏ):** ବିପ୍ଲବୀ କବି ରବି ସିଂଙ୍କ ବିୟୋଗରେ ଚୌଦ୍ୱାର ପ୍ରେସ୍ କ୍ଲବ ପକ୍ଷରୁ ସୋମବାର ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ପ୍ରେସ୍‌କ୍ଲବ୍‌ରେ ଅନୁଷ୍ଠିତ ସ୍ମୃତି ସଭାରେ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ଆଶୁତୋଷ ଦାସ,ଏସ୍.କେ.ପଣ୍ଡା, ପ୍ରକାଶ ନାୟକ, ଜୟପ୍ରଦୀପ ଦାସ, ସୁଧାକର ସାମନ୍ତରାୟ, ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ସାରସ୍ୱତ କବିତା ଆସର

**କଟକ ଅଫିସ,୩।୨:** ଚାଉଳିଆଗଞ୍ଜସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ସୋମବାର ସାରସ୍ୱତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ଅନୁଷ୍ଠାନ ଆଦର୍ଶ ପ୍ରତିଭା ବିକାଶ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ମାରୁତିଶ୍ରୀ ରବୀନ୍ଦ୍ର କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଦ୍ ଇଂ. ହରିହର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ଖବରଦାତା କୈଳାସ ଚନ୍ଦ୍ର ଜେନା, ସାମାଜିକ କର୍ମୀ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ କବିତାର ଗରିମା ଯୁଗେ ଯୁଗେ ବଜାୟ ରହିଛି ବୋଲି କହିଥିଲେ। ପରିଷଦର ସହ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସଭା ପରିଚାଳନା କରିଥିବାବେଳେ କବୟିତ୍ରୀ ବନଲତା ସିଂ ଓ ଅମିତା ବେହେରା ମାତୃ ବନ୍ଦନା ଏବଂ ଅନ୍ନପୂର୍ଣ୍ଣା ସାହୁ ଭକ୍ତି ସଙ୍ଗୀତ ଗାନ କରିଥିଲେ। କବି ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ବିରୂପାକ୍ଷ ଶତପଥୀ, ସୌମ୍ୟକାନ୍ତ ସାମନ୍ତରାୟ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ଉତ୍ତମ ଚରଣ ପ୍ରଧାନ, ସାନ୍ତ୍ୱନା କୁମାରୀ ମହାନ୍ତି, ଉପେନ୍ଦ୍ରନାଥ ପାତ୍ର ଓ ରତନ କୁମାର ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ସୁଧୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ମିନିଷ୍ଟାଡିୟମ ପାଇଁ ୧୦ଲକ୍ଷ ସହାୟତା

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳିର ମିନିଷ୍ଟାଡିୟମ୍ ପାଇଁ ରାଜ୍ୟସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁ ଏମ୍‌ପି ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଘୋଷଣା କରିଥିବା ଜଣାପଡ଼ିଛି। ନିଆଳି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ସ୍ୱାଇଁ ଯୋଗଦେଇ ନିଆଳିର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକଙ୍କ ଅନୁରୋଧକ୍ରମେ ସେ ତାଙ୍କ ଏମ୍‌ପି ପାଣ୍ଠିରୁ ନିଆଳି ମିନି ଷ୍ଟାଡିୟମ୍ ପାଇଁ ୧୦ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ।

## ପ୍ରସ୍ତୁତି ଶେଷ, ୬ରେ ସମାବର୍ତ୍ତନ ଉତ୍ସବ

କଟକ ଅଫିସ,୩।୨

ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ ଆସନ୍ତା ୬ ତାରିଖରେ ବିଶ୍ୱବିଦ୍ୟାଳୟ ପରିସର ସେଭେନ ପିଲାର ଅଫ ଜିଜ୍ଞାସାସ୍ଥିତ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହା ଏକ ସଭା ନୁହେଁ ବରଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ

**ରେଭେନ୍ସା ବିଶ୍ୱବିଦ୍ୟାଳୟ**

- **୬୧ ଛାତ୍ରୀଛାତ୍ର ପାଇବେ ସ୍ୱର୍ଣ୍ଣପଦକ**

ସ୍ୱତନ୍ତ୍ର ଉତ୍ସବ ବୋଲି କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି। ସୋମବାର କୁଳପତିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମାବର୍ତ୍ତନ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଛି।

ଚଳିତବର୍ଷ ସମାବର୍ତ୍ତନ ଉତ୍ସବରେ ମୋଟ୍ ୬୧ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ସ୍ନାତକ ପାଠ୍ୟକ୍ରମରେ ୨୪ଜଣ, ସ୍ନାତକୋତ୍ତର ପାଠ୍ୟକ୍ରମରେ ୩୧ଜଣ, ଶ୍ରେଷ୍ଠ ସ୍ନାତକ ଭାବେ ୨ଜଣ ଓ ବୋରାସମ୍ବର ବକ୍ତୃତାରେ ୪ଜଣଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯିବ। ଏଥିସହ ୮୧ଜଣ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ସେହିପରି ସ୍ନାତକରେ ୧୩୦୧, ସ୍ନାତକୋତ୍ତରରେ ୧୦୪୭, ଏମ୍‌ଫିଲରେ ୬୧ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଛାତ୍ରୀଙ୍କ ପାସ୍ ହାର ୫୬.୮୨ ପ୍ରତିଶତ ଥିବାବେଳେ ଛାତ୍ରଙ୍କର ପାସ୍ ହାର ରହିଛି ୪୩.୧୭ ପ୍ରତିଶତ। ଡ. ଚନ୍ଦ୍ରିମା ସାହା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଖବରଦାତା ସମ୍ମିଳନୀରେ ବି ଶ୍ୱ ବି ଦ୍ୟା ଳ ୟ ର କୁଳସଚିବ ଅଶୋକ ଦାସ, ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, ପ୍ରଫେସର ରୀତା ପାଇକରାୟ, ଡ. ତ୍ରିଲୋଚନ ମିଶ୍ର, ଡ. ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କୁଳପତି ଇଶାନ କୁମାର ପାତ୍ରଙ୍କ ସହ ଅନ୍ୟମାନେ।

### ଗୁଲ୍‌ଜାର୍‌ଙ୍କୁ ଦିଆଯିବ ଡକ୍ଟରେଟ୍

ବଲିଉଡ୍‌ର ବିଶିଷ୍ଟ ଗୀତିକାର ପଦ୍ମଭୂଷଣ ଗୁଲଜାର୍‌ଙ୍କୁ ଚଳିତବର୍ଷ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସମ୍ମାନସୂଚକ ଡକ୍ଟରେଟ ଉପାଧି ଦିଆଯିବା ପାଇଁ ସ୍ଥିର କରାଯାଇଛି। ଏ ନେଇ ଗୁଲ୍‌ଜାରଙ୍କ ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମତି ମଧ୍ୟ ଅଣାଯାଇଛି ବୋଲି କୁଳପତି ପାତ୍ର କହିଥିଲେ। ଗୁଲ୍‌ଜାରଙ୍କ ବ୍ୟତୀତ ଖ୍ୟାତନାମା ବୈଜ୍ଞାନିକ ଡ. ମଞ୍ଜୁ ଶର୍ମା ଓ ଡ. ସୁଜାତା ଦାସଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯିବ।



ଗୁରୁଙ୍କ ପାଦ ସ୍ପର୍ଶ ଇଟାଟିକୁ ମୁଁ ତକିଆ ଭାବରେ ବ୍ୟବହାର କରେ। ଯାହା କି ମୋର ମଥା ନିରନ୍ତର ଗୁରୁଙ୍କ ପାଦରେ ରହିଥାଏ, ମୁଁ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥାଏ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### କୁକୁର କାମୁଡ଼ାରେ ଆହତ ହରିଣ ଉଦ୍ଧାର

**ଆଠଗଡ,୩।୨(ସ୍ୱ.ପ୍ର.):** ଆଠଗଡ ବନାଞ୍ଚଳ ଅନ୍ତର୍ଗତ ରାଜନଗର ଗ୍ରାମକୁ ସୋମବାର ନିକଟସ୍ଥ ଜଙ୍ଗଲରୁ ଏକ ହରିଣ ଚାଲିଆସିଥିବା ବେଳେ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇଥିଲା। ପାଣି ଆଶାରେ ହରିଣଟି ଜଙ୍ଗଲରୁ ଗ୍ରାମ ଅଭିମୁଖେ ଚାଲିଆସିଥିବା ଅନୁମାନ କରାଯାଉଛି। ତାକୁ ଆହତ ଅବସ୍ଥାରେ ଦେଖି ଗ୍ରାମବାସୀ ବନ ବିଭାଗରେ ଖବର ଦେଇଥିଲେ। ବନପାଳ ପ୍ରଶାନ୍ତ କୁମାର ପରିଡ଼ା ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତାକୁ ଉଦ୍ଧାର କରିବା ସହ ଆଠଗଡ଼ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଅପରାହ୍ନରେ ହରିଣଟି ସୁସ୍ଥ ହେବାପରେ ତାକୁ ନିକଟସ୍ଥ ସୁକାଶନ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା,୩।୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ଜଟାଧାରୀ ଆଶ୍ରମ ପରିସରରେ ୪୯ ତମ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ମହନ୍ତ ଶ୍ରୀ ଗୁରୁ ରାମପ୍ରସାଦ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟପୂଜକ ଭାବେ ପଣ୍ଡିତ ବିଜୟ କୁମାର ଶତପଥୀ, ନିରଞ୍ଜନ ଶତପଥୀ, ଧିରେନ୍ଦ୍ର ତ୍ରିପାଠୀ ଓ ଅମୁଲ୍ୟ କୁମାର ମିଶ୍ର ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ, ଘଟ ସ୍ଥାପନ ,ଘୃତ ଯଜ୍ଞାରମ୍ଭ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଯଜ୍ଞ କମିଟି ପକ୍ଷରୁ ବିରୁପାର୍ଥ ପୁସ୍ତକ ଉନ୍ମୋଚନ, ମାଗଣା ସ୍ୱାସ୍ଥ୍ୟ ଶିବିର, ପାଲା ଓ ପ୍ରବଚନ ଆଦି ଆୟୋଜନ କରାଯାଇଥିଲା। ଏଥିରେ ଯଜ୍ଞ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ବଡମ୍ବା,୩।୨(ଡି.ଏନ୍.ଏ):** ବଡମ୍ବା ବ୍ଲକ ଅନ୍ତର୍ଗତ ରଗଡିପଡ଼ା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଗ୍ରାମସ୍ଥିତ ଶ୍ରୀଶ୍ରୀ ରଘୁନାଥଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଖଗେଶ୍ୱର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କାନପୁର ବରିଷ୍ଠ ନାଗରିକ ମଞ୍ଚ ମୁଖ୍ୟ ସଞ୍ଚାଳକ ତ୍ରିଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ ମଞ୍ଚର ଆବଶ୍ୟକତା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କାନପୁର ବରିଷ୍ଠମଞ୍ଚ ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ନରେଶଚନ୍ଦ୍ର ସାହୁ ଯୋଗଦେଇ ମଞ୍ଚ ଗଠନର ଉଦ୍ଦେଶ୍ୟ ଓ ଏହାର ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ରଗଡିପଡା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବ୍ରଜବନ୍ଧୁ ସାହୁ ସ୍ୱାଗତ ଭାଷଣ ସହ ଏହାକୁ ସଂଯୋଜନା କରିଥିଲେ। ଏହି ଅବସରରେ ମଞ୍ଚର ସୁପରିଚାଳନା ପାଇଁ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା।

### ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ,୩।୨:** କଟକ କଲେଜରେ ପୂର୍ବତନ ଅଧକ୍ଷ ଡ. କଲିନ ଜୋସେଫ ଓବ୍ରିୟନଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଯୁକ୍ତ ଦୁଇ ଭାରପ୍ରାପ୍ତ ଅଧକ୍ଷ ଡ. ବିଦ୍ୟାଭୂଷଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଲେଜର ପ୍ରଶାସନିକ ଅଧିକାରୀ ମେଜର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ଓବ୍ରିୟନଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ନୀରବ ପ୍ରାର୍ଥନା କରିଥିଲେ। ସନ୍ଧ୍ୟା କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀ, ଅଭିଭାବକଙ୍କ ଧାରଣା

**ମାହାଙ୍ଗା,୩।୨(ସ୍ୱ.ପ୍ର.)**

■ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ
■ଛୁଟିଦିନ ରାତିରେ ଦିଆଗଲା ବିଭାଗୀୟ ଚିଠି

ମାହାଙ୍ଗା ବ୍ଲକ କୁସୁପୁର ପଞ୍ଚାୟତ ଅନ୍ତର୍ଗତ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଛାତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ସୋମବାର ବିଦ୍ୟାଳୟରେ ତାଲାପକାଇ ଧାରଣା ଦିଆଯାଇଛି। ଏହାଛଡା ଛୁଟିଦିନ ରାତିରେ ବଦଳି ନିର୍ଦ୍ଦେଶ କିପରି ଦିଆଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ,

କୁସୁପୁର ବାଳିକା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୩ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରୀଙ୍କ ଶିକ୍ଷାଦାନ ନିମନ୍ତେ ସରକାରଙ୍କ ନିୟମ ମୁତାବକ ୩ ଜଣ ଶିକ୍ଷକଙ୍କ ଆବଶ୍ୟକ ରହିଛି। ମାତ୍ର ଏହି ବିଦ୍ୟାଳୟରେ ପୂର୍ବରୁ ୨ ଜଣ ଶିକ୍ଷକ ପାଠ ପଢ଼ାଉଥିଲେ। ଏଠାରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଛାତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମାସେ ତଳେ ଏଠାରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏବେ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିବାବେଳେ ଏହାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ସିଂହଙ୍କୁ ହଠାତ୍ ବଦଳି କରିଦିଆଯାଇଛି। ମାହାଙ୍ଗା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ (୧/୨/୨୦ ତାରିଖ ଚିଠି ନଂ.୧୯୪) ଅନୁଯାୟୀ ତାଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରିଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟ ଦିବସରେ ଦିଆ ନ ଯାଇ ଛୁଟିଦିନ ଅର୍ଥାତ୍ ରବିବାର ରାତିରେ ଦିଆଯାଇଛି। ସିଆର୍‌ସିସି ଭାସ୍କର ସାହୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଘରେ ପହଞ୍ଚି ଏହି ଚିଠି ଦେଇଥିବା ସୂଚନା ମିଳିଛି। ଏନେଇ ଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାସ ପରେ ଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଥିବାବେଳେ ଏହି ସମୟରେ ଶୈଳବାଳାଙ୍କ ବଦଳିକୁ ବିରୋଧ କରାଯାଇଥିଲା। ତୁରନ୍ତ ବଦଳି ନିର୍ଦ୍ଦେଶ ବାତିଲ ଦାବିରେ ଧାରଣା ଦିଆଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ସାହୁ ଏହାର ନେତୃତ୍ୱ ନେଇଥିଲେ। ଧାରଣା ଦିଆଯିବାର ଦୀର୍ଘ ୫ ଘଣ୍ଟା ପରେବି କୌଣସି ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ନ ପହଞ୍ଚିବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା। ଖବରପାଇ ସ୍ଥାନୀୟ ସରପଞ୍ଚ ପଙ୍କଜ ସାହୁ ଓ ସମିତିସଭ୍ୟ ପ୍ରଶାନ୍ତ ରାଉତରାୟ ସେଠାରେ ପହଞ୍ଚି ଧାରଣାରତ ଛାତ୍ରୀ ଓ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଏହାର ସମାଧାନ ୧୦ ଦିନ ମଧ୍ୟରେ ହୋଇଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏ ସମ୍ପର୍କରେ ସିଆର୍‌ସିସି ସାହୁ କହିଛନ୍ତି, ଶୈଳବାଳାଙ୍କୁ ଶନିବାରଠାରୁ ବଦଳି ନିର୍ଦ୍ଦେଶ ଦିଆଯାଇଛି। ସେଦିନ ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ରବିବାର ଫୋନ ମାଧ୍ୟମରେ ଯୋଗାଯୋଗ ହୋଇଥିଲା। ଏହାପରେ ଶୈଳବାଳାଙ୍କୁ ବଦଳି ନିର୍ଦ୍ଦେଶଥିବା ଚିଠି ଦିଆଯାଇଛି ବୋଲି ସାହୁ କହିଛନ୍ତି। ଏ ବିଷୟରେ ବିଇଓ ଚକ୍ରଧର ବେହେରା କହିଛନ୍ତି, ଶୈଳବାଳାଙ୍କୁ ଯେଉଁ ବିଦ୍ୟାଳୟକୁ ବଦଳି କରାଯାଇଛି ସେଠାରେ ଅନେକ ସମସ୍ୟା ରହିଛି। ଏନେଇ ତାଙ୍କୁ ସେଠାକୁ ପରୀକ୍ଷା ପର୍ଯ୍ୟନ୍ତ ଅସ୍ଥାୟୀଭାବେ ବଦଳି କରାଯାଇଛି। ଏଥିସହ ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି କୁସୁପୁର ବାଳିକା ପ୍ରାଥମିକ ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକଙ୍କୁ ସପ୍ତାହରେ ତିନିଦିନିଆ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଉଛି।



ଧାରଣାରେ ବସିଥିବା ଛାତ୍ରୀ ଓ ଅଭିଭାବକ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ମାହାଙ୍ଗା, ୩।୨(ସ୍ୱ.ପ୍ର.)**

ମାହାଙ୍ଗା ତହସିଲ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁର ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି।ଏଥିରେ କୈଳାସ ଚନ୍ଦ୍ର ସେଠୀଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। କୈଳାସଙ୍କ ପରବାର ସଦସ୍ୟ ଏକ ଭୋଜି ଖାଇବାକୁ ଯାଇଥିବା ବେଳେ ନିଆଁ ଲାଗିଯାଇଥିଲା। ଖବରପାଇ ସେମାନେ ଘରକୁ ଫେରିବା ବେଳକୁ ଆସବାବପତ୍ର ସମେତ ସବୁ ଜଳିପୋଡି ପାଉଁଶ ହୋଇଯାଇଥିଲା। କୁଆଁପାଳ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୈଳାସଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜଳିଯାଇଥିବା ଘର।



ବାଙ୍କୀ ଡମପଡ଼ ବ୍ଲକ ବିଲିପଡା ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଭାଗବତ ଗୋସ୍ୱାମୀ (ଚକ୍ରପାଣି) ଦେବଙ୍କ ମହୋତ୍ସବ ଓ ତ୍ରୟୋଦଶ ବାର୍ଷିକ କଳସ ଶୋଭାଯାତ୍ରାରେ ଭକ୍ତମାନେ ସହର ପରିକ୍ରମା କରୁଛନ୍ତି। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

### ମୋ ଗାଁ ପ୍ରତିଭା କାର୍ଯ୍ୟକ୍ରମ

**ଟିଗିରିଆ,୩।୨(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତରେ 'ମୋ ଗାଁ ପ୍ରତିଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଟି କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ସଭାପତି ନାରାୟଣ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗଡ଼ା ପଞ୍ଚାୟତ ସରପଞ୍ଚ ଶର୍ମିଳା ନାୟକ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଭାସିନୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ପ୍ରଭାକର ଦାଶ, ଅରୁଣ ନାୟକ ଓ ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭୋଗଡ଼ା, ନୂଆପାଟଣା ଓ ଜେମାଦେଇପୁର ଗ୍ରାମର ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ପ୍ରତିଭା ପରିବେଷଣ କରିଥିଲେ। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇଥିଲା। କାଳୀପ୍ରସାଦ ଦାଶ ସଂଯୋଜନା କରିଥିବା ବେଳେ ମନୋଜ ମହାରଣା, ଲକ୍ଷ୍ମୀଧର ସାହୁ, ସର୍ବେଶ୍ୱର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ୧୦ ଦିନରେ ପହଞ୍ଚିଲା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

**ଆଠଗଡ,୩।୨(ସ୍ୱ.ପ୍ର.)**

ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ କର୍ମଚାରୀଙ୍କ ୭ ଦଫା ଦାବି ପୂରଣ ନେଇ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ୧୦ ଦିନରେ ପହଞ୍ଚିଛି। ଏନେଇ ସଫେଇ କର୍ମଚାରୀ ସଂଘ ପକ୍ଷରୁ ନିର୍ବାହୀ ଅଧିକାରୀ, ପ୍ରଶାସନିକ ଅଧିକାରୀ ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କୌଣସି ସମାଧାନ ହୋଇ ନ ଥିବାରୁ ପ୍ରତିବାଦରେ ସଂଘ ପକ୍ଷରୁ ଏନ୍‌ଏସି ଅଞ୍ଚଳରେ ସୋମବାର ଏକ ଶୋଭାଯାତ୍ରା ଓ ପ୍ରତିବାଦ ସଭା କରାଯାଇଥିଲା। ସଂଘ ସଭାପତି ରାମନାରାୟଣ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଏହି ଏନ୍‌ଏସି ଅଞ୍ଚଳର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାଓ କହିଛନ୍ତି, ସଫେଇ କର୍ମଚାରୀମାନଙ୍କ ଇପିଏଫ ସମସ୍ୟା ଦୂର କରାଯାଇଛି। ମାତ୍ର ଅନ୍ୟ ସବୁ ସମସ୍ୟାର ସମାଧାନ କରିବା ଆମ ପରିସରଭୁକ୍ତ ନୁହେଁ। ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ପୌରପରିଷଦର ପରିମଳ କାର୍ଯ୍ୟ ଘରୋଇକରଣ ହୋଇଥିବା ବେଳେ ଆଠଗଡ଼ ଏନ୍‌ଏସିରେ ଏହା କରାଯାଇନାହିଁ। ସରକାରଙ୍କ ନିୟମ ଅନୁଯାୟୀ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସମୟ କାର୍ଯ୍ୟ କଲେ ସେମାନଙ୍କର ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏନେଇ ସଂଘକୁ ଅବଗତ କରାଯାଇଛି ବୋଲି ସାଓ କହିଛନ୍ତି। ଅପରପକ୍ଷେ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ କୌଣସି ଆଲୋଚନା ହୋଇନାହିଁ ବୋଲି କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଉତ୍କଳ ହ୍ୟାକ୍ସ-୨୦୨୦ ଉଦ୍‌ଯାପିତ

**କଟକ ଅଫିସ,୩।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମଠାରେ ଚାଲିଥିବା ଜାତୀୟସ୍ତରୀୟ ପ୍ରାୟୋଗିକ କର୍ମଶାଳା 'ଉତ୍କଳ ହ୍ୟାକ୍ସ-୨୦୨୦' ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୧୩୮ ଜଣ ବିଦ୍ୟାର୍ଥୀ ଯୋଗଦେଇ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଆଇଟିଏମ୍ ଓ ଏମିଷା କମ୍ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ 'ଡିଜାଇନ ନାଓ'ର ମୁଖ୍ୟ ଶ୍ୱେତାଂଶୁ ମହାପାତ୍ର, ମାଇଣ୍ଡଫାୟାର ସଲ୍ୟୁସନ୍ସର ପ୍ରକଳ୍ପ ମୁଖ୍ୟ ନିର୍ମଳ ହେତା, ସୂର୍ଯ୍ୟନାରାୟଣ ବାରିକ, ରିଓକ୍ ଟେକ୍‌ନୋଲୋଜିର ସହ ପ୍ରତିଷ୍ଠାତା ଅନୁରାଗ କାଏଲ ଓ ଅଭିଜିତ୍ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। କୋଲକାତାସ୍ଥିତ ଆଇଆଇଟି କଲ୍ୟାଣୀର ଅଭିଷେକ ଅମୃତେ ଓ ଶିଭମ୍ ପ୍ରଜାପତିଙ୍କ 'ଟେକ୍ ଆର୍ମି' ପ୍ରକଳ୍ପ ପ୍ରଥମସ୍ଥାନ ଅଧିକାର କରିଥିଲା। ଝାଡ଼ଖଣ୍ଡ ସିଇଟି ଚାଇବସାର ଅନିକେତ୍ କୁମାର ସ, ଅମନ ପ୍ରଜାପତି, ପୂଜା କୁମାରୀ ଓ ଶ୍ରେୟା ମାଝିଙ୍କ 'ଆଗ୍ରୋଟେକ୍' ପ୍ରକଳ୍ପ ଦ୍ୱିତୀୟସ୍ଥାନ ଅଧିକାର କରିଥିଲା।

### ସାନ ଭାଇ କଟୁରି ଚୋଟରେ ବଡ଼ ଭାଇ ଗୁରୁତର

**ରଘୁନାଥପୁର, ୩। ୨ (ଡି.ଏନ.ଏ.)**

ରଘୁନାଥପୁର ଥାନା ଶାଳିଜଙ୍ଗା ଗାଁରେ ସୋମବାର ସାନଭାଇ କଟୁରି ଚୋଟରେ ବଡଭାଇ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜମିବାଡିକୁ ନେଇ ସାନଭାଇ ପୂର୍ବତନ ସମିତିସଭ୍ୟ ଅଜୟ ପାଲଟାସିଂହ ବଡଭାଇ ବିଜୟ ପାଲଟାସିଂହଙ୍କ ସହ ଯୁକ୍ତିତର୍କ ଲାଗିଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଅଜୟ ବଡ ଭାଇ ବିଜୟଙ୍କ ମୁଣ୍ଡକୁ କଟୁରିରେ ଚୋଟ ପକାଇଥିବା ଥାନାରେ ଅଭିଯୋଗ ହୋଇଛି। ଅପରାହ୍ନ ୨ଟାରେ ଘଟଣା ଘଟିବା ପରେ ବିଜୟ ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ପୋଲିସ ଅଜୟଙ୍କୁ ଗିରଫ କରିଥିବା ଆଇଆଇସି ନିରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ୨୦୧୭ରେ ଶାଳିଜଙ୍ଗା ସାଇମନ୍ଦିରକୁ ବିଜୟ ଜମି ଦାନ କରିଥିବା ଘଟଣାକୁ ନେଇ କଳହ ହୋଇଥିବା କୁହାଯାଉଛି।

## ଜନଶୁଣାଣିରେ ୧୬୩ ଅଭିଯୋଗ

**ନରସିଂହପୁର,୩।୨(ଡି.ଏନ୍.ଏ.)**

ନରସିଂହପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୬୩ ଅଭିଯୋଗ ହୋଇଥିଲା। ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚଇନୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୧୬ଟି ଅଭିଯୋଗ ତତ୍କାଳ ଶୁଣାଣି ହୋଇ ସାହାଯ୍ୟ ଯୋଗାଇ ଦିଆଯାଇଥିଲା। ମଧୁବାବୁ ପେନସନ ଓ ବିଧବା ଭତ୍ତା ଯୋଜନାରେ ୧୧ ଜଣଙ୍କୁ ୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଜାତୀୟ ପରିବାର କଲ୍ୟାଣ ଯୋଜନାରେ ଜଣେ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଓ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୪ ଜଣଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଜିଲା ପ୍ରକଳ୍ପ ଅଧିକାରୀ ମହମ୍ମଦ ଅବଦୁଲ୍ଲ ଅକ୍ତାର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଗ୍ରାମାଞ୍ଚଳ ଏସପି ରାଧା ବିନୋଦ ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ବିଡିଓ ପ୍ରଶାନ୍ତ କୁମାର ତରାଇ, ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ହିତାଧିକାରୀଙ୍କ ଅଭିଯୋଗ ଶୁଣୁଛନ୍ତି।

## ଶ୍ରୀ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

**ମାହାଙ୍ଗା,୩।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ସୋରଳ ଗ୍ରାମର ଶରଧା କ୍ଷେତ୍ରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ସାହିତ୍ୟିକ ଶରତ ଚନ୍ଦ୍ର କର, ମୁଖ୍ୟବକ୍ତା ଭକ୍ତଚରଣ ସାହୁ, ସମ୍ମାନିତ ଅତିଥି ସାରଦା ମହାନ୍ତି, ସୁବାଷ ଚନ୍ଦ୍ର ଶତପଥୀ, ବୈଷ୍ଣବ ଚରଣ ସିଂହ, ବିଶ୍ୱନାଥ ପ୍ରଧାନ, ଅଚ୍ୟୁତାନନ୍ଦ ସିଂହ, ପ୍ରତାପ ଚନ୍ଦ୍ର ସିଂହ ଓ ପରକ୍ଷିତ ସାହୁ ଯୋଗଦେଇଥିଲେ। ଖଗେଶ୍ୱର ସାହୁ ଅତିଥି ପରିଚୟ ଓ ଶୁଭେନ୍ଦୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ। କଳାକାର ରସାନନ୍ଦ ସିଂହ, ଗଙ୍ଗାଧର ସିଂହ, ପ୍ରମୋଦ ବରାଳ, ଅକ୍ଷୟ ଜେନା, ବିଜୟ ପଣ୍ଡା ଓ ଅକ୍ଷୟ ସେନାପତିଙ୍କୁ 'ଶରଧା ସମ୍ମାନ-୨୦୨୦ରେ' ପ୍ରଦାନ କରାଯାଇଥିଲା।

## ସାରସ୍ୱତ ସାଧକ ମହାଦେବ ମହାନ୍ତିଙ୍କ ଜୟନ୍ତୀ

**ମାହାଙ୍ଗା,୩।୨(ସ୍ୱ.ପ୍ର.)**

ମାହାଙ୍ଗା-ବଡଚଣା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସୋମବାର ସାରସ୍ୱତ ସାଧକ ସ୍ୱର୍ଗତ ମହାଦେବ ମହାନ୍ତିଙ୍କ ୮୯ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। କୋଠପଦାସ୍ଥିତ ରଘୁନାଥ ନୋଡାଲ ବିଦ୍ୟାପୀଠ ପରିସରରେ ଆୟୋଜିତ ଉତ୍ସବକୁ ଅବସରପ୍ରାପ୍ତ ଶିକ୍ଷକ ମାଧବ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ.ଭାଗ୍ୟଧର ସାହୁ, ମୁଖ୍ୟବକ୍ତା ସାହିତ୍ୟିକ ଅଖିଳେଶ ପଦ ମହାନ୍ତି, ସମ୍ମାନିତ ଅତିଥିଭାବେ ସାହିତ୍ୟିକ ଏକାଦଶୀ ପ୍ରଧାନ, ଅଲେଖ ଚନ୍ଦ୍ର ଦାସ, ଅଭୟ ଚରଣ ପଣ୍ଡା, ରତ୍ନାକର ମହାନ୍ତି, ବିଦ୍ୟୁଲତା ପ୍ରଧାନ , ଜିତେନ୍ଦ୍ର କୁମାର ସାହୁ, ମାଗୁଣି ଚରଣ ସାମଲ,ରାଜକିଶୋର ମିଶ୍ର ଓ ଭବାନୀ ବଲ୍ଲଭ ମହାନ୍ତି ଯୋଗଦେଇଥିଲେ। ପରିଷଦର ସଭାପତି ଭକ୍ତଚରଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାଶଙ୍କୁ 'ମହାଦେବ ମହାନ୍ତି ନାଟ୍ୟ ସମ୍ମାନ', ଓ କବି ପ୍ରାଧ୍ୟାପକ ବିରୂପାକ୍ଷ ରାୟଙ୍କୁ 'ମହାଦେବ ମହାନ୍ତି କବିତା ସମ୍ମାନ ' ପ୍ରଦାନ କରାଯାଇଥିଲା।



ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫୁଲବାଣୀ ବିଜୟୀ

**ବାଙ୍କୀ, ୩।୨ (ସ୍ୱ.ପ୍ର.)**

ପ୍ରାଣକୃଷ୍ଣ ସାହୁ ଓ ହୃଷିକେଶ ସାହୁ ମେମୋରିଆଲ୍ କପ୍ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଫୁଲବାଣୀ ବିଜୟୀ ହୋଇଛି। ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟ କଚେରୀ ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ୨ୟ ଦିନରେ ମଙ୍ଗଳା କପ୍ କଟକ ଓ ଫୁଲବାଣୀ ପଦ୍ମଶ୍ରୀ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ପଦ୍ମଶ୍ରୀ ସ୍ପୋର୍ଟିଂ କ୍ଲବ ୩-୧ଗୋଲରେ ମଙ୍ଗଳା କ୍ଲବକୁ ପରାଜିତ କରିଛି। ଆସୋସିଏଶନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ଆୟୋଜିତ ହୋଇଥିଲା। ଏହାକୁ ବାଙ୍କୀ ନାଗରିକ ସୁରକ୍ଷା ଅଧ୍ୟକ୍ଷ ଆଡ୍‌ଭୋକେଟ୍ ବ୍ରଜକିଶୋର ମହାପାତ୍ର, ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ, ବିଶିଷ୍ଟ କ୍ରୀଡାବିତ୍ ଗୋକୁଳାନନ୍ଦ ବେହେରା, ପରିକ୍ଷୀତ ବେହେରା ଓ ବୃନ୍ଦାବନ ପ୍ରଧାନ ସମୂହ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସଞ୍ଜିବ ଦାଶ ରେଫରୀ ଭାବରେ କାର୍ଯ୍ୟକରିଥିବା ବେଳେ ସହକାରୀ ରେଫରୀ ଭାବେ ବାଦଲ ନାୟକ, ତପନ ନାୟକ ଓ କୃପାସିନ୍ଧୁ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ।




ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇଥିବା ଅତିଥିମାନେ।



"ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ, ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।" -ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ୨ ପୋଲିସ କର୍ମଚାରୀ ଆହତ

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ପୋଖରୀଗାଁ ଗ୍ରାମର ଫେରାର ଅଭିଯୁକ୍ତ ପ୍ରଶାନ୍ତ କୁମାର ବସ୍ତିଆଙ୍କୁ ଧରିବାକୁ ଆସି ସୋମବାର ଦୁଇ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଏସ୍ଆଇ କେ.ଲାକ୍ରା ଓ କନେଷ୍ଟବଲ ଏସ୍.କେ ଜେନା। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲାରେ ପ୍ରଶାନ୍ତଙ୍କ ନାମରେ ବହୁ ଆପରାଧିକ ମାମଲା ରହିଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଏହା ସହିତ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ନିଆଳି ଥାନା ଏସ୍ଆଇ ଲାକ୍ରା, ଏଏସ୍ଆଇ ଏସ୍.ପି.ମହାନ୍ତି, କନେଷ୍ଟବଲ ଜେନା ପ୍ରମୁଖ ସୋମବାର ପ୍ରଶାନ୍ତଙ୍କୁ ଧରିବା ବେଳେ ପାଲଟା ଆକ୍ରମଣରେ ଦୁଇ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏସ୍ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୬/୨୦) ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ଜାଗର ପ୍ରସ୍ତୁତି ବୈଠକ

**ବାଲିଅନ୍ତା,୩।୨(ଡି.ଏନ୍.ଏ.):** ନଖରାସ୍ଥିତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ବଂଶୀଧର ଭୋଳ ଅଧକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ଅମୂଲ୍ୟ ମହାନ୍ତିଙ୍କ ସମେତ ୨୩ଜଣ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରେ ଠାକୁରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ। ରାତ୍ର ୧୧ଟାରେ ମହାଦୀପ ଉଠିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସନ୍ଧ୍ୟାରେ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ସମାରୋହ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିସରରେ ବାଲୁକା କଳା ପ୍ରଦର୍ଶନ ସହ ମୀନା ବଜାରର ବ୍ୟବସ୍ଥା କରାଯିବ ବୋଲି ଗୌରୀଶ୍ୟାମ ପଟ୍ଟନାୟକ କହିଛନ୍ତି। ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ଜଣାପଡିଛି।

### ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

**କଟକ ଅଫିସ, ୩।୨-** ଥଇଥାନ ବ୍ୟବସ୍ଥା ନ କରାଯାଇ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଉଛି ବୋଲି କଟକ ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ମଞ୍ଚର ସଦସ୍ୟମାନେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ମାନବାଧିକାରୀ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓଟ୍‌ଆରସି ଅଧକ୍ଷ ବି.ପି. ଦାସଙ୍କୁ ପତ୍ର ଦେଇଛନ୍ତି। ବାସଚ୍ୟୁତ ହିତାଧିକାରୀଙ୍କ ଚିହ୍ନଟ ତାଲିକା ସାର୍ବଜନୀନ କରିବା, ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ ବନ୍ଦ କରିବା, ମୌଳିକ ଅଧିକାରକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ପାଇଁ ଉକ୍ତ ପତ୍ରରେ ପ୍ରାର୍ଥନା କରାଯାଇଛି।

# ସର୍ବକ୍ଷମା ଅବଧି ବୃଦ୍ଧି ଦାବି

## ୫ରେ ସରୁଛି : ବିଡିଏ, ସିଡିଏରେ ପ୍ରବଳ ଭିଡ

**ଭୁବନେଶ୍ୱର,୩।୨(ବ୍ୟୁରୋ)**



ଯେଉଁମାନେ ସହରାଞ୍ଚଳରେ କୋଠାବାଡ଼ି ନିର୍ମାଣ ପାଇଁ ପ୍ଲାନ୍ ନେଇ ମଞ୍ଜୁରୀଠାରୁ ଅଧିକ ନିର୍ମାଣ କରିଛନ୍ତି କିମ୍ବା ନ ନେଇ ଘର ତିଆରି କରିଛନ୍ତି, ସେମାନେ ଜରିମାନା ଦେଇ ବେଆଇନ ନିର୍ମାଣକୁ ଆଇନସିଦ୍ଧ କରିପାରିବେ। ଏଥିପାଇଁ ୨୦୧୮ ଜୁନ୍‌ରୁ ରାଜ୍ୟ ସରକାର ଆରମ୍ଭ କରିଥିବା ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍)ର ଅବଧି ଆସନ୍ତା ୫ ତାରିଖରେ ଶେଷ ହେବ। ଏହାପରେ ଆଉ କୌଣସି କ୍ଷମା ନାହିଁ। ତେଣୁ ସବୁ ବେଆଇନ ନିର୍ମାଣ ଭଙ୍ଗାଯିବ ବୋଲି ବିଡିଏ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ଘର ମାଲିକମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମେତ ଅନ୍ୟାନ୍ୟ ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ବେଆଇନ ନିର୍ମାଣକୁ ନିୟମିତ(ରେଗୁଲାରାଇଜ୍) କରିବା ପାଇଁ ଭିଡ଼ ଜମାଇଛନ୍ତି। ତେବେ ଏହି ଯୋଜନାରେ ଆବେଦନ କରିବାକୁ ହେଲେ ମାଲିକମାନଙ୍କୁ ପଞ୍ଜିକୃତ ଆର୍କିଟେକ୍ଟଙ୍କର ସହାୟତା ନେବାକୁ ପଡୁଛି। ଅବଧି ଶେଷ ହୋଇ ଆସୁଥିବାରୁ ପ୍ରବଳ ଭିଡ଼ ଯୋଗୁ ଲୋକମାନେ ଆର୍କିଟେକ୍ଟ ପାଇ ପାରୁନାହାନ୍ତି। ଏଥିଯୋଗୁ ଜନଅସନ୍ତୋଷ ଦେଖାଦେଇଛି। ଏହି ସର୍ବକ୍ଷମା ଯୋଜନା ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ରାଜସ୍ୱ ବୃଦ୍ଧି ହେଉଥିବା ବେଳେ ଏହି ଯୋଜନାକୁ କାହିଁକି ସରକାର ବନ୍ଦ କରୁଛନ୍ତି ବୋଲି ସୋମବାର ବିଡିଏକୁ ଆବେଦନ ପାଇଁ ଆସିଥିବା ଘରମାଲିକ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ଯୋଜନାର ଅବଧି ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି।

ରାଜ୍ୟ ସରକାର ୨୦୧୮ ଜୁନ୍ ୨୦ ତାରିଖରେ ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍) ଆରମ୍ଭ କରିଥିଲେ। ରାଜ୍ୟରେ ଥିବା ୯ଟି ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ଏହାକୁ ଲାଗୁ କରାଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀ ଏହି ସୁବିଧା ପାଇବେ। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା।

ବେଆଇନ ଘର, ପାର୍କିଂକୁ ନିୟମିତ କରିବାକୁ ହେଲେ ଆବେଦନକାରୀଙ୍କୁ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳର ରେଗୁଲେଶନରେ ଥିବା କମ୍ପାଉଣ୍ଡିଂର ୪୦ ପ୍ରତିଶତ ଅଧିକ ଦେବାକୁ କୁହାଯାଇଥିଲା। ମହାନଗର ନିଗମ ଅଞ୍ଚଳ ପାଇଁ ଘରର ଚାରିପାଖ ଅଧିକ ନିର୍ମାଣ କରିଥିଲେ ପ୍ରତି ବର୍ଗମିଟରକୁ କମ୍ପାଉଣ୍ଡିଂ ମୂଲ୍ୟର ୧.୪ ଗୁଣ, ମ୍ୟୁନିସିପାଲିଟି ପାଇଁ ୧.୩, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ପାଇଁ ୧.୨ ଏବଂ ଗ୍ରାମାଞ୍ଚଳ ଲାଗି ୧.୧ଗୁଣ ଜରିମାନା ଦେବାକୁ ଘୋଷଣା କରାଯାଇଥିଲା। ଦୁଇଥର ଏହାର ଅବଧି ବୃଦ୍ଧି କରାଯାଇଥିଲେ ମଧ୍ୟ ଜରିମାନା ରାଶି ଅଧିକ ହେବାରୁ ତାହା ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟରକୁ ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଏହାର ଅବଧିକୁ ମଧ୍ୟ ଆଉ ୬ ମାସ ପାଇଁ ବଢ଼ାଯାଇଥିଲା। ସଂଶୋଧିତ ବିଜ୍ଞପ୍ତି ୨୦୧୯ ଅଗଷ୍ଟ ୬ ତାରିଖରେ ପ୍ରକାଶ କରାଗଲା। ତେବେ ଏହି ଅବଧିକୁ ଆଉ ୬ ମାସ ବଢ଼ାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜନସାଧାରଣଙ୍କ ଆଗ୍ରହକୁ ଦେଖି ଅବଧି ବଢ଼ାଇବାର ଆବଶ୍ୟକତା ରହିଛି। ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।




ସୋମବାର ଭୁବନେଶ୍ୱର ପଟିଆସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ଆଶୀର୍ବାଦ ଦିବସ ପାଳନ ଅବସରରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ ।

# ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

## ଥାନା ସୀମା ନିର୍ଦ୍ଧାରଣ ନ ହେବାରୁ ଅସାମାଜିକଙ୍କ ଉତ୍ପାତ ବଢୁଛି

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ସାଇ ମନ୍ଦିର ନିକଟରେ ଜଣେ ଦୋକାନୀଙ୍କୁ ସୋମବାର ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ପୀଡ଼ିତ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଥାନା ସୀମା ନିର୍ଦ୍ଧାରଣ ନ ହେବା ଯୋଗୁ ଅନେକ ସମସ୍ୟା ଭୋଗୁଥିବା ପୀଡ଼ିତ ଜଣକ ଜଣାଇଛନ୍ତି।

ସୂଚନା ମୁତାବକ, ପୁରୀ ଚନ୍ଦନପୁର ଅଞ୍ଚଳର ମେରୁ ବେହେରା ସାଇ ମନ୍ଦିର ନିକଟରେ ଏକ ଚା' ପାନ ଦୋକାନ କରିଛନ୍ତି। ସୋମବାର ଅପରାହ୍ନରେ କେତେଜଣ ଯୁବକ ନିଜର ଦବ୍‌ଦବା ଦେଖାଇବାକୁ ଯାଇ ତାଙ୍କ ଦୋକାନ ନିକଟରେ ବାଇକ ଓ ସାଇକେଲ ପାର୍କିଂ କରିଥିଲେ। ମେରୁ ଏହାର ପ୍ରତିବାଦ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ରକ୍ତାକ୍ତ କରିଥିଲେ। ଏନେଇ ସେ ପୁଅ ଓ ସ୍ତ୍ରୀଙ୍କୁ ଧରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନା ନିର୍ଦ୍ଧାରଣକୁ ନେଇ ସାଇ ମନ୍ଦିର କେଶୁରା ଓ ବାଙ୍କୁଆଳ ଅଞ୍ଚଳର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସେ ଗଣମାଧ୍ୟମକୁ କହିଛନ୍ତି। ଥାନା ଅନେକ ଦୂର ହୋଇଥିବାରୁ ଆକ୍ରମଣ ପରେ ଥାନାକୁ ଆସିବାରେ ଅନେକ ବାଧା ଉପୁଜୁଛି। ଆକ୍ରମକାରୀମାନେ ଥାନାକୁ ଆସିବା ରାସ୍ତାରେ ଅଟକାଇ ଧମକଚମକ ଦେଉଛନ୍ତି। ଅସାମାଜିକଙ୍କ ଦାଉ ଅସହ୍ୟ ହେଉଛି। ତେଣୁ ପୋଲିସ ପାଟ୍ରୋଲିଂ ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଛନ୍ତି।

### ସିଆରସିସିଙ୍କୁ ଅଟକ ରଖିଲେ ସ୍ୱୟଂ ସହାୟକ ଗୋଷ୍ଠୀ

**କଣ୍ଟାପଡ଼ା,୩।୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ କମାରସାହି ପ୍ରାଥମିକ ବିଦ୍ୟାଳୟ ଓ ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପରେ ଉଭୟ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରସ୍ତୁତ ନେଇ ସୋମବାର ବିବାଦ ଦେଖାଦେଇଥିଲା। ଫଳରେ କମାରସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ରୋଷେଇ କରୁଥିବା ବିଶ୍ୱକର୍ମା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ନ ମିଳିବାରୁ ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ବୁଝାଶୁଝା କରିବାକୁ ଆସିଥିବା ସିଆରସିସି ହରେକୃଷ୍ଣ ଭୋଇଙ୍କୁ ଅଟକ ରଖିବା ସହ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ, ଏବିଇଓ ଅରୁଣ ମହାପାତ୍ର, ସରପଞ୍ଚ ସୁବାସ ଚନ୍ଦ୍ର ବିଶ୍ୱାଳ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରୋଷେଇ ଦାୟିତ୍ୱ ପରିଚାଳନା କମିଟିକୁ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ସିଆରସିସିଙ୍କୁ ଛାଡିଥିଲେ। ୨୦୧୮ ଡିସେମ୍ବରରେ କମାରସାହି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ କମାରସାହି ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ହୋଇଥିଲା। ଉକ୍ତ ୨ବିଦ୍ୟାଳୟର ୮୭ ଛାତ୍ରୀଛାତ୍ର ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଖାଦ୍ୟ ପ୍ରସ୍ତୁତ ବନ୍ଦକରି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ଦେଇଥିଲେ।

### ସଞ୍ଜୀବ ସିଂ ବିଏମ୍‌ସିର ମୁଖ୍ୟ ବିତ୍ତ ଅଧିକାରୀ

**ଭୁବନେଶ୍ୱର,୩।୨(ବ୍ୟୁରୋ)-** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୁଖ୍ୟ ବିତ୍ତ ଅଧିକାରୀଙ୍କ ଲବଣ୍ୟ ଶବରଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ କଳାହାଣ୍ଡିର ଏନ୍‌ଫୋର୍ସମେଣ୍ଟ ରେଞ୍ଜରେ ଥିବା ଜଏଣ୍ଟ କମିଶନର ସଞ୍ଜୀବ କୁମାର ସିଂଙ୍କୁ ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଏ ନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶଥାଉ କି ବିଏମ୍‌ସିର ପୂର୍ବତନ ମୁଖ୍ୟ ବିତ୍ତ ଅଧିକାରୀ ଲବଣ୍ୟ ବହୁବାର ବଦଳି ହେବା ପରେ ବି ନିଜ ଗାଦି ଛାଡୁନାହାନ୍ତି। ଗତ ମାସେ ହେବ ତାଙ୍କ ବଦଳି ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ତାଙ୍କ ବଦଳି ସ୍ଥାନକୁ ନ ଯାଇ ସେ ଏବେ ମଧ୍ୟ ବିଏମ୍‌ସିରେ କାର୍ଯ୍ୟରତ ଅଛନ୍ତି।

### ନୂତନ ସରକାରୀ ବାସଗୃହ କଲୋନୀ ଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ ।

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ନୂତନ ସରକାରୀ ବାସଗୃହ କଲୋନୀ ଯୋଗ ସାଧାନା କେନ୍ଦ୍ର(ସକାଳ) ଓ ମହିଳା ଯୋଗ ସାଧାନା କେନ୍ଦ୍ର(ସନ୍ଧ୍ୟା)ର ବର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସାଧାରଣ ପ୍ରଶାସନ ବିଭାଗର ମାହଲ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ବ୍ରହ୍ମକୁମାରୀ ଗୀତାଜୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଆସନ, ପ୍ରାଣାୟମ ମାଧ୍ୟମରେ ମଣିଷ କିପରି ନିଜକୁ ସୁସ୍ଥ ଓ ସୁନ୍ଦର ରଖିପାରିବ ସେ ନେଇ ଆଲୋକପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନର ଓଡିଶା ପ୍ରାନ୍ତ ପ୍ରଧାନ ସୁରେଶଜୀ, ମଞ୍ଚେଶ୍ୱର ଯୋଗ ଜିଲାର ଜିଲା ପ୍ରଭାରୀ ରଘୁନାଥ ଜୀ ଏବଂ ମଞ୍ଚେଶ୍ୱର ଯୋଗ ଜିଲାର ଜଲା ପ୍ରଧାନ ପ୍ରତାପଜୀ ମଞ୍ଚାସୀନ ହୋଇଥିଲେ। ଓଡିଶା ପ୍ରାନ୍ତର ସମସ୍ତ ପ୍ରାନ୍ତ ଅଧିକାରୀ, ଜିଲା ଅଧିକାରୀ, କ୍ଷେତ୍ର ଅଧିକାରୀ , କେନ୍ଦ୍ର ପ୍ରମୁଖ ଏବଂ ବିଭିନ୍ନ ଯୋଗ କେନ୍ଦ୍ରରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ସାଧିକା ଓ ସାଧକମାନେ ଯୋଗ ଦେଇ ଯୋଗାଭ୍ୟାସ କରିବା ସହ ବାର୍ଷିକୋତ୍ସବକୁ ସଫଳ କରିଥିଲେ। କେନ୍ଦ୍ର ପ୍ରଭୁଖ କେଶିରାମ ହୋ ଏବଂ ମନୋରମା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଭଗବାନ ବେହେରା ଧନ୍ୟବାଦ ଦେଇଥିଲେ।

# ଡିଜିପିଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ପୋଲିସବାବୁ

## ଅନ୍ୟର ଜାଗାରେ ଚଳାଇଛନ୍ତି ଘର ନିର୍ମାଣ

**ଭୁବନେଶ୍ୱର, ୩।୨(ବ୍ୟୁରୋ)**




ଅଭିଯୋଗ କରିବାକୁ ଆସିଥିବା ଅନ୍ତର୍ଯ୍ୟାମୀ ।

ଅନ୍ୟକୁ ନ୍ୟାୟ ଦେବା ପାଇଁ ପୋଲିସ ପୋଷାକ ପିନ୍ଧିଥିବା ଜଣେ ଅଧିକାରୀ ନିଜେ ଅନ୍ୟାୟର ରାସ୍ତା ଧରିଛନ୍ତି। ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅନ୍ତର୍ଗତ ନଖରା ଗ୍ରାମରେ ଅନ୍ୟର ୨୦୦ ବର୍ଗଫୁଟ ଜମି ଜବରଦସ୍ତ ଦଖଲ କରି ଘର ନିର୍ମାଣ କରୁଛନ୍ତି। ଏଭଳି ଅନ୍ୟାୟର ଶିକାର ଜମିମାଲିକ ଅନ୍ତର୍ଯ୍ୟାମୀ ସାହୁ ଏବଂ ଯଶୋବନ୍ତ ସାହୁ ଥାନା ସମେତ ଡିସିପି, ସିପି ଓ ଡିଜିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିଜିପି ନିର୍ମାଣ କାମ ବନ୍ଦ କରିବାକୁ ବାଲିଆନ୍ତା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡିସିପିଙ୍କ କୋର୍ଟ ଉକ୍ତ ଜାଗା ଉପରେ ୧୪୪ ଧାରା ଜାରି କରି କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ ବାବୁଜଣକ ତାହାକୁ ଖାତିର ନ କରି ନିର୍ମାଣ କାମ ଚଳାଇଛନ୍ତି। ଏନେଇ ଅନ୍ତର୍ଯ୍ୟାମୀ ପୁଣି ସୋମବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାମ ବନ୍ଦ କରିବାକୁ ଡିସିପି ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଅନ୍ତର୍ଯ୍ୟାମୀ କହିଛନ୍ତି। ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ୍ତ କୁମାର ରାଉତ କହିଛନ୍ତି ଯେ, ଆମେ କାମ ବନ୍ଦ କରାଇଥିଲୁ। ତଥାପି ସେ ଏହାକୁ ମାନୁନାହାନ୍ତି। ଆମର ଯେତିକି କ୍ଷମତା ତାହା ଲଗାଇ ସାରିଛୁ ବୋଲି ରାଉତ କହିଛନ୍ତି।

# ବିକାଶ ଧାରା ତ୍ୱରିତ କରିବ ବଜେଟ




**ଭୁବନେଶ୍ୱର,୩।୨**

ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଥିବା ସାଧାରଣ ବଜେଟରେ ସାମାଜିକ କ୍ଷେତ୍ର ବିକାଶ, ରପ୍ତାନି, ଭିତ୍ତିଭୂମି ଉନ୍ନତୀକରଣ, ଦକ୍ଷତା ବିକାଶ ସହ ଉତ୍ତମ ପ୍ରଶାସନ ଭଳି ବିଭିନ୍ନ କ୍ଷେତ୍ରକୁ ଅଗ୍ରାଧିକାର ଦେଇଛନ୍ତି। ବଜେଟରେ ଘୋଷଣା ହୋଇଥିବା ଏଭଳି ବିଭିନ୍ନ ପ୍ରସ୍ତାବ ଜନକଲ୍ୟାଣକାରୀ ହେବ। ବଜେଟର ବିଭିନ୍ନ ପ୍ରସ୍ତାବ ଦେଶର ଅର୍ଥନୈତିକ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଦିଗରେ ଯୋଗଦାନ ରଖିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏଠାରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ପକ୍ଷରୁ ଅନୁଷ୍ଠିତ ବଜେଟ ଆଲୋଚନାରେ ବିଶେଷଜ୍ଞମାନେ ସାଧାରଣ ବଜେଟର ବିଭିନ୍ନ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ଆଇସିସି ଓଡିଶା ରାଜ୍ୟ ପରିଷଦର ସହଅଧକ୍ଷ ଜେ.ବି.ପାଣି କହିଛନ୍ତି ଯେ, ବର୍ତ୍ତମାନର ଜଟିଳ ସ୍ଥିତିରେ ଅଧିକ ପଦକ୍ଷେପ ନେବା ଲାଗି ଅର୍ଥମନ୍ତ୍ରୀ ସୀତାରାମନଙ୍କ ନିକଟରେ ସୁଯୋଗ ନ ଥିବା ସତ୍ତ୍ୱେ ମଧ୍ୟ ସେ ଅଭିବୃଦ୍ଧିକୁ ଯୋଗଦାନ ରଖିବା ଭଳି ବଜେଟ ଆଣିଛନ୍ତି। ମେଡିକାଲ ଉପକରଣ ଉପରେ ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଟିକସ ଦେଶ ଲାଗି ମଙ୍ଗଳକାରୀ ହେବ। ଏହାବାଦ ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ହୋଇଥିବାରୁ ଏହା ଉତ୍ତମ ନିବେଶ ବାତାବରଣ ସୃଷ୍ଟି ଦିଗରେ ସହାୟକ ହେବ ବୋଲି ସେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଜିଏସ୍‌ଟି କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କର ପ୍ରିନ୍ସିପାଲ ଚିଫ୍ କମିଶନର ବିଜୟ କୁମାର କର ଜିଏସ୍‌ଟି ସଂସ୍କାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଷଦର ଆଡଭାଇଜରି ସଦସ୍ୟ ରାଜେନ ପାଢୀ ସଡକ, ରେଳ, ପରିବହନ କ୍ଷେତ୍ର ଲାଗି ଘୋଷଣା ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଟିକସ କମିଟିର ସଂଯୋଜକ ଏ.କେ.ସାବତ ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ଉପରେ ମତ ରଖିଥିଲେ। ଆୟୁଷ୍ମାନ ଭାରତରେ ଛୋଟ ସହରରେ ହସ୍ପିଟାଲ ସ୍ଥାପନ, ଏମ୍ଏସ୍ଏମ୍ଇର ଅଡିଟ ସୀମା ବୃଦ୍ଧି, କୃଷି ଜଳସେଚନ ଲାଗି ଆବଣ୍ଟନ, ବ୍ୟାଙ୍କ ଜମା ବୀମା, ସୁଲଭ ବାସଗୃହ, ଲଜିଷ୍ଟିକ କ୍ଷେତ୍ର ଲାଗି ଆସିଥିବା ଘୋଷଣାକୁ ବିଶେଷଜ୍ଞ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଇମ୍ପାର କର୍ପୋରେଟ ବ୍ୟାପାର ଉପସଭାପତି ଅଶୋକ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଓଏସ୍ ମେଶିନ ବାଣ୍ଟିଲା ବିଏମ୍‌ସି

## ଟ୍ରେଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟ୍ୟାକ୍ସ କଲେକ୍ସନ ହେବ ସହଜ

**ଭୁବନେଶ୍ୱର,୩।୨(ବ୍ୟୁରୋ)**



ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତରଫରୁ ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ସୋମବାର ଅପରାହ୍ନରେ ରାଜ୍ୟ ପୌର ପ୍ରଶାସକ ତଥା ବିଏମ୍‌ସି ପ୍ରଶାସକ ସଂଗ୍ରାମଜିତ୍ ନାୟକ ୨୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଏବଂ ୬୭ ୱାର୍ଡ଼ ଅଫିସରଙ୍କୁ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେଶିନ ପ୍ରଦାନ କରିଛନ୍ତି। ବିଏମ୍‌ସି ଅଞ୍ଚଳରେ ନୂତନ ଧାରାରେ ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ୍ ଲାଇସେନ୍ସ ଆଦି ଆଦାୟ କରିବା ଲାଗି ଏସ୍ଏଚ୍‌ଜି ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପିଓଏସ୍ ମେଶିନ ଅନ୍‌ଲାଇନ୍‌ରେ ଟିକସ ଆଦାୟ କରିବାରେ ସହାୟକ ହେବ। ଏହାର ପରିଚାଳନା ନେଇ ବିଗତ ଦିନରେ ସେମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି। ଏହା ତାଙ୍କୁ କାର୍ଯ୍ୟରେ ନିଶ୍ଚୟ ସହଯୋଗ କରିବ ବୋଲି ବିଏମ୍‌ସି ପ୍ରଶାସକ ନାୟକ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗରେ ମହିଳାଙ୍କୁ ବିଭିନ୍ନ ସ୍ତରରେ ତଥା ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ଦେଇ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ଉନ୍ନତ କରିବା ଦିଗରେ ବିଏମ୍‌ସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛି। ଟ୍ୟାକ୍ସ ଆଦାୟରେ କୌଣସି ସାଲିସ ନାହିଁ, ଏହା ନିଶ୍ଚିତ ଭାବେ ଆଦାୟ ହେବ ଏବଂ ଏହାକୁ ଆଦାୟ କରିବାର ଦାୟିତ୍ୱ ନିର୍ଦ୍ଦିଷ୍ଟ କର୍ମଚାରୀ ଏବଂ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ଯଦି ଏହା ନ ହୁଏ ତେବେ ବିଏମ୍‌ସି ଅଞ୍ଚଳରେ କୌଣସି ପ୍ରକାରର ବିକାଶମୂଳକ କାର୍ଯ୍ୟ ହେବା ଅସମ୍ଭବ ହୋଇପଡ଼ିବ ବୋଲି ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଟ୍ୟାକ୍ସ କଲେକ୍ଟର, ୱାର୍ଡ଼ ଅଫିସର ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି।

ଅନ୍ୟପକ୍ଷରେ ଏହି କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ନିୟମିତ ସମୀକ୍ଷା ହେବ। ଉତ୍ତମ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ଠିକ୍‌ରେ କାର୍ଯ୍ୟ କରୁ ନ ଥିବା କର୍ମଚାରୀଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ତେଣୁ ସମସ୍ତେ ଟ୍ୟାକ୍ସ ଆଦାୟକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବାବେଳେ ଡେପୁଟି କମିଶନର (ରାଜସ୍ୱ) ଶ୍ରୀମନ୍ତ ମିଶ୍ର ଉପସ୍ଥିତ ଥିଲେ। ବିଏମ୍‌ସି ତିନୋଟି ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି(ଉତ୍ତର), ରବୀନ୍ଦ୍ର କୁମାର ଜେଠୀ(ଦକ୍ଷିଣ-ପଶ୍ଚିମ) ଏବଂ ରୂପକ କୁମାର ପଟ୍ଟନାୟକ(ଦକ୍ଷିଣ-ପୂର୍ବ) କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଗୁରୁଙ୍କ ପାଦ ସ୍ପର୍ଶ ଇଟାଟିକୁ ମୁଁ ତକିଆ ଭାବରେ ବ୍ୟବହାର କରେ। ଯାହା କି ମୋର ମଥା ନିରନ୍ତର ଗୁରୁଙ୍କ ପାଦରେ ରହିଥାଏ, ମୁଁ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥାଏ। -ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଜଟଣୀ,୩।୨: ଖୋର୍ଦ୍ଧା ବ୍ଲକ ପରିସରରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶୁଣାଣିରେ ୭୬ଟି ବ୍ୟକ୍ତିଗତ ଓ ୬ଟି ସମୂହ ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୧ ଜଣଙ୍କୁ ୧ଲକ୍ଷ ୫୧ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ରେଡକ୍ରସ ସହାୟତା ପାଣ୍ଠିରୁ ୧୫ ଜଣଙ୍କୁ ୪୭ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ଶିବିରରେ ୬୫ଟି ଅଭିଯୋଗର ଫଇସଲା କରାଯାଇଛି। ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଉପଜିଲାପାଳ ଶାନ୍ତନୁ ମହାନ୍ତି, ତହସିଲଦାର ଶୁଭେନ୍ଦୁ ସାମଲ, ସହକାରୀ ଜିଲାପାଳ ରବିନାରାୟଣ ପାଢ଼ୀ, ବିଡିଓ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

### ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ

ବୋଲଗଡ଼,୩।୨(ଡି.ଏନ.ଏ.): ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୧୨ଦିନ ଧରି ଚାଲୁରହିବ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ତପନ କୁମାର ଜେନା ପୌରୋହିତ୍ୟ କରିଥିଲେ। ଅମିୟବାଳା ନନ୍ଦ ସଂଯୋଜିକା ଦାୟିତ୍ୱ ନେଇଥିବା ବେଳେ ପ୍ରଶିକ୍ଷିକା ଭାବେ ମିତା ସ୍ୱାଇଁ ଯୋଗଦେଇଛନ୍ତି। ଅଧ୍ୟାପକ ଭଗବାନ ଜେନା, ରାମଚନ୍ଦ୍ର ଜେନା, ଉମାକାନ୍ତ ଓଝା, ପ୍ରତାପ ଚନ୍ଦ୍ର ବେହେରା, ତ୍ରିଲୋଚନ ସାହୁ, ଅଧ୍ୟାପିକା ପଦ୍ମାଳୟା ମହାରଣା ପ୍ରମୁଖ ଉପସ୍ଥିତ ରହି ସାମ୍ପ୍ରତିକ ସମୟରେ ଏହି ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ।

### ୪୨୦ଲିଟର ରନ୍ଧାମଦ ଜବତ, ୨ ଗିରଫ



କୃଷ୍ଣପ୍ରସାଦ,୩।୨(ଡି.ଏନ.ଏ.): ରବିବାର ରାତିରେ କୃଷ୍ଣପ୍ରସାଦ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କନ୍ଧାଖାଇ କଲେଜ ଛକ ନିକଟରୁ ଗୋଟିଏ ମାରୁତି ଭ୍ୟାନ ସହ ଏଥିରେ ଥିବା ୪୨୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଜବତ ଗାଡ଼ି ନମ୍ବର ହେଉଛି ଓଆର୦୨ଏଟି-୨୪୮୪। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ରାମଲେଙ୍କା ଗ୍ରାମର ଶ୍ୟାମ ସୁନ୍ଦର ସେଠୀ ଓ ପାଇକରାୟପୁର ଗ୍ରାମର ଅଜୟ ପଲେଇଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ୯/୨୦ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ୨୦୦୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ବେଗୁନିଆ,୩। ୨ (ଡି.ଏନ.ଏ.)- ବେଗୁନିଆ ବ୍ଲକ ବାଘମାରୀସ୍ଥିତ ରଘୁନାଥ ଦେବ ଉଚ୍ଚବିଦ୍ୟାଳୟ ପରିସରରେ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଥିଲା। ୨୦୦୮ ବ୍ୟାଚରେ ମାଟ୍ରିକ ପଢ଼ୁଥିବା ୭୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଆୟୋଜନ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ରାୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ବିଦ୍ୟାଳୟର ବହୁ ନୂତନ, ପୁରାତନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ବିଦ୍ୟାଳୟର ବହୁ ନୂତନ ଏବଂ ପୁରାତନ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ମୃତକ ଅବିନାଶ ପଣ୍ଡା, ରଶ୍ମିତା ଚମ୍ପତି ଏବଂ ଶିକ୍ଷକ ଉମେଶ ଚନ୍ଦ୍ର ଫତେସିଂହଙ୍କ ସ୍ମୃତିକୁ ମନେ ପକାଇବାକୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

ବେଗୁନିଆ,୩। ୨ (ଡି.ଏନ.ଏ.): ବେଗୁନିଆ ବ୍ଲକର ବିଭିନ୍ନ ଗାଁରେ ମାଘ ସପ୍ତମୀ ଲାଗି ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। କଳସ ଶୋଭାଯାତ୍ରା ଓ ନାମ ଶେଷ ପରେ ସଂକୀର୍ତ୍ତନ ଦଳ ନଗର କୀର୍ତ୍ତନ କରିଥିଲେ। ଏହି ଅବସରରେ ଡିଙ୍ଗର, ପାଟରାସାହି, ବାମଡ଼ିହ, ବାଘମାରୀ ଏବଂ ବଡବେରଣା ଅଞ୍ଚଳରେ ଅଷ୍ଟ ପ୍ରହର ଅନୁଷ୍ଠିତ ହୋଇଯାଇଛି।

# ବିଦ୍ୟାଳୟ ପରିଚାଳନାରେ ତ୍ରୁଟି: ଖପ୍ପା ହେଲେ ମନ୍ତ୍ରୀ

**ବେଗୁନିଆ,୩। ୨ (ଡି.ଏନ.ଏ.)**



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ ।

- ଡିଇଓ, ବିଇଓଙ୍କୁ କଡ଼ା ଚେତାବନୀ
- ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବେଗୁନିଆ ବ୍ଲକ ଗସ୍ତରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ଆସିଥିଲେ। ସଦର ମହକୁମାରେ ଥିବା ସର୍ବପୁରାତନ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ୭୬ତମ ବାର୍ଷିକୋତ୍ସବରେ ଯୋଗଦେଇଥିଲେ। ତେବେ ବିଦ୍ୟାଳୟର ପରିଚାଳନା ଗତ ତ୍ରୁଟି ଦେଖି ମନ୍ତ୍ରୀ ଦାଶ ଖପ୍ପା ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କଡା ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ନେଇ ଆଶ୍ଚର୍ଯ୍ୟ ହୋଇ ପଡିଥିଲେ।

ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱନାଥ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବ ପାଳନ ଅବସରରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ପାଇକରାୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ଦାଶ, ବିଶିଷ୍ଟ ବକ୍ତା ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର, ଅନ୍ୟତମ ବକ୍ତା ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ରାମଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁ, ସରପଞ୍ଚ କୁମୁଦିନୀ ସ୍ୱାଇଁ ଏବଂ ବିଇଓ ସୁରେନ୍ଦ୍ର କୁମାର ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ।

ବିଦ୍ୟାଳୟକୁ ଇତିମଧ୍ୟରେ ଯଦି ୭୬ ପୂରିଛି, ତେବେ ବିଦ୍ୟାଳୟର ପିଲା ସଂଖ୍ୟା କେତେ, ମୋ ସ୍କୁଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି କି ନାହିଁ। ଅଭିଭାବକ ବୈଠକ ହୋଇଥିଲା କି ନାହିଁ ଆଦି ପ୍ରଶ୍ନ ସଭାସ୍ଥଳରେ ମନ୍ତ୍ରୀ ଦାଶ ପଚାରିଥିଲେ। ହେଲେ ଶିକ୍ଷକମାନେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ସେହିପରି ଯଦି ବିଦ୍ୟାଳୟର ସମୁଦାୟ ପିଲା ସଂଖ୍ୟା ୪ ଶହ ତାହା ହେଲେ ଏକ ବାର୍ଷିକୋତ୍ସବ ପାଳନ ଅବସରରେ କ'ଣ ପାଇଁ ୧୦୦ରୁ କମ୍ ପିଲା ଉପସ୍ଥିତ ଅଛନ୍ତି ବୋଲି ସେ ନେଇ ମନ୍ତ୍ରୀ ପୁରା ଖପ୍ପା ହୋଇଥିଲେ। ଏ ନେଇ ବ୍ଲକର ସମସ୍ତ ବିଦ୍ୟାଳୟରେ ପରିଚାଳନାରେ ତ୍ରୁଟି ନିଶ୍ଚୟ ଥାଇ ପାରେ ବୋଲି ଏଥିରେ ସନ୍ଦେହନାହିଁ। ଏହାର ସୁପରିଚାଳନା ପାଇଁ ଡିଇଓ ଏବଂ ବିଇଓଙ୍କୁ କଡା ଚେତାବନୀ ଦେଇଥିଲେ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଯଦି ଶୃଙ୍ଖଳିତ ନାହିଁ ତେବେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ସମସ୍ତ ଅଭିଭାବକ ଚାହୁଁଛନ୍ତି ନିଜର ପିଲା ଉଚ୍ଚଶିକ୍ଷା କିଭଳି ଲାଭକରୁ। ତାହା ହିଁ ସମ୍ପୂର୍ଣ୍ଣ ଭୁଲ। କାରଣ ବହୁ ଧନ୍ଦାମୂଳକ ଶିକ୍ଷା ସମାଜରେ ରହିଛି। ଯଦି ପିଲାଙ୍କ ପାଠ ନ ହୁଏ ତେବେ ଅନ୍ୟ ବୃତ୍ତି କରି ପରିବାର ପ୍ରତିପୋଷଣ କରିପାରିବେ। ତେବେ ଆମେ ସମସ୍ତେ ପିଲାମାନଙ୍କୁ ନିର୍ଯାତନା ନ ଦେଇ ଉଚିତ ମାର୍ଗ ଦେଖାଇବା ହିଁ ଠିକ୍ ବୋଲି କହି ସଭାସ୍ଥଳରୁ ଚାଲି ଯାଇଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ନଳିନୀକାନ୍ତ ପଣ୍ଡା ଏବଂ କୈଳାସ ଚନ୍ଦ୍ର ମାଣ୍ଡୋଇ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଖେଳ, ନାଚ, ଗୀତ, ତର୍କ, ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଘରବାରି ପଟ୍ଟା ପାଇବାକୁ ତହସିଲ ଅଫିସ ସମ୍ମୁଖରେ ଧାରଣା



ବେଗୁନିଆ ତହସିଲ ଅଫିସ ସମ୍ମୁଖରେ ପଟ୍ଟା ପାଇଁ ମୀନ କେତନ ଧାରଣାରତ।

**ବେଗୁନିଆ,୩। ୨ (ଡି.ଏନ.ଏ.)**

ଘରବାରି ପଟ୍ଟା ପାଇବାକୁ ତହସିଲ ସମ୍ମୁଖରେ ସୋମବାର ଧାରଣାରେ ବସିଥିଲେ ବେଗୁନିଆର ଭୂମିହୀନ ମୀନକେତନଙ୍କ ପରିବାର ଲୋକେ। ୪ଘଣ୍ଟା ଧରି ଧାରଣାରେ ବସିବା ପରେ ବିଚାରକୁ ତୁମ ଦାବି ନିଆଯିବ ବୋଲି କହି ମୀନକେତନଙ୍କୁ ପରିବାର ଲୋକଙ୍କୁ ଧାରଣାରୁ ଉଠାଇ ଦେଇଥିଲେ। ସୂଚନାଥାଉ କି ମୀନକେତନ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଭୂମିହୀନ ଯୋଗୁ ସେ ସରକାରୀ ଜାଗାରେ ଘର କରି ବାସ କରୁଛନ୍ତି। ତେବେ ପଟ୍ଟା ପାଇବା ପାଇଁ ସେ ୨୦୧୭ ମସିହାରେ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ତହସିଲ କାର୍ଯ୍ୟାଳୟରେ ନିଜର ପ୍ରମାଣପତ୍ର ଦାଖଲ କରିଥିଲେ। ଯାହାର କେସ୍ ନଂ.୨୧୪/୧୭। ମାତ୍ର ୨ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏଯାଏଁ ସରକାରଙ୍କ ବିଧିବଦ୍ଧ ପଟ୍ଟା ପ୍ରଦାନର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ସେ ଉପଜିଲାପାଳ, ଜିଲାପାଳ, ସ୍ଥାନୀୟ ଜନପ୍ରତିନିଧିମାନଙ୍କ ପାଖରେ ବାରମ୍ବାର ଆଇନତଃ ଅଭିଯୋଗ ଉଠାଇଥିଲେ ମଧ୍ୟ ମୀନକେତନ କଥାକୁ ପ୍ରଶାସନ ଫୁ କରି ଉଡାଇ ଦେଉଛି। ଫଳରେ ବାଧ୍ୟ ହୋଇ ସୋମବାର ସକାଳୁ ମୀନକେତନ ଏବଂ ତାଙ୍କ ପରିବାର ଲୋକେ ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ମୀନକେତନଙ୍କ ଅଭିଯୋଗ ବିଚାରକୁ ନିଆଯିବା ସହ ସରକାରୀ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ ବୋଲି ତହସିଲଦାର ବିବେକାନନ୍ଦ ପରିଡା ବୁଝାଶୁଝା କରି ଆନ୍ଦୋଳନକାରୀଙ୍କୁ ଉଠାଇ ଦେଇଥିଲେ।

# ଅଧ୍ୟକ୍ଷ, ଅଧ୍ୟାପକଙ୍କୁ ତାଲା ପକାଇଲେ ବିଦ୍ୟାର୍ଥୀ







ଜଟଣୀ କଲେଜ ଅଧ୍ୟକ୍ଷଙ୍କ କୋଠରିରେ ପିଲାମାନେ ତାଲା ପକାଇଦେଇଛନ୍ତି ।

**ଜଟଣୀ,୩।୨(ଡି.ଏନ.ଏ.):**

**ଜଟଣୀ କଲେଜ ପ୍ରତିଷ୍ଠା ଦିବସକୁ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ**

ଜଟଣୀ କଲେଜର ପ୍ରତିଷ୍ଠା ଦିବସକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କ କୋଠରିକୁ ସୋମବାର ତାଲା ପକାଇ ଦେଇଥିଲେ। ଫଳରେ ଅଧ୍ୟକ୍ଷ, କେତେଜଣ ଅଧ୍ୟାପକ ଓ କର୍ମଚାରୀ ଅଧଘଣ୍ଟା ପାଖାପାଖି ବନ୍ଦ କୋଠରି ମଧ୍ୟରେ ରହିଥିଲେ। କଲେଜର ୪୪ତମ ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୧ ତାରିଖରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଯାଉଛି। ତେବେ କଲେଜ ପରିସରର ଖୋଲା ସ୍ଥାନରେ ଥିବା ଷ୍ଟେଜରେ ଏହି ଉତ୍ସବ କରିବାକୁ ଅନେକ ଛାତ୍ରୀଛାତ୍ର ପୂର୍ବରୁ ଅଧ୍ୟକ୍ଷଙ୍କୁ କହିଥିଲେ। ହେଲେ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହେବାକୁ ଯାଉଥିବା ଜାଣିବା ପରେ ଅନେକ ବିଦ୍ୟାର୍ଥୀ ଏଥିରେ କ୍ଷୁବ୍ଧ ହୋଇପଡ଼ିଥିଲେ। ପ୍ରତିବାଦରେ ସୋମବାର ଅଧ୍ୟକ୍ଷଙ୍କ ଚାମ୍ବରକୁ ତାଲା ପକାଇ ଦେଇଥିଲେ। ଚାମ୍ବର ମଧ୍ୟରେ ଅଧ୍ୟକ୍ଷଙ୍କ ସମେତ ୪ ଜଣ ଅଧ୍ୟାପକ ଓ ଜଣେ ପିଅନ ରହି ଯାଇଥିଲେ। ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୁଝାଶୁଝା କରିବା ପରେ ବିଦ୍ୟାର୍ଥୀମାନେ ତାଲା ଖୋଲିଥିଲେ। ଖବରପାଇ ପୋଲିସ ମଧ୍ୟ କଲେଜରେ ପହଞ୍ଚିଥିଲା। ଏ ନେଇ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର କୁହନ୍ତି, ସରକାରଙ୍କ ନିଷ୍ପତ୍ତିକ୍ରମେ କୌଣସି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ଏଣୁ ନିର୍ବାଚିତ ପ୍ରତିନିଧି କେହିନାହାନ୍ତି। ଅପରପକ୍ଷରେ ଧାରାବାହିକ ଭାବେ ଏପ୍ରିଲ ପର୍ଯ୍ୟନ୍ତ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ପରୀକ୍ଷା ଚାଲିବ। ବିଦ୍ୟାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ମିଳନୀ କକ୍ଷରେ ଏହି ଉତ୍ସବ ଆୟୋଜନ କରାଯାଉଥିବା ସେ କହିଛନ୍ତି। କୋଠରିରେ ତାଲା ପକାଇଥିବା କେତେଜଣ ଛାତ୍ରଙ୍କ ନାମରେ ଅଧ୍ୟକ୍ଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଗୋଡ଼ିଆଳି ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ମୁଖ୍ୟ ସମସ୍ୟା

**ବୋଲଗଡ଼,୩।୨(ଡି.ଏନ.ଏ.):**

ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତ ଗୋଡିଆଳି ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଛି। ବିଦ୍ୟାଳୟ ନିକଟରେ ନଳକୂପ ରହିଥିଲେ ମଧ୍ୟ ଏଥିରୁ ବାହାରୁଥିବା ଜଳ ଲୌହଗନ୍ଧ ହେଉଥିବାରୁ ତାହା ପାନୀୟ ଉପଯୋଗୀ ହେଉନାହିଁ। ଫଳରେ ମଧ୍ୟାହ୍ନ ଭୋଜନ ଓ ପାନୀୟ ପାଇଁ ଅନତି ଦୂରରେ ଥିବା ଏକ ଖୋଲାକୂପ ଉପରେ ନିର୍ଭର କରିବାକୁ ପଡୁଛି। ଛାତ୍ରୀଛାତ୍ର ଘରୁ ବୋତଲରେ ପାଣି ଆଣି ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ ଏ ଅଞ୍ଚଳରେ ଥିବା ପାନୀୟ ଜଳ ଉତ୍ସଗୁଡିକରେ ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପିଲାମାନଙ୍କ ପାନୀୟ ଆବଶ୍ୟକତା ମେଣ୍ଟାଇବାପାଇଁ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହାଛଡା ବିଦ୍ୟାଳୟର ଉତ୍ତର ଓ ପଶ୍ଚିମ ଦିଗରେ ପ୍ରାଚୀର ନାହିଁ । ଏଠାରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ୩ଟି ଛାତଘର ରହିଛି। ମାଟି କାନ୍ଥ ଓ ଆଜବେଷ୍ଟସ୍ ପଡିଥିବା ୫ଟି ଶ୍ରେଣୀ ଗୃହ ଥିଲେ ମଧ୍ୟ ତାହା ବହୁ ପୁରୁଣା ହୋଇଥିବାରୁ ବନ୍ଦ ରହୁଛି। ଏହା ସ୍ଥାନରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବାକୁ ଦାବି ହେଉଛି।

# ସର୍ବଦଳୀୟ ବୈଠକରେ ମଙ୍ଗୁଳି ଜେନାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଧରାଯିବାକୁ ଦାବି



ବୈଠକରେ ଉପସ୍ଥିତ ରାଜନେତା ଓ ଅନ୍ୟମାନେ।

**ନିରାକାରପୁର,୩।୨(ଡି.ଏନ.ଏ.)**

ନିରାକାରପୁର ଥାନା ଅନ୍ତର୍ଗତ ବଡପୋଖରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନାଙ୍କ ହତ୍ୟା ଘଟଣାକୁ ୧୦ମାସ ବିତିଲାଣି। ହେଲେ ଏ ଯାଏ ହତ୍ୟାକାରୀଙ୍କୁ ଧରାଯାଇ ପାରି ନାହିଁ। ତାଙ୍କୁ ତୁରନ୍ତ ଗିରଫ କରିବାକୁ ସୋମବାର ଆୟୋଜିତ ସର୍ବଦଳୀୟ ବୈଠକରେ ଦାବି କରାଯାଇଛି। ବଡପୋଖରିଆ ଛକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ମା' ବାଉଟି ଠାକୁରାଣୀଙ୍କ ମନ୍ଦିର ପରିସରରେ ସୋମବାର ଅପରାହ୍ନରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧୪ ତାରିଖରେ ସ୍ୱର୍ଗତ ଜେନାଙ୍କ ଶ୍ରାଦ୍ଧ ବାର୍ଷିକୀ। ତାଙ୍କ ଶ୍ରାଦ୍ଧ ବାର୍ଷିକରେ ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ହତ୍ୟାକାରୀଙ୍କୁ ଚିହ୍ନଟ ଓ ଗିରଫ ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯଦି ଏହାର କିଛି ସୁଫଳ ନ ମିଳେ ତେବେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିବା ନେଇ ଖୋର୍ଦ୍ଧା ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ବିପିନ କୁମାର ଜୟସିଂହ ସୂଚନା ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର,ସିପିଏମ ନେତା ତଥା ନୂଆଗଡର ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ମହାରଣା , ୯ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ମମତା ଜେନା,ମୃତ ଜେନାଙ୍କ ସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସୂଚନାଯୋଗ୍ୟ କେହି ଦୁର୍ବୃତ୍ତ ଦୀର୍ଘ ପ୍ରାୟ ୧୦ ମାସ ତଳେ ରାତି ସମୟରେ ଖୋର୍ଦ୍ଧା ସହର ଭିତରେ ମଙ୍ଗୁଳି ଜେନାଙ୍କୁ ଗୁଳି କରି ହତ୍ୟା କରିଥିଲା।

# ବାସୁଦେବ ଫୁଟ୍‌ବଲ ଟିମ୍ ସେମିରେ

**ଜଟଣୀ, ୩।୨(ଡି.ଏନ.ଏ.):**

ଖୋର୍ଦ୍ଧା ଗୁରୁଜଙ୍ଗ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ କପ୍ ୨୦-୨୦ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ଖେଳପଡ଼ିଆରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ନିଆଳର ମର୍ନ୍ନ ଷ୍ଟାରକୁ ୪-୨ ଗୋଲ୍‌ରେ ପରାସ୍ତ କରି ଭାଲିଆବାଡ଼ିର ବାସୁଦେବ ଫୁଟବଲ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅବିନାଶ ପଟ୍ଟନାୟକ ରେଫ୍ରୀ ରହିଥିବା ବେଳେ ପ୍ରଫୁଲ୍ଲ ବେହେରା ଓ ଗିରିଶ ଜାନି ଆସିଷ୍ଟାଣ୍ଟ ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। କମଳା ପ୍ରସାଦ ରାଉତରାୟ ମ୍ୟାଚ୍ କମିଶନର ଦାୟିତ୍ୱରେ ରହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ଫୁଟବଲ ଖେଳାଳି ତଥା ଶିକ୍ଷକ ବଦ୍ରିନାରାୟଣ ଦାସ, ଉପେନ୍ଦ୍ରନାଥ ଦାସ, ଅର୍ଜୁନ ସୁବୁଦ୍ଧି, ବିଭୁପ୍ରସାଦ ସାହୁ, ବୈକୁଣ୍ଠ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ।

# ବ୍ୟବସାୟୀ ସଂଘର ବାର୍ଷିକ ସାଧାରଣ ବୈଠକ

**ଜଟଣୀ, ୩।୨(ଡି.ଏନ.ଏ.):**

ଜଟଣୀ ସୀତାରାମ ଛକ ବ୍ୟବସାୟୀ ସଂଘର ସୋମବାର ଏଠାରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାର୍କେଟର ବିଭିନ୍ନ ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା ହେବା ସହ ଆୟବ୍ୟୟ ଉପସ୍ଥାପନ ହୋଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଭାବେ ପୂର୍ବରୁ ଅବସ୍ଥାପିତ ସଭାପତି ରମେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା ଓ କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ମାଝିଙ୍କୁ ପୁଣି ଏହି ପଦବୀରେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ





ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥି ।

**ଟାଙ୍ଗୀ(ଖୋର୍ଦ୍ଧା),୩।୨ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ ନୂଆପଡା ପଦ୍ମକୁମୁଦ ବିଦ୍ୟାନିକେତନର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୁନ୍ଦରପୁରରେ ବିଜେ ଶ୍ରୀ ଶ୍ରୀ ମୁକ୍ତେଶ୍ୱରଦେବଙ୍କ ପୀଠରୁ ମଶାଲ ଆଣି ମଞ୍ଚ ନିକଟରେ ସ୍ଥାପନ କରିଥିଲେ । ଏହାପରେ ପ୍ରଧାନଶିକ୍ଷକ ସୁନିଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସେନା କର୍ମଚାରୀ ବିଜୟ କୁମାର ପ୍ରଧାନ ଓ ମଙ୍ଗଳାଯୋଡି ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ପ୍ରସାଦ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ ରଞ୍ଜୁଲତା ଚମ୍ପତିରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ ।

# ଅନ୍ଧାରରେ ଖୁଦୁପୁର-ଆଇଆଇଟି ରାସ୍ତା

**ଫନୀର ୮ ମାସ ପରେ ବି ଷ୍ଟ୍ରିଟ୍‌ଲାଇଟ୍ ଲାଗି ପାରିଲାନି**

**ଜଟଣୀ,୩।୨(ଡି.ଏନ.ଏ):**



ବାତ୍ୟା ଫନୀରେ ଜଟଣୀ ବିଦ୍ୟୁତ୍ ସବ୍‌ଡିଭିଜନରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କେଉଁଠି ବିଦ୍ୟୁତ୍ ଖୁଣ୍ଟି ଉପୁଡ଼ି ପଡ଼ିଥିଲା ତ ଆଉ କେଉଁଠି ତାର ଛିଡ଼ି ତଳେ ପଡିଥିଲା। ଷ୍ଟ୍ରିଟ୍‌ଲାଇଟ୍‌ର ବ୍ୟାପକ କ୍ଷୟକ୍ଷତି ଘଟି ଅନେକ ରାସ୍ତା ଦୀର୍ଘଦିନ ପର୍ଯ୍ୟନ୍ତ ଅନ୍ଧାରରେ ରହିଥିଲା। ଅବଶ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନେକ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥାକୁ ସ୍ୱାଭାବିକ କରାଯାଇଛି। ହେଲେ ଫନୀ ପରଠାରୁ ସ୍ଥାନୀୟ ଖୁଦୁପୁର ଛକରୁ ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ଆଇଆଇଟି ପର୍ଯ୍ୟନ୍ତ ୨ କିମି ରାସ୍ତାର ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ଏଯାବତ୍ ସ୍ୱାଭାବିକ ହୋଇପାରି ନାହିଁ। ଏହି ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅନେକ ଖୁଣ୍ଟ ଉପୁଡ଼ି ଯାଇଥିଲା। ଲାଗିଥିବା ଏଲ୍‌ଇଡି ଲାଇଟ୍ ଓ ଏହାର ଫ୍ରେମ୍‌ଗୁଡ଼ିକ ନଷ୍ଟ ହୋଇଯାଇଥିଲା। ଫନୀ ଯିବାର ୮ ମାସ ପରେ ବି ଏହାକୁ ସଜଡ଼ା ଯାଇ ନ ଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅନ୍ଧାରରେ ରହୁଛି। ଏ ନେଇ ଆଇଆଇଟି, ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

## ଏମାନେ ଯାହା କୁହନ୍ତି...

"ଏହି ରାସ୍ତା ଉପରେ ଆଇଆଇଟି, ଅନ୍ୟ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଓ ସେମାନଙ୍କ କର୍ମଚାରୀ ଦୈନିକ ନିର୍ଭର କରିଥାନ୍ତି। ଏହାଛଡ଼ା ୧୫ରୁ ଅଧିକ ଗ୍ରାମବାସୀ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତାଟି ଅନ୍ଧାରରେ ରହୁଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ଅସାମାଜିକ ଲୋକଙ୍କ ପାଇଁ ଏହା ବେଶ୍ ସୁହାଉଛି। ଏହାର ସୁଯୋଗରେ ଲୁଟ୍‌ପାଟ୍ ହେଉଛି। ନିଶା କାରବାର ବୃଦ୍ଧି ପାଇଛି। ଝିଅବୋହୂମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଆଇଆଇଟିକୁ ଅନେକ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଆସୁଛନ୍ତି। ରାସ୍ତାଟି ଅନ୍ଧାରରେ ରହୁଥିବାରୁ ସେମାନଙ୍କ ମଧ୍ୟରେ ଏକ ଖରାପ ଧାରଣା ସୃଷ୍ଟି ହେଉଥିବ। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବା ଆବଶ୍ୟକ।

**-ପ୍ରଶାନ୍ତ ପାଇକରାୟ,ସାମାଜିକ କର୍ମୀ**

"ଏହା ଜଟଣୀ ବ୍ଲକ ଅଧୀନରେ ରହିଛି। ବ୍ଲକ କର୍ତ୍ତୃପକ୍ଷ ଅର୍ଥ ପ୍ରଦାନ କଲେ ଏହାର କାର୍ଯ୍ୟ ହେବ। ଏଥିପାଇଁ ଆବଶ୍ୟକ ହେଉଥିବା ଅର୍ଥର ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇ ବ୍ଲକ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି।

**-ସୁରେଶ କୁମାର ବେହେରା,ଏସ୍‌ଡିଓ ସେସୁ, ଜଟଣୀ**

"ପଦନପୁର ପଞ୍ଚାୟତ ଅଧୀନରେ ଏହି ରାସ୍ତାଟି ରହିଛି। ପଞ୍ଚାୟତ ମାଧ୍ୟମରେ ଟେଣ୍ଡର କରାଯାଇ ଏହାର କାର୍ଯ୍ୟ କରାଯିବ। ଆବଶ୍ୟକ ଅର୍ଥ ପାଇଁ ସରକାରଙ୍କୁ ବ୍ଲକ ପକ୍ଷରୁ ଚିଠି କରାଯାଇଛି। ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା ପୁଣି ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ କରାଯାଉଛି। **-ବନଜା ଜେନା, ଅଧ୍ୟକ୍ଷା, ଜଟଣୀ ବ୍ଲକ**

"ପଞ୍ଚାୟତ ପକ୍ଷରୁ ଏହି ରାସ୍ତାର ଷ୍ଟ୍ରିଟ୍‌ଲାଇଟ୍ ବାବଦ ବିଦ୍ୟୁତ୍ ବିଲ୍ ଦିଆଯାଉଛି। ଷ୍ଟ୍ରିଟ୍‌ଲାଇଟ୍ ସ୍ୱାଭାବିକ କରିବାକୁ ସେସୁ କରିଥିବା ଏଷ୍ଟିମେଟ୍ ବାବଦ ଲକ୍ଷାଧିକ ଟଙ୍କା ପଞ୍ଚାୟତ ଖର୍ଚ୍ଚ କରିବା ସମ୍ଭବ ନୁହେଁ। ଏ ବାବଦରେ ସରକାରୀ ସ୍ତରରେ ଅର୍ଥ ଅନୁମୋଦନ ହୋଇନାହିଁ କି ପଞ୍ଚାୟତକୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ।

**-ସୁକାନ୍ତ ପରିଡ଼ା, ସରପଞ୍ଚ, ପଦନପୁର**

"ଏ ନେଇ ସେସୁ ସହ ଆଲୋଚନା କରାଯିବା ସହ ଜିଲାପାଳଙ୍କୁ ଚିଠି କରାଯାଇଛି। ଏହି ରାସ୍ତା ଷ୍ଟ୍ରିଟ୍ ଲାଇଟ୍ ସ୍ୱାଭାବିକ କରିବାକୁ ପ୍ରକ୍ରିୟା ଜାରି ରହିଛି।

**-ବାସୁଦେବ ମାହାରୀ, ବିଡିଓ, ଜଟଣୀ ବ୍ଲକ**



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ, ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
-ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ଲୁଟ ଘଟଣାକୁ ୪ ଦିନ ବିତିଲା, ପୋଲିସ ହାତ ଖାଲି

ପୁରୀ ଅଫିସ, ୩।୨: ଶ୍ରୀକ୍ଷେତ୍ରରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ଲୁଟ୍ କରି ଅକ୍ଲେଶରେ ଖସିଯାଉଛନ୍ତି। ଟେର ପାଉନି ପୋଲିସ। ଶୁକ୍ରବାର ସମୁଦ୍ରକୂଳ ଥାନା ଅଧୀନ ସିଟି ରୋଡ ଅନ୍ତର୍ଗତ ସୁଶାନ୍ତ ନାୟକଙ୍କ ଘରୁ ଦ୍ୱିପହରରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ ହୋଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ୪ଦିନ ବିତିଲାଣି। ମାତ୍ର ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି। କେବଳ ମାମଲା ରୁଜୁ କରି ଚୁପ ବସିଛି ପୋଲିସ। ଅନ୍ୟପକ୍ଷରେ ଏହି ଘଟଣାରେ ଟାଉନ ଥାନା ପୋଲିସ ଜଣକୁ ତିନି ସପ୍ତାହ ଧରି ଅଟକ ରଖି ଜେରା କରିଥିଲା। ତାଙ୍କ ବୟାନ ଭିତ୍ତିରେ ପୁରୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର, ମଧ୍ୟପ୍ରଦେଶକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସତ୍ତ୍ୱେ କୌଣସି ସୁରାକ ପାଇପାରି ନାହିଁ। ଅନ୍ୟପଟେ ସହରରେ ଲାଗିଥିବା ସିସିଟିଭିଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଅନେକ ଅପରାଧିକ ଗତିବିଧି ଉପରେ ପୋଲିସକୁ ସୁରାକ ମିଳିବା କଷ୍ଟକର ହୋଇପଡୁଛି।

### ସାହିଭାଇ ପକ୍ଷରୁ ମିଶନ ହସ୍ପିଟାଲ ଅଭିଯାନ

ପୁରୀ ଅଫିସ, ୩।୨:
ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସାମାଜିକ ଅନୁଷ୍ଠାନ ସାହିଭାଇ ପକ୍ଷରୁ ଆରମ୍ଭ ହୋଇଛି ମିଶନ ହସ୍ପିଟାଲ ଅଭିଯାନ। ଏ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇ ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଲୋକଙ୍କୁ ବିଭିନ୍ନ ସେବା ସମ୍ପର୍କରେ ଜଣାଇବା ସହ ସେମାନଙ୍କୁ ଚିକିତ୍ସାରେ ସହଯୋଗ କରାଯିବା ପାଇଁ ଏକ ଟିମ୍ ଗଠନ କରାଯିବ ବୋଲି ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା, ବିଶ୍ୱଜିତ ମହାନ୍ତି, ସତ୍ୟକାମ ସାହୁ, ରାଜେନ୍ଦ୍ର ଦାସ, ତନ୍ମୟ ଚାଟାର୍ଜୀ, ସୂର୍ଯ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

କଣାସ, ୩।୨(ସ୍ୱ.ପ୍ର.):ପୁରୀ ଜିଲା କଣାସ ବ୍ଲକରେ ବିନା ସୂଚନାରେ ଗତ ୨ ତାରିଖରେ ସକାଳ ୮ଟାରୁ ସନ୍ଧ୍ୟା ୬ଟା ୨୦ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଇଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିୟମାନୁଯାୟୀ, ଯେଉଁଦିନ ବିଦ୍ୟୁତ୍ କାଟ୍ କରାଯାଏ ପୂର୍ବରୁ ଉପୋଭୋକ୍ତାଙ୍କୁ ସୂଚନା ଦିଆଯାଇଥାଏ। କିନ୍ତୁ ଗତ ୨ତାରିଖରେ ବିଦ୍ୟୁତ୍ କାଟ୍ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା।

# ମୃତକ, ବିବାହିତାଙ୍କ ନାଁରେ ରାଶନ ସାମଗ୍ରୀ ହଡ଼ପ

- ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
- ବ୍ଲକ୍ ଯୋଗାଣ ଅଧିକାରୀ କହିଲେ ତଦନ୍ତ ହେବ

ଗୋପ, ୩।୨(ଡି.ଏନ୍.ଏ.):

ଗୋପ ବ୍ଲକ୍‌ରେ ରାଶନ କାର୍ଡ ମାଧ୍ୟମରେ ଚାଉଳ, ଗହମ, କିରୋସିନି ଆଦି ରାଶନ ସାମଗ୍ରୀ ମୃତକ, ବିବାହିତାଙ୍କ ନାମରେ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଗୋପ ବିଡିଓଙ୍କୁ ଟୁଇଟ୍ କରିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗୋପ ବ୍ଲକ୍ ବନ୍ତଳୀ ପଞ୍ଚାୟତ ତରଣା ଓ ମହାପୁର ଗ୍ରାମର ଦୁଇଟି ଅନୁଷ୍ଠାନ ରାଶନ ସାମଗ୍ରୀ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ସେହି ଅଞ୍ଚଳର ରବିନାରାୟଣ ମୁଦୁଲି ଟୁଇଟ୍ କରିବା ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମୃତକ ପିତେଇ ବେହେରା, ମନୋରମା ଦେଈ, ରମାମଣି ଦେଈ, ରମାମଣି ଖଣ୍ଡୁଆଳ, ଅବଳା ସାହୁଙ୍କ ସମେତ କେତେକ ବିବାହିତା ଯୁବତୀଙ୍କ ନାମରେ ଚାଉଳ, ଗହମ, କିରାସିନି ହଡ଼ପ କରାଯାଇଛି। ସେହିପରି ରାଶନ କାର୍ଡ଼ ନମ୍ବର ୨୬୦୪୦୭୧୦୫୦୧ର ହିତାଧିକାରୀ ପ୍ରିୟତମା ସାହୁଙ୍କୁ ଦୀର୍ଘ ଦୁଇବର୍ଷ ଧରି ଚାଉଳ ମିଳି ନ ଥିବା ଅଭିଯୋଗ ମଧ୍ୟ ରହିଛି। ଏ ସମ୍ପର୍କରେ ବ୍ଲକ୍ ଯୋଗାଣ ବିଭାଗକୁ ଡିଲରମାନେ ଲିଖିତ ଅଭିଯୋଗ କରିବା କଥା। କିନ୍ତୁ ସେମାନେ ଚୁପ୍ ବସିଛନ୍ତି। ଏହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏ ନେଇ ଗୋପ ବ୍ଲକ୍ ଯୋଗାଣ ଅଧିକାରୀ ସସ୍ମିତା ସାହୁ କହିଛନ୍ତି, ମୋ ନିକଟରେ ଏପରି ଅଭିଯୋଗ ନାହିଁ। ତେବେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ। ଏଥିସହ ହିତାଧିକାରୀ ପ୍ରିୟତମା ସାହୁଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ।



ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ନାଚି, ଗାଇ ପ୍ରତିଭା ବଖାଣିଲେ ବିଦ୍ୟାର୍ଥୀ

ସାକ୍ଷୀଗୋପାଳ, ୩।୨ ( ଡି.ଏନ.ଏ.):

ବୀରଗୋବିନ୍ଦପୁର ବଡହାଟଠାରେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ରଙ୍ଗମଞ୍ଚରେ ଚାଲିଥିବା ୭ମ ବାର୍ଷିକ ଗୁରୁକୁଳ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ଲୋକନୃତ୍ୟର ତାଳେ ତାଳେ ଗୁରୁକୁଳର ବିଦ୍ୟାର୍ଥୀମାନେ ନାଚି ଗାଇ ନିଜ ନିଜର ପ୍ରତିଭା ବଖାଣିବାରେ ସଫଳ ହୋଇଥିଲେ। ମନୋବିଜ୍ଞାନ ଅଧ୍ୟାପକ ଡ. ବି. କେ. ଦାସ ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟଅତିଥି ଭାବରେ ଯୋଗଦେଇ ଗୁରୁକୁଳର ଶାନ୍ତ ସବୁଜିମା ପରିବେଶ ସାଙ୍ଗକୁ ବିଦ୍ୟାର୍ଥୀମାନଙ୍କର ସାଧନା ବେଶ୍ ଚିତ୍ତାକର୍ଷକ ବୋଲି କହିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ଡ. ରାମହରି ଦାସ, ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହିଥିଲେ। ଗୁରୁକୁଳର ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ, ପଲ୍ଲୀନୃତ୍ୟ, ମେଳ ଓଡ଼ିଶୀ ସଙ୍ଗୀତ ଓ ଶାସ୍ତ୍ରୀୟ ଗାୟନ ଏବଂ ବୃନ୍ଦ ମର୍ଦ୍ଦଳ ବାଦନ ପରିବେଷଣ କରିଥିଲେ। ସଙ୍ଗୀତ ସାଧିକା ଗୀତାମଞ୍ଜରୀ ବେହେରାଙ୍କ ଏକକ ଓଡ଼ିଶୀ ଗାୟନ, ଗୁରୁ ଅମିତ କୁମାର ଦାସ ଓ ସାଥୀ ବୃନ୍ଦଯନ୍ତ୍ର ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଝଙ୍କଡଶ୍ରୀ ସାଂସ୍କୃତିକ ଅନୁଷ୍ଠାନର ଗୁରୁ ସୁକାନ୍ତ କୁମାର ସାହୁ ଓ ସାଥୀ କଳାକାରମାନେ ଗୀତିନାଟ୍ୟ ମାୟା ଶବରୀ ପରିବେଷଣ କରି ଦର୍ଶକମାନଙ୍କର ମନକୁ ମୋହିଥିଲା। ଆଇନଜୀବୀ ଅଞ୍ଜନ ହୋତା ସଂଯୋଜନା କରିଥିବା ବେଳେ ଗୁରୁକୁଳର ସଚିବ ହିମାଂଶୁ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରାଗ, ଛାନ୍ଦ, ଚମ୍ପୂରେ କମ୍ପିଲା ମଞ୍ଚ



ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଦୁଇ ନୃତ୍ୟଗୁରୁ।

**ଓଡ଼ିଶୀ ସଙ୍ଗୀତ ସମାରୋହ**

ପୁରୀ ଅଫିସ, ୩।୨:

ଓଡ଼ିଶା ମ୍ୟୁଜିକ୍ ଏକାଡେମୀ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର ଓଡ଼ିଶୀ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅନୁଷ୍ଠାନର ସଭାପତି ପଦ୍ମିନୀ ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ମହୀମୋହନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ।

ଏହି ଅବସରରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ଗୁରୁ ବାସୁଦେବ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶୀ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସିପ୍ରା ମହାନ୍ତି, ସଙ୍ଗୀତା ପଣ୍ଡା, କାର୍ତ୍ତିକ କୁମାର ସାହୁ, ବିଜୟିନୀ ବେହେରା, ଗୌରାଙ୍ଗ ଚରଣ ଖୁଣ୍ଟିଆ, ଅଶୋକ କୁମାର ମହାନ୍ତି, ଡ. ବସନ୍ତ କୁମାର ମିଶ୍ର, ନିମକାନ୍ତ ରାଉତରାୟ ରାଗ, ଛାନ୍ଦ, ଚମ୍ପୂ ଗାନ କରିଥିଲେ। ବାଦ୍ୟ ଯନ୍ତ୍ରରେ ଭାଗିରଥି ପ୍ରତିହାରୀ, ବିଜୟ ମହାପାତ୍ର, ରବିନାରାୟଣ ଦାଶ, ଅଶୋକ ଦାସ, ହରିଶ୍ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ମହାପାତ୍ର, ଆଲୋକ କୁମାର ପରିଡ଼ା, ବଟଗୋପାଳ ତ୍ରିପାଠୀ ସହଯୋଗ କରିଥିଲେ। ପ୍ରଫେସର ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବେଆଇନ ମଦ ବିକ୍ରି: ୬ ଗିରଫ

ପୁରୀ ଅଫିସ, ୩।୨:
ବେଆଇନ ମଦ ବିକ୍ରି ଅଭିଯୋଗରେ ଅବକାରୀ ପୋଲିସ ସୋମବାର ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଟିରୋଡ ନୂଆସାହିର କେ. ଅଙ୍କମା, ଜି. ରାମା, ବାଲିନୋଳିଆ ସାହିର ଏଲ୍. ଅଙ୍କୁରାଧା, ସତ୍ୟମା, ବିଶ୍ୱନାଥ ଭୋଇ ଏବଂ ଏସ୍.ଦେଈ। ଏମାନଙ୍କଠାରୁ ବିପୁଳ ପରିମାଣର ଦେଶୀମଦ ଓ ପୋଚ, ରନ୍ଧାମଦ ଜବତ ହୋଇଛି।

## ଡକାୟତି ଯୋଜନା ବେଳେ ୪ ଗିରଫ

ପୁରୀ ଅଫିସ, ୩।୨:

ବାସେଳି ସାହି ଥାନା ଅଞ୍ଚଳରେ ଡକାୟତି ଯୋଜନା ବେଳେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥ ବସ୍ତିର ରମେଶ ବେହେରା (୨୦), ଯୋଗେନ୍ଦ୍ର ଦତ୍ତ (୨୫), ଅକ୍ଷୟ ବେହେରା(୨୫) ଏବଂ ରବି ବେହେରା। ରବିବାର ବିଳମ୍ବିତ ରାତିରେ ଜଗନ୍ନାଥ ବସ୍ତି ଅଞ୍ଚଳରେ ଏହି ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ସମୟରେ ରାତ୍ର ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଶିକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ

- ପୁରାତନ ଛାତ୍ର ସଂସଦ ବୈଠକ



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

କଣାସ,୩।୨(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ସାହୁପଡା ପଞ୍ଚାୟତର ଗ୍ରାମେଶ୍ୱର ବିଶ୍ୱନାଥ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ବୈଠକ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାୟ ୧୫ ବର୍ଷ ହେବ ସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ଏହା ସହିତ ଜଣେ ଇତିହାସ ତଥା ଭୂଗୋଳ ଶିକ୍ଷକଙ୍କୁ ୫ବର୍ଷ ହେବ ଡେପୁଟେସନରେ ପୁରୀକୁ ପଠାଯାଇଛି। ଜଣେ ବିଜ୍ଞାନ ଶିକ୍ଷକ ୩ଦିନ ଏହି ବିଦ୍ୟାଳୟରେ ପଢ଼ାଉଥିବା ବେଳେ ଅନ୍ୟ ୩ଦିନ ବଳଭଦ୍ର ହାଇସ୍କୁଲରେ ପଢ଼ାଇବାକୁ ଦାୟିତ୍ୱ ଦିଆଯାଇଛି। ସେହିପରି ଖେଳ ଶିକ୍ଷକ ୩ଦିନ ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୩ଦିନ ଅନ୍ୟ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇ ନ ଥିବା ଯୋଗୁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏ ନେଇ ସମସ୍ତ ପୁରାତନ ଛାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟରେ ୨୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଜଣାପଡିଛି। ତୁରନ୍ତ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବାସହ ଖାଲି ପଡିଥିବା ଶିକ୍ଷକ ପଦବୀ ଏକ ମାସ ମଧ୍ୟରେ ପୂରଣ କରା ନ ଯାଏ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହି ବୈଠକରେ ଅର୍ଜୁନ ସାମନ୍ତରାୟ, ଦେବେନ୍ଦ୍ର ମିଶ୍ର, ଭିକାରୀ ଗୁମାନସିଂହ, ବିଜୟ ପାଲଟାସିଂହ, ବ୍ରଜକିଶୋର ବେହେରା, ବିଜୟ ମହାପାତ୍ର, ରାଜକିଶୋର ବେହେରା, କିଶୋର ମାର୍ଥାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇଥିଲେ।

# ସଚେତନତା ଶୋଭାଯାତ୍ରା

ପୁରୀ ଅଫିସ, ୩।୨:

ପୁରୀକୁ ସ୍ୱଚ୍ଛ, ସବୁଜ ସହର ଭାବେ ଗଢ଼ିତୋଳିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ସଚେତନତା ଉପରେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। ଯଦି ଲୋକେ ସଚେତନ ହୋଇଯିବେ ତେବେ ଯେ କୌଣସି ପ୍ରୟାସ ସଫଳ ହେବ। ତେଣୁ ଏଭଳି ଉଦ୍ଦେଶ୍ୟ ରଖି ରବିବାର 'ଗର୍ବରେ କୁହ ଆମେ ଶ୍ରୀକ୍ଷେତ୍ରବାସୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସେଳି ସାହି ଥାନା ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ମଙ୍ଗଳାଘାଟ ଅଞ୍ଚଳରେ ଘରକୁ ଘର ବୁଲି ସଚେତନ କରାଯାଇଥିଲା। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ, ବାସେଳିସାହି ଥାନା ଏସ୍‌ଆଇ ବିପ୍ଳବ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜକ ଅନୁଷ୍ଠାନ ସଂକଳ୍ପ ଫାଉଣ୍ଡେଶନର ସଭାପତି ସୁଚରିତା ପାଢ଼ୀ, ସମ୍ପାଦକ ଗିରିଜା ମଞ୍ଜରୀ ପଣ୍ଡା, ଆଇନଜୀବୀ ଦୀପକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାହି ସାହି ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା। ଗର୍ବରେ ଆମେ ଶ୍ରୀକ୍ଷେତ୍ରବାସୀ କହିବାକୁ ହେଲେ ୫ଟି ନିୟମକୁ ମାନିବାକୁ ପଡ଼ିବ ବୋଲି ବୁଝାଇ ଦିଆଯାଇଥିଲା। ସେଗୁଡ଼ିକ ହେଉଛି, ଏଠିସେଠି ଅଳିଆ ପକାଇବା ନାହିଁ, ଅଧିକ ଗଛ ଲଗାଇ ଯତ୍ନ ନେବା, ମହାପ୍ରସାଦକୁ ସମ୍ମାନ ଦେବା, ପଲିଥିନ ବ୍ୟବହାରଠାରୁ ଦୂରେଇବା ଏବଂ ଅଯଥା ବିଦ୍ୟୁତ୍ ଓ ପାଣି ସାରିବା ନାହିଁ। ସମସ୍ତେ ଏହି ନିୟମ ମାନିଲେ ନିଜେ ସୁସ୍ଥ ରହିବା ସହ ପରିବେଶ ସୁସ୍ଥ ରହିବ ଏବଂ ଶ୍ରୀକ୍ଷେତ୍ରର ଗରିମା ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଥିଲା।

## ବେଳାଭୂମି ସଫେଇ

କୋଣାର୍କ,୩।୨(ଡି.ଏନ.ଏ)

ଚନ୍ଦ୍ରଭାଗା ତୀର୍ଥ ସଂଲଗ୍ନ ମେଳାପଡିଆ ଓ ବେଳାଭୂମି ଅଞ୍ଚଳରେ ପଡ଼ିରହିଥିବା ଆବର୍ଜନାକୁ ବିଚିତ୍ର ଫାଉଣ୍ଡେଶନ ପକ୍ଷରୁ କେତେକାଂଶରେ ସଫା କରାଯାଇଛି। ଫାଉଣ୍ଡେଶନ ପ୍ରତିଷ୍ଠାତା ବିଚିତ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ସାମାଜିକକର୍ମୀ ରାମକୃଷ୍ଣ ମହାନ୍ତି ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ସାହୁ, ଶୁଭ୍ରାଂଶୁ ସେଠୀଙ୍କ ସମେତ ୪୦ଜଣ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

# ୪୨୦ଲିଟରର ରନ୍ଧାମଦ ଜବତ, ୨ ଗିରଫ

କୃଷ୍ଣପ୍ରସାଦ,୩।୨(ଡି.ଏନ.ଏ.):

ରବିବାର ରାତିରେ କୃଷ୍ଣପ୍ରସାଦ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କନ୍ଦାଖାଇ କଲେଜ ଛକ ନିକଟରୁ ଗୋଟିଏ ମାରୁତି ଭ୍ୟାନ ସହ ଏଥିରେ ଥିବା ୪୨୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଜବତ ଗାଡ଼ି ନମ୍ବର ହେଉଛି ଓଆର୦୨ଏଟି-୨୪୮୪। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ରାମଲେଙ୍କା ଗ୍ରାମର ଶ୍ୟାମ ସୁନ୍ଦର ସେଠୀ ଓ ପାଇକରାୟପୁର ଗ୍ରାମର ଅଜୟ ପଲେଇଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ୯/୨୦ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।



ପୁରୀ ଉପକଣ୍ଠସ୍ଥ ନୂଆ ନଈରେ ମତ୍ସ୍ୟଜୀବୀମାନେ ବନିଶିରେ ମାଛ ଧରୁଛନ୍ତି।

# ଏସ୍‌ସିଏସ୍ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଛାତ୍ରୀଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ଚାଲିଛି।

- ସାଧବ, ରୋଜାଲିନ୍ ଚାମ୍ପିୟନ
- କ୍ରିକେଟରେ ଷ୍ଟାର ଷ୍ଟ୍ରାଇକ ବାଜି ମାରିଲା

ପୁରୀ ଅଫିସ, ୩।୨:

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୭୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ସିଂହଦ୍ୱାରଠାରୁ ଶତାଧିକ ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ବାହାରି କଲେଜ ପଡ଼ିଆରେ ପହଞ୍ଚିଥିଲେ। ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସାଧବ ପୃଷ୍ଟି ଏବଂ ପ୍ରଥମ ବର୍ଷ କଳା ଛାତ୍ରୀ ରୋଜାଲିନ୍ ନାୟକ ଚଳିତବର୍ଷ ଚାମ୍ପିୟନ ହୋଇଛନ୍ତି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷାଙ୍କ ସମେତ ଉପାଧ୍ୟକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ଅତିଥି ଭାବେ ଯୋଗଦେଇ ସୁସ୍ଥ ମନ ଓ ଶରୀର ପାଇଁ କ୍ରୀଡ଼ା ପ୍ରତିଯୋଗିତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଗୌତମ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଅଧ୍ୟାପକ ରଞ୍ଜିତ କୁମାର ମିଶ୍ର, ହରିହର କର, ରାଜକିଶୋର ମହାନ୍ତି, ଗୀତାଞ୍ଜଳି ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଡ. ଦିଲୀପ କୁମାର ସ୍ୱାଇଁ, ଡ. ଶୁଭେନ୍ଦୁ କୁମାର ପରିଡ଼ା, ଡ. ନମିତା ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ସନ୍‌ଷ୍ଟ୍ରାଇକ୍ ଟିମ୍ ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୨ ରନ ସଂଗ୍ରହ କରିଥିଲା। ଜବାବରେ 'ଘାଇଲା ବାଘ ଟିମ୍' ଅଲ୍‌ଆଉଟ୍ ହୋଇ ୫୩ ରନ କରିଥିଲା। ଫଳରେ ସନ୍‌ଷ୍ଟ୍ରାଇକ୍ ଟିମ୍ ମ୍ୟାଚ୍ ଜିତିବା ସହ ଚାମ୍ପିୟନ ହୋଇଥିଲା। ଅମରେଶ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଓମ୍ ପ୍ରସାଦ ମହାନ୍ତି ଓ ଦିବ୍ୟ ପ୍ରସାଦ ଜାଲି ରେଫରି ଦାୟିତ୍ୱ ତୁଲାଇଥିଲେ।



ଗୁରୁଙ୍କ ପାଦ ସ୍ପର୍ଶ ଇଟାଟିକୁ ମୁଁ ତକିଆ ଭାବରେ ବ୍ୟବହାର କରେ। ଯାହା କି ମୋର ମଥା ନିରନ୍ତର ଗୁରୁଙ୍କ ପାଦରେ ରହିଥାଏ, ମୁଁ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥାଏ। -ଶିରିଡ଼ି ସାଇବାବା

## ସଂକ୍ଷେପରେ

### ୨ ପୋଲିସ କର୍ମଚାରୀ ଆହତ

**ନିଆଳି,୩।୨(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ପୋଖରୀଗାଁ ଗ୍ରାମର ଫେରାର ଅଭିଯୁକ୍ତ ପ୍ରଶାନ୍ତ କୁମାର ବସ୍ତିଆଙ୍କୁ ଧରିବାକୁ ଆସି ସୋମବାର ଦୁଇ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଏସ୍‌ଆଇ କେ.ଲାକ୍ରା ଓ କନେଷ୍ଟବଳ ଏସ୍.କେ ଜେନା। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲାରେ ପ୍ରଶାନ୍ତଙ୍କ ନାମରେ ବହୁ ଆପରାଧିକ ମାମଲା ରହିଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଏହା ସହିତ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ନିଆଳି ଥାନା ଏସ୍‌ଆଇ ଲାକ୍ରା, ଏଏସ୍‌ଆଇ ଏସ୍.ପି.ମହାନ୍ତି, କନେଷ୍ଟବଳ ଜେନା ପ୍ରମୁଖ ସୋମବାର ପ୍ରଶାନ୍ତଙ୍କୁ ଧରିବା ବେଳେ ପାଲଟା ଆକ୍ରମଣରେ ଦୁଇ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏସ୍‌ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୬/୨୦) ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ଜାଗର ପ୍ରସ୍ତୁତି ବୈଠକ

**ବାଲିଅନ୍ତା,୩।୨(ଡି.ଏନ୍.ଏ.):** ନଖରାସ୍ଥିତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ବଂଶୀଧର ଭୋଳ ଅଧକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ଅମୂଲ୍ୟ ମହାନ୍ତିଙ୍କ ସମେତ ୨୩ଜଣ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରେ ଠାକୁରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ। ରାତ୍ର ୧୧ଟାରେ ମହାଦୀପ ଉଠିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସନ୍ଧ୍ୟାରେ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ସମାରୋହ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିସରରେ ବାଲୁକା କଳା ପ୍ରଦର୍ଶନ ସହ ମୀନା ବଜାରର ବ୍ୟବସ୍ଥା କରାଯିବ ବୋଲି ଗୌରୀଶ୍ୟାମ ପଟ୍ଟନାୟକ କହିଛନ୍ତି। ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ଜଣାପଡିଛି।

### ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

**କଟକ ଅଫିସ, ୩।୨-** ଥଇଥାନ ବ୍ୟବସ୍ଥା ନ କରାଯାଇ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଉଛି ବୋଲି କଟକ ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ମଞ୍ଚର ସଦସ୍ୟମାନେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ମାନବାଧିକାରୀ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓଚ୍‌ଆରସି ଅଧକ୍ଷ ବି.ପି. ଦାସଙ୍କୁ ପତ୍ର ଦେଇଛନ୍ତି। ବାସଚ୍ୟୁତ ହିତାଧିକାରୀଙ୍କ ଚିହ୍ନଟ ତାଲିକା ସାର୍ବଜନୀନ କରିବା, ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ ବନ୍ଦ କରିବା, ମୌଳିକ ଅଧିକାରକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ପାଇଁ ଉକ୍ତ ପତ୍ରରେ ପ୍ରାର୍ଥନା କରାଯାଇଛି।

# ସର୍ବକ୍ଷମା ଅବଧି ବୃଦ୍ଧି ଦାବି

**ଭୁବନେଶ୍ୱର,୩।୨(ବ୍ୟୁରୋ)**



ଯେଉଁମାନେ ସହରାଞ୍ଚଳରେ କୋଠାବାଡ଼ି ନିର୍ମାଣ ପାଇଁ ପ୍ଲାନ୍ ନେଇ ମଞ୍ଜୁରୀଠାରୁ ଅଧିକ ନିର୍ମାଣ କରିଛନ୍ତି କିମ୍ବା ନ ନେଇ ଘର ତିଆରି କରିଛନ୍ତି, ସେମାନେ ଜରିମାନା ଦେଇ ବେଆଇନ ନିର୍ମାଣକୁ ଆଇନସିଦ୍ଧ କରିପାରିବେ। ଏଥିପାଇଁ ୨୦୧୮ ଜୁନ୍‌ରୁ ରାଜ୍ୟ ସରକାର ଆରମ୍ଭ କରିଥିବା ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍)ର ଅବଧି ଆସନ୍ତା ୫ ତାରିଖରେ ଶେଷ ହେବ। ଏହାପରେ ଆଉ କୌଣସି କ୍ଷମା ନାହିଁ। ତେଣୁ ସବୁ ବେଆଇନ ନିର୍ମାଣ ଭଙ୍ଗାଯିବ ବୋଲି ବିଡିଏ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ଘର ମାଲିକମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମେତ ଅନ୍ୟାନ୍ୟ ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ବେଆଇନ ନିର୍ମାଣକୁ ନିୟମିତ(ରେଗୁଲାରାଇଜ୍) କରିବା ପାଇଁ ଭିଡ଼ ଜମାଇଛନ୍ତି। ତେବେ ଏହି ଯୋଜନାରେ ଆବେଦନ କରିବାକୁ ହେଲେ ମାଲିକମାନଙ୍କୁ ପଞ୍ଜିକୃତ ଆର୍କିଟେକ୍ଟଙ୍କର ସହାୟତା ନେବାକୁ ପଡୁଛି। ଅବଧି ଶେଷ ହୋଇ ଆସୁଥିବାରୁ ପ୍ରବଳ ଭିଡ଼ ଯୋଗୁ ଲୋକମାନେ ଆର୍କିଟେକ୍ଟ ପାଇ ପାରୁନାହାନ୍ତି। ଏଥିଯୋଗୁ ଜନଅସନ୍ତୋଷ ଦେଖାଦେଇଛି। ଏହି ସର୍ବକ୍ଷମା ଯୋଜନା ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ରାଜସ୍ୱ ବୃଦ୍ଧି ହେଉଥିବା ବେଳେ ଏହି ଯୋଜନାକୁ କାହିଁକି ସରକାର ବନ୍ଦ କରୁଛନ୍ତି ବୋଲି ସୋମବାର ବିଡିଏକୁ ଆବେଦନ ପାଇଁ ଆସିଥିବା ଘରମାଲିକ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ଯୋଜନାର ଅବଧି ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି।

ରାଜ୍ୟ ସରକାର ୨୦୧୮ ଜୁନ୍ ୨୦ ତାରିଖରେ ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ୍) ଆରମ୍ଭ କରିଥିଲେ। ରାଜ୍ୟରେ ଥିବା ୯ଟି ଉନ୍ନୟନ କର୍ତ୍ତୃପକ୍ଷ(ଡେଭଲପ୍‌ମେଣ୍ଟ ଅଥରିଟି)ରେ ଏହାକୁ ଲାଗୁ କରାଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀ ଏହି ସୁବିଧା ପାଇବେ। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା।

ବେଆଇନ ଘର, ପାର୍କିଂକୁ ନିୟମିତ କରିବାକୁ ହେଲେ ଆବେଦନକାରୀଙ୍କୁ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳର ରେଗୁଲେଶନରେ ଥିବା କମ୍ପାଉଣ୍ଡିଂର ୪୦ ପ୍ରତିଶତ ଅଧିକ ଦେବାକୁ କୁହାଯାଇଥିଲା। ମହାନଗର ନିଗମ ଅଞ୍ଚଳ ପାଇଁ ଘରର ଚାରିପାଖ ଅଧିକ ନିର୍ମାଣ କରିଥିଲେ ପ୍ରତି ବର୍ଗମିଟରକୁ କମ୍ପାଉଣ୍ଡିଂ ମୂଲ୍ୟର ୧.୪ ଗୁଣ, ମ୍ୟୁନିସିପାଲିଟି ପାଇଁ ୧.୩, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଇଁ ୧.୨ ଏବଂ ଗ୍ରାମାଞ୍ଚଳ ଲାଗି ୧.୧ଗୁଣ ଜରିମାନା ଦେବାକୁ ଘୋଷଣା କରାଯାଇଥିଲା। ଦୁଇଥର ଏହାର ଅବଧି ବୃଦ୍ଧି କରାଯାଇଥିଲେ ମଧ୍ୟ ଜରିମାନା ରାଶି ଅଧିକ ହେବାରୁ ତାହା ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟରକୁ ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଏହାର ଅବଧିକୁ ମଧ୍ୟ ଆଉ ୬ ମାସ ପାଇଁ ବଢ଼ାଯାଇଥିଲା। ସଂଶୋଧିତ ବିଜ୍ଞପ୍ତି ୨୦୧୯ ଅଗଷ୍ଟ ୬ ତାରିଖରେ ପ୍ରକାଶ କରାଗଲା। ତେବେ ଏହି ଅବଧିକୁ ଆଉ ୬ ମାସ ବଢ଼ାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜନସାଧାରଣଙ୍କ ଆଗ୍ରହକୁ ଦେଖି ଅବଧି ବଢ଼ାଇବାର ଆବଶ୍ୟକତା ରହିଛି। ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।



ଭୁବନେଶ୍ୱର ପଟିଆସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଆଶୀର୍ବାଦ ଦିବସ ଅବସରରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ ।

# ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

## ଥାନା ସୀମା ନିର୍ଦ୍ଧାରଣ ନ ହେବାରୁ ଅସାମାଜିକଙ୍କ ଦାଉ ବଢୁଛି

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ସାଇ ମନ୍ଦିର ନିକଟରେ ଜଣେ ଦୋକାନୀଙ୍କୁ ସୋମବାର ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ପୀଡ଼ିତ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଥାନା ସୀମା ନିର୍ଦ୍ଧାରଣ ନ ହେବା ଯୋଗୁ ଅନେକ ସମସ୍ୟା ଭୋଗୁଥିବା ପୀଡ଼ିତ ଜଣକ ଜଣାଇଛନ୍ତି।

ସୂଚନା ମୁତାବକ, ପୁରୀ ଚନ୍ଦନପୁର ଅଞ୍ଚଳର ମେରୁ ବେହେରା ସାଇ ମନ୍ଦିର ନିକଟରେ ଏକ ଚା' ପାନ ଦୋକାନ କରିଛନ୍ତି। ସୋମବାର ଅପରାହ୍ନରେ କେତେଜଣ ଯୁବକ ନିଜର ଦବ୍‌ଦବା ଦେଖାଇବାକୁ ଯାଇ ତାଙ୍କ ଦୋକାନ ନିକଟରେ ବାଇକ ଓ ସାଇକେଲ ପାର୍କିଂ କରିଥିଲେ। ମେରୁ ଏହାର ପ୍ରତିବାଦ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ରକ୍ତାକ୍ତ କରିଥିଲେ। ଏନେଇ ସେ ପୁଅ ଓ ସ୍ତ୍ରୀଙ୍କୁ ଧରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନା ନିର୍ଦ୍ଧାରଣକୁ ନେଇ ସାଇ ମନ୍ଦିର କେଶୁରା ଓ ବାଙ୍କୁଆଳ ଅଞ୍ଚଳର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସେ ଗଣମାଧ୍ୟମକୁ କହିଛନ୍ତି। ଥାନା ଅନେକ ଦୂର ହୋଇଥିବାରୁ ଆକ୍ରମଣ ପରେ ଥାନାକୁ ଆସିବାରେ ଅନେକ ବାଧା ଉପୁଜୁଛି। ଆକ୍ରମକାରୀମାନେ ଥାନାକୁ ଆସିବା ରାସ୍ତାରେ ଅଟକାଇ ଧମକଚମକ ଦେଉଛନ୍ତି। ଅସାମାଜିକଙ୍କ ଦାଉ ଅସହ୍ୟ ହେଉଛି। ତେଣୁ ପୋଲିସ ପାଟ୍ରୋଲିଂ ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଛନ୍ତି।

# ସଞ୍ଜୀବ ସିଂ ବିଏମ୍‌ସିର ମୁଖ୍ୟ ବିତ୍ତ ଅଧିକାରୀ

**ଭୁବନେଶ୍ୱର,୩।୨(ବ୍ୟୁରୋ)–** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୁଖ୍ୟ ବିତ୍ତ ଅଧିକାରୀଙ୍କ ଲବଣ୍ୟ ଶବରଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ କଳାହାଣ୍ଡିର ଏନ୍‌ଫୋର୍ସମେଣ୍ଟ ରେଞ୍ଜରେ ଥିବା ଜଏଣ୍ଟ କମିଶନର ସଞ୍ଜୀବ କୁମାର ସିଂଙ୍କୁ ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଏ ନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶଥାଉ କି ବିଏମ୍‌ସିର ପୂର୍ବତନ ମୁଖ୍ୟ ବିତ୍ତ ଅଧିକାରୀ ଲବଣ୍ୟ ବହୁବାର ବଦଳି ହେବା ପରେ ବି ନିଜ ଗାଦି ଛାଡୁନାହାନ୍ତି। ଗତ ମାସେ ହେବ ତାଙ୍କ ବଦଳି ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ତାଙ୍କ ବଦଳି ସ୍ଥାନକୁ ନ ଯାଇ ସେ ଏବେ ମଧ୍ୟ ବିଏମ୍‌ସିରେ କାର୍ଯ୍ୟରତ ଅଛନ୍ତି।

# ନୂତନ ସରକାରୀ ବାସଗୃହ କଲୋନୀ ଯୋଗ ସାଧାନା କେନ୍ଦ୍ରର ବାର୍ଷିକୋତ୍ସବ ପାଳିତ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ ।

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ନୂତନ ସରକାରୀ ବାସଗୃହ କଲୋନୀ ଯୋଗ ସାଧାନା କେନ୍ଦ୍ର(ସକାଳ) ଓ ମହିଳା ଯୋଗ ସାଧାନା କେନ୍ଦ୍ର(ସନ୍ଧ୍ୟା)ର ବର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସାଧାରଣ ପ୍ରଶାସନ ବିଭାଗର ମାହଲ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ବ୍ରହ୍ମକୁମାରୀ ଗୀତାଜୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଆସନ, ପ୍ରାଣାୟମ ମାଧ୍ୟମରେ ମଣିଷ କିପରି ନିଜକୁ ସୁସ୍ଥ ଓ ସୁନ୍ଦର ରଖିପାରିବ ସେ ନେଇ ଆଲୋକପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନର ଓଡିଶା ପ୍ରାନ୍ତ ପ୍ରଧାନ ସୁରେଶଜୀ, ମଞ୍ଚେଶ୍ୱର ଯୋଗ ଜିଲାର ଜିଲା ପ୍ରଭାରୀ ରଘୁନାଥ ଜୀ ଏବଂ ମଞ୍ଚେଶ୍ୱର ଯୋଗ ଜିଲାର ଜଲା ପ୍ରଧାନ ପ୍ରତାପଜୀ ମଞ୍ଚାସୀନ ହୋଇଥିଲେ। ଓଡିଶା ପ୍ରାନ୍ତର ସମସ୍ତ ପ୍ରାନ୍ତ ଅଧିକାରୀ, ଜିଲା ଅଧିକାରୀ, କ୍ଷେତ୍ର ଅଧିକାରୀ , କେନ୍ଦ୍ର ପ୍ରମୁଖ ଏବଂ ବିଭିନ୍ନ ଯୋଗ କେନ୍ଦ୍ରରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ସାଧିକା ଓ ସାଧକମାନେ ଯୋଗ ଦେଇ ଯୋଗାଭ୍ୟାସ କରିବା ସହ ବାର୍ଷିକୋତ୍ସବକୁ ସଫଳ କରିଥିଲେ। କେନ୍ଦ୍ର ପ୍ରଭୁଖ କେଶିରାମ ହୋ ଏବଂ ମନୋରମା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଭଗବାନ ବେହେରା ଧନ୍ୟବାଦ ଦେଇଥିଲେ।

# ସିଆରସିସିଙ୍କୁ ଅଟକ ରଖିଲେ ସ୍ୱୟଂ ସହାୟକ ଗୋଷ୍ଠୀ

**କଣ୍ଟାପଡ଼ା,୩।୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ କମାରସାହି ପ୍ରାଥମିକ ବିଦ୍ୟାଳୟ ଓ ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପରେ ଉଭୟ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରସ୍ତୁତ ନେଇ ସୋମବାର ବିବାଦ ଦେଖାଦେଇଥିଲା। ଫଳରେ କମାରସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ରୋଷେଇ କରୁଥିବା ବିଶ୍ୱକର୍ମା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ନ ମିଳିବାରୁ ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ବୁଝାଶୁଝା କରିବାକୁ ଆସିଥିବା ସିଆରସିସି ହରେକୃଷ୍ଣ ଭୋଇଙ୍କୁ ଅଟକ ରଖିବା ସହ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ, ଏବିଇଓ ଅରୁଣ ମହାପାତ୍ର, ସରପଞ୍ଚ ସୁବାସ ଚନ୍ଦ୍ର ବିଶ୍ୱାଳ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରୋଷେଇ ଦାୟିତ୍ୱ ପରିଚାଳନା କମିଟିକୁ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ସିଆରସିସିଙ୍କୁ ଛାଡିଥିଲେ। ୨୦୧୮ ଡିସେମ୍ବରରେ କମାରସାହି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ କମାରସାହି ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ହୋଇଥିଲା। ଉକ୍ତ ୨ବିଦ୍ୟାଳୟର ୮୭ ଛାତ୍ରୀଛାତ୍ର ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଖାଦ୍ୟ ପ୍ରସ୍ତୁତ ବନ୍ଦକରି ଗୋପୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରୋଷେଇ ପାଇଁ ଅନୁମତି ଦେଇଥିଲେ।

# ଡିଜିପିଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ପୋଲିସବାବୁ

## ଅନ୍ୟର ଜାଗାରେ ଚଳାଇଛନ୍ତି ଘର ନିର୍ମାଣ

**ଭୁବନେଶ୍ୱର, ୩।୨(ବ୍ୟୁରୋ)**



ଅଭିଯୋଗ କରିବାକୁ ଆସିଥିବା ଅନ୍ତର୍ଯ୍ୟାମୀ ।

ଅନ୍ୟକୁ ନ୍ୟାୟ ଦେବା ପାଇଁ ପୋଲିସ ପୋଷାକ ପିନ୍ଧିଥିବା ଜଣେ ଅଧିକାରୀ ନିଜେ ଅନ୍ୟାୟର ରାସ୍ତା ଧରିଛନ୍ତି। ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅନ୍ତର୍ଗତ ନଖରା ଗ୍ରାମରେ ଅନ୍ୟର ୨୦୦ ବର୍ଗଫୁଟ ଜମି ଜବରଦସ୍ତ ଦଖଲ କରି ଘର ନିର୍ମାଣ କରୁଛନ୍ତି। ଏଭଳି ଅନ୍ୟାୟର ଶିକାର ଜମିମାଲିକ ଅନ୍ତର୍ଯ୍ୟାମୀ ସାହୁ ଏବଂ ଯଶୋବନ୍ତ ସାହୁ ଥାନା ସମେତ ଡିସିପି, ସିପି ଓ ଡିଜିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିଜିପି ନିର୍ମାଣ କାମ ବନ୍ଦ କରିବାକୁ ବାଲିଆନ୍ତା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡିସିପିଙ୍କ କୋର୍ଟ ଉକ୍ତ ଜାଗା ଉପରେ ୧୪୪ ଧାରା ଜାରି କରି କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ ବାବୁଜଣକ ତାହାକୁ ଖାତିର ନ କରି ନିର୍ମାଣ କାମ ଚଳାଇଛନ୍ତି। ଏନେଇ ଅନ୍ତର୍ଯ୍ୟାମୀ ପୁଣି ସୋମବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାମ ବନ୍ଦ କରିବାକୁ ଡିସିପି ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଅନ୍ତର୍ଯ୍ୟାମୀ କହିଛନ୍ତି। ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ୍ତ କୁମାର ରାଉତ କହିଛନ୍ତି ଯେ, ଆମେ କାମ ବନ୍ଦ କରାଇଥିଲୁ। ତଥାପି ସେ ଏହାକୁ ମାନୁନାହାନ୍ତି। ଆମର ଯେତିକି କ୍ଷମତା ତାହା ଲଗାଇ ସାରିଛୁ ବୋଲି ରାଉତ କହିଛନ୍ତି।

# ବିକାଶ ଧାରା ତ୍ୱରିତ କରିବ ବଜେଟ




**ଭୁବନେଶ୍ୱର,୩-୨**

ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଥିବା ସାଧାରଣ ବଜେଟରେ ସାମାଜିକ କ୍ଷେତ୍ର ବିକାଶ, ରପ୍ତାନି, ଭିତ୍ତିଭୂମି ଉନ୍ନତୀକରଣ, ଦକ୍ଷତା ବିକାଶ ସହ ଉତ୍ତମ ପ୍ରଶାସନ ଭଳି ବିଭିନ୍ନ କ୍ଷେତ୍ରକୁ ଅଗ୍ରାଧିକାର ଦେଇଛନ୍ତି। ବଜେଟରେ ଘୋଷଣା ହୋଇଥିବା ଏଭଳି ବିଭିନ୍ନ ପ୍ରସ୍ତାବ ଜନକଲ୍ୟାଣକାରୀ ହେବ। ବଜେଟର ବିଭିନ୍ନ ପ୍ରସ୍ତାବ ଦେଶର ଅର୍ଥନୈତିକ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଦିଗରେ ଯୋଗଦାନ ରଖିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏଠାରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ପକ୍ଷରୁ ଅନୁଷ୍ଠିତ ବଜେଟ ଆଲୋଚନାରେ ବିଶେଷଜ୍ଞମାନେ ସାଧାରଣ ବଜେଟର ବିଭିନ୍ନ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ଆଇସିସି ଓଡିଶା ରାଜ୍ୟ ପରିଷଦର ସହଅଧକ୍ଷ ଜେ.ବି.ପାଣି କହିଛନ୍ତି ଯେ, ବର୍ତ୍ତମାନର ଜଟିଳ ସ୍ଥିତିରେ ଅଧିକ ପଦକ୍ଷେପ ନେବା ଲାଗି ଅର୍ଥମନ୍ତ୍ରୀ ସୀତାରାମନଙ୍କ ନିକଟରେ ସୁଯୋଗ ନ ଥିବା ସତ୍ତ୍ୱେ ମଧ୍ୟ ସେ ଅଭିବୃଦ୍ଧିକୁ ଯୋଗଦାନ ରଖିବା ଭଳି ବଜେଟ ଆଣିଛନ୍ତି। ମେଡିକାଲ ଉପକରଣ ଉପରେ ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଟିକସ ଦେଶ ଲାଗି ମଙ୍ଗଳକାରୀ ହେବ। ଏହାବାଦ ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ହୋଇଥିବାରୁ ଏହା ଉତ୍ତମ ନିବେଶ ବାତାବରଣ ସୃଷ୍ଟି ଦିଗରେ ସହାୟକ ହେବ ବୋଲି ସେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଜିଏସ୍‌ଟି କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କର ପ୍ରିନ୍ସିପାଲ ଚିଫ୍ କମିଶନର ବିଜୟ କୁମାର କର ଜିଏସ୍‌ଟି ସଂସ୍କାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଷଦର ଆଡଭାଇଜରି ସଦସ୍ୟ ରାଜେନ ପାଢୀ ସଡକ, ରେଳ, ପରିବହନ କ୍ଷେତ୍ର ଲାଗି ଘୋଷଣା ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଟିକସ କମିଟିର ସଂଯୋଜକ ଏ.କେ.ସାବତ ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ଉପରେ ମତ ରଖିଥିଲେ। ଆୟୁଷ୍ମାନ ଭାରତରେ ଛୋଟ ସହରରେ ହସ୍ପିଟାଲ ସ୍ଥାପନ, ଏମ୍‌ଏସ୍‌ଏମ୍‌ଇର ଅଡିଟ ସୀମା ବୃଦ୍ଧି, କୃଷି ଜଳସେଚନ ଲାଗି ଆବଣ୍ଟନ, ବ୍ୟାଙ୍କ ଜମା ବୀମା, ସୁଲଭ ବାସଗୃହ, ଲଜିଷ୍ଟିକ କ୍ଷେତ୍ର ଲାଗି ଆସିଥିବା ଘୋଷଣାକୁ ବିଶେଷଜ୍ଞ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଇମ୍ପାର କର୍ପୋରେଟ ବ୍ୟାପାର ଉପସଭାପତି ଅଶୋକ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଓଏସ୍ ମେଶିନ ବାଣ୍ଟିଲା ବିଏମ୍‌ସି

## ଟ୍ରେଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟ୍ୟାକ୍ସ କଲେକ୍ସନ ହେବ ସହଜ

**ଭୁବନେଶ୍ୱର,୩।୨(ବ୍ୟୁରୋ)**



ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତରଫରୁ ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ସୋମବାର ଅପରାହ୍ନରେ ରାଜ୍ୟ ପୌର ପ୍ରଶାସକ ତଥା ବିଏମ୍‌ସି ପ୍ରଶାସକ ସଂଗ୍ରାମଜିତ୍ ନାୟକ ୨୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ୬୭ ୱାର୍ଡ଼ ଅଫିସରଙ୍କୁ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେଶିନ ପ୍ରଦାନ କରିଛନ୍ତି। ବିଏମ୍‌ସି ଅଞ୍ଚଳରେ ନୂତନ ଧାରାରେ ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ୍ ଲାଇସେନ୍ସ ଆଦି ଆଦାୟ କରିବା ଲାଗି ଏସ୍‌ଏଚ୍‌ଜି ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପିଓଏସ୍ ମେଶିନ ଅନ୍‌ଲାଇନ୍‌ରେ ଟିକସ ଆଦାୟ କରିବାରେ ସହାୟକ ହେବ। ଏହାର ପରିଚାଳନା ନେଇ ବିଗତ ଦିନରେ ସେମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି। ଏହା ତାଙ୍କୁ କାର୍ଯ୍ୟରେ ନିଶ୍ଚୟ ସହଯୋଗ କରିବ ବୋଲି ବିଏମ୍‌ସି ପ୍ରଶାସକ ନାୟକ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗରେ ମହିଳାଙ୍କୁ ବିଭିନ୍ନ ସ୍ତରରେ ତଥା ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ଦେଇ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ଉନ୍ନତ କରିବା ଦିଗରେ ବିଏମ୍‌ସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛି। ଟ୍ୟାକ୍ସ ଆଦାୟରେ କୌଣସି ସାଲିସ ନାହିଁ, ଏହା ନିଶ୍ଚିତ ଭାବେ ଆଦାୟ ହେବ ଏବଂ ଏହାକୁ ଆଦାୟ କରିବାର ଦାୟିତ୍ୱ ନିର୍ଦ୍ଦିଷ୍ଟ କର୍ମଚାରୀ ଏବଂ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ଯଦି ଏହା ନ ହୁଏ ତେବେ ବିଏମ୍‌ସି ଅଞ୍ଚଳରେ କୌଣସି ପ୍ରକାରର ବିକାଶମୂଳକ କାର୍ଯ୍ୟ ହେବା ଅସମ୍ଭବ ହୋଇପଡ଼ିବ ବୋଲି ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଟ୍ୟାକ୍ସ କଲେକ୍ଟର, ୱାର୍ଡ଼ ଅଫିସର ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି।

ଅନ୍ୟପକ୍ଷରେ ଏହି କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ନିୟମିତ ସମୀକ୍ଷା ହେବ। ଉତ୍ତମ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ଠିକ୍‌ରେ କାର୍ଯ୍ୟ କରୁ ନ ଥିବା କର୍ମଚାରୀଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ତେଣୁ ସମସ୍ତେ ଟ୍ୟାକ୍ସ ଆଦାୟକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଉଥିବାବେଳେ ଡେପୁଟି କମିଶନର (ରାଜସ୍ୱ) ଶ୍ରୀମନ୍ତ ମିଶ୍ର ଉପସ୍ଥିତ ଥିଲେ। ବିଏମ୍‌ସି ତିନୋଟି ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି(ଉତ୍ତର), ରବୀନ୍ଦ୍ର କୁମାର ଜେଠୀ(ଦକ୍ଷିଣ-ପଶ୍ଚିମ) ଏବଂ ରୂପକ କୁମାର ପଟ୍ଟନାୟକ(ଦକ୍ଷିଣ-ପୂର୍ବ) କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।